

১০ ହଜାର କୋଟିର ଏସ୍-୪୦୦ କିଣିବ ଭାରତ

ପୃଷ୍ଠା ୬


# ସଂଚାର

THE SANCHAR

Website: sanchar.live   mail Id: sancharodisha@gmail.com

RNI NO :ODIODI/2001/04811   Postal Regd No : BN/249/15-17

Vol. 33 | ISSUE 209 | ଭାଗ ୩୩ | ସଂଖ୍ୟା ୨୦୯   Thursday 23 October 2025 | Page 8 Rs. 5.00   ● ଭୁବନେଶ୍ୱର ଗୁରୁବାର ୨୩ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ପୁଲିସ୍ ଏସ୍ଆଇ ପରୀକ୍ଷା କେଳେଙ୍କାରୀ

## ତଦନ୍ତ କରିବ ସିବିଆଇ



● ଶଙ୍କରର ଆଗୁଆ ଜାମିନ୍ ନାମଞ୍ଜୁର

● ସ୍ଥାୟୀ ଆୟୋଗ ପ୍ରତିଷ୍ଠା ଯୋଜନା

**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ପୁଲିସ୍ ଏସ୍ଆଇ ନିଯୁକ୍ତି କେଳେଙ୍କାରୀର ତଦନ୍ତ କରିବ ସିବିଆଇ। ପୂର୍ବରୁ ଏହି ସ୍କାମ୍‌ର ତଦନ୍ତ ପୁଲିସ୍ କ୍ରାଇମ୍ ବ୍ରାଞ୍ଚ୍ କରୁଥିବା ବେଳେ ଏହି ମାମଲାରେ ମୋଟ ୧୧୯ ଜଣଙ୍କୁ ଗିରଫ କରିଥିଲା। ତେବେ ଏହି ସ୍କାମ୍‌ରେ ଜାତୀୟ ସ୍ତରର ଠକ ସଂସ୍ଥାମାନଙ୍କର ଭୂମିକା ଥିବା ସନ୍ଦେହ କରାଯାଉଛି। ତେଣୁ ଏହି ମାମଲାର ତଦନ୍ତ ପରିସରକୁ ଅଧିକ ବ୍ୟାପକ କରିବା ସକାଶେ ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସମୀକ୍ଷା ବୈଠକରେ ହୋଇଥିବା ନିଷ୍ପତ୍ତି କ୍ରମେ ସିବିଆଇକୁ ଏହାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିଛନ୍ତି। ଏହି ଦୁର୍ନୀତିର ଚେର ବିଭିନ୍ନ ରାଜ୍ୟକୁ ବ୍ୟାପିଛି। ଆନ୍ତଃ ରାଜ୍ୟ ଅପରାଧୀ ସଂଗଠନମାନେ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଅବଶ୍ୟ ମୁଖ୍ୟମନ୍ତ୍ରୀଙ୍କ ଏହି ସୁପାରିସ୍ କେନ୍ଦ୍ର ଘରୋଇ ବ୍ୟାପାର ମନ୍ତ୍ରଣାଳୟର ନିଷ୍ପତ୍ତି ଉପରେ ନିର୍ଭର କରିବ।

ଓଡ଼ିଶା ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ହେବା ପରେ ଏହାର ତଦନ୍ତ ଦାୟିତ୍ୱ କ୍ରାଇମ ବ୍ରାଞ୍ଚ ସିଆଇଡିକୁ ଦିଆଯାଇଥିଲା। ଅଦ୍ୟାବଧି ହୋଇଥିବା ଅନୁସନ୍ଧାନରୁ ଏହି ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସହ ଅନ୍ୟାନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପିଥିବା ଅନୁମାନ କରାଯାଉଛି। ଏସବୁକୁ ଦୃଷ୍ଟିରେ ରଖି ଏହି ଦୁର୍ନୀତିର ସମ୍ପୂର୍ଣ୍ଣ ପର୍ଦ୍ଦାଫାସ୍ କରିବା ପାଇଁ ଓ ଏଥିରେ ସମ୍ପୃକ୍ତ ସମସ୍ତ ଅପରାଧୀମାନଙ୍କୁ ଆଇନ ପରିସରକୁ ଆଣି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହାର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ସଂସ୍ଥା ସିବିଆଇକୁ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାଛଡା ପୁଲିସ ଓ ଅନ୍ୟାନ୍ୟ ପୋଷାକଧାରୀ ସେବାରେ କର୍ମଚାରୀ ଚୟନ ପାଇଁ ଏକ ସ୍ଥାୟୀ ଆୟୋଗ ପ୍ରତିଷ୍ଠା କରିବା ଉପରେ ମଧ୍ୟ ରାଜ୍ୟ ସରକାର ବିଚାର କରୁଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଏହି କେଳେଙ୍କାରୀ ମୁଖ୍ୟ କାର୍ପଟଦାର ଶଙ୍କର ପୃଷ୍ଟି ଓ ତା'ର ➪ପୃଷ୍ଠା-୬

ପୀତବାସ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍: ସାମ୍ନାକୁ ଆସିଲା ବିଜେଡି ଲିଙ୍କ୍

# ଷଡ଼ଯନ୍ତ୍ର ରଚିଥିଲେ ବିକ୍ରମ ଓ ପିଣ୍ଟୁ

- ୫୦ ଲକ୍ଷରେ ହୋଇଥିଲା ଡିଲ୍
- ରାଜନୈତିକ ଶତ୍ରୁତା ହତ୍ୟାର କାରଣ
- ୧୨ ଗିରଫ, ମୁଖ୍ୟ ଅଭିଯୁକ୍ତ ଉମା ଫେରାର୍
- ଫେଲ୍ ମାରିଥିଲା ପ୍ଲାନ୍-ଏ'

**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ପାଖାପାଖି ଅଢ଼େଇ ସପ୍ତାହ ପରେ ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା ଉପରୁ ପରଦା ହଟିଛି। ଗତ ୬ ତାରିଖ ରାତିରେ ଘଟିଥିବା ଏହି ହତ୍ୟାକାଣ୍ଡରେ ବିଜେଡିର ଦୁଇ ଜଣ ପ୍ରମୁଖ ନେତାଙ୍କ ପ୍ରଚ୍ଛନ୍ନ ଭୂମିକା ରହିଛି। ସେମାନେ ହେଲେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର୍ ଶିବ ଶଙ୍କର ଦାସ ଓରଫ୍ ପିଣ୍ଟୁ। ଏନେଇ ଆଜି ବ୍ରହ୍ମପୁର ଏସପି ସର୍ବଣା ବିବେକ ଏମ. ଏହି ହତ୍ୟାକାଣ୍ଡର ପୂରା ରହସ୍ୟ ଉନ୍ମୋଚନ କରିଛନ୍ତି। ତାଙ୍କ କହିବାନୁସାରେ, ପୀତବାସ ପଣ୍ଡାଙ୍କୁ ହତ୍ୟା କରିବା ସକାଶେ ୫୦ ଲକ୍ଷ ଟଙ୍କାରେ ଡିଲ୍ ହୋଇଥିଲା। ଅଗ୍ରୀମ ବାବଦକୁ ଶାର୍ପ ସୁଟର ୧୦ ଲକ୍ଷ ଟଙ୍କା ନେଇଥିଲେ। ସେମାନଙ୍କୁ ଦୁଇଟି ବନ୍ଧୁକ ଓ ନୂଆ ସାର୍ଟପ୍ୟାଣ୍ଟ ଦିଆଯାଇଥିଲା। ଗୋଟିଏ ଦେଶୀ ବନ୍ଧୁକରୁ ଫାୟାରିଂ ହୋଇଥିଲା। ଶାର୍ପ ଶୁଟର ଆଉ ଗୋଟିଏ ବିଦେଶୀ ବନ୍ଧୁକ ପାଖରେ ରଖିଥିଲେ। ଗୁଳିମାଡ଼ ପାଇଁ ସେପ୍ଟେମ୍ବର ୧୦ରୁ ୧୪ ପର୍ଯ୍ୟନ୍ତ ରେକି କରିଥିଲେ ଶାର୍ପ ଶୁଟର। ଏହାପରେ କୁମାର ପୂର୍ଣ୍ଣିମା ରାତିରେ ମର୍ଡର ପ୍ଲଟ୍ ପ୍ରସ୍ତୁତ ହୋଇଥିଲା। ତେବେ ପ୍ରଥମ ଥର ଫେଲ୍ ମାରିବା ପରେ ପରବର୍ତ୍ତୀ ପ୍ରୟାସରେ ସଫଳ ହୋଇଥିଲେ ଶାର୍ପ ସୁଟର।



ଗତ ୬ ତାରିଖ କୁମାର ପୂର୍ଣ୍ଣିମା ରାତିରେ ଆଇନଜୀବୀ ପୀତବାସ ପଣ୍ଡା ଏସ୍ଏନ୍‌ଟି ରୋଡ଼ରେ ଥିବା ତାଙ୍କ ବ୍ୟକ୍ତିଗତ ଚାମ୍ବରରୁ ଫେରି ନୂଆ ବସ୍‌ଷ୍ଟାଣ୍ଡରେ ଥିବା ଭୂପତି ହୋଟେଲକୁ ଯାଇଥିଲେ। ସେଠାରୁ ଖାଦ୍ୟ ପାର୍ସଲ ନେଇ ଘରକୁ ଯାଉଥିବା ସମୟରେ ରାତି ପ୍ରାୟ ୯ଟା ୫୮ ମିନିଟ୍‌ରେ ବୈକୁଣ୍ଠନଗର ବୁଲାଣିରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ପଏଣ୍ଟ ବ୍ଲାଙ୍କରୁ ଫାୟାରିଂ ହୋଇଥିଲା। ଶାର୍ପ ଶୁଟର ଚିଣ୍ଟୁ ପ୍ରଧାନ ଗାଡ଼ି ଚଳାଉଥିବା ବେଳେ କୁରୁପତି ଭୂୟାଁ ଗୁଳି ଚଳାଇଥିଲା। ଅବଶ୍ୟ ଏହା ପୂର୍ବରୁ ସେମାନେ ପୀତବାସଙ୍କ ପରିଚୟ ସୁନିଶ୍ଚିତ କରିଥିଲେ। ପୀତବାସ ତାଙ୍କ ପରିଚୟ ଦେବା ପରେ ସୁପାରି କିଲର୍‌ମାନେ ଗୁଳି ଫୁଟାଇ ସେଠାରୁ ଫେରାର୍ ହୋଇଯାଇଥିଲେ। ପୀତବାସ ପଣ୍ଡାଙ୍କୁ ହତ୍ୟା ପାଇଁ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପିଣ୍ଟୁ ଦାସ ଷଡ଼ଯନ୍ତ୍ର ରଚିଥିଲେ। ଏହାକୁ ସଫଳ କରାଇଥିଲେ ଅଭିଯୁକ୍ତ ମଳୟ ବିଷୋୟୀ ଓ ମଦନ ଦଳାଇ। ଏହି ହାଇ-ପ୍ରୋଫାଇଲ୍ ହତ୍ୟା ମାମଲାରେ ପୁଲିସ ଅଦ୍ୟାବଧି ୧୨ ଜଣଙ୍କୁ ଗିରଫ କରିଛି। ଏଥିରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ୍ ପିଣ୍ଟୁ, କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳାଇ, ସୀମାଞ୍ଚଳ ନାୟକ, ବିପିନ ସ୍ୱାଇଁ, ଯୋଗେନ୍ଦ୍ର ରାଉତ, କାଳୁ ଚରଣ ଭୂୟାଁ, ରାଜେନ୍ଦ୍ର ସାହୁ, ସୁଟରର ମୁଖ୍ୟ ସହଯୋଗୀ ଚିଣ୍ଟୁ ପ୍ରଧାନ ଏବଂ ବିହାରରୁ ଆସିଥିବା ସହଯୋଗୀ ଶିଶୁପାଳ କୁମାର ପାଶୱାନ ଓ କୁନ୍ଦନ ପାଶୱାନ୍ ରହିଛନ୍ତି।

ଏସପିଙ୍କ କହିବାନୁଯାୟୀ, ଗତ ମାସ ୧୦ରୁ ୧୪ ତାରିଖ ଭିତରେ ପ୍ରଥମେ ହତ୍ୟା ଯୋଜନା ହୋଇଥିଲା। ଏଥିପାଇଁ ଆଣ୍ଟି ସୋସିଆଲ ଉମା ବିଷୋୟୀ ବିହାରରୁ ୪ ଜଣ ଶୁଟରଙ୍କୁ ଡକାଇଥିଲେ। ସେମାନଙ୍କୁ ➪ପୃଷ୍ଠା-୬

■ ସୋରୋ ସବ୍ ଜେଲରୁ କଏଦୀ ଫେରାର ଘଟଣା

## ଦୁଇ ଜେଲ୍ ୱାର୍ଡର ନିଲମ୍ବିତ



**ସୋରୋ,୨୧।୧୦(ସଂଚାର ବ୍ୟୁରୋ):** କ୍ୟାମେରାରେ କଏଦ ହୋଇଛି ଯେ କେମିତି ବଡ ବଡ ପାଦ ପକାଇ ଜେଲରୁ ବାହାରିଯାଉଛି କଏଦୀ। ସାଥି କଏଦୀ ପାଖରେ ଯା'ଆସ କରୁଥିଲେ ମଧ୍ୟ ଜମା ବି ଟେର ପାଇନଥିଲେ। ବଡ଼ ଚତୁରତାର ସହ କଏଦୀ ଜେଲରୁ ଖସିପଳାଇଛି। ଏମିତି ଭାବେ କୁଆଡ଼େ ଚମ୍ପଟ ମାରିଛି ଯେ ଫେରାର ହେବାର ୧୨ ଘଣ୍ଟା ବିତିଗଲାଣି ହେଲେ ଏବେ ଯାଏଁ ମିଳିନି ଟିକିଏ ବି ସନ୍ଧାନ। ପୁଲିସ ତନ୍ନତନ୍ନ କରି ଖୋଜି ଚାଲିଛି ହେଲେ ଚାଲାକ୍ କଏଦୀର ମିଳୁନି କୌଣସି ବି ପତ୍ତା। ବାଲେଶ୍ୱର ଜିଲ୍ଲା ସୋରୋ ସବ୍‌ଜେଲରୁ ବିଚାରାଧୀନ କଏଦୀ ଚମ୍ପଟ ମାରିବା ଘଟଣାର ୧୨ ଘଣ୍ଟା ବିତିଯାଇଥିଲେ ମଧ୍ୟ ଫେରାର କଏଦୀ ଧରାପଡ଼ିନାହିଁ। ସିମୁଳିଆ ଥାନାଞ୍ଚଳରୁ ଏକ କାର୍ ➪ପୃଷ୍ଠା-୬

ଚୌଦ୍ୱାର ଜେଲରୁ କଏଦୀ ଫେରାର୍ (ଏପିସୋଡ୍-୨)

## ତେଲ ଓ ଗାମୁଛା ଚକ୍କରରେ ବିହାରୀ ଛୁ'





**ଭୁବନେଶ୍ୱର, ୨୨।୧୦(ସଂଚାର ବ୍ୟୁରୋ):** ଚୌଦ୍ୱାର ଜେଲରୁ ଦୁଇ ଜଣ କଏଦୀ ଫେରାର ହେବା ପରେ ବିଭିନ୍ନ ଦିଗକୁ ନେଇ ଆରମ୍ଭ ହେଇଛି ଖୋଲତାଡ଼। ଇତିମଧ୍ୟରେ ଆଉ ଏକ ସାଂଘାତିକ ଘଟଣା ସାମ୍ନାକୁ ଆସିଛି। ଯେଉଁ ରାତିରେ କଏଦୀଦ୍ୱୟ ଫେରାର ହୋଇଛନ୍ତି, ତା'ର କିଛିଦିନ ପୂର୍ବରୁ ଉଭୟ ଡିଆଇଜି ଅନସୂୟା ଜେନା ଓ ସୁପରିଣ୍ଟେଣ୍ଡେଣ୍ଟ୍ ସୁଜିତ କୁମାର ରାଉଳ ଏକକାଳୀନ ଛୁଟିରେ ପଳାଇଥିଲେ। ଜଣେ ଜେଲରଙ୍କ କାନ୍ଧରେ ଦାୟିତ୍ୱ ଦେଇ ଉଭୟ ଏକାବେଳେ କେମିତି ଛୁଟିରେ ଗଲେ, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରାଜ୍ୟର କୌଣସି ଜେଲରେ ଦୁର୍ଗାପୂଜା ହୁଏନି। କେବଳ ଚୌଦ୍ୱାର ଜେଲରେ ଦୁର୍ଗାପୂଜା ହୋଇଥାଏ। ଏହି ଜେଲରେ ଶେଖ କାଦିର, ସକିଲ ଓ ତା' ଗ୍ୟାଙ୍ଗ ଏବଂ ଅବଦୁଲ ରହମାନଙ୍କ ଭଳି ହାର୍ଡକୋର ଅପରାଧୀଙ୍କ ସମେତ ହଜାରେରୁ ଅଧିକ କଏଦୀ ରହୁଛନ୍ତି। ଚୌଦ୍ୱାର ଜେଲ ପାଇଁ ୧୨୮ ଜଣ ୱାର୍ଡରଙ୍କ ଆବଶ୍ୟକତା ଥିବା ବେଳେ ଏଠାରେ ମାତ୍ର ୮୦ ଜଣ କାର୍ଯ୍ୟରତ ଅଛନ୍ତି। ଦୁର୍ଗାପୂଜା ପାଇଁ ଜେଲ ଭିତରକୁ ବାହାରର ବହୁ ସାମଗ୍ରୀ ଆଉ ଲୋକ ଯିବାଆସିବା ➪ପୃଷ୍ଠା-୬

ପ୍ରାର୍ଥିପତ୍ର ଯାଞ୍ଚ ଶେଷ

## ୫ ନାକଚ, ୧୪ ବଳବତ୍ତର




**ନୂଆପଡ଼ା,୨୨।୧୦(ସଂଚାର ବ୍ୟୁରୋ):** ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟରେ ଆଜି ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଗତ ୨୦ ତାରିଖ ସୁଦ୍ଧା ସମୁଦାୟ ୧୯ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୫ଟି ପ୍ରାର୍ଥିପତ୍ର ନାକଚ ହୋଇଛି। ଯେଉଁମାନଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି ସେମାନେ ହେଲେ ବହୁଜନ ସମାଜ ପାର୍ଟିର ରାଜାରାମ ସାହୁ, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳରୁ ସୀତାରାମ ବେହେରା ଓ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ବେହେରା, କମଳ କୁମାର ଛତ୍ରିଆ ଓ ଭୁଜବଳ ଆଡ଼ବଙ୍ଗ। ତେବେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀ ବିଜେପିରୁ ଜୟ ଢୋଲକିଆ, ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ ➪ପୃଷ୍ଠା-୬

ୟୁନିଟ୍-୧ ହାଟରେ ବଡ଼ ଧରଣର ଅଗ୍ନିକାଣ୍ଡ

# ଉଜୁଡ଼ିଗଲା ୧୫ ବେପାରୀଙ୍କ ଜୀବିକା





ଘଟଣାସ୍ଥଳରେ ପହଞ୍ଚିଲେ ବିଧାୟକ ଓ ମେୟର୍

**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ଭୁବନେଶ୍ୱର ୧ ନମ୍ବର ହାଟରେ ଆଜି ସନ୍ଧ୍ୟାରେ ଘଟିଛି ବଡ଼ ଧରଣର ଅଗ୍ନିକାଣ୍ଡ। ଏହି ଅଗ୍ନିକାଣ୍ଡରେ ଜଳିଯାଇଛି ୧୫ରୁ ଊର୍ଦ୍ଧ୍ୱ ଦୋକାନ। ଫଳସ୍ୱରୂପ ନିଜ ପରିବାର ଚଳାଉଥିବା ୧୫ ଜଣ ବେପାରୀଙ୍କ ଜୀବିକା ଉଚ୍ଛନ୍ନ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ କୋଟି କୋଟି ଟଙ୍କାର ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଦେଖୁ ଦେଖୁ କେଇ ଘଣ୍ଟା ଭିତରେ ହୁତୁହୁତୁ ହୋଇ ଜଳିଯାଇଛି ପରିବା ଦୋକାନଠାରୁ ଆରମ୍ଭ କରି ରାସନ ଦୋକାନ ଓ ହୋଟେଲ। ହଠାତ୍ ନିଆଁ ଲାଗିଯିବାରୁ ଯିଏ ଯୁଆଡ଼େ ପାରିଲା ଦୌଡ଼ିଲା ନିଆଁ ଲିଭାଇବାକୁ। ଖବର ପାଇ ୧୫ରୁ ଊର୍ଦ୍ଧ୍ୱ ଅଗ୍ନିସମ ବାହିନୀ ଗାଡ଼ି ସହ ପ୍ରାୟ ୧୦୦ ଅଗ୍ନିକ ନିଆଁଲିଭା କାର୍ଯ୍ୟରେ ଲାଗିଥିଲେ। ସନ୍ଧ୍ୟା ଭିତରେ ସିନା ସେମାନେ ନିଆଁକୁ ଆୟତ୍ତ କରିଥିଲେ, କିନ୍ତୁ ଉକ୍ତ ୧୫ ଦୋକାନୀଙ୍କ ଦୋକାନରେ ଥିବା ସମସ୍ତ ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଫଳତଃ ଜୀବିକା ହରାଇ ଭୋ ଭୋ ହୋଇ କାନ୍ଦୁଥିଲେ ବେପାରୀମାନେ, ➪ପୃଷ୍ଠା-୬

ଏଜି ଚିଠା ଅଡିଟ୍ ରିପୋର୍ଟରେ ଖୁଲ୍ଲାସା

## ୮ ବର୍ଷ ହେଲା ଲାଭାଂଶ ଦେଇନାହାନ୍ତି ନିଗମ




● ୩୫୯୪ କୋଟି ଲାଭାଂଶରୁ ସରକାର ବଞ୍ଚିତ

● ନିଜ ଦାୟିତ୍ୱ ସମ୍ପାଦନରେ ୩ ବିଭାଗ ବିଫଳ

**ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ):** ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଓଡିଶା ସରକାର ବାର୍ଷିକ ବଜେଟରେ ପୁଞ୍ଜିନିବେଶ ବୃଦ୍ଧି କରିଆସୁଛନ୍ତି। ସେଥିପାଇଁ ଦୀର୍ଘକାଳୀନ ଋଣ ବରାଦ କରି ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ସୁଧ ବି ଗଣୁଛନ୍ତି। କିନ୍ତୁ ସରକାରୀ ନିଗମଗୁଡିକ ପ୍ରଚୁର ଲାଭ କରୁଥିଲେ ବି ଦୀର୍ଘ ୮ ବର୍ଷ ଧରି ସରକାରଙ୍କୁ ଡିଭିଡେଣ୍ଡ ବା ଲାଭାଂଶ ଦେଇନାହାନ୍ତି। ଆକାଉଣ୍ଟାଣ୍ଟ ଜେନେରାଲ (ଏଜି) ପ୍ରସ୍ତୁତ କରିଥିବା ଚିଠା ଅଡିଟ ରିପୋର୍ଟରୁ ଏହା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ୨୦୧୭-୧୮ରୁ ୨୦୨୪-୨୫ ମଧ୍ୟରେ ରାଜ୍ୟର ୨୩ଟି ସରକାରୀ ନିଗମଗୁଡିକ ନିଗମ ସରକାରଙ୍କୁ ୩୫୯୩.୫୨ କୋଟି ଟଙ୍କାର ଲାଭାଂଶ ପଇଠ କରିନାହାନ୍ତି। ସର୍ବାଧିକ ଭାବେ ଓଡିଶା ପାୱାର ଟ୍ରାନ୍ସମିସନ କର୍ପୋରେସନ (ଓପିଟିସିଏଲ) ୧୬୧୭ କୋଟି ଟଙ୍କା ଲାଭାଂଶ ପଇଠ କରିନଥିବା ବେଳେ ଓଡିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି) ୫୧୭ କୋଟି ଟଙ୍କା ପଇଠ କରିନାହିଁ। ସେହିପରି ଓଏଚପିସି ୩୧୫ କୋଟି, ଓଏମସି ୩୨୦ କୋଟି, ଓସିପିଏଲ ୨୪୨ କୋଟି, ଓଏସଏଫସି ୨୦୬ କୋଟି, ଇପିକଲ ୧୫୫ କୋଟି ଏବଂ ଓଏଲଆଇସି ୬୭ କୋଟି ଲାଭାଂଶ ପଇଠ କରିନାହାନ୍ତି। ➪ପୃଷ୍ଠା-୬

● ଭୟଙ୍କର ସିରିଜ ଦୁର୍ଘଟଣା

## ୬୩ ଯାତ୍ରୀଙ୍କ ମୃତ୍ୟୁ



**ନୂଆଦିଲ୍ଲୀ,୨୨।୧୦:** ବୁଧବାର ଆଫ୍ରିକୀୟ ଦେଶ ଉଗାଣ୍ଡାରେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ୬୩ ଜଣ ଯାତ୍ରୀ ମୃତ୍ୟୁ ହୋଇଥିବା ବେଳେ ଅନେକ ଯାତ୍ରୀ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଉଗାଣ୍ଡା ପୁଲିସ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରାରମ୍ଭିକ ତଦନ୍ତ ପରେ ସ୍ଥାନୀୟ ପୁଲିସର ରିପୋର୍ଟ ଅନୁଯାୟୀ, ଦୁଇଟି ବସ୍ ସମେତ ଚାରୋଟି ଗାଡ଼ି ଦୁର୍ଘଟଣାର ଶିକାର ହୋଇଥିଲା। ବସ୍ ଚାଳକ କାମ୍ପାଲା-ଗୁଲୁ ରାଜପଥରେ ଅନ୍ୟ ଏକ ଗାଡ଼ିକୁ ଓଭରଟେକ୍ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ଏହି ସମୟରେ ବସଟି ବିପରୀତ ଦିଗରୁ ଆସୁଥିବା ଏକ ଲରି ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଧକ୍କା ଫଳରେ ବସ ପଛରୁ ଆସୁଥିବା ଅନେକ ଗାଡ଼ି ପରସ୍ପର ➪ପୃଷ୍ଠା-୬



**କାନ ଡେରିଥା**

ବାଣ ଫୁଟେଇଲେ ଜେଜେ
ଖୁସି ହେବେ
ଡାକିଲେ ବଡ଼ ବଡ଼ିଏ
ଟଙ୍କା ପଛେ ପଛେ ନିଆଁ
ମାଡିଦେଇ
ପଛେ ମୁଣ୍ଡେ ହାତ ଦିଏ
ବାକିଟା ସୁଝିବ କିଏ ?
ପ୍ରବଳ ଖୁସିରେ ବାଣ
ଫୁଟେଇଲେ
ପିଠିରେ ପଡ଼ିବ କିଏ ?

■ ଦେବାଶିଷ

# ଥାନା ବାବୁମାନେ ସୁନାପିଲା କେମିତି ?




● ବେଆଇନ କାରବାରର ଟେର ପାଉନାହାନ୍ତି

● ଘର ଭାଙ୍ଗି ବାବୁ ଖସିଯାଉଛନ୍ତି

**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ନିଜ ନିଜ ଥାନା ଇଲାକାରେ ଦେହ ବେପାର ଓ ନିଶା କାରବାର ଧରିବା ପରେ ଭଡ଼ାଘରକୁ ବେଶ୍ୟାଳୟ ଘୋଷଣା କରିବା ଓ ବସ୍ତିରେ ଥିବା ନିଶା ବେପାରୀଙ୍କ ଘରକୁ ଭାଙ୍ଗୁଥିବା ଥାନା ବାବୁମାନେ ସେମାନଙ୍କ ଇଲାକାରେ ଏଭଳି କାର୍ଯ୍ୟ ପାଇଁ ସୁନାପିଲା କିଭଳି ହେଉଛନ୍ତି, ତାହାକୁ ନେଇ ସାଧାରଣରେ ଆଲୋଚନା ଏବେ ଜୋର୍ ଧରିଛି।

ନିକଟରେ ଲକ୍ଷ୍ମୀସାଗର ଅଞ୍ଚଳରେ ରାସ୍ତାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜନୈକା ନାବାଳିକା ଉଦ୍ଧାର ହେବା ପରେ ଏଭଳି ଦେହବେପାର କାରବାର ପଦାକୁ ଆସିଥିଲା। ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା ପରେ ପୁଲିସ୍ ଏହାର ଖୋଳତାଡ଼ କରି ଦେହ ବ୍ୟବସାୟ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଧରିବା ସହ ସେମାନେ ଭଡ଼ାରେ ନେଇଥିବା ସମ୍ପୃକ୍ତ ଘରକୁ ବେଶ୍ୟାଳୟ ଘୋଷଣା କରିଛି। ଏବେ ଉଦ୍ଧାର ନାବାଳିକା ଜଣଙ୍କ ସେଠାରେ ଦେହ ବେପାରରେ ଜଡ଼ିତ ଥିବା ଓ ପରୀକ୍ଷା ପରେ ସେ ଏଚଆଇଭି ପଜିଟିଭ ଥିବା ଜଣାପଡ଼ିବା ପରେ ଅନେକଙ୍କ ନିଦ ହଜିଯାଇଛି।

ତେବେ ଲକ୍ଷ୍ମୀସାଗର ଥାନାଠାରୁ ମାତ୍ର କିଛି ମିଟର ଦୂରରେ ଚାଲିଥିବା ଏଭଳି ଦେହବେପାର ସଂକ୍ରାନ୍ତରେ ଥାନା ବାବୁମାନେ କିଭଳି ଜାଣିପାରିଲେ ନାହିଁ, ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଲୋଚନା ଅନୁଯାୟୀ ଏଭଳି ବ୍ୟବସାୟରେ ଜଡ଼ିତ ବ୍ୟକ୍ତି ଏକାଧିକ ବାର ଗିରଫ ହୋଇ ଜେଲ୍‌ରୁ ବାହାରି ଦେହ ବେପାର ଚଳାଇଛନ୍ତି। ସ୍ଥାନୀୟ ଲୋକେ ବି ପୁଲିସ୍‌କୁ ଏ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ହେଲେ କୌଣସି କାରଣରୁ ଥାନା ବାବୁମାନେ ଏଥିପ୍ରତି ଏକପ୍ରକାର ଆଖିବୁଜି ଦେଇଥିଲେ। ଅଘଟଣ ଘଟିବା ପରେ ଗୁମର କ୍ରମଶଃ ଫିଟିବାରେ ଲାଗିଛି।

ସେହିଭଳି ରାଜଧାନୀରେ ନିଶା ବେପାର ସାଧାରଣ ଘଟଣା ହୋଇଯାଇଥିବା ବେଳେ ମଝିରେ ମଝିରେ କମିଶନରେଟ ପୁଲିସ୍ ସଦଳବଳ ବିଭିନ୍ନ ବସ୍ତିରେ ଥିବା ନିଶା ବେପାରୀଙ୍କ ଘରକୁ ମାଟିରେ ମିଶାଇଦେଉଛି। ଏହାପରେ ସେହି ନିଶା ବେପାରୀମାନେ କ'ଣ କରୁଛନ୍ତି ଓ କୁଆଡ଼େ ଯାଉଛନ୍ତି, ତା'ର ହିସାବ କାହାରି ପାଖରେ ନାହିଁ। ତେବେ ଯେଉଁସବୁ ଥାନା ଅଞ୍ଚଳରେ ଏଭଳି ଘରେ ନିଶା ବେପାର ଓ ମଦଭାଟି ଚାଲୁଛି, ସେହି ଥାନା ବାବୁମାନେ ସେ ସମ୍ପର୍କରେ କିଭଳି ଜାଣିପାରୁନାହାନ୍ତି, ତାହାକୁ ନେଇ ଏବେ ସାଧାରଣରେ ଆଲୋଚନା ହେଉଛି।

କମିଶନରେଟ ପୁଲିସ୍‌ର ବଛା ବଛା ବାବୁମାନେ ଥାନା ସମ୍ଭାଳିଥିବା ବେଳେ ସ୍ୱତନ୍ତ୍ର ଗୁଇନ୍ଦା ୟୁନିଟ୍ ବି ରହିଛି। ଥାନାବାବୁମାନେ ବି ନିଜ ଉଦ୍ୟମରେ ଖବରୀ ନିଯୁକ୍ତ କରୁଛନ୍ତି। ଏହା ସତ୍ତ୍ୱେ ବି ରାଜଧାନୀର ଗଳିକନ୍ଦିରେ ବିଶେଷକରି ଥାନା ଆଖପାଖରେ କିଭଳି ଦେହ ବ୍ୟବସାୟ, ନିଶା କାରବାର ଆଦି ଚାଲୁଛି ଓ ଅଧିକନ୍ତୁ ଥାନାବାବୁମାନେ ତା'ର ଟେର୍ ପାଇପାରୁନାହାନ୍ତି, ତାହା ଏବେ ରାଜଧାନୀବାସୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

ଏପରି ସ୍ଥିତିରେ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଯେଭଳି ସରକାରୀ ବାବୁମାନଙ୍କୁ ଉତ୍ତରଦାୟୀ କରାଯାଉଛି, ସେହିଭଳି ଥାନାବାବୁମାନଙ୍କୁ ସେମାନଙ୍କ ଇଲାକାରେ ଚାଲୁଥିବା ଦେହ ବେପାର, ନିଶା କାରବାର ଆଦି ପାଇଁ ଦାୟୀ କରାଗଲେ ଏହି ଧରଣର ଅପରାଧ କେବଳ ହ୍ରାସ ପାଇବ ନାହିଁ, ମୂଳପୋଛ ହୋଇଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ହେଲେ ରାଜଧାନୀରେ ଦିନକୁ ଦିନ ଏହି ଦୁଇ ପ୍ରକାରର ଅପରାଧ କାୟା ବିସ୍ତାର କରୁଥିବାବେଳେ ପୁଲିସ୍ କେବଳ ଘର ଭାଙ୍ଗିବା, ବେଶ୍ୟାଳୟ ଘୋଷଣା ଭଳି କାର୍ଯ୍ୟାନୁଷ୍ଠାନରେ ସୀମିତ ରହିବା ଯୋଗୁଁ ଏଭଳି ଅପରାଧରେ ଯେଉଁ ଗତିରେ ଲଗାମ ଲାଗିବା କଥା, ତାହା ଲାଗିପାରୁନାହିଁ।

● ଲେଡି କନଷ୍ଟେବଳ ହତ୍ୟା ମାମଲା

## ପ୍ରଥମ ପତ୍ନୀକୁ ବି ମାରିଛି ଦୀପକ



**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ଲେଡି କନଷ୍ଟେବଳ ଶୁଭ୍ରମିତା ସାହୁଙ୍କୁ ହତ୍ୟା କରି ଏବେ ସ୍ଥାନୀୟ ଝାରପଡ଼ା ଜେଲ୍‌ରେ ରହିଛି ଅଭିଯୁକ୍ତ ଦୀପକ ରାଉତ। ତେବେ ଏହି ଅଭିଯୁକ୍ତ ଜଣଙ୍କ ତା'ର ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ବି ହତ୍ୟା କରିଥିବା ସ୍ପଷ୍ଟ ହୋଇଛି। ଗତକାଲି ଜେଲରେ ତାକୁ ପଚରାଉଚରା କରାଯିବା ସମୟରେ ଏହି ତଥ୍ୟ ସାମ୍ନାକୁ ଆସିଛି। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ପୁଣିଥରେ ଯାଞ୍ଚ କରିବା ପରେ ଦେଇଥିବା ରିପୋର୍ଟକୁ ଆଧାର କରି ପୁଲିସ୍ ଏହି ତଥ୍ୟ ହାସଲ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟର ପୁନଃ ଯାଞ୍ଚ ସମୟରେ ଅପର୍ଣ୍ଣାଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ନୁହେଁ, ବରଂ ହତ୍ୟାକାଣ୍ଡ ବୋଲି ଡାକ୍ତରୀ ଟିମ୍ ସୁନିଶ୍ଚିତ ହୋଇଥିଲା। ଗତ ➪ପୃଷ୍ଠା-୬

# ଆଳି ବିଜେପିର ମିଶ୍ରଣ ପର୍ବ

## ଅନ୍ୟ ଦଳରୁ ୫୦ ପରିବାର ଯୋଗଦେଲେ



**ଆଳି,୨୨।୧୦(ସଂଚାର ବ୍ୟୁରୋ):** ଆଳିର ଚାରି ନମ୍ବର ଜୋନ୍ ମହୁ ଠାରେ ବିଜେପିର ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଓ କଂଗ୍ରେସ ଦଳ ଛାଡ଼ି ୫୦ ରୁ ଊର୍ଦ୍ଧ୍ୱ ପରିବାର ବିଜେପିରେ ବିଧିବଧ ଭାବେ ଯୋଗଦେଇଛନ୍ତି। ଏହାକୁ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ସେଠୀ ଓ ଆଳି ବିଜେପି ବିଧାୟକ ଦଳର ପାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରାଯାଇଥିଲା।ଅନ୍ୟ ପଟେ ବିଜେଡି ଓ କଂଗ୍ରେସ ଗଡ଼ ଥିବା ବେଳେ ଚାରି ନମ୍ବର ଜୋନ ଏବେ ବଳ ବାନ୍ଧୁଛି ବିଜେପି।ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ମହୁ ଠାରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଅନ୍ୟ ଦଳ କର୍ମୀ ଛାଡ଼ି ବିଜେପିରେ ଯୋଗ ଦେବା।ମଞ୍ଚରେ ଥିଲେ ବିଜେବି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ଓ ବିଜେପି ବିଧାୟକ ପାର୍ଥ କୃଷ୍ଣ ଚନ୍ଦ୍ର ପଣ୍ଡା, ମଣ୍ଡଳ ସଭାପତି ତପନ ପରିଡ଼ା, ସୁନାକର ବେହେରା, ଅନନ୍ତ ରଥ, ବରାହ ପଣ୍ଡା ପ୍ରମୁଖ ଯୋଗ ଦେଇଥିବା ବେଳେ ଅନନ୍ତ ରଥ ମଞ୍ଚ ପରିଚାଳନା କରିଥିଲେ।ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ ଅନୁଶାସନ ରେ ଅନୁପ୍ରାଣିତ ହୋଇ ଆଳିରେ ବିଜେପି ଦଳ ପ୍ରତି ଆକୃଷ୍ଟ ହୋଇ ବିଜେପି ସ୍ରୋତରେ ସାମିଲ ହେବା କ୍ରମଶଃ ଦଳ ମଜବୁତ ହେଉଥିବାର ଦେଖା ଯାଇଛି।

# ଆଳିରେ କାଠ ମାଫିଆଙ୍କ ପ୍ରାଦୁର୍ଭାବ

## ଖୁଲମ୍ ଖୁଲା ଚାଲିଛି କାଠକଟା, କାଠ ଜବତ କଲା ରାଜସ୍ୱ ଓ ବନବିଭାଗ



**ଆଳି,୨୧।୧୦ (ସଂଚାର ବ୍ୟୁରୋ):** ଆଳିରେ ମାତିଛନ୍ତି କାଠ ମାଫିଆ।ଦିନ ଦୁଇ ପ୍ରହରେ ସରକାରୀ ଜାଗାରୁ ଗଛ କାଟି ନେଉଛନ୍ତି। ନା ଜାଣି ପାରୁଛି ବନବିଭାଗ ନା ରାଜସ୍ୱ ବିଭାଗ। ବନବିଭାଗର ନିଷ୍କ୍ରିୟତାର ସୁଯୋଗ ନେଇ ଆଳି ଅଞ୍ଚଳରେ ହଜାର ହଜାର ଗଛକୁ କାଟି ବିକ୍ରି କରୁଛନ୍ତି କାଠ ମାଫିଆ। କାଠ ମାଫିଆ ମାନେ ଗାଁ ଗହଳିରେ ବୁଲି ରାସ୍ତା କଡ଼ରେ ଥିବା ବଡ଼ବଡ଼ ଗଛକୁ କାଟି ଟ୍ରାକ୍ଟର ସାହାଯ୍ୟରେ ବୋହି ନେଉଥିବା ବେଳେ ସବୁଦେଖି ଚୁପ ବନବିଭାଗ ଓ ରାଜସ୍ୱ ବିଭାଗ। ନିକଟରେ ବନବିଭାଗ ସହଯୋଗରେ ଜଙ୍ଗଲ ସୃଷ୍ଟି ନିମନ୍ତେ ପ୍ରତି ବ୍ଲକରେ ବୃକ୍ଷ ଚାରା ରୋପଣ କରିଥିବା ବେଳେ କାଠ ମାଫିଆ ମାନଙ୍କ ଉପରେ କୌଣସି କଟକଣା ନଥିବାରୁ ସେମାନେ ଖୁଲମ ଖୁଲା ଶାଗମାଛ ଦରରେ ମୂଲ୍ୟବାନ ଗଛ ଗୁଡ଼ିକୁ କାଟି ନେଉଥିବା ନଜିର ରହିଛି। ମଙ୍ଗଳବାର ଦିନ ଆଳି ତହସିଲ ଅନ୍ତର୍ଗତ ଅଙ୍ଗାରଖି ଗ୍ରାମରେ ଏକ ସରକାରୀ ସ୍ଥାନରେ ଥିବା ଏକ ବିଶାଳ କାୟ କଦମ୍ବ ଗଛକୁ କାଠ ମାଫିଆ ମାନେ କାଟି ଟ୍ରାକ୍ଟରରେ ନେବା ସମୟରେ ଆଳି ବନବିଭାଗର ବନରକ୍ଷୀ ଲକ୍ଷ୍ମୀପ୍ରିୟା ଖଟୁଆ ପହଞ୍ଚି କାଠ ବୋଝେଇ କରିଥିବା ଟ୍ରାକ୍ଟରକୁ ଆଳି ବିଟ କୁ ଆଣିଥିଲେ। କିନ୍ତୁ ଆଳି ବିଟରେ ଟ୍ରାକ୍ଟର କଟା ହୋଇଥିବା କାଠକୁ ରଖି ପଳାଇ ଯାଇଛି। ତେବେ କାଠ ବୋଝେଇ କରି ନେଉଥିବା ଟ୍ରାକ୍ଟରକୁ କଣ ପାଇଁ ବନବିଭାଗ ଛାଡିଦେଲା ତାହା ମଧ ବଡ଼ ପ୍ରଶ୍ନବାଚି ସୃଷ୍ଟି କରିଛି କ୍ଷଆଳି ତହସିଲ ପକ୍ଷରୁ ରାଜସ୍ୱ ନିରୀକ୍ଷକ ସେଠାରେ ପହଞ୍ଚି ପ୍ରାଥମିକ ତଦନ୍ତ କରାଯାଇଛି। ଏ ନେଇ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ସେ କାଠ ଜବତ ବିଷୟରେ ଖବର ପାଇଛନ୍ତି ମାତ୍ର ବୁଧବାର ଦିନ ଆଳି ବିଟକୁ ଆସି ଘଟଣାର ଅନୁଧାନ କରିବେ ବୋଲି କହିଛନ୍ତି। ଏହା ରାଜସ୍ୱ ବିଭାଗ ଅଧୀନରେ ରହୁଛି ନା ବନବିଭାଗ ଅଧୀନରେ ରହିଛି ।

## ନାଳରୁ ସିକ୍ୟୁରିଟିଗାର୍ଡଙ୍କ ମୃତଦେହ ଉଦ୍ଧାର



**ମାର୍ଶାଘାଇ, ୨୨।୧୦(ସଂଚାର ବ୍ୟୁରୋ):** ପାରାଦ୍ୱୀପ - ଚଣ୍ଡିଖୋଲ ଜାତୀୟ ରାଜପଥ ୫୩ ର ମାର୍ଶାଘାଇ ବ୍ଲକ ହଜାରୀ ଛକ ନିକଟ ଏକ ନାଳରୁ ରାଜେନ୍ଦ୍ର ଲେଙ୍କା(୫୨) ନାମକ ଜଣେ ସିକୁରିଟିଗାର୍ଡଙ୍କ ମୃତଦେହ ମଙ୍ଗଳବାର ଉଦ୍ଧାର ହୋଇଛି। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟର ହାତିଆ ନଦୀ ଉପର ସେତୁ ନିର୍ମାଣ କାର୍ଯ୍ୟରେ ସିକ୍ୟୁରିଟି ଗାର୍ଡ ଭାବରେ ନିୟୋଜିତ ଥିଲେ। ସୋମବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ସକାଳୁ ମାର୍ଶାଘାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦମକଳବାହିନୀ କର୍ମଚାରୀ ମାନଙ୍କ ଦ୍ୱାରା ନାଳରୁ ମୃତ ଦେହକୁ ଉଦ୍ଧାର କରିଥିଲା। ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ମିଳିବା ପରେ ମୃତଦେହକୁ ଜବତ କରି ମାମଲା ରୁଜୁ କରି ପୋଷ୍ଟମର୍ଟମ କରିବାକୁ ପୋଲିସ ପଠାଇ ତଦନ୍ତ ଜାରି ରଖିଥିବା ପୋଲିସ ସୂତ୍ରରୁ ପ୍ରକାଶ। ମୃତକ ଜଣକ ମାର୍ଶାଘାଇ ଥାନା ଅଧିନ ବାଲିସାହି ଗ୍ରାମରେ ନିଜ ଶ୍ୱଶୁର ଘରେ ପରିବାର ସହିତ ରହୁଥିଲେ। ମୃତ୍ୟୁ ର କାରଣ ଜଣାପଡ଼ିନଥିବା ବେଳେ ହତ୍ୟା ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଇଛି। ପୁଲିସ ଘଟଣାର ସଠିକ୍ ତଦନ୍ତ କଲେ ପକୃତ ରହସ୍ୟ ଜଣାପଡ଼ିପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ଅଟାଳ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ



**ଆଳି,୨୨।୧୦(ସଂଚାର ବ୍ୟୁରୋ):** ଆଳି ଉତ୍କଳମଣି ନୋଡାଲ ଉଚ୍ଚ ବିଦ୍ୟାପୀଠ ଅଟାଳ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ କାର୍ଯ୍ୟକ୍ରମ ମେଣ୍ଢପୁର ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଏବଂ ମହମ୍ମଦ ହସିମୁଦିନ ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସର୍ବ କନିଷ୍ଠ ବରିଷ୍ଠ ବିଭାଗର ଗଳ୍ପକଥନ, ଚିତ୍ରାଙ୍କନ କୁଇଜ,ତର୍କ, ବାଗ୍ମୀତା, ପିଏମ ପୋଷଣ ସହିତ ଅପରାହ୍ନ ର ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇପାରିଥିଲା। ଛାତ୍ର ଛାତ୍ରୀ ମାନଙ୍କ ଅନ୍ତର୍ନିହିତ ଗୁଣ ର ବିକାଶ ନିମିତ୍ତ ସୁରଭି କାର୍ଯ୍ୟକ୍ରମ ବେଶ ପ୍ରଶଂସନୀୟ ହୋଇପାରିଛି।ପୂର୍ବାହ୍ନ ଅଧିବେଶନ ର ମୁଖ୍ୟ ଅତିଥି ସହକାରୀ ବ୍ଲକ ଶିକ୍ଷାଧିକାରିଣୀ ଜ୍ୟୋତିପୁଷ୍ପା ମହାନ୍ତି ଉଦଘାଟନ କରିଥିବା ବେଳେ ଅପରାହ୍ନ କାର୍ଯ୍ୟକ୍ରମ ର ମଂଚାସୀନ ମୁଖ୍ୟ ଅତିଥି ମେଣ୍ଢପୁର ପଞ୍ଚାୟତର ସରପଞ୍ଚ ଏସ କେ ତାଏବ ସମ୍ମାନିତ ଅତିଥି ଅଟାଳ ସରପଞ୍ଚ ଅଚ୍ୟୁତାନନ୍ଦ ବଳ, ବିଦ୍ୟାଳୟର ସଭାପତି ସୁନିମା ସିଂହ ଯୋଗ ଦେଇ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ସହିତ ଉପଢୌକନ ପ୍ରଦାନ କରିଥିଲେ। ସିଆରସିସି ମିର୍ଜା ଆଲିମ ଙ୍କ ସଂଯୋଜନା ରେ ଏହି କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପ୍ରାୟ ଏଗାର ଗୋଟି ସ୍କୁଲ ର ଛାତ୍ର ଛାତ୍ରୀ ଶିକ୍ଷକ ଅଭିଭାବକ ଯୋଗ ଦେଇ ଶିଶୁ ମହୋତ୍ସବ ସୁରଭି କୁ ସଫଳ କରିପାରିଥିଲେ।

## ବାଣିଜ୍ୟ ବିଭାଗର ପୁରାତନ ଛାତ୍ରଙ୍କ ଆଲୁମିନ ମିଟ



**ରାଜନଗର,୨୨।୧୦(ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ବାଣିଜ୍ୟ ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କ ଆଲୁମିନ ମିଟ ଅନୁଷ୍ଠିତ ହୋଇଯାଇଛି।ବାଣିଜ୍ୟ ବିଭାଗର ମୁଖ୍ୟ ଅଧାପକ ଅଭିମନ୍ୟୁ ରାଉତଙ୍କ ସଭାପତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି ଯୋଗଦେଇ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ସମାବେଶର ଆଭିମୁଖ୍ୟ ଏବଂ ଆଗାମୀ କାର୍ଯ୍ୟ ପନ୍ଥା ଉପରେ ଆଲୋଚନା କରିଥିଲେ।ଏଥିରେ ସଂମାନୀୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧାପକ ସତ୍ୟବାଦୀ ଜେନା, ବାଣିଜ୍ୟ ବିଭାଗର ଅଧାପକ ବିପିନ ବିହାରୀ ପରିଡା, ଅନଙ୍ଗ ପାତ୍ର, ଦିଲ୍ଲୀପ ମହାରଥା ପ୍ରମୁଖ ଯୋଗଦେଇଥିଲେ।ପରେ ପୁରାତନ ଛାତ୍ରଛାତ୍ରୀ ମାନେ ମହାବିଦ୍ୟାଳୟରେ ପଢିବା ବେଳେର ନିଜସ୍ୱ ଅନୁଭୂତି ସାଉଁଟି ଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଏକ ଆଲୁମିନ କମିଟି ଗଠନ କରାଯାଇ ସଭାପତି ଭାବେ ଦେବଦତ୍ତ ସେଠୀ, ସଂପାଦକ ଭାବେ ସୌଭାଗ୍ୟ ମହାନ୍ତି, ଉପସଭାପତି ଭାବେ ନୟନାନନ୍ଦ ବେହୁରା, ସହ ସଂପାଦକ ଭାବେ ସ୍ମୃତିପ୍ରଭା ରାଉତରାୟ, କୋଷାଧକ୍ଷ ଭାବେ ରାଘେବେନ୍ଦ୍ର ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା।ଏଥିରେ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଶତାଧିକ ପୁରାତନ ଛାତ୍ରଛାତ୍ରୀ ମାନେ ଯୋଗଦେଇ ଥିଲେ।

## ● ୮୫ ପ୍ରତିଶତ ଭିନ୍ନକ୍ଷମ ସତ୍ତ୍ୱେ ବଞ୍ଚିତ ଥିଲେ

## ଖବର ପ୍ରକାଶ ପରେ ମିଳିଲା ଭତ୍ତା



**ମହାକାଳପଡ଼ା,୨୨।୧୦(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ବଳିପାଳ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟିଆପଲ୍ଲୀ ଗ୍ରାମର ସିନ୍ଧୁ ବେହେରାଙ୍କ ପୁଅ ପ୍ରଶାନ୍ତ ବେହେରା(୩୦) ବାହାର ରାଜ୍ୟକୁ କାମ ପାଇଁ ଯାଇଥିଲେ। ତିନି ମହଲା ଉପରେ ଚଢ଼ି କାମ କରିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସିବାରୁ ସେ ତଳକୁ ଛିଟିକି ପଡ଼ିଯାଇଥିଲେ ଓ ତାଙ୍କ ଶରୀରର ବିଭିନ୍ନ ଅଂଶ ପୋଡି ଯାଇଥିଲା। ଚିକିତ୍ସା ସମୟରେ ତାଙ୍କୁ ଗୋଟିଏ ଗୋଡ଼ ହରାଇବାକୁ ପଡ଼ିଥିଲା। ଗୋଟିଏ ଗୋଡ଼ ହରାଇ ଶଯ୍ୟାଶାୟୀ ଭାବରେ ପଡ଼ି ରହିଥିଲେ। ଏନେଇ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପ୍ରୟାସ ଆରମ୍ଭ କରିବା ସହ ଦୈନିକ ଖବରକାଗଜ ସଂଚାର ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପ୍ରଶାସନ ତରଫରୁ ତାଙ୍କର ନୂତନ ରାସନ୍ କାର୍ଡ କରାଯିବା ସହିତ ତାଙ୍କୁ ପରୀକ୍ଷା କରାଇ ୮୫% ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପରେ ପ୍ରଶାନ୍ତ ଭିନ୍ନକ୍ଷମ ଭତ୍ତା ପାଇଁ ଆବେଦନ କରି ତାଙ୍କ ଆବେଦନ ଅନୁମୋଦନ ନହୋଇ ପଡ଼ି ରହିଥିଲା। ଏନେଇ ସଂଚାର ପ୍ରତିନିଧି ପ୍ରଭାତ ରଞ୍ଜନ ଜେନା ଉକ୍ତ ଘଟଣାକୁ ବିଭାଗୀୟ କାର୍ଯ୍ୟାଳୟ ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗ କରିବା ପରେ ପ୍ରଶାନ୍ତଙ୍କ ଭତ୍ତା ଆବେଦନ ଅନୁମୋଦନ କରାଯିବା ସହିତ ତାଙ୍କୁ ନୂତନ ଭତ୍ତା ଟଙ୍କା ପ୍ରଶାସନ ତରଫରୁ ଯୋଗାଇ ଦିଆଯାଇଛି।

## ଓଳାଭର କାଳୀପୂଜାକୁ ସରକାରୀ ସହାୟତା ଦାବି

**ରାଜକନିକା, ୨୨।୧୦(ସଂଚାର ବ୍ୟୁରୋ):** ସରକାରଙ୍କ ପକ୍ଷରୁ ବିଭିନ୍ନ ପୂଜା କମିଟିମାନଙ୍କୁ ସହାୟତା ଦିଆ ଯିବାର ଘୋଷଣା ପରେ କିନ୍ତୁ ରାଜକନିକା ବ୍ଲକ ଅନ୍ତର୍ଗତ ୭୯ବର୍ଷର ପୁରାତନ 'ଓଳାଭର କାଳୀପୂଜା କମିଟି'କୁ ସହାୟତା ଯୋଗାଇ ଦେବା କୁ ସ୍ଥାନୀୟ ପୂଜା କମିଟି, ବୁଦ୍ଧିଜିବୀ, ଆଧାତ୍ମିକବାଦୀ ନାଗରିକ ସହିତ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ସୂଚନା ଅନୁସାରେ ସରକାରଙ୍କ କଳା ଓ ସଂସ୍କୃତି ବିଭାଗ ପକ୍ଷରୁ ଇତିମଧରେ ବହୁ ପୂଜା କମିଟିମାନଙ୍କୁ ସହାୟତା ଯୋଗାଇ ଦେବାର ଚର୍ଚ୍ଚା ପରେ ପରେ ଓଳାଭର କାଳୀପୂଜା ଏଥିରେ କାହିଁକି ସଂପୃକ୍ତ ହୋଇ ପାରିବ ନାହିଁ ବୋଲି ପ୍ରଶ୍ନ ଉଠେଇ ତୁରନ୍ତ ଏନେଇ ବିଚାର କରିବା ସହିତ ସହାୟତା ଯୋଗାଇ ଦେବାର ଆବଶ୍ୟକତା ରହିଛି।ଯେହେତୁ ଅମାବାସ୍ୟାଠାରୁ ପ୍ରାୟ ଦୁଇ ସପ୍ତାହବ୍ୟାପୀ ଓଳାଭର କାଳୀପୂଜା କେବଳ ରାଜକନିକା ବ୍ଲକରେ ନୁହେଁ ବରଂ ପଡୋଶୀ ଆଳି, ଚାନ୍ଦବାଲି, ଜାଜପୁର, ଦଶରଥପୁର, ଭଦ୍ରକ ବକର ଏକ ପରିଚିତ ସାର୍ବଜନିନ କାଳୀପୂଜା।ଏଠାରେ ଲକ୍ଷାଧିକ ଲୋକଙ୍କ ଭିଡ ଲାଗି ରହିଥାଏ।ଘରେ ଘରେ ବିଦେଶିଆ, ବନ୍ଧୁବାନ୍ଧବ, ଝିଅ ଝିଆଣୀ ଆସି ଥାଆନ୍ତି।

## ● ନଦୀ ବାଲିର ସୁରକ୍ଷା ପାଇଁ ଅଭିନବ ଢଙ୍ଗରେ ପ୍ରତିବାଦ,

## ବାଲି ଭିତରେ ପଶି କରୁଛନ୍ତି ବାଲି ସତ୍ୟାଗ୍ରହ

**ଆନନ୍ଦପୁର,୨୨।୧୦(ସଂଚାର ବ୍ୟୁରୋ):** ଦେଶ ସ୍ୱାଧୀନତା ପୂର୍ବରୁ ହୋଇଥିବା ଲବଣ ସତ୍ୟାଗ୍ରହ ବିଷୟରେ ଆପଣ ନିଶ୍ଚୟ ଭାବରେ ଶୁଣିଥିବେ କିନ୍ତୁ ଆଜି ସାରା ଓଡିଶା ଦେଖିବ ବାଲି ସତ୍ୟାଗ୍ରହ । ନିଜେ ବାଲି ଭିତରେ ପଶି ଆଜି ବାଲିର ସୁରକ୍ଷା ପାଇଁ ଦାବି କରିଛନ୍ତି ଲୋକେ । ହଁ ଆଜ୍ଞା, କେଉଁଝର ଆନନ୍ଦପୁରରେ ଦେଖିବାକୁ ମିଳିଛି ଏଭଳି ନିଆରା ଦୃଶ୍ୟ । ନଦୀ ବାଲିର ସୁରକ୍ଷା ପାଇଁ ଏଭଳି ଅଭିନବ ଢଙ୍ଗରେ ଚାଲିଛି ପ୍ରତିବାଦ । ପରିବେଶକୁ ସୁରକ୍ଷା ତଥା ବିଭିନ୍ନ ନଦୀ ନାଳର ସୁରକ୍ଷା ପାଇଁ ଦୁର୍ନୀତି ମୁକ୍ତପ୍ରଗତିଶୀଳ ମଞ୍ଚ ପକ୍ଷରୁ ଆରମ୍ଭ ହୋଇଛି ବାଲି ସତ୍ୟାଗ୍ରହ । ବିଭିନ୍ନ ନଦୀ ଶଯ୍ୟାକୁ ମାଫିଆମାନେ ତାଡି ଦିନ ରାତି ଶହ ଶହ ଟ୍ରିପ ବାଲି ଉତ୍ତୋଳନ କରୁଛନ୍ତି । ଗଛ କାଟି ପରିବେଶ ନଷ୍ଟ କରୁଥିବା ବେଳେ ବାଲି ପାଇଁ ରାସ୍ତାଘାଟ ଅସୁରକ୍ଷିତ ହୋଇ ପଡିଛି ।

## ବାଲିସାହିପାଟଣା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ରାଜନଗର,୨୨।୧୦(ସଂଚାର ବ୍ୟୁରୋ):** ରାଜନଗରବ୍ଲକ ବାଲିସାହିପାଟଣା ପଞ୍ଚାୟତରେ ବିଭିନ୍ନ ଗ୍ରାମର ମଠ ମନ୍ଦିର ନିକଟରେ ଉଜ୍ଜ୍ୱଳ ଆଲୋକ ଲାଗିବା ପାଇଁ ଓ କମ୍ୟୁନିଟି ସେଣ୍ଟର ଗୃହ ନିର୍ମାଣ ପାଇଁ ଶୁଭ ଶିଳାନ୍ୟାସ କରାଯାଇଛି। ବାଲିସାହିପାଟଣା ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତ ତାଙ୍କ ସମିତି ପାଣ୍ଠିରୁ ଏହି ସବୁ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ ଗୁଡିକ ହେଲା ମଧୁପୁର ମାଧବେଶୋର ଶିବ ମନ୍ଦିର ପରିସରରେ ହାଇମାକ୍ସ ଲାଇଟ ସ୍ଥାପନ, ବାଲିସାହିପାଟଣା ମା ଥାନପତି ନିକଟ ରେ ହାଇମାକ୍ସ ଲାଇଟ ସ୍ଥାପନ, ଚମ୍ପାଦିଆ ଗ୍ରାମ ସିଦ୍ଧେଶ୍ୱର ଶିବ ମନ୍ଦିର ପରିସରରେ ହାଇମାକ୍ସ ଲାଇଟ ସ୍ଥାପନ . ପୋଖରିଆ ବିସେଶୋର ଶିବ ମନ୍ଦିର ପରିସର ରେ ହାଇମାକ୍ସ ଲାଇଟ ସ୍ଥାପନ, ବିସେଶୋର ଶିବ ମନ୍ଦିର ନିକଟ ରେ କମୁନିଟି ସେଣ୍ଟର ନିର୍ମାଣ କରାଯିବ ବୋଲି ଶ୍ରୀ ରାଉତ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ କଂଗ୍ରେସ ନେତା ଦାମୋଦର ବିଶ୍ୱାଳ, ଯୁବ ନେତା ସୁଶୀଲ କୁମାର ପ୍ରଧାନ, ରଞ୍ଜନ କୁମାର ପ୍ରଧାନ, ବିଶ୍ୱ ରଞ୍ଜନ ଜେନା, ବିଭୂତି ଭୂଷଣ ଜେନା, ପଞ୍ଚାୟତ ମୁରବି କାମିନି ରଞ୍ଜନ ଜେନା, ବୈକୁଣ୍ଠନାଥ ପରିଡା, କାଲୁ ବଳ, ସଚିଦାନଁଦ ବଳ, ନାରାୟଣ ଭୂୟାଁ, ବସନ୍ତ କୁମାର ନାୟକ, ବିକାଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମଧୁସୂଦନପୁର ଗ୍ରାମରେ ୩୭ତମ ଶ୍ୟାମାକାଳୀ ପୂଜା



**ମାର୍ଶାଘାଇ,୨୨।୧୦ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ଗ୍ରାମ ପଞ୍ଚାୟତ ଅଧିନସ୍ତ ମଧୁସୂଦନ ପୁର ଗ୍ରାମରେ ଶ୍ରୀମା ଅରବିନ୍ଦ କ୍ଲବ୍ ଆନୁକୁଲ୍ୟରେ ୩୭ ତମ ଶ୍ୟାମା କାଳୀ ପୂଜା ଧୁମ୍ ଧାମରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ପୂଜା ଗ୍ରାମର ଯୁବକ ସଂଘ ଓ ମୁରବୀ ମାନଙ୍କ ଉଦ୍ୟମ କ୍ରମେ ଦୀର୍ଘ ବର୍ଷ ହେବ ଚାଲୁ ରହିଛି। ଗ୍ରାମର ମୁରବୀ ମାନେ ଯଥା: ବଂଶୀଧର ସ୍ୱାଇଁ, ଦେବେନ୍ଦ୍ର ମହାନ୍ତି, ବାଉରୀବନ୍ଧୁ ରାଉତ, ଦୁର୍ଯ୍ୟୋଧନ ଦାସ, ବୀରେନ ରାଉତ, ସରୋଜ କାନ୍ତ ସ୍ୱାଇଁ ଓ ଜଗବନ୍ଧୁ ରାଉତ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଚାଳନା କମିଟି ସଦସ୍ୟ ଯଥା: ବିକ୍ରମ ରାଉତ, ରାଜକିଶୋର ରାଉତ ଓ ସନ୍ତୋଷ କୁମାର ଖଟୁଆ ପ୍ରମୁଖ ମା କାଳୀଙ୍କ ପୂଜା ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ମାର୍କେଟ କମ୍ପ୍ଲେକ୍ସ ଉଦଘାଟନ ପୂର୍ବରୁ ହୋଇଯିବ କି ଅନ୍ତ !

## ୧୦ ଲକ୍ଷ ଟଙ୍କା ଘର ନିର୍ମାଣ ହଉ ହଉ ଭାଙ୍ଗି ଚୁରମାର



**ରାଜକନିକା, ୨୨।୧୦ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଓଳାଭର ପଞ୍ଚାୟତ ଅନ୍ତର୍ଗତ ପ୍ରେମ୍ ବଜାର ନିକଟ ସ୍ଥାନରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସଟି କିନ୍ତୁ ଉଦଘାଟନ ହେବା ଆଗରୁ ସମାଧି ନେଇ ଯାଇଥିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ତୁରନ୍ତ ବ୍ଲକ ପ୍ରଶାସନ ପକ୍ଷରୁ ଏନେଇ ପଦକ୍ଷେପ ନେବାକୁ ଦାବି ହେଉଛି। ଅଭିଯୋଗ ଅନୁଯାୟୀ ପ୍ରଶାସନ ପକ୍ଷରୁ ପଞ୍ଚାୟତର ଏହି ସ୍ଥାନରେ ବେପାର କରିବା ନିମନ୍ତେ ଦୋକାନ ଗୃହ ନିର୍ମାଣ ହୋଇଥିଲା। ପଞ୍ଚାୟତବାସୀ ବି ଦୋକାନ ଘର ନେବାକୁ ଚାହି ବସିଛନ୍ତି। ହେଲେ ନିର୍ମାଣ ପରେ ବି ଉଦଘାଟନ ହେବାର ନାଁ ନିଶାନ ବି ନାହିଁ।କେବେ ଉଦଘାଟନ ହେବ ତାହା ବି ଅନ୍ଧାରରେ। ଅଥଚ ଦୋକାନ ଘର ଭାଙ୍ଗିତୁଟି ଗଲାଣି। ପ୍ରିଷ୍ଟ ତଳୁ ମାଟି ଖସି ଗଡ଼ିଆ ସୃଷ୍ଟି ହୋଇଛି। ସଟର୍ ବି ଲାଗି ନ ଲାଗିଲା ଭଳି। ଦୋକାନ ଘର ବଣଲତାରେ ପୂର୍ଣ୍ଣ ହୋଇ ଭୁତକୋଠି ଭଳି ଲାଗୁଛି। କାନ୍ଥ ବି ଫାଟି ଗଲାଣି। ଏସବୁ ଦେଖି ଦୋକାନ ଘର ଗୁଡିକ ମାଟିରେ ମିଶିବେ ବୋଲି ଲୋକେ କହିଲେଣି।ଘର ନିର୍ମାଣରେ ଫଳକ ଲାଗି ନ ଥିବାରୁ କେତେ ଟଙ୍କାର କାମ ତାହା ଜଣା ପଡୁ ନ ଥିବାରୁ ଦଶ ଲକ୍ଷ ଟଙ୍କାରୁ ଅଧିକ ବୋଲି ଅନୁମାନ କରାଯାଉଛି। ଯଦି ଏଭଳି ଅବସ୍ଥାରେ ରୁହେ ତେବେ କମ୍ ଦିନରେ ସତ୍ତା ହରାଇବ ବୋଲି ଜଳ ଜଳ ଦିଶୁଛି। ଏହି ଦୋକାନ ଘର ନେବା ପାଇଁ କେତେ ଜଣ ବି ନିରାଶ ହୋଇ ଦାଦନ ଖଟିଲେଣି। ଅଥଚ ଦୋକାନ ଘର ଉଦଘାଟନ ନ ହୋଇ ଅନ୍ତ ହେବାକୁ ବସିଛି।ଯେଉଁ ଉଦ୍ଦେଶ୍ୟ ନେଇ ଦୋକାନ ଘର ନିର୍ମାଣ ହୋଇଥିଲା ତାହା ଏବେ ଫସର ଫାଟିଛି ବୋଲି ଲୋକେ କହୁଛନ୍ତି। ତୁରନ୍ତ ଏହି ଦୋକାନ ଗୃହକୁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟବସ୍ଥିତ କରି ଯୋଗାଇ ଦେବାକୁ ଦାବି ହେଉଛି।

## ସଂସ୍କୃତ ଭାରତୀର ଧନ୍ୱନ୍ତରୀ ଜୟନ୍ତୀ ପାଳନ

**କେନ୍ଦ୍ରାପଡା,୨୨।୧୦(ସଂଚାର ବ୍ୟୁରୋ):** ସଂସ୍କୃତ ଭାରତୀ କେନ୍ଦ୍ରାପଡା ଶାଖା ତରଫରୁ ଭଗବାନ ଧନ୍ୱନ୍ତରୀ ଜୟନ୍ତୀ ଉତ୍ସବ କେନ୍ଦ୍ରାପଡା ପୌରାଂଚଳ ସ୍ଥିତ ଈଶ୍ୱରପୁର ଗ୍ରାମର ବ୍ରହ୍ମ ଗୌଡିୟ ସେବା ସଂସ୍ଥାନ ଭାଗବତ ଦାସ ମଠ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସଂଯୋଜକ ପଣ୍ଡିତ ହରେକୃଷ୍ଣ ପତି ସଭା ପ୍ରାରମ୍ଭରେ ବେଦ ପାଠ କରିଥିଲେ ଓ ଧନ୍ୱନ୍ତରୀ ଜୟନ୍ତୀ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଭଗବାନ ଧନ୍ୱନ୍ତରୀଙ୍କ ଆୟୁର୍ବେଦ ଶାସ୍ତ୍ର ଅବଦାନ ସଂପର୍କରେ ମଠାଧିଶ ପଣ୍ଡିତ ସଚ୍ଚିଦାନନ୍ଦ ଦାସ ଗୋସ୍ୱାମୀ, ପଣ୍ଡିତ କୃଳମଣି ପଣ୍ଡା, ଶିକ୍ଷାବିତ୍ ମୁରଲୀଧର ପାତ୍ର, ପଣ୍ଡିତ ମାଧବଚନ୍ଦ୍ର ପତି ଆଲୋଚନା କରିଥିଲେ । ନୃସିଂହ ଚରଣ ତ୍ରିପାଠୀ ଆମ ଭାରତୀୟ ପରମ୍ପରା ରେ ଆୟୁର୍ବେଦର ଉପଯୋଗିତା ଓ ବୃକ୍ଷଲତା ମାନଙ୍କର ଔଷଧୀୟ ଗୁଣ ସଂପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ସ୍ୱାଇଁ, ରମାକାନ୍ତ ପତି, ଶିବାନନ୍ଦ ପ୍ରଧାନ, ନାରାୟଣ ପଣ୍ଡା, କ୍ଷିରୋଦ ସେନାପତି ପ୍ରମୁଖ ଯୋଗ ଦେଇଥିବା ବେଳେ ସହ ସଂଯୋଜକ ତପନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ପାଇଁ ଦାବି



**କେନ୍ଦ୍ରାପଡ଼ା, ୧୮।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପି.ଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୁରଣ କରାଯିବାକୁ ଅଭିଭାବକ ମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ କେନ୍ଦ୍ରାପଡ଼ା ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କୁ ସି.ବି.ଏସ୍.ଇ ପାଠ୍ୟକ୍ରମରେ ଶିକ୍ଷାଦାନ ନିମନ୍ତେ ୨୦୧୦ ମସିହାରେ ଜିଲ୍ଲାର ବାରିମୂଳ ଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏହାଦ୍ୱାରା କେନ୍ଦ୍ରାପଡ଼ା ଭଳି ଏକ କୃଷିଭିକ ଜିଲ୍ଲାର ଛାତ୍ରଛାତ୍ରୀମାନେ ସଫଳତାର ସହିତ ସି.ବି.ଏସ୍.ଇ ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରି ସମାଜର ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇପାରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ବାର୍ତ୍ତମାନ ବିଦ୍ୟାଳୟରେ ଅର୍ଦ୍ଧାଧିକ ଶିକ୍ଷକ ପଦ ଖାଲିପଡ଼ିଥିବାରୁ ଉକ୍ତ ସ୍ଥାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚୁକ୍ତିଭିକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ଶିକ୍ଷାଦାନ କାର୍ଯ୍ୟ ସମ୍ପାଦନ କରାଯାଉଅଛି। ଯେଉଁଥିପାଇଁ ଛାତ୍ରଛାତ୍ରୀମାନେ ଉନ୍ନତମାନର ଗୁଣାତ୍ମକ ଶିକ୍ଷା ପାଇବାରୁ ବିତ ହେବା ସହିତ ସେମାନଙ୍କ ଜୀବନର ଲକ୍ଷ୍ୟ ପୂରଣ କରିବା ମଧ କଷ୍ଟସାଧ ହୋଇପଡ଼ିଛି। ବିଶେଷକରି ୨୦୧୯–୨୦ ଶିକ୍ଷାଦର୍ଷରୁ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ବିଜ୍ଞାନ ବିଭାଗରେ ଶିକ୍ଷାଦାନ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ସ୍ଥାୟି ଶିକ୍ଷକ ଅଭାବରୁ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ନିମନ୍ତେ ସଠିକ୍ ଗୁଣାତ୍ମକ ଶିକ୍ଷାଗ୍ରହଣରୁ ବିତ ହେଉଛନ୍ତି।

## ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ଘନଘନ ଚଢ଼ାଉ




**ଖଡ଼ିଆଳ,୨୨।୧୦(ସଂଚାର ବ୍ୟୁରୋ):** ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ବରଗାଁରେ ଅବକାରୀ ବିଭାଗ ଚଢ଼ାଉ କରି ଦୁଇ ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ଅବକାରୀ ବିଭାଗ ପକ୍ଷରୁ ପ୍ରକାଶ ଯେ, ମଙ୍ଗଳବାର ସାରେ ବରଗାଁ କେନାଲ ଛକଠାରେ ଅବକାରୀ କର୍ମଚାରୀ ଥିବାବେଳେ ସେହି ରାସ୍ତାରେ ଗ୍ରାମର ଦେବେନ୍ଦ୍ର ଶବର (୪୦) ଏକ ବାଇକ ଓ ଆର ୧୭ ଏଚ ୨୬୪୦ରେ ବିଦେଶୀ ମଦ ନେଇ ଯାଉଥିବା ବେଳେ ତାଙ୍କୁ ଅଟକ ରଖାଯାଇଥିଲା। ସେହିପରି ବରଗାଁ ଗ୍ରାମର ସୁବଳ ସରାଫ (୫୫) ଗ୍ରାମରେ ମଦ ବିକ୍ରି କରୁଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ତାଙ୍କ ଠାରୁ ୧୦ ଲିଟର ଭାଟି ମଦ ଜବତ କରିଛି। ଅବକାରୀ ଓ ଆଇସି ଅଲେଖ ପୁଟେଲ, ଏ ଏସ ଆଇ ଆମରନାଥ ବିଶୋଇ, କନେଷ୍ଟବଳ ଗିରେନ୍ଦ୍ର କଟାଙ୍କ ନେତୃତ୍ୱରେ ଚଢ଼ାଉ ହୋଇଛି।

## ସୌର ବିପ୍ଳବରେ ଯୋଡ଼ିହେଲା ଭାଟକୁମରଡ଼ା ଗାଁ

**ଗଞ୍ଜାମ,୨୧।୧୦(ସଂଚାର ବ୍ୟୁରୋ):** ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହନ ଯୋଗାଇବା ଏବଂ ଗ୍ରାମୀଣ ଉପଭୋକ୍ତାଙ୍କୁ ସଶକ୍ତ କରିବାର ଲକ୍ଷ୍ୟ ନେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ତରଫରୁ ନିଆଯାଇଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନାରେ ସୌର ଶକ୍ତିକୁ ଆପଣେଇବା ପାଇଁ ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି ଟିପିଏସ୍ଓଡିଏଲ୍ । ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ୱଚ୍ଛ ଶକ୍ତିକୁ ସହଜ ଓ ସୁଲଭ ମୂଲ୍ୟରେ ସମସ୍ତଙ୍କ ପାଖରେ ତଥା ଗ୍ରାମୀଣ ଉପଭୋକ୍ତାଙ୍କ ପାଖରେ ପହଞ୍ଚାଇବା । ଏହା ସହିତ ଗୁଣାତ୍ମକ ସୌର ପ୍ୟାନେଲ ସ୍ଥାପନ, ସୁରକ୍ଷା ଓ ଏକ ସ୍ଥାୟୀ ଏବଂ ଦୀର୍ଘମିଆଦି ବିକାଶକୁ ସୁନିଶ୍ଚିତ କରିବା।

## ଶୁଦ୍ଧିକ୍ରିୟା ପାଇଁ ଅର୍ଥ ପ୍ରତିବନ୍ଧକ ଘଟଣା

## ପରିବାରକୁ ମିଳିଲା ସାମାଜିକ ସଙ୍ଗଠନ ଓ ସରକାରୀ ସହାୟତା



**ମାର୍ଶାଘାଇ, ୨୧।୧୦(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ ଅଧୀନ ତାଳସଙ୍ଗା ପଞ୍ଚାୟତ ଅନ୍ତର୍ଗତ ମାଣିକପୁର ଗ୍ରାମର ଗୋପିନାଥ ଦାସଙ୍କ ପୁଅ ବ୍ରଜବନ୍ଧୁ ଦାସ (୬୨) ଙ୍କର ୧୧ ଅକ୍ଟୋବର ଦିନ ଯକ୍ଷ୍ମା ଜନିତ ସମସ୍ୟା ରେ ମୃତ୍ୟୁ ଘଟିଛି। ବ୍ରଜବନ୍ଧୁ ଘରର ମୁଖ୍ୟ ରୋଜଗାରିଆ ଭାବରେ ଦିନ ମଜୁରିଆ କାର୍ଯ୍ୟ କରି ୬ ପ୍ରାଣୀଙ୍କ ମୁହଁରେ ଆହାର ଦେଉଥିଲେ। ବ୍ରଜବନ୍ଧୁ ଙ୍କ ଦେହାନ୍ତ ପରେ ଦୁଇ ପୁଅ, ଦୁଇ ଝିଅ, ୮୫ ବର୍ଷୀୟା ବୃଦ୍ଧା ମାଆ ଓ ଧର୍ମ ପତ୍ନୀ ବେସାହାରା ହୋଇ ପଡ଼ିଛନ୍ତି। ରହୁଥିବା ବାସଗୃହଟିକ କୁ ଛାଡ଼ିଲେ ତାଙ୍କର ଆଉ ସମ୍ବଳ ବୋଲି କିଛି ନାହିଁ। ଏମିତି ପରିସ୍ଥିତିରେ ସ୍ୱାମୀଙ୍କ ଦେହାନ୍ତ ପତ୍ନୀ ଭଗବତି ଦାସଙ୍କୁ ଚିନ୍ତାରେ ପକାଇଥିଲା। ପିଲାମାନଙ୍କ ଭବିଷ୍ୟତ ଓ ପରିବାର ପ୍ରତିପୋଷଣ ର ଚିନ୍ତାକୁ ସ୍ୱାମୀଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ କେମିତି କରିବେ ସେ କଥାକୁ ଭାବି ଭାବି ଅଣନିଃଶ୍ୱାସୀ ହୋଇ ପଡ଼ି ସରକାରୀ, ସାମାଜିକ ସଙ୍ଗଠନ ଓ ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟକୁ ଅପେକ୍ଷା କରିଥିଲେ। ଏ ସମ୍ପର୍କିତ ଖବର ଗଣମାଧମରେ ପ୍ରକାଶ ପାଇବା ପରେ ପରିବାର ପାଖରେ ବିଭିନ୍ନ ସାମାଜିକ ସଙ୍ଗଠନ, ରାଜନେତା ଓ ପରିଶେଷରେ ସରକାରୀ ସହାୟତା ମିଳି ପାରିଛି। ବଳଦେବଜୀଉ ସେବା ସଙ୍ଗଠନ, କ୍ରିଷ୍ଣା ଏଣ୍ଟରପ୍ରାଇଜର, ସଦାଶିବ ହେଲ୍ପ ଫାଉଣ୍ଡେସନ, ରଶ୍ମି ଚାରିଟେବୁଲ ଟ୍ରଷ୍ଟ ତରଫରୁ ସହାୟତା ପ୍ରଦାନ କରାଯାଇଥିଲା। ସରପଞ୍ଚଙ୍କ ପ୍ରତିନିଧି, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଯୁବନେତା ଚିତ୍ତରଞ୍ଜନ ଦାସ ମଧ ସହାୟତା ଯୋଗାଇ ଦେଇଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ମଧ ମାର୍ଶାଘାଇ ବିଡ଼ିଓ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

**ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ସମାରୋହ**

## ୨ରେ ଭୁବନେଶ୍ୱରରେ ରନ୍ ଆଣ୍ଡ୍ ରାଇଡ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଗତ ବର୍ଷ ନଭେମ୍ବର ୨୩ରୁ ଆରମ୍ଭ ହୋଇ ଆସନ୍ତା ବର୍ଷ ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଦେଶର ବିଭିନ୍ନ ରାଜ୍ୟରେ ନାନାଦି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି କ୍ରମରେ ଆସନ୍ତା ୨ ତାରିଖରେ ଭୁବନେଶ୍ୱରରେ ରନ୍ ଆଣ୍ଡ୍ ରାଇଡ୍ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏନେଇ ଆଜି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ସାଇ ଜନନୀ ପ୍ରେକ୍ଷାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନାନୁସାରେ, ଆନ୍ଧ୍ରପ୍ରଦେଶର ପୁଟ୍ଟପର୍ତ୍ତି ପରି ଏକ ନିପଟ ମଫସଲରେ ପ୍ରତିଷ୍ଠା ହୋଇଛି ନିଶୁଳ୍କ ଶ୍ରୀ ସତ୍ୟସାଇ ସୁପର ସ୍ପେସାଲିଟି ହସ୍ପିଟାଲ ସହ ଶ୍ରୀ ସତ୍ୟସାଇ ବିଶ୍ୱବିଦ୍ୟାଳୟ ଓ ଆନ୍ଧ୍ର ଏବଂ ତାମିଲନାଡୁର ଅନେକ ଜଳକ୍ଲିଷ୍ଟ ଜିଲ୍ଲାକୁ ମାଗଣା ଜଳଯୋଗାଣ ପ୍ରକଳ୍ପ ଶ୍ରୀ ସତ୍ୟସାଇ ୱାଟର ପ୍ରୋଜେକ୍ଟ। ଶ୍ରୀ ସତ୍ୟସାଇ ବାବାଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ସତ୍ୟସାଇ ସେବା ସଂଗଠନ ତାଙ୍କ ଜନ୍ମ ଶତ ବାର୍ଷିକୀ ସମାରୋହକୁ ଏକ ବିଶ୍ୱ ସମ୍ମିଳନୀ ଭାବେ ପ୍ରଶାନ୍ତି ନିଳୟମଠାରେ ଆସନ୍ତା ନଭେମ୍ବର ୨୦ ଓ ୨୧ ତାରିଖରେ ଆୟୋଜନ କରୁଛି। ଏଥିରେ ବିଶ୍ୱର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତଙ୍କ ସମେତ ସମାଜର ବିଭିନ୍ନ ବର୍ଗର ପ୍ରତିନିଧି ଯୋଗଦେବେ।



ଏହି ଅବସରରେ ସର୍ବଭାରତୀୟ ସଂଗଠନ ତରଫରୁ ଶ୍ରୀ ସତ୍ୟସାଇ ପ୍ରେମ ପ୍ରବାହିନୀ ରଥଯାତ୍ରା ଓ ରନ ଆଣ୍ଡ ରାଇଡ୍ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୨ ତାରିଖରେ ଭୁବନେଶ୍ୱର, ଡିସେମ୍ବର ୨୧ ତାରିଖରେ ରାଉରକେଲାଠାରେ ଏହା ଆୟୋଜିତ ହେବ। ସେହିପରି ଆସନ୍ତା ୨୫ ତାରିଖରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ମା' ତାରିଣୀଙ୍କ ପୀଠ ଘଟଗାଁଠାରେ ଅତିରୁଦ୍ର ପାରାୟଣ ମହୋତ୍ସବର ଆୟୋଜନ କରାଯାଉଛି। ନଭେମ୍ବର ଦ୍ୱିତୀୟ ଶନିବାର ରାଜ୍ୟବ୍ୟାପୀ ୨୪ ଘଣ୍ଟିଆ ଅଖଣ୍ଡ ଭଜନ ସହ ଆରମ୍ଭ ହୋଇ ଶ୍ରୀ ସତ୍ୟସାଇ ବାବାଙ୍କର ଜନ୍ମଦିବସ ୨୩ ତାରିଖ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ରକ୍ତଦାନ, ନାରାୟଣସେବା, ଗ୍ରାମସେବା, ପାଲିଙ୍କି ଯାତ୍ରା, ମହିଳା ଦିବସ, ଚାରା ରୋପଣ, ପଶୁସେବା, ପ୍ରଶାନ୍ତି ଚିକିତ୍ସିତ ହୃଦରୋଗୀ ସେବା, ପୂଜ୍ୟ ପୂଜା, ବିଶ୍ୱଶାନ୍ତି ଯଜ୍ଞ, ରୁଦ୍ର ପାଠ ଇତ୍ୟାଦି ମଧ୍ୟ ଆୟୋଜିତ ହେବ। ଆସନ୍ତା ବର୍ଷ ଜାନୁଆରୀରେ ରାଜ୍ୟ ସଂଗଠନ ଦ୍ୱାରା ସମଗ୍ର ରାଜ୍ୟରେ ଏକ କୃତ୍ରିମ ଅଙ୍ଗ ପରୀକ୍ଷା ଓ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାଛଡ଼ା ଆସନ୍ତା ଡିସେମ୍ବରରେ ସଂଗଠନ ପକ୍ଷରୁ ପରିଚାଳିତ ମାନବୀୟ ମୂଲ୍ୟବୋଧଭିତ୍ତିକ ଆନନ୍ଦ ଉତ୍ସବ କାର୍ଯ୍ୟକ୍ରମ ଶ୍ରୀ ସତ୍ୟସାଇ ବାଲବିକାଶ ଛାତ୍ରଛାତ୍ରୀ, ଗୁରୁ, ପରିଚାଳକ ଓ ସହାୟକମାନଙ୍କୁ ନେଇ ଗଞ୍ଜାମ ଜିଲ୍ଲା ଛତ୍ରପୁରଠାରେ ଅନୁଷ୍ଠିତ ହେବ ବୋଲି ଉକ୍ତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।

# ୧୦ରୁ ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ



**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ଆସନ୍ତା ୧୦ ଓ ୧୧ ତାରିଖରେ ଅନୁଷ୍ଠିତ ହେବ ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ। ଏଥରର ଶୀର୍ଷକ ରହିଛି 'ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ ଓ କୃଷି ଐତିହ୍ୟରେ ମହିଳାଙ୍କ ଭାଗିଦାରୀ'। ଚଳିତ ଥର ମହିଳା ଚାଷୀଙ୍କ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଉଛି। କୃଷିରେ ପୁରୁଷଙ୍କ ଭଳି ମହିଳାଙ୍କ ଭାଗିଦାରୀ ମଧ୍ୟ ଅନୁରୂପ। ସେଇମାନେ ହିଁ ପ୍ରକୃତରେ ଆମର ପାରମ୍ପରିକ ଖାଦ୍ୟଶସ୍ୟର ସଂରକ୍ଷକ। ଏହି ପରିପ୍ରେକ୍ଷୀରେ ଆଜି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନିଟରିଂ କମିଟିର ବୈଠକ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଦୁଇଦିନିଆ ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନେ ଚରଣ ମାଝୀ ଉଦଘାଟନ କରିବେ ଏବଂ ଉଦ୍ୟାପନୀ ସମାରୋହରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ଦେଶବିଦେଶରୁ ବହୁ କୃଷିବିତ୍, ବୈଜ୍ଞାନିକ, ମହିଳା କୃଷି ଉଦ୍ୟୋଗୀ, ଏନଜିଓ, ଏଫପିଓ, ଅନ୍ତର୍ଜାତୀୟ ସଂସ୍ଥା ଯଥା ଏଫଏଓ, ଏମଏସଏସଆରଏଫ, ଆଇଏଫପିଆରଆଇ, ଏସଇଡବ୍ଲ୍ୟୁଏ ଆଦି ଏହି ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି। ବହୁସଂଖ୍ୟକ ଚାଷୀ, ଉଦ୍ୟୋଗୀ, ଛାତ୍ରଛାତ୍ରୀ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ। ଏଥିନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଛି। ଚଳିତ ବର୍ଷର ମାସ୍କଟ 'ମିଲି' ମଧ୍ୟ ମୟୂରଭଞ୍ଜର ପ୍ରଖ୍ୟାତ ଫୁଟା ଶାଢ଼ୀ ପରିହିତା ଅବସ୍ଥାରେ ନଜର ଆସିବ। ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଓୟୁଏଟି ଡିନ ଡ. ପ୍ରସନ୍ନଜିତ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ତଥା ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଆୟୋଜନ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ।

**ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**

### ଫାଟିଲା ଅଗ୍ନିଶମ ଗାଡ଼ି ଟାୟାର; ବାଇକ୍‌ରେ ଡାକ୍ତରଖାନା ଗଲେ ଆହତ

**କୋଣାର୍କ, ୨୨।୧୦ (ସଂଚାର ବ୍ୟୁରୋ) :** କୋଣାର୍କ ବଜାରରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି । ଟାୟାର ଫାଟିବା ଯୋଗୁଁ ବାଟରେ ଅଟକି ରହିଲା ଅଗ୍ନିଶମ ଗାଡ଼ି। ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ବାଇକ୍‌ରେ ଗଲେ ବାଇକ୍ ଆରୋହୀ। ସୂଚନା ମୁତାବକ, ବୁଧବାର ପୂର୍ବାହ୍ନରେ କୋଣାର୍କ ଥାନା ବାଲିଦୋକାନ ନିକଟରେ ଏକ ବାଇକ୍ ଦୁର୍ଘଟଣା ହୋଇଥିଲା। ଏଥିରେ ବାଇକ୍ ଚାଳକ ଗୁରୁତର ହୋଇଥିଲେ । ଖବରପାଇ କୋଣାର୍କ ଚମ୍ପାହାର ଅଗ୍ନିଶମ ବାହିନୀର ଗାଡ଼ି ଗୁରୁତର ଚାଳକଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣୁଥିଲା । ହେଲେ କୋଣାର୍କ ଯାତ୍ରୀନିବାସ ସମ୍ମୁଖରେ ଅଗ୍ନିଶମ ଗାଡ଼ିର ଟାୟାର ଫାଟି ଯାଇଥିଲା । ଚିକିତ୍ସା ନିମନ୍ତେ ତୁରନ୍ତ ଗୁରୁତରଙ୍କୁ ଏକ ବାଇକ୍‌ରେ କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା।

### ୩ କୁଖ୍ୟାତ ଅପରାଧୀ ଗିରଫ

**ପୁରୀ, ୨୨।୧୦ (ସଂଚାର ବ୍ୟୁରୋ):** ଅପରେସନ ଚକ୍ର ଅଭିଯାନରେ ୩ ଜଣ କୁଖ୍ୟାତ ପେଷାଦାର ଅପରାଧିଙ୍କୁ ଟାଉନଥାନା ପୋଲିସ ଗିରଫ କରିଛି। ନିୟମିତ ଭାବରେ ମାଦକ ଦ୍ରବ୍ୟ ସେବନ କରି କଟୁରୀ ଏବଂ ଛୁରୀ ଦେଖାଇ ଉଠା ଦୋକାନୀ ଓ ଠେଲା ଦୋକାନୀଙ୍କୁ ଭୟଭୀତ କରାଇ ସୋମାନଙ୍କଠାରୁ ଦାଦାବଟି ଆଦାୟ କରିବା ଏବଂ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପରି ସଙ୍ଗିନ୍ ଅଭିଯୋଗ ରହିଛି ସୋମାନଙ୍କ ନାମରେ। ଭୟରେ କେହି କିଛି ପ୍ରତିବାଦ କରନ୍ତି ନାହିଁ କି ଅଭିଯୋଗ ଦିଅନ୍ତି ନାହିଁ। ମଙ୍ଗଳବାର ବିଳମ୍ବିତ ରାତିରେ ଏବଂ ବୁଧବାର ଦିନ ସମୟରେ ଏହିପରି ଦୁଇଟି ପୃଥକ ଘଟଣାରେ ଟାଉନଥାନା ପୋଲିସ ନିଜ ତରଫରୁ ଦୁଇଟି ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ଧାରୁଆ କଟୁରୀ, ଛୁରୀ, ମୋବାଇଲ ଫୋନ୍ ଏବଂ ବେଆଇନ ଟଙ୍କା ଜବତ କରାଯାଇଛି। ସେମାନଙ୍କୁ ଏସଡ଼ିଜେଏମ୍, ପୁରୀ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅପରାଧିଙ୍କୁ ପୁରୀ ଜିଲ୍ଲା କାରାଗାରକୁ ପଠାଯାଇଛି। ସମସ୍ତ ଅପରାଧୀଙ୍କ ନାମରେ ପୂର୍ବରୁ ଆକ୍ରମଣ, ହତ୍ୟା ଉଦ୍ୟମ, ଦାଦାବଟି ଆଦାୟ ପରି ସଙ୍ଗିନ୍ ମାମଲା ବିଭିନ୍ନ ଥାନାରେ ରହିଛି। ଅପରାଧୀ ମାନେ ହେଲେ ପୁରୀ ମାର୍କେଟ ଛକର ବଳିଆ ଓରଫ ବଳରାମ ସେନାପତି , ପୁରୀ ବାସେଳି ସାହି ମୁଦୁଲି ଜାଗାର ସନ୍ତୁ ଓରଫ ସନ୍ତୁଷ୍ ପଣ୍ଡା, ପୁରୀ ମାର୍କଣ୍ଡେଶ୍ୱର ସାହି ନୂଆପାଟଣା ଲେନର ସଞ୍ଜୟ ରାଉତ , ସେମାନଙ୍କ ଠାରୁ ଜବତ ସାମଗ୍ରୀ ହୋଇଥିବା ଲୁହା କଟୁରୀ - ୧ ଟା, ଷ୍ଟିଲ ଛୁରୀ - ୧ ଟା, ମୋବାଇଲ୍ ଫୋନ୍ ଓ ୪୯୦ ନଗଦ ଟଙ୍କା ଜବତ କରାଯାଇଛି।

**ପୀତବାସ ହତ୍ୟାକାଣ୍ଡ ମାମଲାରେ ବିଜେପିର କାଉଣ୍ଟର୍**

## ବିଜେଡିର ଅଭିଯୋଗ ପିଲାଳିଆମିର ପରିଚୟ

**ଭୁବନେଶ୍ୱର, ୨୨।୧୦ (ସଂଚାର ବ୍ୟୁରୋ):** ଗତ ୬ ତାରିଖରେ ବ୍ରହ୍ମପୁରରେ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଅତ୍ୟନ୍ତ ଦୁଃଖଦ ଘଟଣା। ଏହି ଘଟଣାର ରହସ୍ୟ ଧୀରେ ଧୀରେ ସାମ୍ନାକୁ ଆସିବାରେ ଲାଗିଛି। ଘଟଣା ସମ୍ପର୍କରେ ସୂଚନା ଦେଇ ଆଜି ବ୍ରହ୍ମପୁର ଏସପି ଗଣମାଧ୍ୟମ ସମ୍ମୁଖରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଛନ୍ତି। ଅନ୍ୟପଟେ ବ୍ରହ୍ମପୁର ଏସପିଙ୍କ ବିବୃତି ପରେ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଏହାକୁ ବିରୋଧ କରିବା ସହ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ଅଭିଯୁକ୍ତମାନଙ୍କୁ କ୍ଲିନ୍‌ଚିଟ୍ ଦେବା ଦଳର ରାଜନୈତିକ ଅପରିପକ୍ୱତା ଓ ପିଲାଳିଆମିର ପରିଚୟ ବୋଲି କହିଛନ୍ତି ବିଜେପି ମୁଖପାତ୍ର ଡ. ଯତୀନ୍ ମହାନ୍ତି। ବିଜେଡି ମୁଖପାତ୍ରମାନଙ୍କ ଏପରି ତରବରିଆ ସାମ୍ବାଦିକ ସମ୍ମିଳନୀ ମନ୍ଦିର ଭିତରେ କିଏ, ନା ମୁଁ କଦଳୀ ଖାଇନାହିଁ ସଦୃଶ ବୋଲି ସେ କହିଛନ୍ତି। ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ. ମହାନ୍ତି କହିଛନ୍ତି ଯେ ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡର ରାଜନୀତିକରଣ ହେବା ଅନୁଚିତ। ତଦନ୍ତ ପ୍ରକ୍ରିୟା ଜାରି ରହିଛି ଓ ସମସ୍ତେ ଏହି ନ୍ୟାୟର ପ୍ରକ୍ରିୟାରେ ସହଯୋଗ କରିବା ଉଚିତ।



ଅସାମାଜିକ ତତ୍ତ୍ୱ ତଥା ଅପରାଧୀଙ୍କ କୌଣସି ଜାତି କି ଧର୍ମ ନାହିଁ। ଯେଉଁମାନଙ୍କ ସମ୍ପୃକ୍ତି ଅଛି, ସେମାନେ ତଦନ୍ତ ପରିସରକୁ ଆସିବେ। ସମସ୍ତ ଦୋଷୀଙ୍କୁ ଧରି ଉପଯୁକ୍ତ ଦଣ୍ଡବିଧାନ କରିବା ହେଉଛି ମୂଳ ଉଦ୍ଦେଶ୍ୟ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଠିକ୍ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଦୋଷୀଙ୍କୁ ଦଣ୍ଡ ମିଳିବା ସୁନିଶ୍ଚିତ ବୋଲି ଡ. ମହାନ୍ତି କହିଛନ୍ତି।

ଏଥିସହ ସେ କ୍ଷମତାରେ ଥିବା ସମୟରେ ବିଜେଡିର ନେତା, ବିଧାୟକ, ମନ୍ତ୍ରୀମାନେ ହତ୍ୟା, ଧର୍ଷଣ, ଅଙ୍ଗ ତସ୍କରୀ ଭଳି ଜଘନ୍ୟ ଅପରାଧରେ ସମ୍ପୃକ୍ତ ଥିଲେ ଏବଂ ଅପରାଧିମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ। ଏବେ ବି ଦଳୀୟ ନେତାମାନେ ସେମାନଙ୍କ ଏହି ଅଭ୍ୟାସ ଛାଡିନାହାନ୍ତି। ପିତବାସ ପଣ୍ଡା ହତ୍ୟାକାଣ୍ଡ ହେଉଛି ଏହାର ସଦ୍ୟ ଉଦାହରଣ। ଗତ ୨୪ ବର୍ଷ ଧରି ଗଞ୍ଜାମ ଜିଲ୍ଲାରେ ଅପରାଧୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବା ପଛରେ ବିଜେଡି ସରକାରର ପ୍ରୋତ୍ସାହନ ଦାୟୀ ବୋଲି ଡ. ମହାନ୍ତି କହିଛନ୍ତି। ଏଥିସହ ନିଜ ଅପରାଧକୁ ଲୁଚେଇବାର ଅପଚେଷ୍ଟା ନ କରି ବିଜେଡି ନେତାଏ ପୁଲିସକୁ ତଦନ୍ତରେ ସହଯୋଗ କରିବାକୁ ଡ. ମହାନ୍ତି ପରାମର୍ଶ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ଓ ଅନିଲ ବିଶ୍ୱାଳ ମଧ୍ୟ ଉପସ୍ଥିତ ଥିଲେ।

**ଯାତ୍ରୀ ଭିଡ଼ ହ୍ରାସ ପାଇଁ ରେଳବାଇର ସ୍ୱତନ୍ତ୍ର ପଦକ୍ଷେପ**

## ୫ ଦିନରେ ଚାଲିବ ୧୫୦୦ ସ୍ୱତନ୍ତ୍ର ଟ୍ରେନ୍

**ନୂଆଦିଲ୍ଲୀ,୨୨।୧୦(ସଂଚାର ବ୍ୟୁରୋ):** ସାରା ଦେଶରେ ବିଶେଷ କରି ପାର୍ବଣ ଋତୁରେ ଯାତ୍ରୀଙ୍କୁ ସେବା ଯୋଗାଇଦେବାରେ ଭାରତୀୟ ରେଳବାଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ଛଟ ପର୍ବ ପୂର୍ବରୁ ଯାତ୍ରୀ ସଂଖ୍ୟା ବଢ଼ୁଥିବା ବେଳେ ପ୍ରତ୍ୟେକ ଯାତ୍ରୀ ଯେପରି ନିରାପଦ ଏବଂ ଆରାମରେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିବେ, ସେଥିସକାଶେ ରେଳବାଇ ପକ୍ଷରୁ ନିୟମିତ ଟ୍ରେନ୍ ସେବା ବ୍ୟତୀତ ଆଗାମୀ ପାଞ୍ଚ ଦିନ ମଧ୍ୟରେ ଦୈନିକ ହାରାହାରି ୩୦୦ ସ୍ୱତନ୍ତ୍ର ଟ୍ରେନ୍ ସହ ମୋଟ ୧୫୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ସେହିପରି ନିୟମିତ ଟ୍ରେନ୍ ବ୍ୟତୀତ ଦୈନିକ ହାରାହାରି ୨୧୪ଟି ଟ୍ରେନ ସହ ଗତ ୨୧ ଦିନ ମଧ୍ୟରେ ୪୪୯୩ଟି ସ୍ୱତନ୍ତ୍ର ଟ୍ରେନ୍ ଯାତ୍ରା ଦୀପାବଳି ଉତ୍ସବ ପାଇଁ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଘରେ ପହଞ୍ଚିବାରେ ସାହାଯ୍ୟ କରିଥିଲା। ଆଗାମୀ ଛଟ ପୂଜା ଓ ଚଳିତ ଦୀପାବଳି ଋତୁ ପାଇଁ ରେଳବାଇ ଉତ୍ସବ ଯାତ୍ରାର ଭିଡ଼କୁ ପରିଚାଳନା କରିବା ପାଇଁ ଏକ ଶକ୍ତିଶାଳୀ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ବ୍ୟବସ୍ଥା କରିଛି। ଗତ ୧ରୁ ଆସନ୍ତା ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ୬୧ ଦିନ ମଧ୍ୟରେ ସାରା ଦେଶରେ ୧୨ ହଜାରରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଏପର୍ଯ୍ୟନ୍ତ ମୋଟ ୧୧,୮୬୫ଟି ଯାତ୍ରା (୯୧୬ଟି ଟ୍ରେନ୍) ସୂଚିତ କରାଯାଇଛି, ଯେଉଁଥିରେ ୯୩୩୮ଟି ସଂରକ୍ଷିତ ଏବଂ ୨୨୦୩ଟି ଅଣସଂରକ୍ଷିତ ଯାତ୍ରା ସାମିଲ। ଗତ ବର୍ଷ ୭୭୨୪ଟି ପୂଜା ଓ ଦୀପାବଳି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ତୁଳନାରେ ଏହା ଉଲ୍ଲେଖନୀୟ ବୃଦ୍ଧି ପାଇଛି।

ଏହାଛଡ଼ା ଗତ ୧୯ ରେ ରେଳବାଇ ଉଧନା ଷ୍ଟେସନରେ ୩୭ ହଜାରରୁ ଅଧିକ ଯାତ୍ରୀଙ୍କୁ ସୁବିଧା ଦେଇଥିଲା ଯାହା ୨୦୨୪ରେ ଉକ୍ତ ଦିନ ତୁଳନାରେ ୫୦ ପ୍ରତିଶତ ବୃଦ୍ଧି ପାଇଛି।

## ବିଜେପି ସରକାରର ବୋଲକରା ସାଜିଛି ପୁଲିସ୍

### ବିକ୍ରମ ପଣ୍ଡାଙ୍କ ବିରୋଧରେ ନାହିଁ କିଛି ବି ପ୍ରମାଣ

**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ଗଞ୍ଜାମର ବହୁଚର୍ଚ୍ଚିତ ପୀତବାସ ହତ୍ୟାକାଣ୍ଡ ଘଟଣାରେ ପୁଲିସ ଆଜି ବିଜେଡିର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କୁ ଗିରଫ କରିବା ପରେ ଦଳ ଏହାକୁ ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିଯୋଗ କରିବା ସହ ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେପି ଷଡ଼ଯନ୍ତ୍ର କରିଥିବା ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଭୃଗୁ ବକ୍ସିପାତ୍ର, ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି। ଗୋପାଳପୁର ବିଧାୟକ ତଥା ଖଣି ଓ ପରିବହନ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ରହିଥିବା ବେଳେ ତାଙ୍କୁ ଓ ରାଜ୍ୟ ସରକାରଙ୍କୁ ବଞ୍ଚାଇବାକୁ ଯାଇ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ଶ୍ରୀ ପଣ୍ଡାଙ୍କୁ ଫସାଯାଇଛି। ଶ୍ରୀ ପଣ୍ଡାଙ୍କ ବିରୋଧରେ କୌଣସି ପ୍ରମାଣ ନ ଥିବା ବେଳେ ପୁଲିସ୍ କେବଳ ଗପ ଶୁଣାଉଛି ବୋଲି ସେମାନେ କହିଛନ୍ତି।



ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ଗତ ୧୬ ମାସର ବିଜେପି ଶାସନରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଗଞ୍ଜାମ ଜିଲ୍ଲା ଶୀର୍ଷରେ ରହିଛି। ଗଞ୍ଜାମ ଜିଲ୍ଲାରେ ୧୫୨ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ବେଳେ ୧୨୮ଟି ହତ୍ୟା ଘଟିଛି। ଏଥିମଧ୍ୟରେ ଗୋପାଳପୁର ଗଣଦୁଷ୍କର୍ମ ସମଗ୍ର ଦେଶରେ ଚର୍ଚ୍ଚିତ ହୋଇଥିଲା। ସେହିପରି ଗଞ୍ଜାମ ଜିଲ୍ଲାରେ ବେଆଇନ ବାଲି ଚାଲାଣ ଶୀର୍ଷରେ ପହଞ୍ଚିଥିବା ବେଳେ ତଜ୍ଜନିତ ହିଂସାକାଣ୍ଡ ପଛରେ ଖଣି ମନ୍ତ୍ରୀ ବିଭୁତି ଜେନାଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ହୋଇଆସୁଛି। ଏପରିକି ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ପଛରେ ମଧ୍ୟ ସମାନ ଅଭିଯୋଗ ଆସିଥିଲା। ବିଜେପିର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏନ. ଡମ୍ବରୁ ରେଡ୍ଡୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ମନ୍ତ୍ରୀ ଶ୍ରୀ ଜେନାଙ୍କ ସମ୍ପୃକ୍ତି ନେଇ ଅଭିଯୋଗ କରିବା ସହ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରି ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଥିଲେ। ଏହା ବିଜେପିକୁ ଅଡୁଆରେ ପକାଇବାକୁ ଯାଉଥିବାରୁ ଆଜି ନାଟକୀୟ ଢଙ୍ଗରେ ଶ୍ରୀ ପଣ୍ଡାଙ୍କୁ ଗିରଫ କରାଯାଇ ମାମଲାକୁ ଭିନ୍ନ ମୋଡ଼ ଦେବା ସକାଶେ ଉଦ୍ୟମ ହୋଇଛି ବୋଲି ଶ୍ରୀମତୀ ମଲ୍ଲିକ ଅଭିଯୋଗ କରିଛନ୍ତି।

ସେହିପରି ଶ୍ରୀ ବକ୍ସିପାତ୍ର କହିଛନ୍ତି ଯେ ରାଜନୈତିକ ଉଦ୍ଦେଶ୍ୟ ରଖି ନେତାଙ୍କୁ ଫସାଇବା ବିଜେପିର ପୁରୁଣା ଅଭ୍ୟାସ। ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ବ୍ରହ୍ମପୁର ଏସ୍‌ପି ଶ୍ରୀ ପଣ୍ଡାଙ୍କ ବିରୋଧରେ ଯେଉଁ ୫୦ ଲକ୍ଷ ଟଙ୍କା ଡିଲ୍ କଥା କହିଛନ୍ତି, ସେନେଇ କିଛି ବି ସ୍ପଷ୍ଟ କରିପାରିନାହାନ୍ତି। ରାଜ୍ୟ ସରକାରଙ୍କ ଇଙ୍ଗିତରେ ମିଛ କାହାଣୀ ସୃଷ୍ଟି କରି ଶ୍ରୀ ପଣ୍ଡାଙ୍କୁ ଫସାଇବାକୁ ଅପଚେଷ୍ଟା କରାଯାଇଥିବା ଏସ୍‌ପିଙ୍କ କଥାରୁ ସ୍ପଷ୍ଟ ହୋଇଛି। ବିଶେଷକରି ନୂଆପଡା ଉପନିର୍ବାଚନକୁ ଆଖି ଆଗରେ ରଖି ବିଜେପି ଏପରି ନାଟକ ରଚିଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ଏହାଛଡ଼ା ଡ. ମହାନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଆଗରେ ପୁଲିସ ଆଇଜି ନୀତି ଶେଖର ମୁଣ୍ଡପାତି ଛିଡା ହେବା ସମୟର ଫଟୋ ଦେଖାଇ ଏହା ବିଜେପି ଶାସନରେ ଆଇନଶୃଙ୍ଖଳାର ଦୟନୀୟ ସ୍ଥିତିକୁ ଦର୍ଶାଉଛି ବୋଲି କହିଛନ୍ତି। ବିଜେପି ଇଙ୍ଗିତରେ ବିଜେଡି ଜିଲ୍ଲା ସଭାପତିଙ୍କୁ ଅଭିଯୁକ୍ତ ସଜାଯାଇଛି ଓ ପୁଲିସ ବିଜେପିର ସ୍ୱାର୍ଥରକ୍ଷା ପାଇଁ କାର୍ଯ୍ୟ କରୁଛି ବୋଲି ଡ. ମହାନ୍ତି ଅଭିଯୋଗ କରିବା ସହ ଏହା ବିରୋଧରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

**ଲକ୍ଷ୍ମୀସାଗରରୁ ସେକ୍ସ ରାକେଟ ଠାବ ଘଟଣା**

## ନାବାଳିକା ଏଚ୍‌ଆଇଭି ପଜିଟିଭ

**ଭୁବନେଶ୍ୱର, ୨୨।୧୦ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଲକ୍ଷ୍ମୀସାଗରରୁ ସେକ୍ସ ରାକେଟ ଠାବ ଘଟଣା ଏବେ ଭୟଙ୍କର ପରିସ୍ଥିତି ସୃଷ୍ଟିକରିଛି। ହସ୍ପିଟାଲରେ ଭର୍ତ୍ତି ହୋଇଥିବା ନାବାଳିକା ଏଚଆଇଭି ପଜିଟିଭି ବୋଲି ଜଣାପଡ଼ିଛି। ଏବେ ଯେଉଁ ଗ୍ରାହକମାନେ ଆସିଥିଲେ ସେମାନଙ୍କ ଠିକଣା ଖୋଜିବ ପୋଲିସ। ସମସ୍ତଙ୍କର ଏଚଆଇଭି ଟେଷ୍ଟ କରିବ ପୋଲିସ। ଏହା କଷ୍ଟକର ବ୍ୟାପାର ହୋଇଥଇବା ବେଳେ ଏହି ନାବାଳିକା ସଂସ୍ପର୍ଶରେ ଆସିଥିବା ଲୋକ ଆଉ କାହାକୁ ଏଚଆଇଭି ବାଣ୍ଟିବା ପୂର୍ବରୁ ଧରାଯିବା ଜରୁରୀ ହୋଇପଡ଼ିଛି। ପୁଲିସ ପକ୍ଷରୁ ଏନେଇ ଛାନଭିନ ଜାରି ରହିଥିବା ଜଣାପଡ଼ିଛି।

## ଲରମ୍ଭା ପ୍ୟାକ୍ସ ପୂର୍ବତନ ସହସମ୍ପାଦକ ଦମ୍ପତିଙ୍କ ଧାରଣା

**ଅତାବିରା,୨୨।୧୦(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଲରମ୍ଭା ପ୍ରାଥମିକ କୃଷି ସମବାୟ ସମିତି ଲିଃ (ପ୍ୟାକ୍ସ)ର ପୂର୍ବତନ ସହକାରୀ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ତାଙ୍କ ଉପରେ ଅନ୍ୟାୟ ଓ ଲରମ୍ଭା ପ୍ୟାକ୍ସରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି ଆଜି ପୂର୍ବାହ୍ନ ୧୧ଟାରୁ ଉଭୟ ଦମ୍ପତି ଧାରଣାରେ ବସିଛନ୍ତି।



ଅଭିଯୋଗରୁ ପ୍ରକାଶ ଯେ ଗତ ୧୯୬୯ ଜୁନ୍ ୧୬ରୁ ୨୦୧୧ ମାର୍ଚ୍ଚ ୩୧ ଯାଏ ଦୀର୍ଘ ୪୨ ବର୍ଷ ଅଭିଯୋଗ କରି ପଣ୍ଡା ସହକାରୀ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ସେ ଅଭିଯୋଗ କରିଛନ୍ତି ଯେ ୧୯୭୪ରୁ ଆଜି ଯାଏଁ ବିଭିନ୍ନ ସମୟରେ ସମିତି ତାଙ୍କ ଉପରେ ଭିନ୍ନ ଭିନ୍ନ ଅନ୍ୟାୟ ତଥା ବେଆଇନ କାର୍ଯ୍ୟାନୁଷ୍ଠାନ ନେଇ ପାରିବାରିକ, ସାମାଜିକ, ଆର୍ଥିକ, ଶାରୀରିକ, ବଳପୂର୍ବକ ଆକ୍ରୋଶମୂଳକ ଭାବେ ନିର୍ଯାତନା ଦେଇଆସିଛନ୍ତି। ଶ୍ରମ ଅଦାଲତ ମକଦ୍ଦମା ଉପରେ ଓଡ଼ିଶା ଉଚ୍ଚତମ ନ୍ୟାୟାଳୟ ମକଦ୍ଦମା ନଂ.୧୦୬୬/୧୯୭୭ ଉପରେ ୧୫/୯/୧୯୮୧ ଅନୁସାରେ ଶ୍ରୀ ପଣ୍ଡାଙ୍କୁ ୨୦/୫/୧୯୮୨ରେ ପୁନଃ ଲରମ୍ଭା ପ୍ୟାକ୍ସରେ ନିଯୁକ୍ତି କରି ବକେୟା ଦରମା ପ୍ରଦାନ କରିବାକୁ ରାୟ ପ୍ରକାଶ ପାଇଥିବା ସେ ଅଭିଯୋଗକାରୀ କହିଛନ୍ତି। ତେବେ ଏସବୁ ସତ୍ତ୍ୱେ ଲରମ୍ଭା ପ୍ୟାକ୍ସ ପୂର୍ବତନ ସହ ସମ୍ପାଦକ ଶ୍ରୀ ପଣ୍ଡାଙ୍କ ବକେୟା ଦରମାକୁ ସମିତି ପକ୍ଷରୁ ସେଟଲମେଣ୍ଟ କରିଦେବା ଓ ନୂତନ ସ୍କେଲ ଅନୁସାରେ ଦରମା ଦିଆଯାଇ ନ ଥିବା ଅଭିଯୋଗ କରିଛନ୍ତି।

ଏନେଇ ଗତ ସେପ୍ଟେମ୍ବର ୧ ତାରିଖରେ ଲରମ୍ଭା ସଭାପତିଙ୍କ ସମେତ ଭୁବନେଶ୍ୱର ସମବାୟ ସମିତି ସମୂହ ନିବନ୍ଧକ, କମିଶନର, ଅଡିଟର ଜେନେରାଲ ଅଫ୍ କୋଅପରେଟିଭ୍ ସୋସାଇଟି ଓଡ଼ିଶା ଆଦି ବିଭିନ୍ନ ପ୍ରମୁଖ ଅଧିକାରୀଙ୍କୁ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ପ୍ରତିବାଦରେ ନ୍ୟାୟ ଦାବି କରି ୭ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ତେବେ ଏହା ସତ୍ତ୍ୱେ ନ୍ୟାୟ ନ ମିଳିବାରୁ ଗତ ସେପ୍ଟେମ୍ବର ୩୦ରେ ପୁନଃ ଏକ ପତ୍ର ସମ୍ପୃକ୍ତ ସମସ୍ତ ପ୍ରଶାସନିକ ଅଧିକାରୀ ଓ ଖବରଦାତା ସମୂହଙ୍କୁ ପଠାଇ ଆଜିଠାରୁ ପତ୍ନୀ ତରଙ୍ଗିଣୀ ପଣ୍ଡାଙ୍କ ସହ ଲରମ୍ଭା ପ୍ରାଥମିକ କୃଷି ସମବାୟ ସମିତି ବାରଣ୍ଡାରେ ଅହୋରାତ୍ର ଧାରଣାରେ ବସିଛନ୍ତି। ଏନେଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସମ୍ବଲପୁର ଡିଭିଜନ ପତ୍ରସଂଖ୍ୟା ୧୧୬୮୯/୯.୧୦.୨୫ ଅନୁସାରେ ବରଗଡ଼ ଜିଲାପାଳଙ୍କୁ ଏହାର ବିଧିବଦ୍ଧ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ଲରମ୍ଭା ପ୍ୟାକ୍ସରେ ସଦସ୍ୟଙ୍କୁ ନେଇ ଏକ ବୈଠକ ବସି ଏହା ଉପରେ ଆଲୋଚନା ହୋଇଛି।

### ହାତୀ ଆକ୍ରମଣରେ ଯୁବକ ମୃତ

**କେନ୍ଦୁଝର, ୨୨।୧୦ (ସଂଚାର ବ୍ୟୁରୋ) :** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜ ଧାନଗଦି ଗାଁରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଗତକାଲି ବିଳମ୍ବିତ ରାତିରେ ହାତୀ ଦାଉରୁ ଫସଲକୁ ବଞ୍ଚାଇବାକୁ ଯାଇ ଥିବାବେଳେ ଶୁଣ୍ଢରେ କଚାଡ଼ି ମାରିଲା ହାତୀ। ଘଟଣାସ୍ଥଳରେ ଯୁବକ ମୃତ । ମୃତକ ଧାନଗଦି ଗ୍ରାମର ଶିବ ମୁଣ୍ଡା(୨୩) ବୋଲି ଜଣାପଡ଼ିଛି । ଗଛରେ ଚଢ଼ି ଯିବାରୁ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ସାଙ୍ଗରେ ଥିବା ଅନ୍ୟ ୨ ଯୁବକ। ସୂଚନା ଅନୁସାରେ, ଧାନଗଦି, ଅଡ଼ାଳ, ଯାତ୍ରା, ସୁକଡୋଳା ଆଦି ଅଞ୍ଚଳରେ ୨୪ଟିକିଆ ହାତୀ ପଲ କିଛି ଦିନ ଧରି ଉପଦ୍ରବ ଚଳାଇଛନ୍ତି। ହାତୀ ପଲଙ୍କ ଭିତରୁ ଥିବା ୨ଟି ଦନ୍ତା ହାତୀ ହିଂସ୍ର ହେବା ସହ ଲୋକଙ୍କୁ ଘୋଉଡ଼ାଇବା ସହ ଆକ୍ରମଣ କରୁଛନ୍ତି। ଗତକାଲି ବିଳମ୍ବିତ ରାତିରେ ଧାନଗଦି ଗାଁ ନିକଟରେ କ୍ଷେତରେ ପଶି ହାତୀପଲ ନଷ୍ଟ କରୁଥିବାବେଳେ ଗ୍ରାମବାସୀ ହାତୀପଲଙ୍କୁ ଘୋଉଡ଼ାଉଥିଲେ। ଏହି ସମୟରେ ଶିବଙ୍କୁ ଦନ୍ତା ହାତୀଟି ଶୁଣ୍ଢରେ କଚାଡ଼ି ଦେବା ସହ ହିଡ଼ ଉପରୁ ଟେକି ନେଇ ନଦୀକୁ ଫିଙ୍ଗି ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଶିବଙ୍କ ମୃତ୍ୟୁ ଘଟିଥିଲା । ତେବେ ସାଙ୍ଗରେ ଥିବା ଅନ୍ୟ ୨ଯୁବକ ସନ୍ତୋଷ ମୁଣ୍ଡା ଜୀବନ ବଞ୍ଚାଇବାକୁ ଗଛ ଉପରେ ଚଢ଼ି ଯାଇଥିଲେ ଓ ରତ୍ନା ମୁଣ୍ଡା ଏକ ଖାଲରେ ପଶି ଯିବାରୁ ଦନ୍ତା ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ବନ ବିଭାଗ ଟିମ୍ ଓ ନୟାକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ ଚଳାଇଛନ୍ତି।

## ହାଇପ୍ରେସର୍ ୱେଲ୍ଡିଂ ସମ୍ବନ୍ଧୀୟ ତାଲିମ କର୍ମଶାଳା

**ଭୁବନେଶ୍ୱର, ୨୨।୧୦ (ସଂଚାର ବ୍ୟୁରୋ):** ରାଜ୍ୟରେ କାରଖାନାମାନଙ୍କରେ ଉଭୟ ସୁରକ୍ଷିତ କାର୍ଯ୍ୟସ୍ଥଳୀ ଓ ଶ୍ରମିକ ସୁରକ୍ଷାକୁ ସରକାର ପ୍ରାଥମିକତା ଦେଉଥିବାରୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମଞ୍ଜୁରୀ କ୍ରମେ କାରଖାନା ଓ ବାଷ୍ପୀତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ଭିନ୍ନ ଭିନ୍ନ ସୁରକ୍ଷା ସମ୍ପର୍କିତ ପ୍ରସଙ୍ଗ ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଏହି କ୍ରମରେ ରାଜ୍ୟରେ ପାୱାର୍ ପ୍ଲାଣ୍ଟ (ବଏଲର)ଗୁଡିକରେ ସୁରକ୍ଷିତ ଚଳନ, ରକ୍ଷଣାବେକ୍ଷଣ ଓ ମରାମତିକୁ ଦୃଷ୍ଟିରେ ରଖି ଆଜି ରାଜ୍ୟ ଶ୍ରମ ପ୍ରତିଷ୍ଠାନ ଆନୁକୂଲ୍ୟରେ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ହାଇପ୍ରେସର୍ ୱେଲ୍ଡିଂ ସମ୍ବନ୍ଧରେ ସୁରକ୍ଷା ଏବଂ ଗୁଣବତ୍ତା ଶୀର୍ଷକ ବିଷୟ ଉପରେ ଏକ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଛି।




ପୂର୍ବାହ୍ନରେ ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର ଅତିରିକ୍ତ ସଚିବ ରାଜେଶ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ କର୍ମଶାଳାକୁ ଉଦଘାଟନ କରିବା ସହ କାରଖାନାମାନଙ୍କରେ ସୁରକ୍ଷାକୁ ଅଗ୍ରାଧିକାର ଦିଆଯିବ ବୋଲି କହିଛନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ କାରଖାନା ଓ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ (ସୁରକ୍ଷା) ଡଃ ମଳୟ କୁମାର ପ୍ରଧାନ କହିଛନ୍ତି ଯେ ଉଚ୍ଚ ଚାପ ପ୍ରତିରୋଧ କରିପାରିବା ଗୁଣବତ୍ତାସମ୍ପନ୍ନ ୱେଲ୍ଡରଙ୍କ ଆବଶ୍ୟକତା ରହିଛି ଯାହା ଜୀବନ ଓ ସମ୍ପତ୍ତିକୁ ସୁରକ୍ଷିତ କରିବାକୁ ସହାୟତା କରିଥାଏ। ଏଥିସହ କାରଖାନା ଓ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ସହନିର୍ଦ୍ଦେଶକ (ସୁରକ୍ଷା) ଅନିଲ କୁମାର ନନ୍ଦ ଓ ଢେଙ୍କାନାଳ ମଣ୍ଡଳର ସହନିର୍ଦ୍ଦେଶକ ବିଶ୍ୱଜିତ ପାଣିଗ୍ରାହୀ କର୍ମଶାଳାରେ ଯୋଗଦେଇ ଉଦ୍‌ବୋଧନ ଦେବା ସହ ତାଲିମ କର୍ମଶାଳାକୁ ପରିଚାଳନା କରିଥିଲେ। ପ୍ରତିଷ୍ଠାନ ପକ୍ଷରୁ ତାଲିମପ୍ରାପ୍ତ ୧୦୦ ଜଣ ଭିନ୍ନ ଭିନ୍ନ ବର୍ଗର କାରଖାନା ଅଧିକାରୀଙ୍କୁ ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରମାଣପତ୍ର ବିତରଣ କରାଯାଇଥିଲା।

## ସ୍କୁଲ ଜମିରେ କଣ୍ଟାବାଡ଼ ପକାଇ ରାସ୍ତା ଅବରୋଧ, ଗଛ ମୂଳେ ପଢ଼ିଲେ ପିଲା

**କୋକସରା,୨୨।୧୦ (ସଂଚାର ବ୍ୟୁରୋ):** ସ୍କୁଲ ଜମିକୁ ମାଲିକାନା ଦାବି କରି କଣ୍ଟାବାଡ଼ ପକାଇ ରାସ୍ତା ଅବରୋଧ କଲେ ଜଣେ ବ୍ୟକ୍ତି। ଫଳରେ ବରଗଛ ମୂଳରେ ବସି ପାଠ ପଢ଼ିଲେ ଛାତ୍ରଛାତ୍ରୀ। ବ୍ଲକ୍ ଉପାଧ୍ୟକ୍ଷଙ୍କ ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ ହୋଇଛି। କଳାହାଣ୍ଡି ଜିଲ୍ଲା କୋକସରାରୁ ସାମ୍ନାକୁ ଆସିଛି ଏପରି ଘଟଣା। କଳାହାଣ୍ଡି ଜିଲ୍ଲା କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା କନ୍ଦାବୁଟ୍ରା ପଞ୍ଚାୟତ ତୁନଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜାଗାକୁ ନିଜର ମାଲିକାନା ଦାବିଛନ୍ତି



ଗାଁର ଚକ୍ରଧର ପାଣିଗ୍ରାହୀ। ବିଦ୍ୟାଳୟ ଯିବା ରାସ୍ତାରେ କଣ୍ଟା ବାଡ଼ ଦେଇ ଅବରୋଧ କରିବା ଫଳରେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଇ ପାରିନଥିଲେ। ଫଳରେ ସ୍କୁଲ ବନ୍ଦ ରହିଥିଲା। ପ୍ରଧାନଶିକ୍ଷକ ଗୌରାଙ୍ଗ ଶବର ଓ ସହଶିକ୍ଷକମାନେ ବିଦ୍ୟାଳୟ ରାସ୍ତା ବନ୍ଦ ଥିବା ଦେଖି କମିଟିକୁ ଖବର ଦେଇଥିଲେ। ଅନ୍ୟ ଉପାୟ ନ ପାଇ ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ କମିଟି ଛାତ୍ରଛାତ୍ରୀଙ୍କୁ ସ୍କୁଲ ଆଗରେ ଥିବା ବରଗଛ ମୂଳେ ବସାଇଥିଲେ। ଏହାପରେ ପ୍ରଧାନଶିକ୍ଷକ ସ୍କୁଲ ପରିଚାଳନା କମିଟିର ସଦସ୍ୟ ମାନେ ଆସି ବାଡ଼ ଦେଇଥିବା ବ୍ୟକ୍ତିଙ୍କ ସହ ଆଲୋଚନା କରିଥିଲେ। ସେ ବିଦ୍ୟାଳୟ ଜାଗା ବାବଦରେ ୯୦ ହଜାର ଦେବା ପରେ କଣ୍ଟାବାଡ଼ ହଟାଇବେ ବୋଲି ଜିଦ୍ ଧରିଥିଲେ। ଏନେଇ ପ୍ରଧାନଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀ ଓ ସ୍କୁଲ କମିଟି ପକ୍ଷରୁ କୋକସରା ବ୍ଲକ ଉପାଧ୍ୟକ୍ଷଙ୍କୁ ଜଣାଇଥିଲେ। ବ୍ଲକ୍ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଶିକ୍ଷାଧିକାରୀ ମହେଶ ଭାଟି, ବିଆରସିସି ତୋଫାନ ମାଝୀ ପହଞ୍ଚି ଦୀର୍ଘ ସମୟ ଧରି ଚକ୍ରଧର ପାଣିଗ୍ରାହୀଙ୍କ ସହ ଆଲୋଚନା କରିଥିଲେ। ପରେ ବ୍ଲକ୍ ଉପାଧ୍ୟକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବାରୁ ଉକ୍ତ ବ୍ୟକ୍ତି କଣ୍ଟାବାଡ ହଟାଇଥିଲେ। ଫଳତଃ ବିଦ୍ୟାଳୟରେ ପାଠପଢା ସ୍ୱାଭାବିକ ହୋଇଥିଲା। କିନ୍ତୁ ଏଥିପାଇଁ ଛାତ୍ରଛାତ୍ରୀମାନେ ଗଛମୂଳେ ପାଠ ପଢ଼ିବାକୁ ବାଧ୍ୟ ହୋଇଥିଲେ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଗୁରୁବାର ୨୩ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Thursday 23 October 2025, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# କାହିଁକି ବଢୁଛି ସୁନା ଦର

ଭାରତରେ ସୁନା ମୂଲ୍ୟ ପ୍ରତିଦିନ ବଢ଼ିବାରେ ଲାଗିଛି, ଯାହା ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଛି। ୨୦୨୫ ଅକ୍ଟୋବର୍ ୨୨ ପର୍ଯ୍ୟନ୍ତ, ସୁନାର ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି, ଯେପରିକି ୧୦ ଗ୍ରାମ୍ ପାଇଁ ହାରାହାରି ୯୫,୦୦୦ ଟଙ୍କାରୁ ଅଧିକ। ଏହି ଉର୍ଦ୍ଧ୍ୱଗମନ କେବଳ ଅର୍ଥନୈତିକ ଅସ୍ଥିରତାର ସଙ୍କେତ ନୁହେଁ, ବରଂ ବିଶ୍ୱବ୍ୟାପୀ ଏବଂ ଦେଶୀୟ କାରଣଗୁଡ଼ିକର ପ୍ରତିଫଳନ। ଦୀପାବଳି ଏବଂ ଧନତେରସ୍ ପରି ପର୍ବପର୍ବାଣୀ ସମୟରେ ଏହାର ପ୍ରଭାବ ଅଧିକ ଅନୁଭୂତ ହେଉଛି, ଯେଉଁଠାରେ ସୁନା କିଣିବା ଏକ ପାରମ୍ପରିକ ରୀତି। କିନ୍ତୁ ଏହି ମୂଲ୍ୟବୃଦ୍ଧିର ପଛରେ କଣ ରହିଛି? ଆସନ୍ତୁ ବିଶ୍ଳେଷଣ କରିବା।



ପ୍ରଥମେ, ବିଶ୍ୱବ୍ୟାପୀ ରାଜନୈତିକ ଅସ୍ଥିରତା ସୁନା ମୂଲ୍ୟକୁ ବଢ଼ାଇଛି। ରୁଷ-ୟୁକ୍ରେନ୍ ଯୁଦ୍ଧ, ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଏବଂ ଆମେରିକାର ନିର୍ବାଚନ ପରି ଘଟଣାଗୁଡ଼ିକ ନିବେଶକମାନଙ୍କୁ ସୁନାକୁ ଏକ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବରେ ଦେଖାଉଛି। ଏହି ଅନିଶ୍ଚିତତା ସମୟରେ ସୁନାର ଚାହିଦା ବଢ଼ିଯାଏ, ଯାହା ମୂଲ୍ୟକୁ ଉର୍ଦ୍ଧ୍ୱମୁଖୀ କରେ। ଏହା ସହିତ, କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ସୁନା କ୍ରୟ ଏକ ପ୍ରମୁଖ କାରଣ। ଚୀନ୍ ଏବଂ ରୁଷିଆ ପରି ଦେଶଗୁଡ଼ିକ ନିରନ୍ତର ସୁନା କିଣୁଛନ୍ତି, ଯାହା ବିଶ୍ୱବ୍ୟାପୀ ଚାହିଦାକୁ ବଢ଼ାଇଛି। ଏହି ବର୍ଷ ସୁନା ମୂଲ୍ୟ ୫୪% ବଢ଼ିଛି, ଯାହାର ମୁଖ୍ୟ କାରଣ ଏହି କେନ୍ଦ୍ରୀୟ ବ୍ୟାଙ୍କ କ୍ରୟ।

ଦ୍ୱିତୀୟତଃ, ଅର୍ଥନୈତିକ କାରଣଗୁଡ଼ିକ ମଧ ଗୁରୁତ୍ୱପୂର୍ଣ୍ଣ। ମୁଦ୍ରାସ୍ଫୀତି ବିରୋଧରେ ସୁନା ଏକ ସୁରକ୍ଷା କବଚ ଭାବରେ କାର୍ଯ୍ୟ କରେ। ଆମେରିକାର ଫେଡେରାଲ୍ ରିଜର୍ଭର ସୁଧ ହାର ହ୍ରାସ ଆଶା ଏବଂ ଡଲାର୍‌ର ଦୁର୍ବଳତା ସୁନାକୁ ଆକର୍ଷଣୀୟ କରିଛି। ଷ୍ଟକ୍ ମାର୍କେଟରେ ଅସ୍ଥିରତା ଏବଂ ଅର୍ଥନୈତିକ ଅନିଶ୍ଚିତତା ନିବେଶକମାନଙ୍କୁ ସୁନା ଇଟିଏଫ୍ ଏବଂ ଭୌତିକ ସୁନା ଆଡ଼କୁ ଆକୃଷ୍ଟ କରୁଛି। ଭାରତରେ ରୂପୀର ମୂଲ୍ୟହ୍ରାସ ଏହି ମୂଲ୍ୟବୃଦ୍ଧିକୁ ଆହୁରି ବଢ଼ାଇଛି। ଭାରତ ସୁନାର ୮୬% ଆମଦାନୀ କରେ, ତେଣୁ ରୂପୀ ଦୁର୍ବଳ ହେଲେ ଆମଦାନୀ ମୂଲ୍ୟ ବଢ଼େ। ଏହା ସହିତ, ଆମଦାନୀ ଶୁଳ୍କ ୯% ରୁ ୧୪% ବଢ଼ିବା ମଧ ଏକ କାରଣ। ଭାରତୀୟ ପ୍ରସଙ୍ଗରେ, ସାଂସ୍କୃତିକ ଏବଂ ପାରମ୍ପରିକ ଚାହିଦା ପ୍ରମୁଖ ଭୂମିକା ନିର୍ବାହ କରୁଛି। ଦୀପାବଳି ସମୟରେ ସୁନା କିଣିବାର ପ୍ରଥା ଚାହିଦାକୁ ବଢ଼ାଇଛି। ଏହି ବର୍ଷ, ରିଟେଲ୍ ଚାହିଦା ସତ୍ତ୍ୱେ ମୂଲ୍ୟ ବଢ଼ିବାରୁ ଆଭୂଷଣ କମ୍ପାନୀଗୁଡ଼ିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ନିବେଶ ଚାହିଦା ଉଚ୍ଚ ରହିଛି। ଏହା ସହିତ, ସୁନା ଋଣର ସୁଦ ହାର ହ୍ରାସ ମଧ ସୁନାକୁ ଆକର୍ଷଣୀୟ କରିଛି। ଯଦିଓ ସମ୍ପ୍ରତି ମୂଲ୍ୟରେ କିଛି ହ୍ରାସ ଦେଖାଯାଇଛି- ଉଦାହରଣ ସ୍ୱରୂପ, ଅକ୍ଟୋବର୍ ୨୧ରେ ୫.୩% ହ୍ରାସ-ଏହା ଏକ ଅସ୍ଥାୟୀ ପରିବର୍ତ୍ତନ ହୋଇପାରେ। ବିଶେଷଜ୍ଞମାନେ ଭବିଷ୍ୟତରେ ମୂଲ୍ୟ ବଢ଼ିବାର ଆଶା କରୁଛନ୍ତି, ଯାହା ଅନୁସାରେ ୨୦୨୫ ଶେଷ ସୁଦ୍ଧା $୪,୨୦୦ ରୁ $୪,୪୦୦ ପର୍ଯ୍ୟନ୍ତ ପହଞ୍ଚିପାରେ। ଏହି ପରିପ୍ରେକ୍ଷ୍ୟରେ, ସରକାର ଆମଦାନୀ ନିର୍ଭରତା ହ୍ରାସ କରିବା ପାଇଁ ପଦକ୍ଷେପ ନେବା ଉଚିତ୍, ଯେପରିକି ଦେଶୀୟ ଉତ୍ପାଦନ ବଢ଼ାଇବା ଏବଂ ଡିଜିଟାଲ୍ ସୁନା ନିବେଶକୁ ପ୍ରୋତ୍ସାହିତ କରିବା।

ସାରାଂଶରେ, ସୁନାର ମୂଲ୍ୟ ବୃଦ୍ଧି ବିଶ୍ୱବ୍ୟାପୀ ଅସ୍ଥିରତା, ଅର୍ଥନୈତିକ ନୀତି ଏବଂ ଭାରତୀୟ ଚାହିଦାର ମିଶ୍ରଣ। ଏହା ନିବେଶକମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଥିବା ବେଳେ, ସାଧାରଣ ଉପଭୋକ୍ତାଙ୍କ ପାଇଁ ଚ୍ୟାଲେଞ୍ଜ। ଆଗାମୀ ଦିନରେ ଏହି ପ୍ରବୃତ୍ତି ଜାରି ରହିବାର ସମ୍ଭାବନା ରହିଛି, ତେଣୁ ଜ୍ଞାନପୂର୍ଣ୍ଣ ନିବେଶ ଆବଶ୍ୟକ।

# ଭାରତରେ ତାଲିବାନର ବାଛବିଚାର

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ଆଫଗାନସ୍ତାନରେ ପକ୍ଷୀଟିଏ ଗୀତ ଗାଇବାରେ କିନ୍ତୁ ବାଳିକାଟିଏ ଗୀତ ଗାଇବାର ଅଧିକାର ନାହିଁ ଏପରିକି ମନକୁ ମନ ଗୁଣୁଗୁଣୁ ହୋଇ ଗୀତ ଗାଇପାରିବ ନାହିଁ। ବାଳିକା ହେଉ, ମହିଳା ହୁଅନ୍ତୁ, ସର୍ବସାଧାରଣ ସ୍ଥାନରେ ସେମାନଙ୍କର କଣ୍ଠ ସ୍ୱର କେହି ଶୁଣିପାରିବେ ନାହିଁ, ସେମାନଙ୍କର ମୁହଁ ଦେଖିପାରିବେ ନାହିଁ। କେବଳ ଏତିକି ନୁହେଁ, ସେମାନଙ୍କୁ ସ୍କୁଲ ମନା, ଶିକ୍ଷାମନା, ଚାକିରୀ ମନା, ସିନେମା ଦେଖିବା କିମ୍ବା ଅଭିନୟ ମନା। ଆଫଗାନରେ ଚାରି ବର୍ଷ ତଳେ ତାଲିବାନ କ୍ଷମତାକୁ ଦଖଲ କରିବା ପରେ ମହିଳାମାନେ ସମସ୍ତ ମାନବିକ ଅଧିକାର ଓ ସ୍ୱାଧୀନତାରୁ ବଞ୍ଚିତ ହୋଇଛନ୍ତି। ଆଫଗାନର ମହିଳାମାନେ ଏପରି ନିର୍ଯ୍ୟାତୀତ ଅବସ୍ଥାର ସମ୍ମୁଖୀନ ହୋଇଛନ୍ତି ଗୋଟିଏ ଗୁଣ୍ଡୁଚି ମୂଷାର ସେମାନଙ୍କ ଠାରୁ ଅଧିକ ସ୍ୱାଧୀନତା ଅଧିକାର ରହିଛି। ମହିଳା, ଯୁବତୀମାନେ ନିଜ ଶରୀରକୁ ସମ୍ପୂର୍ଣ୍ଣ ନଢାଙ୍କି ଘରୁ ବାହାରକୁ ଯାଇପାରିବେ ନାହିଁ। ସର୍ବସାଧାରଣ ସ୍ଥାନରେ ଉଚ୍ଚ ସ୍ୱରରେ କଥା କରିପାରିବେ ନାହିଁ କି ଗୀତ ଗାଇପାରିବେ ନାହିଁ। କେବଳ ଏତକି ନୁହେଁ, ମହିଳମାନେ କେବଳ ଅଧିକ ସଂଖ୍ୟାରେ ଶିଶୁଙ୍କ ଜନ୍ମ ଦେଇପାରିବେ। ଏକ ରିପୋର୍ଟରୁ ଜଣାଯାଇଛି ଯେ, ତାଲିବାନ ଶାସନରେ ବାଲ୍ୟ ବିବାହ ଉପରମୁହାଁ ହୋଇଥିବାବେଳେ ନାବାଳିକା ବଧୂମାନଙ୍କର ପ୍ରସବ ହାର ୪୫ପ୍ରତିଶତ ରହିଛି। ଅନ୍ୟପକ୍ଷରେ ମାତୃ ଓ ଶିଶୁହାର ଆଶଙ୍କା ୫୦ପ୍ରତିଶତ ଅତିକ୍ରମ କରିସାରିଲାଣି। ଆଫଗାନର କଠୋରପନ୍ଥୀ ତାଲିବାନ ଶାସନରେ ମହିଳାମାନେ ବାଛବିଚାରରେ କାଳାତିପାତ କରୁଥିବାବେଳେ ନିକଟରେ ଭାରତ ଗସ୍ତରେ ଆସିଥିବା କାମଚଳା ବୈଦେଶିକ ମନ୍ତ୍ରୀ ଅମୀର ଖାନ୍ ମୁତାକ୍ୱୀଙ୍କ ସାମ୍ବାଦିକ ସମ୍ମିଳନୀରେ ମହିଳା ସାମ୍ବାଦିକାମାନେ ବାଛବିଚାରର ସମ୍ମୁଖୀନ ହେବା ଘଟଣା ଦେଶରେ ତୀବ୍ର ଆଲୋଡନ ସୃଷ୍ଟି କରିଛି। ସମଗ୍ର ଦେଶରେ ବିତର୍କର ସୂତ୍ରପାତ କରିଛି। ମହିଳା ସାମ୍ବାଦିକମାନଙ୍କୁ ମୁତାକ୍ୱୀଙ୍କ ସାମ୍ବାଦିକ ସମ୍ମିଳନୀକୁ ବାରଣ କରାଯାଇଥିଲା। ସେମାନଙ୍କୁ ସାମ୍ବାଦିକ ସମ୍ମିଳନୀକୁ ଛଡା ଯାଇନଥିଲା। ଏହି ଘଟଣାରେ ବୈଦେଶିକ ମନ୍ତ୍ରଣାଳୟ ନିଜକୁ ସମ୍ପୂର୍ଣ୍ଣ ଦୂରେଇ ରଖିଥିବାବେଳେ କୌଣସି ପ୍ରତିକ୍ରିୟା ମଧ ପ୍ରକାଶ କରିନାହାଁନ୍ତି। ଏପରିକି ଭାରତ ସରକାର ନୀରବତା ଅବଲମ୍ବନ କରିଛନ୍ତି। ମନ୍ତ୍ରଣାଳୟ କହିଛି ଯେ, ସାମ୍ବାଦିକ ସମ୍ମିଳନୀ ପାଇଁ ଆଫଗାନର କନସୁଲ ଜେନେରାଲ ନିମନ୍ତ୍ରଣ ପତ୍ର ଜାରି କରିଥିବାବେଳେ ଦୂତାବାସ ପରିସର ଭାରତର ଅଧିକାର କ୍ଷେତ୍ର ବାହାରେ ରହିଛି। ବୈଦେଶିକ ମନ୍ତ୍ରଣାଳୟର ମନ୍ତବ୍ୟ ତଥ୍ୟ ଆଧାରି ସତ, କିନ୍ତୁ ଯେଉଁ ଦେଶରେ ମହିଳା ସଶକ୍ତିକରଣ ପାଇଁ ସରକାର ବ୍ୟାପକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମହିଳାଙ୍କୁ ଲକ୍ଷ୍ମୀ, ସରସ୍ୱତୀଙ୍କ ସହ ତୁଳନା କରାଯାଏ। ସେହି ଦେଶର ମାଟିରେ ବିଦେଶୀ ସରକାରଙ୍କର ଜଣେ କାମଚଳା ମନ୍ତ୍ରୀଙ୍କ ଦ୍ୱାରା ବାଛ ବିଚାରର ସମ୍ମୁଖୀନ ହେବା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ଏହା ନିସନ୍ଦେହ ଯେ, ପଡୋଶୀ ରାଷ୍ଟ୍ର ସହସମ୍ପର୍କ ପାଇଁ ନିଜର ଦେଶର ସମ୍ବିଧାନ ସଂସ୍କୃତି, ପରମ୍ପରାକୁ ବଳି ଦିଆଯାଇପାରିବ ନାହିଁ। ଆମ ଦେଶ ସମ୍ବିଧାନ ଲିଙ୍ଗଗତ ଅଧିକାରରୁ ସମାନ ଅଧିକାର ପ୍ରଦାନ କରିଥିବାବେଳେ ସାମ୍ବାଦିକ ସମ୍ମିଳନୀକୁ ମହିଳାଙ୍କୁ ବାରଣ କରିବା ଲାଗି ଭାରତ ସରକାର ଅସ୍ୱୀକୃତି ଦେଲେ କିପରି ତାଲିବାନ ସରକାର ଆଫଗାନ ବାହାରେ ବୋଧ ହୁଏ ପ୍ରଥମ ଥର ପାଇଁ ମହିଳାଙ୍କ ପ୍ରତି ବାଛବିଚାର ନୀତିକୁ କାର୍ଯ୍ୟକାରୀ କରିଛି। ଏହା ନିସନ୍ଦେହ ଯେ, ପଡୋଶୀ ରାଷ୍ଟ୍ର ସହ ସମ୍ପର୍କ ପାଇଁ ଆମେ ଆମର ସମ୍ବିଧାନ ବୈଦେଶିକ ନୀତି, ପରମ୍ପରା ସଂସ୍କୃତି, ଓ ମୂଲ୍ୟବୋଧକୁ ଫଳାଫଳ ଦେବା ଆଦୌ ଗ୍ରହଣୀୟ ନୁହେଁ। ଏହା ସତ୍ୟ ଯେ, ଭାରତ ଆଫଗାନ ମଧରେ ସମ୍ପର୍କରେ ଏବେ ସୁଧାର ଆସିଛି। ଆଫଗାନରେ ଭାରତ ସରକାର ପୁନଃନିର୍ମାଣ ଓ ବିକାଶ ପାଇଁ ବହୁ ପ୍ରକଳ୍ପର ନିର୍ମାଣ ହାତକୁ ନେଇଛନ୍ତି। ଆଫଗାନ ପୁନର୍ବାର ଦୂତାବାସ ଖୋଲିବାକୁ ସବୁଜ ସଂକେତ ଦେଇଥିବାବେଳେ ତାହାର ସାର୍ବଭୌମତ୍ୱ ଓ ଭୂଖଣ୍ଡର ସୁରକ୍ଷା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହା ନିସନ୍ଦେହ ଯେ, ତାଲିବାନ ସହ ଭାରତର ସୁସମ୍ପର୍କ ପ୍ରତିଷ୍ଠା ଏବେ ପାକିସ୍ଥାନ ପାଇଁ ଗାତ୍ରଦାହ ହୋଇଛି। ଏସବୁ ଠିକ୍ ହୋଇପାରେ କିନ୍ତୁ ଆଫଗାନ ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ବାରଣ ନିଶ୍ଚିତ ଭାବେ କେବଳ ସମ୍ବିଧାନର ଉଲ୍ଲଂଘନ ନୁହେଁ ମହିଳାଙ୍କ ପାଇଁ ଆଫଗାନ ବୋଲି କୁହାଯାଇପାରିବ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ: ୭୯୭୮୭୬୭୪୦୩**



# ଆଜି ପ୍ରଜ୍ଞାର ଆଲୋକ ନିର୍ବାପିତ ହେବାରେ ଲାଗିଛି

ଉମାଶଙ୍କର ପ୍ରସାଦ



ବର୍ତମାନ ସମାଜରୁ ପ୍ରଜ୍ଞାର ଆଲୋକ ଧିରେ ଧିରେ ନିର୍ବାପିତ ହେବାକୁ ବସିଲାଣି। ତେଣୁ ସମସ୍ତେ ବସ୍ତୁବାଦୀ ହୋଇ ବସ୍ତୁର ଆଲୋକରେ ସଜାଇବା ଆରମ୍ଭ କଲେଣି। ଉପରୋକ୍ତ ମହାବୀରଙ୍କ ବାଣୀ ଆଜି ସମାଜରେ ଘଟୁଅଛି। ଆମର ବିଶାଳ ଦେଶ ଭାରତ ଯାତ୍ରା ଓ ଉତ୍ସବର ଦେଶରୂପେ ପୃଥିବୀରେ ପରିଚିତ। ଯଦିଓ ଭାରତରେ ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହୁଏ, ତଥାପି ଦୀପାବଳିର ମହତ୍ୱ ସର୍ବୋଚ୍ଚ ଓ ମହନୀୟ। ଜାତୀୟ ପର୍ବ ଦୀପାବଳିର ପାଳନ ମୂଳରେ ଅନେକ ପୌରାଣିକ କାହାଣୀ ଓ ପ୍ରସଙ୍ଗ ଥିଲେ ସୁଦ୍ଧା ରାମଚନ୍ଦ୍ରଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତନ ସମ୍ବନ୍ଧୀୟ ସୁଖଦ ସ୍ମୃତି ଓ ରାମାଭିଷେକ ପର୍ବ ଜଡିତ। ବିଜୟାଦଶମୀ ରାମଙ୍କର ଅସତ୍ୟ ଉପରେ ସତ୍ୟର ବିଜୟ ଉତ୍ସବଭାବେ ପାଳନ କରାଯାଇଥିବାବେଳେ ତାହାର ପୂର୍ଣ୍ଣତା ପ୍ରତିଭାତ ହୁଏ କାର୍ତିକ ଅମାବାସ୍ୟାରେ ରାମଚନ୍ଦ୍ରଙ୍କ ଅଭିଷେକୋତ୍ସବରେ। ରାବଣ ରୂପୀ ଅନ୍ଧକାରକୁ ନାଶକରି ଅଯୋଧାକୁ ଫେରିଥିବା ଆଲୋକରୂପୀ ସତ୍ୟନିଷ୍ଠ ରାମଚନ୍ଦ୍ରଙ୍କୁ ରାଜପଦରେ ଅଭିଷିକ୍ତ କରି ଅଯୋଧାବାସୀ ଏହି ଉତ୍ସବକୁ ଆନନ୍ଦ ମୁଖର କରିବାପାଇଁ ଦୀପାଲୋକର ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ପାଳନ କରିଥିଲେ। ପୁରାଣ ବର୍ଣ୍ଣିତ ଭୀତତ୍ରସ୍ତ, ଶରଣା ପନ୍ନ ଦେବଗଣଙ୍କ ନିମିତ ଭଗବାନ ଶ୍ରୀକୃଷ୍ଣ ମହାପ୍ରତାପୀ ନରକାସୁରକୁ ବିନାଶ କରି ପୃଥ୍ୱୀଭାର ଉଶ୍ୱାସ କରିଥିଲେ। ନରକଦ୍ୱାରା ବନ୍ଦିନୀ ଷୋଳସହସ୍ର ସୁନ୍ଦରୀ କନ୍ୟାକୁ ମୁକ୍ତି ଦେଇ ସେମାନଙ୍କୁ ସସମ୍ମାନେ ଦ୍ୱାରକାକୁ ପଠାଇଥିଲେ। ଫଳରେ ସମସ୍ତଙ୍କ ହୃଦୟ ଆନନ୍ଦ ମୁଖରିତ ହେବା ସହ ଏହା "ନରକୋତ୍ସବ" ନାମରେ ନାମିତ ହେଲା। ଲୋକେ ଖତ ଗଦାରେ କାଉଁରିଆ କାଠିରେ ଅଗ୍ନି ସଂଯୋଗ କରିବା ସହ ଆଲୋକରେ ତାକୁ ଓ ତାର ପୁତ୍ର ଭଗଦତ୍ତର ସିଂହାସନ ଆରୋହଣକୁ ଆନନ୍ଦରେ ଅଭିନନ୍ଦନ ଜଣାନ୍ତି। କରାଳ ବଦନା କାଳୀମାତାଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୁଏ। ଆସୁରିକ ଶକ୍ତିର ବିନାଶ ସହ ସମଗ୍ର ପୃଥିବୀରେ ଶାନ୍ତି ସ୍ଥାପନ ପାଇଁ ମହାକାଳୀଙ୍କର ଆବିର୍ଭାବ ଅତ୍ୟନ୍ତ ପ୍ରତୀକାତ୍ମକ, ଅଭିନନ୍ଦନୀୟ ଏବଂ ଆଜିର ବିଶ୍ୱ ପରିସ୍ଥିତି ପାଇଁ ପ୍ରାସଙ୍ଗିକ। ଉତ୍କଳରେ ଏହି ଦୀପାବଳି ଦିନ ପିତୃ ପୁରୁଷଙ୍କ ଉଦେ୍ଧଶ୍ୟରେ ଦୀପଦାନ ଶ୍ରାଦ୍ଧ କରାଯାଏ। ପିତୃଲୋକର ସନ୍ତୋଷ ତଥା ନିଜର ଶାରୀରିକ ଓ ଆଧାତ୍ମିକ ଉନ୍ନତି ନିମନ୍ତେ ଦୀପଦାନ କରଣୀୟ। ପିତୃ ପୁରୁଷଙ୍କ ସ୍ମୃତିଚାରଣ ଓ ପୂଜାର୍ଚ୍ଚନା ନିମନ୍ତେ କାର୍ତିକ ଅମାବାସ୍ୟା ତିଥି ଶ୍ରେଷ୍ଠ ବୋଲି ବହୁ ପ୍ରାଚୀନ କାଳରୁ ବିଶ୍ୱାସ ରହିଅଛି। କାର୍ତିକ ମାସ ସାରା ପ୍ରତି ଘରେ ଘରେ ଆକାଶ ଦୀପ ଜଳି ଉଠିବା ସହ ପିତୃ ପୁରୁଷଙ୍କ ସ୍ମୃତି ଓ ସମ୍ମାନକୁ ହୃଦୟରେ ଅନିର୍ବାପିତ ରଖି ସାଂସାରିକ ଅନ୍ଧକାରକୁ ସାମ୍ନା କରିବାପାଇଁ। ଆମମାନଙ୍କର ପିଲାବେଳର କୌତହଳୀ ମନପାଇଁ ଆକାଶଦୀପ ଥିଲା ଏକ ରହସ୍ୟମୟ ମହାଜାଗତିକ ପ୍ରଦୀପ। ମୋଗଲ ସମ୍ରାଟ ଆକବର ହିନ୍ଦୁ ସଂସ୍କୃତିର ଏହି ମହାନ ପର୍ବକୁ ସମ୍ମାନ ଦେବାସହ ତାଙ୍କର ଦୌଲତଖାନା ସମ୍ମୁଖରେ ଚାଳିଶ ଫୁଟ ଲମ୍ବ ବିଶିଷ୍ଟ ଗୋଟିଏ ବାଉଁଶ ପୋତାଯାଇ ସେଥିରେ ଷୋହଳଟି ଦଉଡି ଯୁକ୍ତହୋଇ ବାଉଁଶର ଅଗ୍ରଭାଗରେ ଗୋଟିଏ ମାଟିପାତ୍ର ମଧରେ ପ୍ରଦୀପ ରାତିସାରା ଜଳୁଥାଏ। ଯାହା ଆକବରଙ୍କ ସର୍ବଧର୍ମ ପ୍ରୀତିର ସ୍ମାରକରୂପେ ବରୋଦା ମ୍ୟୁଜିୟମ୍‌ରେ ରଖାଯାଇଛି। କିନ୍ତୁ ଦୁଃଖର ସହ କହିବାକୁ ପଡୁଛି ଆଜିକାର ପୀଢ଼ି ଏ ଆକାଶଦୀପକୁ ଦେଖିବା ପ୍ରାୟ ସ୍ୱପ୍ନ ହୋଇଛି। ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଦୀପାବଳିର ମହତ୍ୱ ଓ ବୈଚିତ୍ର ପରିଦୃଷ୍ଟ ହୁଏ। ଭାରତବର୍ଷ ଭଳି ଧର୍ମନିରପେକ୍ଷ ଦେଶରେ ଏହି ଦୀପାବଳି ପର୍ବକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଳନ କରିଥାନ୍ତି। ଯାହାକୁ "ଆଇନ-ଇ-ଆକବରୀ"ରେ ମୋଗଲ ଯୁଗର ଖ୍ୟାତନାମା ଆବୁଲ ଫାଜଲ ଦୀପାବଳି ବା ଦିୱାଲି ପର୍ବର ଉଲ୍ଲେଖ କରିଛନ୍ତି। ମୁସଲମାନ ସମ୍ପ୍ରଦାୟରେ ମଧ ପ୍ରଦୀପ ପ୍ରଜ୍ୱଳନ ଏକ ଅଭିନ୍ନ ଅଂଶ। ଏହିଦିନ ଉଜ୍ଜୟନୀର ରାଜା ବିକ୍ରମାଦିତ୍ୟ ସିଂହାସନାରୋହଣ କରିଥିଲେ। ଗୁପ୍ତାବ୍ଦ ମଧ ଏହି ଦୀପାବଳିରୁ ପ୍ରବର୍ତିତ। ପରିବ୍ରାଜକ ଆଲବେରୁଣୀ ଦୀପାବଳି ସମ୍ପର୍କରେ ସୁନ୍ଦର ବିବରଣୀ ଦେଇଛନ୍ତି। ହର୍ଷବର୍ଦ୍ଧନଙ୍କ ନାଗାନନ୍ଦ ନାଟକରୁ ଦୀପାବଳିକୁ "ଦୀପପ୍ରତିପଦୁତ୍ସବ" ବୋଲି ଉଲ୍ଲେକ କରାଯାଇଛି। ଜୈନ ବଣିକ ଗୋଷ୍ଠୀ ଧନଦାତ୍ରୀ ଲକ୍ଷ୍ମୀଙ୍କ ପୂଜା ଏହିଦିନ ଅନୁଷ୍ଠାନ କରନ୍ତି। ଏହି ଦୀପାବଳି ସହ ମହାବୀରଙ୍କ ମୋକ୍ଷଲାଭ ସ୍ମୃତି ବିଜଡିତ। ଏହିପରି ଏ÷ୟତିହାସିକ ଦୃଷ୍ଟିକୋଣକୁ ନେଇ ଦୀପାବଳି ଭାରତରେ ପାଳିତ ହୋଇ ଆସୁଛି।



ପ୍ରକୃତ ଅର୍ଥରେ ଏହି ଆଲୋକପର୍ବ ଦୀପାବଳି ଅନ୍ଧକାର ଉପରେ ବିଜୟ ପର୍ବ। ଆବାଳ ବୃଦ୍ଧ ବନିତା ସମସ୍ତେ ମାଟି ଦୀପରେ ତେଲ ସଳିତା ଦେଇ ଧନୀ, ଦରିଦ୍ର ନିର୍ବିଶେଷରେ ଘରେ ଘରେ ଜଳାଇଥାନ୍ତି ସାନ ସାନ ମଙ୍ଗଳପ୍ରଦୀପ। ଆଲୋକ ଶିଖା କ୍ଷୁଦ୍ର ହେଉ ବା ବିଶାଳ ହେଉ ସେଥିରେ ଅହଂଙ୍କାର ନ ଥାଏ। ନିଜେ ଜଳି ସାରା ସମାଜକୁ ଆଲୋକିତ କରିବାରେ ସେ ପାଇଥାଏ ଅସୀମ ଆନନ୍ଦ। ସବୁ କ୍ଷୁଦ୍ରାତ କ୍ଷୁଦ୍ର ଦୀପ ଶୀଖାର ଆଲୋକ ଏକତ୍ରିତ ହୋଇ କାର୍ତିକ ଅମାରାତ୍ରର ଘନ ଅନ୍ଧକାରକୁ ଆଲୋକିତ କରିଥାନ୍ତି। ଯାହାର ଅନ୍ତର୍ନିହିତ ଉଦେ୍ଧଶ୍ୟ ହେଉଛି ଜଗତର ମଙ୍ଗଳ କାମନା କରିବା। ନେପାଳ ରାଜ୍ୟରେ ଏହି ପର୍ବ ପାଞ୍ଚ ଦିନ ଧରି ପାଳନ କରାଯାଇଥାଏ। ଏକବିଂଶ ଶତାବ୍ଦୀରେ ଏହି ଦୀପଦାନ ଉତ୍ସବରେ ରାତ୍ରର ଆଲୋକ ସଜ୍ଜା, ବାଣ ରୋଶଣୀର ଆଡମ୍ବରପୂର୍ଣ୍ଣ ପର୍ବରେ ପରିଣତ ହୋଇଛି। ଅହଂଙ୍କାର ଓ ଦର୍ପର ଶବ୍ଦ ଏହି ପର୍ବକୁ ଦୀପଦାନ ପରିବର୍ତେ ବାଣ ଫୁଟାଇ ପ୍ରତିଯୋଗୀତାରେ ପରିଣତ କରିଛନ୍ତି। ଏହି କାନଫୁଟା ଶବ୍ଦ ହୃଦୟ କନ୍ଦରରେ ଆତଙ୍କିତ ସୃଷ୍ଟି କରିବାସହ ମନେ ହୁଏ ସତେ ଯେପରି ଅନ୍ଧାର ରାତିରେ ଆତଙ୍କବାଦର କମାଣ ଗର୍ଜନ। ଏହି ପର୍ବ ଏବେ ଅର୍ଥ ଧ୍ୱଂସର ପର୍ବ, ଯେଉଁ ଧନକୁ ଆମେ ଲକ୍ଷ୍ମୀ ମାନିଥାଉ ତାକୁ ବିନିମୟ କରି ପୋଡିବାରେ ଆମେ ଆନନ୍ଦ ପାଇଥାଉ। ଏବଂ ଏ ପର୍ବକୁ ଆଲୋକର ପର୍ବରୁ ଦୂରେଇ ଦେଇ 'ଶବ୍ଦ ପ୍ରଦୂଷଣ' ଓ 'ବାୟୁ ପ୍ରଦୂଷଣ' ପର୍ବରେ ପରିଣତ କଲୁଣି। ଏ ଅଧମ ଲେଖକର ଲେଖା ଯେ ସମାଜରୁ ଏପରି ଅନୈତିକ ଭାବଧାରାକୁ ରୋକିପାରିବ ବା ବାଣ କାରଖାନା ଯେ ବନ୍ଦ ହୋଇଯିବ ଏହା ଭାବିବା ନିଜର ଧୃଷ୍ଟତା ମାତ୍ର, କିନ୍ତୁ ସମସ୍ତ ଜ୍ଞାନୀଗୁଣୀ ବିବେକୀ ଛାତ୍ରଛାତ୍ରୀ, ଗୁରୁଜନମାନଙ୍କୁ ଏତିକି ନିବେଦନ ଆମ ଭାରତୀୟ ମହା ସଂସ୍କୃତିକୁ ସଠିକ୍‌ଭାବେ ପାଳନ କଲେ ସମାଜ ତଥା ଦେଶର କଲ୍ୟାଣ ସାଧିତ ହେବ। ଅମାବାସ୍ୟାର ଆମ ଅନ୍ଧକାର ଭିତରେ ଆମମାନଙ୍କର ବସ୍ତୁର ଆଲୋକ ସଜାକ୍ଷଣିକ ମାତ୍ର ଆନନ୍ଦ ଦେଇଥାଏ, ମାତ୍ର ଆମ ପାଖରେ ଥିବା ପ୍ରଜ୍ଞାର ଆଲୋକ ନିର୍ବାପିତ ହୋଇଯାଇଥାଏ। ମନେ ପଡ଼ିଯାଏ ଜ୍ଞାନପୀଠ ବିଜୟୀନି ବାଗ୍ମୀ ଲେଖିକା ପ୍ରତିଭା ରାୟଙ୍କରଗୋଟିଏ ଆଲେଖ୍ୟ ଯେଉଁଥିରେ ସେ ନିଜକୁ ଅସହାୟ ମନେକରି ଲେଖିଥିଲେ ଆମର ଦେଶକୁ ଆତଙ୍କବାଦୀଙ୍କ ଲୋଲୁପ ଦୃଷ୍ଟିରୁ ତଥା ଆମର ସୁରକ୍ଷାପାଇଁ ସୀମାନ୍ତରେ ବିନିଦ୍ର ରଜନୀ ବିତାଉଥିବା ଯୋଗୁଁ ଆମେ ଶାନ୍ତି ନିଦକ ଶୋଇପାରୁଛୁ। ସେମାନଙ୍କ ପ୍ରତି, ଦେଶପ୍ରତି ଓ ବୀର ଶହୀଦଙ୍କ ପ୍ରତି ଆମର ସମ୍ମାନ ପ୍ରଦର୍ଶନ କରିବାର ଅବକାଶ ହେଉଛି ଆଜିର ଆଲୋକ ପର୍ବ। ଏହି ପର୍ବର ଦୀପଶିଖା ନିଜେ ଜଳି ସୁଦ୍ଧା ଅନ୍ୟକୁଆଲୋକିତ କରିଥାଏ ଯାହାକୁ ଆମର ବୀର ଯବାନମାନେ ପ୍ରକୃତ ଅର୍ଥରେ ପାଳନ କରିଥାନ୍ତି, "ଆମ ସମସ୍ତିଙ୍କ ଭିତରେ ଦେଶପ୍ରେମ ଉଣା ଅଧିକେ ଅଛି। ଆମେ ସମସ୍ତେ ଈଶ୍ୱର ବିଶ୍ୱାସୀ"। ଗାନ୍ଧିଜୀଙ୍କ ଭାଷାରେ ଦେଶକୁ ଈଶ୍ୱରଙ୍କ ସ୍ଥାନରେ ରଖ, ଦେଖିବ ସମସ୍ତେ ଜଣେ ଜଣେ ଦେଶଭକ୍ତ ପାଲଟିଯିବେ।

ଆମର ଜାତୀୟ ପର୍ବ ଦୀପାବଳି ଭାରତୀୟ ସାଂସ୍କୃତିକ ଜୀବନର ବାର୍ତାବହା ଓଡ଼ିଶା ଭଳି ଏକ କୃଷି ପ୍ରଧାନ, ଧର୍ମ ପ୍ରଧାନ ଓ ପର୍ବପର୍ବାଣୀ ପ୍ରଧାନ ରାଜ୍ୟରେ ଏହାର ଗୁରୁତ୍ୱ ଅବିସ୍ମରଣୀୟ। ଏ ଅଧମ ଲେଖକ ପୁନଶ୍ଚ ଏହି ଲେଖା ମାଧମରେ ମୋର ସମସ୍ତ ରାଜ୍ୟବାସୀଙ୍କୁ ଅନ୍ତରର ନିବୃତ କୋଣରୁ ବିନମ୍ର ନିବେଦନ କରୁଛି ଏ ବର୍ଷର ଆଲୋକର ପର୍ବକୁ ବାସ୍ତବ ଅର୍ଥରେ ଅନ୍ଧକାର ନାଶ ପର୍ବରେ ପାଳନ କରିବାପାଇଁ ସଂଘବଦ୍ଧ ହୁଅନ୍ତୁ ଓ ଏକତାର ହାତ ମିଳାନ୍ତୁ। ବହୁ ଅର୍ଥ ବ୍ୟୟ କରି ଆତସବାଜି ଫୁଟାଇ ପରିବେଶକୁ ଦୂଷିତ କରିବା ପରିବର୍ତେ ଉକ୍ତ ଧନରାଶିକୁ ଦେଶର ସୁରକ୍ଷା ପାଠିଂକୁ ଅଜାଚିତଭାବେ ଦାନକଲେ ଏହା ହିଁ ହେବ ପିତୃପୁରୁଷଙ୍କ ପ୍ରତି ନମ୍ର ଶ୍ରଦ୍ଧାଞ୍ଜଳି ଓ ମା' ମହାଶକ୍ତି କାଳୀଙ୍କ ପ୍ରତି ଅନନ୍ୟ ପ୍ରଣିପାତ। ସମସ୍ତେ ନିଜକୁ ସଚେତନ କରି ପ୍ରତ୍ୟେକ ବୟସ୍କ ବ୍ୟକ୍ତି ନିଜ ନିଜର ପିଲାମାନଙ୍କୁ ଏହି ପର୍ବର ମହନୀୟତା ବୁଝାଇବା ଦରକାର ଫଳରେ ସମାଜ ରାଜ୍ୟ ତଥା ଦେଶ ହସି ଉଠିବ।

**ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ**
**ମେନ୍ ରୋଡ଼, ଖୋର୍ଦ୍ଧା**

# ଦୁନିଆନନାଙ୍କ ଦହିବରା

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ସେକାଳ ଏକାଳ, ଆଖି ପାଉନାହିଁ ସେ ସମୟରେ ଶିକ୍ଷକମାନେ ଦାୟିତ୍ୱବାନ କେମିତି ଥିଲେ, ବର୍ତ୍ତମାନ ସେଇ ସମୟର ଛାତ୍ରମାନେ ତାଙ୍କ ପିଲା ମାନଙ୍କୁ ପାଠ ପଢ଼ାସ୍ଥିତିରୁ ଖର୍ଚ୍ଚରୁ ଓ ସେମାନଙ୍କ ଆଚରଣ ଶିଷ୍ଟାଚାର ବିଜ୍ଞତାରୁ ନିଶ୍ଚୟ ବୁଝି ପାରୁଥିବେ। ନିତ୍ୟ ପାଠ ପଢ଼ିବାବେଳେ ବହୁତ ବାଟଦୂର ହାଇସ୍କୁଲକୁ ପାଦରେ ଚାଲି ଚାଲି ଯିବାକୁ ପଡ଼ୁଥିଲା, ସ୍କୁଲ ଫେରିଲା ବେଳକୁ ଭୋକ ଶୋଷ, କେହି ଥିଲା ଘରର ପିଲା ଜଳଖିଆ ଖାଇବାକୁ ରାସ୍ତା ଦୋକାନରୁ କିଛି ଖାଇବା ପାଇଁ ପଇସା ସର୍ବଦା ଆଣିଲା ବେଳେ ଏପରି ଅନେକ ପିଲା ଏପରି ଖର୍ଚ୍ଚରୁ ବଞ୍ଚିତ ରହୁଥିଲେ। ଅନେକ ଚପଲ ଜୋତା ନଥାଏ, ରାସ୍ତା ବର୍ତ୍ତମାନ ପରି ପିଚୁ ନଥିଲା, ନାଲି ବୋଲଡରନାଲି ଗୋଡ଼ିରେ ରାସ୍ତାରେ ଠାଏ ଠାଏ ବୋଲଡର ରେଙ୍ଗଟି ପଥର ମୁନିଆଁ ଧାରୁଆ ବର୍ଷା ପାଣି ବା ଦ୍ରୁତ ଭାରୀଯାନ ବା ଲଦେଇ ଶଗଡ଼ ପହିଆ, ଯୋଗୁଁ ହୋଇଯାଇଥାଏ, ଖରା ଦିନେ ସକାଳୁଆ ସ୍କୁଲ ଓ ସବୁ ସପ୍ତାହରେ ଶନି ବାରିଆ ସାମୁହିକ ଛାତ୍ର ମାନଙ୍କର ଡ୍ରିଲକ୍ଲାସ ପାଇଁ ସକାଳୁଆ ଛାତ୍ର ମାନଙ୍କ ଧାଉଡି ଛାତ୍ର ମାନଙ୍କୁ ଗୁରୁଜନଙ୍କ ଆକଟ ଓ ଶିକ୍ଷକମାନଙ୍କ ତାଗିଦ ସର୍ବଦା ସମୟାନୁବର୍ତ୍ତୀ କରାଉଥିଲା। ପାଠପଢ଼ା ସହିତ ଶରୀରକୁ ସୁସ୍ଥ ରଖିବା, ସହିତ ଆଚରଣ, ବ୍ୟବହାର ଆଦି ସେକାଳରେ ଶିକ୍ଷକମାନେ ଓ ବିଦ୍ୟାଳୟ, ମାନଙ୍କ ଏକ ନୀତି ଥିଲା। ଆମର ହାଇସ୍କୁଲ ଶ୍ରୀକୃଷ୍ଣ ଏକାଡ଼େମୀ ଏହାର ପ୍ରବେଶ ମୁଖ୍ୟ ପଥରେ ଦକ୍ଷିଣ-ଉତ୍ତର ହୋଇ ପଶ୍ଚିମରେ ଜଗତସିଂହପୁର କଟକ ରାସ୍ତା, ବିଦ୍ୟାଳୟର ପୂର୍ବରେ ମାଛଗାଁ କେନାଲ ଏହାରି ବନ୍ଧର ରାସ୍ତା ଯେପରି ଦକ୍ଷିଣ ଉତ୍ତର ରହିଛି ପୁଣି କେନାଲ ସେପାରିରେ ଅଳକା ନଦୀ, ଏହାର ପାରି ହୋଇ କଚ୍ଚାମାଟି ରାସ୍ତାରେ ପିଲାମାନେ ଅନେକ ଦୂର ଗ୍ରାମରୁ ଏପରିକି ଦେବୀ ନଦୀ ସେପଟରୁ ଅନେକ କଷ୍ଟ ସହି ପାଠ ପଢ଼ିବା ପାଇଁ ଆସୁଥିଲେ। ବର୍ଷା ଦିନର ଗମନାଗମନ ଦୁରବସ୍ଥା ସେତେବେଳର କଥା ଏବେ ଭାବି ହେବନାହିଁ ଚାରି ପୋଲିଆ ପୁନଙ୍ଗ ବଡ଼ବାଗ ସୁଜଙ୍ଗ ଡିଙ୍ଗେଶ୍ୱର ପଟ୍ଟୁ, ଦେବୀ ନଦୀ ପାର ଶାସନପଦା ପଟରୁ ଅନେକ ଛାତ୍ର ଆସୁଥିଲେ, ଜଣେ ନୁହଁ ସେଥିରୁ ଅନେକ ଜଣ ଭାରତୀୟ ପ୍ରଶାସନ ଓ ଓଡ଼ିଶା ପ୍ରଶାସନରେ ବଡ଼ ବଡ଼ ପଦବୀ ଧାରୀ ହୋଇଥିବା ଜଣାଯାଏ, କଷ୍ଟ କଲେ କୃଷ୍ଣ ମିଳେ ଏହା ସତ୍ୟ ହୋଇଛି। ଆଳିପିଙ୍ଗଳ ରାସ୍ତା ସେତେବେଳେ ସେପରି ଉନ୍ନତ ନଥିଲା, ଏଇପଥରେ ପିଲାମାନେ ଚାଲି ଚାଲି ଜଗତସିଂହପୁରର ଏଇ ହାଇସ୍କୁଲକୁ କଷ୍ଟରେ ଆସୁଥିଲେ। ଯେଉଁ ପଥ ଏଇ ସ୍କୁଲ ଠାରୁ ଉତ୍ତରକୁ ଯାଇଛି ଏହାପୁଣି ଥାନା ଛକ ପାଖରେ ଦ୍ୱିଧା ଯେଉଁଟି କାଦୁଅପଡ଼ା ହୋଇ ମାଛଗାଁ ଯାଇଛି ସେଇ ପଟରୁ ଅନେକ ପିଲା ବିଦ୍ୟାଳୟକୁ ଏମିତି ଚାଲି ଚାଲି ଆସୁଥିଲେ, ଯେଉଁ ରାସ୍ତାଟି ଜଇପୁର ଗାମୀ ସେ ପଟୁ ସେପରି ବହୁତ ପିଲା ପାଠ ପଢ଼ିବାକୁ ଆସୁଥିଲେ, କହିବାକୁଗଲେ ୩-୪ ମାଇଲ ବୃତ୍ତ ସଦୃଶ ଭୂମିରେ ଶ୍ରୀକୃଷ୍ଣ ଏକାଡ଼େମୀକୁ ପାଠ ପଢ଼ିବାକୁ ଆସୁଥିଲେ ଏଇ ପିଲାମାନଙ୍କ ଯିବା ଆସିବା ପଥରେ କାଁ ଭାଁ ଛକ ମାନଙ୍କରେ ଛୋଟିଆ କୁଡ଼ିଆ ଘରେ ଗୋଟିଏ ଗୋଟିଏ ଜଳଖିଆ ଦୋକାନ ଥିଲା। ବାପା ମା ଯତକିଞ୍ଚିତ ଖୁଚୁରା ପଇସାରେ ପିଲାମାନେ ଫେରିବା ପଥରେ ସେଠାରୁ ଜଳଖିଆ ଖାଇ ପାଣି ପିଉଥିଲେ, ବର୍ତ୍ତମାନ ପିଲାମାନେ ପାଣି ବୋତଲ ଘରୁ ନେଇକି ଆସିବା ଦେଖା ଯାଉଛି, ଏକ୍ଷଣି ବାହାର ପାଣିକି ବିଶ୍ୱାସ ନାହିଁ, ହେଲେ ତତ୍କାଳ କୁଅପାଣି ନଳକୂଅ ପାଣି ପିଲାମାନେ ପିଉ ଥିଲେ। ଯେଉଁମାନେ ବି ଏବେ ବି ସୁସ୍ଥ ଅଛନ୍ତି। ସେ ଦୋକାନ ଗୁଡ଼ିକର ନାମ ଏବେ ବି ସ୍ମୃତିରେ ଅନେକଙ୍କ ମନରେ ଥିବା ଯଇପୁର ରାସ୍ତା ଜଗତସିଂହପୁରରୁ ଯାଇଥିବା ପଥକଡ଼ରେ ବୀରଭୋପାଙ୍କ ଦୋକାନ କିଛି ପଥଆଗକୁ ଦୁନିଆଁ ନନା ଦୋକାନ ପଡ଼େ, ଏଇ ନନା ଘର ବ୍ରାହ୍ମଣ ଶାସନ ମଧରେ, ସେ ଏଠାରେ ତାଙ୍କର ଏକ କ୍ଷୁଦ୍ର ଦୋକାନ କରିଥିଲେ, ଖରାଦିନେ ଏ ପିଲା ମାନଙ୍କର ତୃଷ୍ଣା ନିବାରଣର ଏକ ବିଶେଷ ଆଶ୍ରା ଥିଲା, ବେଳେ ବେଳେ ଜଳଖିଆ ପିଲାମାନେ ଖାଉଥିଲେ, ସେ ସ୍ୱାଦିଷ୍ଟ ଦହିବରା ପ୍ରସ୍ତୁତ କରି ବିକ୍ରି କରୁଥିଲେ, ଏକ ଅଣାକୁ ଏକ ଦର, ଥରେ ଥରେ ହାଣ୍ଡିରୁ ଦହିବାରା ଶେଷ ବେଳକୁ ପିଲାମାନେ ଗଲେ ଅଧିକ ଦହି ଓ ବରା ସେମିତି ଦେଇଦେଉ ଥିଲେ। ସେତେବେଳେ ଏମିତି କେତେ ଦୋକାନୀ ପିଲାମାନଙ୍କୁ ଶ୍ରଦ୍ଧା ସ୍ନେହ ଦେଖାଉଥିଲେ, ପିଲାମାନେ ସେମାନଙ୍କୁ ସେପରି ମାନୁ ଥିଲେ।



ଆଜିର ଦହିବରା ଓ ତତ୍କାଳ ଦହିବରା ମଧରେ ଅନେକ ତଫାତ ସ୍ୱାଦ ଆକୃତି ଓ ପ୍ରସ୍ତୁତିରେ ରହିଛି, ଯେଉଁମାନେ ସାଲେପୁରର ବିକଳକରଙ୍କ ଦୋକାନର ଦହିବରା ଖାଇଥିବେ ସେ ସ୍ୱାଦ ନିଶ୍ଚୟ ବୁଝି ପାରିବେ। ପୂର୍ବ ସମୟରେ କାହାରି ମୃତାହ ବ୍ରାହ୍ମଣ ଭୋଜନରେ ଯେଉଁ ପଣା ବ୍ୟବସ୍ଥା ଅଛି ସେଥିରେ ଏପରି ଦହିବରାର ଚାହିଦା ଖଞ୍ଜା ଯାଇଛି। ବିବାହ ଭୋଜିରେ ଦହିବରା ବହୁତ କ୍ଷେତ୍ରରେ ଏ ସମୟରେ ଭୋଜନର ଅଂଶ ହେଲାଣି। ବରା ମୂଳ ଉପାଦାନ ବିରି, ବିରି ସମ୍ବନ୍ଧ ସ୍ଥାନ ନାମ ଅନେକ ସ୍ଥାନରେ ଅଛି, ଯଥା ବିରି, ତୋଲ, ବିରିବାଟି, ବିରିଡ଼ି, ଏସବୁ ଲୋକଭାଷାରେ ଆସିଲେ ବି ପ୍ରକୃତରେ ବିରିତୌଲ, ବିରିବାଟିକା ବିରିଡ଼ିହ ଏପରି ଉଚ୍ଚାରଣର ପରିବର୍ତ୍ତନ ହୋଇପାରେ। ଖାଦ୍ୟର ସୌଖିନ ଉପାଦାନରେ ବିରିର ଚାହିଦା ରହି ଆସିଛି, ବିରି ଏକ ରପ୍ତାନି ଶସ୍ୟ। ଢ଼େଙ୍କାନାଳ ବରା ଏବେ ବି ବିଖ୍ୟାତ, କଟକ ସହରରେ ଖ୍ୟାତ ଦହିବରା, ବରା ଆଳୁଦମ ଛକେ ଛକେ ଏବେ ବି ବିକ୍ରି ହେଉଛି, ରଘୁ ଦହିବରା କଟକରେ ଡାକ, ବଡ଼ି, ବିରିରେ ହୁଏ, ବଡ଼ିଚୁରା ପଖାଳ, ଅତି ଆମୋଦି ଖାଦ୍ୟ ବିରିରେ ପୁର ହୋଇ ମଣ୍ଡା ପିଠା, ବିରି ଭାଗରେ ଚକୁଳିପିଠା, ଏଣ୍ଡୁରୀ ପିଠା, ବର୍ତ୍ତମାନର ଇଟିଲିପିଠା, ବଡ଼ ଆକର୍ଷକ ଭୋଜ୍ୟ ପଦାର୍ଥ। ବିରି ଡାଲି ଖୁବ ସ୍ୱାଦିଷ୍ଟ ଓ ପୁରୁଷାର୍ଥ ବର୍ଦ୍ଧକ୍ୟ, ତଡ଼କା, ବିରିରେ ହିଁ ହୁଏ, ବିରିର ଚୋପା, ସୁଖାଲତା ଗୋଖାଦ୍ୟ। ଆଜି ନଦୀ କଣ୍ଡିଆ ନାହିଁ କେହି ବିରି ଚାଷକୁ ଆକୃଷ୍ଟ ହେଉ ନାହାନ୍ତି, ବିରି ଏବେ ଆମଦାନୀର ଶସ୍ୟ ହୋଇଗଲାଣି, ପକା ଶୁଦ୍ଧବିରି ବରା ବଡ଼ି କେବେ ମିଳୁନାହିଁ ମୂର୍ଚ୍ଛନା ବିରିରେ ଏସବୁ ମିଳୁଛି, ହେଲେ ଆମେ ପିଲାକାଳରେ ଯେପରି ବରା, ଦହିବରା ଖାଉଥିଲୁ ତାହା ସପନ ହୋଇ ଗଲାଣି, ସେ ଦୁନିଆଁ ନନାଙ୍କ ପରି ଶୁଦ୍ଧ ଭୋଜ୍ୟ ଜଳଖିଆ ଦୋକାନ ବିଭିନ୍ନ ରାସ୍ତାରେ ଆଉ ନାହିଁ କି ଖାଦ୍ୟ ଦ୍ରବ୍ୟ ଉପରେ ଭରସା ରହୁନାହିଁ।

**'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,**
**ମୋବାଇଲ୍: ୯୪୩୭୦୩୧୨୫୩**

**ମହିଳାଙ୍କ ପାଇଁ ପାକିସ୍ତାନରେ ଅନଲାଇନ 'ଜିହାଦି କୋର୍ସ'**

# ଜୈଶ ଏ ମହମ୍ମଦର ଷଡ଼ଯନ୍ତ୍ର, ଫି' ମାତ୍ର ୫୦୦ ଟଙ୍କା



**ନୂଆଦିଲ୍ଲୀ, ୨୨।୧୦ :** ପାକିସ୍ତାନର ଆତଙ୍କବାଦୀ ସଂଗଠନ ଜୈଶ ଏ ମହମ୍ମଦ ମହିଳାଙ୍କ ନିଯୁକ୍ତି ପାଇଁ ଆରମ୍ଭ କଲା ଅନଲାଇନ ଜିହାଦୀ କୋର୍ସ। ଏହି କୋର୍ସର ନାଁ 'ତୁଫାତ ଅଲ ମୁମିନାତ' ରଖାଯାଇଛି। ଏହାର ନେତୃତ୍ୱ ନେଇଛନ୍ତି ଆତଙ୍କବାଦୀ ମସୁଦ ଆଝାରର ଭଉଣୀ ଓ ଉମର ଫାରୁକର ପତ୍ନୀ। ଜୈଶ ଏହି କୋର୍ସ ପାଇଁ ରଖିଛି ୫୦୦ ଟଙ୍କାର ଫି। କିଛି ସମୟ ପୂର୍ବରୁ ରିପୋର୍ଟ ଆସିଥିଲା ଯେ, ମିଳିତ ଜାତିସଂଘ ଦ୍ୱାରା ଘୋଷିତ ଆତଙ୍କବାଦୀ ସଂଗଠନ ଜୈଶ ଏ ମହମ୍ମଦ ଏକ ମହିଳା ବ୍ରିଗେଡ୍ ପ୍ରସ୍ତୁତ କରୁଛି। ଏହି ମହିଳା ଗୋଷ୍ଠୀର ନାଁ ଜମାତ ଉଲ ମୁମିନାତ ରଖାଯାଇଛି। ବିବରଣୀରୁ ଜଣା ପଡ଼ିଛି ଯେ, ଆତଙ୍କୀ ଗୋଷ୍ଠୀ ଧନ ସଂଗ୍ରହ କରିବା ଓ ନିଜର ମହିଳା ବ୍ରିଗେଡରେ ଅଧିକରୁ ଅଧିକ ମହିଳାଙ୍କ ଭର୍ତ୍ତି ପାଇଁ ଏକ ଅନଲାଇନ ପ୍ରଶିକ୍ଷଣ ଆରମ୍ଭ କରିଛି। ସଂଗଠନକୁ ମଜବୁତ କରିବା ଏବଂ ମହିଳା ବ୍ରିଗେଡରେ ଅଧିକ ମହିଳାଙ୍କ ଭର୍ତ୍ତି ପାଇଁ ଏହି କୋର୍ସ ଆରମ୍ଭ କରାଯାଇଛି। ଏହି ଅନଲାଇନ ପାଠ୍ୟକ୍ରମରେ ସାମିଲ ମହିଳାଙ୍କୁ ଜିହାଦ, ଧର୍ମ ଓ ଇସଲାମ ଦୃଷ୍ଟିକୋଣ ସହ ଅବଗତ କରାଯିବ।ସୂଚନାଯୋଗ୍ୟ, ମସୁଦ ଆଝାର ଅକ୍ଟୋବର ୮ଟାରେ ଜୈଶ-ଏ-ମହମ୍ମଦର ମହିଳା ବ୍ରିଗେଡ ଜମାତ ଏ ଉଲ ମୁମିନାତର ଗଠନ ନେଇ ଘୋଷଣା କରିଥିଲା। ଏହି ମହିଳା ବ୍ରିଗେଡକୁ ଆତ୍ମଘାତୀ/ସିରିଏଲ ବ୍ଲାଷ୍ଟ ହମଲା ପାଇଁ ବ୍ୟବହାର କରାଯାଇପାରେ।

**୧୦ ହଜାର କୋଟିର ଏସ୍-୪୦୦ କିଣିବ ଭାରତ**

# ଭୟରେ ଥରିଲେଣି ପାକ୍-ଚାଇନା



**ନୂଆଦିଲ୍ଲୀ ୨୨।୧୦:** ଅପରେସନ ସିନ୍ଦୂର ବେଳେ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେଇଥିଲା 'ସୁଦର୍ଶନ ଚକ୍ର' ଏସ୍-୪୦୦ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା। ପାକ୍ ବାୟୁସେନା ଯେଉଁସବୁ ମିସାଇଲ୍ ବା ଡ୍ରୋନ୍ ମାଡ଼ କରିଥିଲା, ସେ ସବୁକୁ ଧୂଆଁ କରିଦେଇଥିଲା ଏହି ଅମୋଘ ଅସ୍ତ୍ର। ରୁଷ୍ ହିଁ ଭାରତକୁ ଏହି ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ୍ ଯୋଗାଇ ଦେଇଥିଲା। ଏବେ ରୁଷ୍‌ଠାରୁ ଆହୁରି ଏସ୍-୪୦୦ କିଣିବା ପାଇଁ ସରକାର ଗୁରୁତ୍ୱର ସହ ଚିନ୍ତା କରୁଛନ୍ତି। ଏ ନେଇ ଆଲୋଚନା ମଧ୍ୟ ଆରମ୍ଭ ହୋଇଯାଇଛି। ଏଥର ୧୦ ହଜାର କୋଟି ଟଙ୍କା ମୂଲ୍ୟର ଏସ୍-୪୦୦ କିଣିବା ଲାଗି ଆଲୋଚନା ଚାଲିଛି। ଭାରତୀୟ ବାୟୁସେନା ନିଜ ବାୟୁ ପ୍ରତିରକ୍ଷା ସାମର୍ଥ୍ୟକୁ ଅଧିକ ପ୍ରଭାବୀ ବନାଇବାକୁ ଚାହୁଁଛି। ବାୟୁ ସେନା ଏ ନେଇ ପ୍ରସ୍ତାବ ଦେଇଛି ଏବଂ ଏହା ଉପରେ ପ୍ରତିରକ୍ଷା ମନ୍ତ୍ରଣାଳୟ ବିଚାର କରୁଛି। ସମ୍ଭବତଃ ଆସନ୍ତା ୨୩ ତାରିଖରେ ହେବାକୁ ଥିବା ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ବୈଠକରେ ଏ ନେଇ ବିସ୍ତୃତ ଭାବେ ଚର୍ଚ୍ଚା ହୋଇପାରେ।

ପାକିସ୍ତାନ ସହ ବିବାଦ ବଢ଼ିବା ମଧ୍ୟରେ ଭାରତ ଏହାର ବିକଶିତ ମିସାଇଲ ପ୍ରତିରକ୍ଷା ବ୍ୟବସ୍ଥାକୁ ସମ୍ପ୍ରସାରଣ କରିବାକୁ ଚାହୁଁଛି। ଏ ଦିଗରେ ଏସ୍-୪୦୦ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଭାରତ ୨୦୧୮ରେ ରୁଷ୍‌ଠାରୁ ୫ଟି ଏସ୍-୪୦୦ ସ୍କ୍ୱାଡ୍ରନ୍ କିଣିବା ଲାଗି ଚୁକ୍ତି ସ୍ୱାକ୍ଷର କରିଥିଲା। ଧାର୍ଯ୍ୟ ସମୟରେ ୩ଟି ଯୋଗାଣ ହୋଇଛି। କିନ୍ତୁ ରୁଷ୍-ୟୁକ୍ରେନ୍ ଯୁଦ୍ଧ ଯୋଗୁ ଚତୁର୍ଥ ୟୁନିଟ୍ ଯୋଗାଣ ବିଳମ୍ବିତ ହେଉଛି। ଏ ନେଇ ତ୍ୱରିତ ପଦକ୍ଷେପ ନେବା ପାଇଁ ମସ୍କୋକୁ ନୂଆଦିଲ୍ଲୀ ଅପିଲ୍ କରିଛି।

ତତ୍‌ସହିତ ଆହୁରି ଅଧିକ ଏସ୍-୪୦୦ ଏବଂ ଭବିଷ୍ୟତରେ ଏସ୍୫୦୦ ବ୍ୟବସ୍ଥା ମଧ୍ୟ ହାସଲ ଲାଗି ବିଚାର କରୁଛି ଭାରତ। ଏହାବ୍ୟତୀତ ଭାରତ ନୂଆ ଏୟାର-ଟୁ-ଏୟାର ମିସାଇଲ କିଣିବାକୁ ମଧ୍ୟ ରୁଷ୍ ସହ ଆଲୋଚନା ଜାରି ରଖିଛି। ଚଳିତବର୍ଷ ଡିସେମ୍ବରରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଭାରତ ଗସ୍ତରେ ଆସୁଛନ୍ତି। ଏହି ସମୟରେ ଦୁଇ ରାଷ୍ଟ୍ର ପ୍ରତିରକ୍ଷା ସହଯୋଗ ବଢ଼ାଇବାକୁ ଗୁରୁତ୍ୱ ଦେବେ। ଏଥିସହ ମିଳିତ ଭାବେ ସାମରିକ ହାର୍ଡୱେର ଉତ୍ପାଦନ ନେଇ ଚର୍ଚ୍ଚା କରିବେ ବୋଲି ଆଶା କରାଯାଉଛି।

**ଭୋଟ ପୂର୍ବରୁ ତେଜସ୍ୱୀଙ୍କ ଘୋଷଣା**

# ଜୀବିକା ଦିଦିଙ୍କୁ ମାସିକ ୩୦ ହଜାର ମିଳିବ

## ମିଳିବ ସରକାରୀ ଚାକିରିଆର ମର୍ଯ୍ୟାଦା

## ସବୁ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରାଯିବ



**ପାଟନା, ୨୨।୧୦:** ବିହାରରେ ଭୋଟ୍ ପଡ଼ିବା ପୂର୍ବରୁ ବଡ଼ ଘୋଷଣା କରିଛନ୍ତି ତେଜସ୍ୱୀ ଯାଦବ। ସାମ୍ବାଦିକ ସମ୍ମିଳନୀ କରି ତେଜସ୍ୱୀ ଯାଦବ ଏହି ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି, ଜୀବିକା ଦିଦିଙ୍କୁ ସେ ମାସିକ ୩୦ ହଜାର ଟଙ୍କା ଆଉ ସରକାରୀ ଚାକିରିଆର ମର୍ଯ୍ୟାଦା ଦେବେ। ଏହାସହ ବିହାରରେ ତାଙ୍କ ସରକାର ହେଲେ ସମସ୍ତ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରାଯିବ ବୋଲି କହିଛନ୍ତି ତେଜସ୍ୱୀ ଯାଦବ। ତେବେ ଏହାପୂର୍ବରୁ, ତେଜସ୍ୱୀ ଯାଦବ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ ଯେ, ତାଙ୍କ ସରକାର ଗଠନ ହେବାର ୨୦ ମାସ ମଧ୍ୟରେ ପ୍ରତ୍ୟେକ ପରିବାରକୁ ସରକାରୀ ଚାକିରି ମିଳିବ। ତେଜସ୍ୱୀ ଯାଦବ ନୀତିଶ କୁମାରଙ୍କୁ ଟାର୍ଗେଟ୍ କରିବା ସହିତ କହିଛନ୍ତି, ମହିଳାଙ୍କୁ ଲାଞ୍ଚ ଭାବରେ ୧୦,୦୦୦ ଟଙ୍କା ଦିଆଯାଇଛି, ଯାହାକୁ ଏହି ସରକାର ଫେରାଇନେବେ। ସମଗ୍ର ବିହାର ବର୍ତ୍ତମାନର ସରକାରଙ୍କ ଉପରେ କ୍ରୋଧିତ, ଡବଲ-ଇଞ୍ଜିନ ସରକାର ଭିତରେ ଦୁର୍ନୀତି ଏବଂ ଅପରାଧ ବ୍ୟାପିଛି। ଏହି ସରକାର ଆମର ଯୋଜନାଗୁଡ଼ିକୁ ନକଲ କରିଛି।

ତେଜସ୍ୱୀ ଯାଦବ କହିଛନ୍ତି ଯେ, ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଛି ଏବଂ ଏବେ ନିର୍ବାଚନ ପ୍ରଚାରର ସମୟ ଆସିଛି। ବିହାରର ଲୋକମାନେ ପରିବର୍ତ୍ତନ ଦାବି କରିବାକୁ ସଂକଳ୍ପ ନେଇଛନ୍ତି ଏବଂ ସେମାନେ ଡବଲ-ଇଞ୍ଜିନ ସରକାରରୁ ବିରକ୍ତ। ବେକାରୀ ଏବଂ ମୁଦ୍ରାସ୍ଫୀତି ସମସ୍ୟାର ସମାଧାନ ପାଇଁ ସେ ଅନେକ ଘୋଷଣା କରିଥିଲେ, କିନ୍ତୁ ବର୍ତ୍ତମାନର ସରକାର ତାଙ୍କ ଯୋଜନାଗୁଡ଼ିକୁ ନକଲ କରିଛନ୍ତି।

**● ବିମାନରୁ ଲିକ୍ ହେଲା ତେଲ**

## ବାରାଣସୀରେ ଜରୁରୀ ଅବତରଣ

**ଲକ୍ଷ୍ନୌ, ୨୨।୧୦:** ଆକାଶରେ ଥିବା ବେଳେ ହଠାତ୍ ବିମାନରୁ ତେଲ ଲିକ ହେଲା। ବିମାନରେ ୧୬୬ ଜଣ ଯାତ୍ରୀ ଓ କ୍ରୁ ସଦସ୍ୟ ଥିବାରୁ ସମସ୍ତଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଲା। କିନ୍ତୁ ପାଇଲଟଙ୍କ ଉପସ୍ଥିତି ବୁଦ୍ଧି ଯୋଗୁ ସମସ୍ତେ ସୁରକ୍ଷିତ ଅଛନ୍ତି। ବିମାନଟି ବାରାଣସୀ ଏୟାରପୋର୍ଟରେ ସୁରକ୍ଷିତ ଅବତରଣ କରିଛି। ଇଣ୍ଡିଗୋର ଗୋଟିଏ ବିମାନ ସହ ଏପରି ଘଟଣା ଘଟିଛି। ବିମାନଟି କୋଲକାତାରୁ ଶ୍ରୀନଗର ଯାଉଥିଲା। ପାଇଲଟ ବିମାନକୁ ଗନ୍ତବ୍ୟ ସ୍ଥଳ ଅଭିମୁଖେ ନେଉଥିବା ବେଳେ କ୍ରୁ ସଦସ୍ୟ ପ୍ରଥମେ ଏଥିରୁ ତେଲ ଲିକ ହେଉଥିବା ଦେଖିବାକୁ ପାଇଥିଲା। ଏହି ଖବର ପାଇଲଟଙ୍କ ପାଖରେ ପହଞ୍ଚିବା କ୍ଷଣି ସେ ତୁରନ୍ତ କଣ୍ଟ୍ରୋଲ ରୁମ ସହ ଯୋଗାଯୋଗ କରିଥିଲେ। କଣ୍ଟ୍ରୋଲ ରୁମ ସହାୟତାରେ ଶ୍ରୀନଗର ଯାଉଥିବା ବିମାନଟି ବାରାଣସୀ ଅଭିମୁଖେ ଉଡ଼ାଣ ଭରିଥିଲା। ଦିନ ୪.୧୦ରେ ଏହା ସୁରକ୍ଷିତ ଭାବେ ବାରାଣସୀର ଲାଲ ବାହାଦୂର ଶାସ୍ତ୍ରୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷିତ ଭାବେ ଜରୁରୀ ଅବତରଣ କରିଛି। ଏହି ଘଟଣାରେ କେହି ବି ଆହତ ହୋଇ ନାହାନ୍ତି। ବାରାଣସୀ ପୁଲିସ୍ ଓ ଏୟାରପୋର୍ଟ ଅଧିକାରୀଙ୍କ କହିବା କଥା ଯେ, ପାଇଲଟ ତେଲ ଲିକ୍ ସମ୍ପର୍କରେ ତୁରନ୍ତ ଏୟାର ଟ୍ରାଫିକ କଣ୍ଟ୍ରୋଲକୁ ଜଣାଇଥିଲେ। ଏହାପରେ ଏଟିସି ଜରୁରୀ ଅବତରଣ ପାଇଁ ବିମାନକୁ ଅନୁମତି ଦେଇଥିଲେ।

# ସେନାରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ହେଲେ ନୀରଜ ଚୋପ୍ରା



**ନୂଆଦିଲ୍ଲୀ, ୨୨।୧୦ :** ଅଲିମ୍ପିକ ପଦକ ବିଜେତା ତଥା ଜାଭେଲିନ ଥ୍ରୋ ଖେଳାଳି ନୀରଜ ଚୋପ୍ରାଙ୍କୁ ଲେଫ୍ଟନାଣ୍ଟ କର୍ଣ୍ଣେଲ ଉପାଧି ପ୍ରଦାନ କରାଯାଇଛି। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ସ୍ଥଳସେନା ଅଧକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ଉପସ୍ଥିତିରେ ଭାରତୀୟ ସେନାରେ ସମ୍ମାନଜନକ ଲେଫ୍ଟନାଣ୍ଟ କର୍ଣ୍ଣେଲ ଉପାଧି ପ୍ରଦାନ କରାଯାଇଛି। ଆଜି ସାଉଥ ବ୍ଲକରେ ଅନୁଷ୍ଠିତ ପିପିଙ୍ଗ ସମାରୋହ ଅବସରରେ ଦୁଇଥର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପିପିଙ୍ଗ ସମାରୋହରେ ନୀରଜଙ୍କୁ ଅଫିସିଆଲ ଭାବେ ନୂଆ ରାଙ୍କର ବ୍ୟାଜ୍ ଲଗାଯାଇଥିଲା। ଏହି ସମ୍ମାନ ତାଙ୍କୁ ଖେଳର ଉପଲବ୍ଧି ପାଇଁ ମିଳିଛି। ନୀରଜ କେବଳ ଜଣେ ଭଲ ଆଥଲେଟ ନୁହନ୍ତି ବରଂ ଭାରତୀୟ ସେନା ପାଇଁ ଜଣେ ସମର୍ପିତ ସୈନିକ ମଧ୍ୟ।

ରକ୍ଷାମନ୍ତ୍ରୀ କହିଛନ୍ତି, ନୀରଜ ଅନୁଶାସନ, ସମର୍ପଣ ଏବଂ ଦେଶଭକ୍ତିର ପ୍ରତୀକ। ସେ ଖେଳ ଜଗତ ଏବଂ ସେନା ଦୁଇଟିଯାକ ପାଇଁ ପ୍ରେରଣାଦାୟକ।

ଇଣ୍ଡିଆନ ଗେଜେଟ୍ ଅନୁସାରେ ଏହି ନିଯୁକ୍ତି ଏପ୍ରିଲ ୧୬ ତାରିଖରୁ ପ୍ରଭାବୀ ହୋଇଛି। ନିରଜ ୨୬ ଅଗଷ୍ଟ ୨୦୧୬ରେ ନାୟବ ସୁବେଦର ପଦବୀରେ ଜୁନିୟର କମିଶନଡ ଅଧିକାରୀ ରୂପେ ଭାରତୀୟ ସେନାରେ ଯୋଗ ଦେଇଥିଲେ। ୨ ବର୍ଷ ପରେ ଆଥଲେଟିକ୍ସରେ ତାଙ୍କ ପ୍ରଦର୍ଶନ ଲାଗି ତାଙ୍କୁ ଅର୍ଜ୍ଜୁନ ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ୨୦୨୧ରେ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ତାଙ୍କୁ ଖେଳରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

## ପାକିସ୍ତାନରେ ଟମାଟୋ କିଲୋ ୭୦୦ ଟଙ୍କା




**ଇସଲାମାବାଦ, ୨୨।୧୦ :** ଦେବାଳିଆ ପାକିସ୍ତାନ ବର୍ତ୍ତମାନ ଏକ ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ରିପୋର୍ଟ ଅନୁଯାୟୀ, ପାକିସ୍ତାନର ଲାହୋର ଏବଂ କରାଚୀ ସମେତ ଅଧିକାଂଶ ପ୍ରମୁଖ ସହରରେ ଟମାଟୋ ଏବେ କିଲୋଗ୍ରାମ ପିଛା ୭୦୦ରେ ରେକର୍ଡ ସର୍ବାଧିକ ବିକ୍ରି ହେଉଛି। କିଛି ସପ୍ତାହ ପୂର୍ବରୁ, ଟମାଟୋ କିଲୋଗ୍ରାମ ପିଛା ୧୦୦ ରେ ବିକ୍ରି ହେଉଥିଲା। ଆଫଗାନିସ୍ତାନ ସହିତ ବାଣିଜ୍ୟରେ ବାଧା ଯୋଗୁଁ ମଧ ଟମାଟୋ ମୂଲ୍ୟ ବୃଦ୍ଧିପାଇଛି ବୋଲି ଏଭଳି ସ୍ଥିତିରେ ରହିଛି ପାକିସ୍ତାନ।

ପାକିସ୍ତାନର ବିଭିନ୍ନ ସ୍ଥାନରେ ବନ୍ୟା ଯୋଗୁଁ ଫସଲ ନଷ୍ଟ ହୋଇଛି, ବାଣିଜ୍ୟ ବାଧାପ୍ରାପ୍ତ ହୋଇଛି ଏବଂ ଯୋଗାଣ ଅଭାବ ସୃଷ୍ଟି ହୋଇଛି, ଯାହା ଫଳରେ ଟମାଟୋର ମୂଲ୍ୟ ରେକର୍ଡ ଛୁଇଁଛି। ଆଫଗାନିସ୍ତାନରୁ ପାକିସ୍ତାନକୁ ଟମାଟୋ ଯୋଗାଣ ମଧ ପ୍ରଭାବିତ ହୋଇଛି। ସୀମାରେ ଉତ୍ତେଜନା ଏବଂ ଆଫଗାନିସ୍ତାନ ରପ୍ତାନି ଉପରେ ପ୍ରତିବନ୍ଧକ ପରେ ପାକିସ୍ତାନର ପ୍ରମୁଖ ସହରଗୁଡ଼ିକରେ ଟମାଟୋ ଏବଂ ଅନ୍ୟାନ୍ୟ ପନିପରିବାର ମୂଲ୍ୟ ବୃଦ୍ଧି ପାଇଛି। ପଞ୍ଜାବର ଝେଲମ ଏବଂ ଗୁଜରାନୱାଲାରେ ଟମାଟୋ ମୂଲ୍ୟରେ ସର୍ବାଧିକ ବୃଦ୍ଧି ଘଟିଛି। ଝେଲମରେ ଟମାଟୋ ଦର କିଲୋଗ୍ରାମ ପିଛା ୭୦୦ରେ ପହଞ୍ଚିଛି, ଯେତେବେଳେ ଗୁଜରାନୱାଲାରେ ଟମାଟୋ କିଲୋଗ୍ରାମ ପିଛା ୫୭୫ ରେ ବିକ୍ରି ହେଉଛି। ସେହିଭଳି ଫୈସଲାବାଦରେ ଟମାଟୋ ଦର କିଲୋଗ୍ରାମ ପିଛା ୧୬୦ ଟଙ୍କାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଲାହୋରରେ ଟମାଟୋର ମୂଲ୍ୟ କିଲୋଗ୍ରାମ ପିଛା ୪୦୦ ଟଙ୍କା ଦେଖିବାକୁ ମିଳୁଛି।

**ରାଷ୍ଟ୍ରପତିଙ୍କ ହେଲିକପ୍ଟର ଲ୍ୟାଣ୍ଡିଂ ବେଳେ ଅଘଟଣ**

## ନବନିର୍ମିତ କଂକ୍ରିଟ ହେଲିପ୍ୟାଡରେ ଫସିଲା ହେଲିକପ୍ଟର

**କେରଳ, ୨୨।୧୦ :** କେରଳରେ ରାଷ୍ଟ୍ରପତିଙ୍କ ହେଲିକପ୍ଟର ଲ୍ୟାଣ୍ଡିଂ ବେଳେ ନବନିର୍ମିତ କଂକ୍ରିଟ ହେଲିପ୍ୟାଡରେ ଫସିଲା ହେଲିକପ୍ଟର। ହେଲିକପ୍ଟରକୁ ଠେଲି ଠେଲି ଉଦ୍ଧାର କରିଛନ୍ତି ପୋଲିସ ଏବଂ ଅଗ୍ନିଶମ ଟିମ୍। ବାୟୁସେନା ହେଲିକପ୍ଟର ଓଜନ ଯୋଗୁଁ ହେଲିପ୍ୟାଡରେ ଗୋଟେ ଭାଗ ଧସିଯାଇଥିଲା। ପୋଲିସ ଓ ଅଗ୍ନିଶମ ଟିମ୍ ହେଲିକପ୍ଟରକୁ ଠେଲୁଥିବାରୁ ଭିଡିଓ ସାମ୍ନାକୁ ଆସିଛି।ଖବର ମୁତାବକ, ରାଷ୍ଟ୍ରପତି ଦୌପ୍ରଦୀ ମୁର୍ମୁ କେରଳ ଗସ୍ତରେ ରହିଛନ୍ତି। ସେ ଗତକାଲି କେରଳର ଥିରୁଅନନ୍ତପୁରମରେ ପହଞ୍ଚିବା ପରେ ଆଜି ସାବରିମାଳା ମନ୍ଦିର ଯାଇଥାନ୍ତେ। ପରେ ଆସନ୍ତାକାଲି ଥିରୁଅନନ୍ତପୁରମ ରାଜଭବନରେ ପୂର୍ବତନ ରାଷ୍ଟ୍ରପତି କେଆର ନାରାୟଣଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥାନ୍ତେ। ଏହାଛଡା ରାଷ୍ଟ୍ରପତି କୋଟାୟମ ଜିଲ୍ଲାର ପାଲା ସ୍ଥିତ ଥମାସ କଲେଜର ୭୫ ବର୍ଷ ପୂରଣ ସମାବର୍ତ୍ତନ ଉତ୍ସବରେ ସାମିଲ ହାଇଥାନ୍ତେ। ୨୪ ଅକ୍ଟୋବରରେ ଏର୍ଣ୍ଣାକୁଲମ ସ୍ଥିତ ସେଣ୍ଟ ଟେରସା କଲେଜର ଶତାବ୍ଦୀ ସମାରୋହରେ ସାମିଲ ହେବା ପରେ କେରଳ ଗସ୍ତ ସମାପ୍ତ ହୋଇଥାନ୍ତା।



**● ମୋଦିଙ୍କୁ ଟ୍ରମ୍ପଙ୍କ ଫୋନ୍ କଲ୍**

## ଦୀପାବଳିର ଶୁଭେଚ୍ଛା ଜଣାଇଲେ



**ନୂଆଦିଲ୍ଲୀ, ୨୨।୧୦ :** ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଟ୍ରମ୍ପ ଫୋନ୍ କଲ୍ ମାଧ୍ୟମରେ ଦୀପାବଳିର ଶୁଭେଚ୍ଛା ଜଣାଇଥିଲେ। ଏହି ଆଲୋକର ପର୍ବରେ ଦୁଇଟି ଲୋକତନ୍ତ୍ର ଦୁନିଆର ଆଶାର କିରଣ ହେଉ ଏବଂ ଆତଙ୍କବାଦ ବିରୋଧରେ ଏକତ୍ରିତ ରହୁ ବୋଲି ମୋଦି ତାଙ୍କ ସୋସିଆଲ ମିଡିଆରେ ପେଜରେ ଲେଖିଛନ୍ତି। ସୂଚନାନୁଯାୟୀ, ଆମେରିକା-ଭାରତ ସମ୍ପର୍କ ଖରାପ ହେବା ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଟ୍ରମ୍ପ ଫୋନରେ ଆଲୋଚନା କରିଛନ୍ତି। ଏହାରି ମଧ୍ୟରେ ଆମେରିକା ଲଗାତାର ଭାବେ ଭାରତକୁ ରୁଷରୁ ତେଲ ନ କିଣିବା ପାଇଁ ଚାପ ପକାଉଛି। ଏହା ପରେ ସେ ଏହାକୁ ୟୁକ୍ରେନ ଯୁଦ୍ଧ ଉପରେ ମସ୍କୋକୁ ଅଲଗା କରିବାର ଏକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। କିନ୍ତୁ ଏପରି କୌଣସି ଆଲୋଚନା ହୋଇନଥିବା ବିବୃତ୍ତିକୁ ଭାରତ ଖାରଜ କରି ସ୍ପଷ୍ଟ କରିଛି। ଏଥି ସହିତ ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଦୁଇ ନେତାଙ୍କ ମଧ୍ୟରେ କୌଣସି ଫୋନ୍ କଲ୍ ହୋଇନାହିଁ । ଅନ୍ୟପଟେ ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସରେ ଦୀପାବଳି ପାଳନ କରିଥିଲେ। ଏହାରି ମଧ୍ୟରେ ସେ ଦୀପାବଳିର ଶୁଭେଚ୍ଛା ଜଣାଇଥିଲେ। ଏଥି ସହ ଟ୍ରମ୍ପ କହିଥିଲେ ଯେ, ମୁଁ ଭାରତର ଲୋକମାନଙ୍କୁ ହୃଦୟର ସହିତ ଶୁଭେଚ୍ଛା ଜଣାଉଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ମଧ୍ୟ ଖୁବ୍ କଥା ହୋଇଥିଲେ ଟ୍ରମ୍ପ। ଯେଉଁ ଆଲୋଚନା ବାଣିଜ୍ୟକୁ ନେଇ ରହିଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ମୋଦିଙ୍କୁ ଭଲ ବନ୍ଧୁ ବୋଲି ସମ୍ବୋଧନ କରିଥିଲେ।

**ଏଚ୍-୧ବି ଭିସା ଫି'କୁ ନେଇ ଟ୍ରମ୍ପଙ୍କ ବଡ଼ ଘୋଷଣା**

# ଭାରତୀୟ ଟେକ୍ ଏକ୍ସପର୍ଟଙ୍କୁ ମିଳିବ ଆଶ୍ୱସ୍ତି




**ୱାଶିଂଟନ, ୨୨।୧୦:** ଏଚ୍-୧ବି ଭିସା ଫି'କୁ ନେଇ ଟ୍ରମ୍ପ ବଡ଼ ଘୋଷଣା କରିଛନ୍ତି। ତାଙ୍କର ଏହି ଘୋଷଣା ଛାତ୍ରଛାତ୍ରୀ ଓ ଟେକନିକଲ ଏକ୍ସପର୍ଟଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। ଏହି ନୂଆ ନିୟମ ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛି ଟ୍ରମ୍ପ ପ୍ରଶାସନ। ସେପ୍ଟେମ୍ବର ମାସରେ ଟ୍ରମ୍ପ ଭିସା ଫି ୧୦୦ ଡଲାରକୁ ବୃଦ୍ଧି କରିଥିଲେ। କିନ୍ତୁ ଫି' ଛାଡ଼ ସମ୍ପର୍କରେ କୌଣସି ସ୍ପଷ୍ଟୀକରଣ ମିଳିନଥିଲା। ଯାହା ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। କିନ୍ତୁ ଏବେ ଏହି ସମ୍ପର୍କରେ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ସୂଚନାନୁଯାୟୀ, ଏହି ଫି' କେବଳ ସେପ୍ଟେମ୍ବର ୨୧ ପରେ ଆମେରିକା ବାହାରେ ରହୁଥିବା ନୂତନ ଏଚ୍-୧ବି ଭିସା ଆବେଦନକାରୀଙ୍କ ପାଇଁ ଲାଗୁ କରାଯିବ। ଆମେରିକାରେ ଷ୍ଟାଟସ୍ ପରିବର୍ତ୍ତନ କରୁଥିବା ବ୍ୟକ୍ତିଙ୍କ ପାଇଁ ୧ଲକ୍ଷ ଡଲାର ଫି' ଛାଡ଼ କରାଯିବ। ଏହାରି ମଧ୍ୟରେ ୟୁଏସସିଆଇଏସ୍ ସ୍ପଷ୍ଟ କରିଛି ଯେ, 'ଷ୍ଟାଟସ୍ ପରିବର୍ତ୍ତନ' ମାମଲା ପାଇଁ ଏହି ଫି' ଲାଗୁ ହେବ ନାହିଁ। ଏହା ବ୍ୟତୀତ ଯେତେବେଳେ ଜଣେ ବ୍ୟକ୍ତି ଦେଶ ନଛାଡି ଯଦି ଗୋଟିଏ ଭିସାରୁ ଅନ୍ୟ ଗୋଟିଏ ଭିସା ପରିବର୍ତ୍ତନ କରୁଛନ୍ତି ତେବେ ଏହି ଫି' ଛାଡ଼ ଲାଗୁ ହେବ ନାହିଁ। ଅତ୍ୟନ୍ତ ଦୁର୍ଲଭ ସମୟରେ ଏହି ଶୁଳ୍କ ଛାଡ଼ କରାଯିବ ବୋଲି କୁହାଯାଇଛି।

ଟ୍ରମ୍ପ ସେପ୍ଟେମ୍ବର ୧୯ରେ ନୂତନ ଏଚ୍-୧ବି ଭିସା ଫି' ଲାଗୁ କରିଥିଲେ। ଯାହାକୁ ନେଇ ବିବାଦ ସୃଷ୍ଟି କରିଥିଲା। ଫି' ଛାଡ଼ ଉପରେ କୌଣସି ସ୍ପଷ୍ଟୀକରଣ କରାଯାଇନଥିଲା। କିନ୍ତୁ ଟ୍ରମ୍ପଙ୍କ ସ୍ପଷ୍ଟୀକରଣ ପରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। ଯାହା କେବଳ ଭାରତୀୟ ଛାତ୍ରଛାତ୍ରୀଙ୍କୁ ନୁହେଁ ବରଂ ଟେକ୍ ଏକ୍ସପର୍ଟସମାନଙ୍କୁ ମଧ୍ୟ ଲାଭ ଦେବ।

# ବେଙ୍ଗାଲୁରୁରେ ଓଡ଼ିଆ ଦମ୍ପତିଙ୍କ ମୃତ୍ୟୁ



**ବେଙ୍ଗାଲୁରୁ, ୨୨।୧୦:** ଓଡ଼ିଶାରୁ ଯାଇ ବେଙ୍ଗାଲୁରୁରେ ରହୁଥିବା ଲିଭ ଇନ ଦମ୍ପତିଙ୍କ ମୃତଦେହ ସେମାନଙ୍କ ଭଡ଼ା ଘରୁ ମିଳିଛି। ଏହି ଲିଭ ଇନ ଦମ୍ପତି ଦକ୍ଷିଣ ବେଙ୍ଗାଲୁରୁର ଜିଗାନିରେ ଘର ଭଡ଼ା ନେଇ ବେଶ କିଛି ମାସ ହେଲା ରହୁଥିଲେ। ହେଲେ ସୋମବାର ସେମାନଙ୍କ ମୃତଦେହ ଘର ଭିତରୁ ମିଳିଥିବା ବେଳେ ପୁଲିସ୍ ଏହାର ତଦନ୍ତ ଆରମ୍ଭ କରିଛି। ପାରିବାରିକ କଳହରୁ ଲିଭ ଇନ ଦମ୍ପତି ଆତ୍ମହତ୍ୟା କରିଥିବା ପୁଲିସ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତ ଦୁଇ ଜଣ ହେଲେ ୨୫ ବର୍ଷୀୟ ସୀମା ନାୟକ ଓ ୨୩ ବର୍ଷୀୟ ରାକେଶ ନାୟକ। ଉଭୟଙ୍କ ଘର ଓଡ଼ିଶାରେ। ରାକେଶ ବେଙ୍ଗାଲୁରୁରେ ଥିବା ଗୋଟିଏ ଘରୋଇ ସିକ୍ୟୁରିଟୀ ସିର୍ଭିସ ଫାର୍ମରେ କାମ କରୁଥିଲେ। ସେହିପରି ସୀମା ସ୍ଥାନୀୟ ଅଞ୍ଚଳରେ ଥିବା ଗୋଟିଏ ସୁପର ମାର୍କେଟରେ କାମ କରୁଥିଲେ। ରାକେଶ ନିୟମିତ ମଦ ପିଉଥିବାରୁ ଏହାକୁ ନେଇ ସୀମାଙ୍କ ସହ ତାଙ୍କର ପାଟିତୁଣ୍ଡ ହେଉଥିଲା। ସୀମା ଓ ରାକେଶଙ୍କ ସହ ଜଣେ ବନ୍ଧୁ ମଧ୍ୟ ରହୁଥିଲେ। କିନ୍ତୁ ସୀମା ଓ ରାକେଶଙ୍କ ଝଗଡ଼ା ଯୋଗୁ ସେ ଶୁକ୍ରବାର ଠାରୁ ଘରୁ ଚାଲି ଯାଇଥିଲେ। ପାରିବାରିକ କଳହ ଯୋଗୁ ରାକେଶ ପ୍ରଥମେ ଜୀବନ ହାରିଥିଲେ। ଏହାପରେ ସୀମା ମଧ୍ୟ ଆତ୍ମହତ୍ୟା କରିଛନ୍ତି ବୋଲି ପୁଲିସ୍ ସନ୍ଦେହ କରୁଛି। ଜିଗାନି ପୁଲିସ୍ ଗୋଟିଏ ମାମଲା ରୁଜୁ କରିବା ସହ ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସାଉଦି ଆରବରେ 'କଫାଲା ସିଷ୍ଟମ' ଶେଷ

**ନୂଆଦିଲ୍ଲୀ, ୨୨।୧୦:** ସାଉଦି ଆରବ ଆନୁଷ୍ଠାନିକ ଭାବେ ୫୦ ବର୍ଷ ପୁରୁଣା କଫାଲା ସିଷ୍ଟମକୁ ଶେଷ କରିଛି। ଏହି ବ୍ୟବସ୍ଥାକୁ ଆଧୁନିକ ଯୁଗର ଗୁଲାମୀ କୁହାଯାଉଥିଲା। ଏହି ବ୍ୟବସ୍ଥା ଅନୁଯାୟୀ ବିଦେଶୀ କର୍ମଚାରୀଙ୍କ ଉପରେ ସେମାନଙ୍କ ନିଯୁକ୍ତିଦାତାଙ୍କ ପୂର୍ଣ୍ଣ ନିୟନ୍ତ୍ରଣ ରହୁଥିଲା। ଏପରିକି ସେମାନଙ୍କ ପାସପୋର୍ଟ ମଧ୍ୟ ନିଜ ପାଖରେ ରଖିପାରୁଥିଲେ ଓ କେବେ ଚାକିରି ବଦଳାଇ ପାରିବେ ଏବଂ ଦେଶ ଛାଡ଼ି ପାରିବେ ତାହା ମଧ୍ୟ ନିଷ୍ପତ୍ତି ନେଉଥିଲେ। ଏହି ନିଷ୍ପତ୍ତି ଦ୍ୱାରା ୨୫ ଲକ୍ଷ ଭାରତୀୟଙ୍କ ସମେତ ୧୩ ନିୟୁତ ବିଦେଶୀ ଶ୍ରମିକଙ୍କୁ ବଡ଼ ଆଶ୍ୱସ୍ତି ମିଳିବ।

**ଦୁର୍ଗାପୁର ମାମଲାରେ ନୂଆ ତଥ୍ୟ**

# ପୀଡ଼ିତାଙ୍କ ପୋଷାକରେ ସହପାଠୀଙ୍କ ଯୌନରସ

## ହୋଇନାହିଁ ଗଣଦୁଷ୍କର୍ମ, ଅଭିଯୁକ୍ତଙ୍କ ଜାମିନ ଖାରଜ

## ୨୪ ଅକ୍ଟୋବରରେ ହେବ ଅଭିଯୁକ୍ତଙ୍କ ଟିଆଇ ପରେଡ



**କୋଲକାତା, ୨୨।୧୦(ସଂଚାର ବ୍ୟୁରୋ):** ପୁଲିସ ପୂର୍ବରୁ ସ୍ପଷ୍ଟ କରିସାରିଛି ଯେ, ଏହା ଗଣଦୁଷ୍କର୍ମ ନୁହେଁ। ଫରେନସିକ୍ ପରୀକ୍ଷାରେ ପୀଡ଼ିତାଙ୍କ ପୋଷାକରେ ସହପାଠୀଙ୍କ ଯୌନ ରସର ନମୁନା ମିଳିଛି। ତେବେ, ସମସ୍ତ ଅଭିଯୁକ୍ତଙ୍କ ପୋଷାକର ଫରେନସିକ୍ ପରୀକ୍ଷା ରିପୋର୍ଟ ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇନାହିଁ।

ପୀଡିତାଙ୍କୁ ତାଙ୍କ ସହପାଠୀ ହଷ୍ଟେଲରୁ ପ୍ରଲୋଭିତ କରି କଲେଜ ପଛପଟ ଜଙ୍ଗଲରେ ଦୁଷ୍କର୍ମ କରିଥିଲେ। ସେହି ସମୟରେ ଅନ୍ୟ ଅଭିଯୁକ୍ତମାନେ ସେହି ଅଞ୍ଚଳ ଦେଇ ଯାଉଥିଲେ। ଯେତେବେଳେ ସେମାନେ ସେମାନଙ୍କୁ ଅଟକାଇଥିଲେ, ସହପାଠୀ ଛାତ୍ରୀକୁ ଛାଡି ପଳାଇ ଯାଇଥିଲେ। ଅଭିଯୁକ୍ତମାନେ ଛାତ୍ରୀକୁ ଚାପୁଡ଼ା ମାରିଥିଲେ। ସେମାନେ ତା'ର ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ସେମାନେ ଟଙ୍କା ଦାବି କରିଥିଲେ। ଛାତ୍ରୀକୁ ଦୀର୍ଘ ସମୟ ଅଟକ ରଖାଯାଇଥିଲା, ଏହି ଆଶାରେ ଯେ, ତାଙ୍କ ସହପାଠୀ ଫେରିବେ। ଯେତେବେଳେ ସହପାଠୀ ବହୁତ ସମୟ ପରେ ମଧ ଫେରି ନଥିଲା, ସେମାନେ ଛାତ୍ରୀକୁ ଛାଡି ଦେଇଥିଲେ। ପୁଲିସ ଜଣାଇଛି ଯେ, ସହପାଠୀ ବ୍ୟତୀତ ଅନ୍ୟ ପାଞ୍ଚଜଣ ଅଭିଯୁକ୍ତ ଦୁଷ୍କର୍ମରେ ଜଡିତ ନୁହଁନ୍ତି। ଅଭିଯୁକ୍ତମାନେ କହିଛନ୍ତି ଯେ, ସେମାନେ ସମସ୍ତ ପ୍ରକାରର ପରୀକ୍ଷା କରିବାକୁ ଇଚ୍ଛୁକ। ସେମାନେ ହିଁ ପୁଲିସକୁ ଡିଏନଏ ପରୀକ୍ଷା କରିବାକୁ ଦାବି କରିଛନ୍ତି। ଫରେନସିକ୍ ପରୀକ୍ଷା କରାଯାଉ। ପୁଲିସ ଦ୍ୱାରା ପଚରାଉଚରା ସମୟରେ ପାଞ୍ଚ ଜଣ ଅଭିଯୁକ୍ତ କହିଛନ୍ତି ଯେ, ସେହି ପୁଅ ଏବଂ ଝିଅ ବହୁତ ଅଭଦ୍ର ଏବଂ ନିୟମିତ ଭାବରେ କ୍ୟାମ୍ପସ ପଛ ପାର୍ଶ୍ୱ ଜଙ୍ଗଲକୁ ଶାରୀରିକ ସମ୍ପର୍କ ରଖିବା ପାଇଁ ଯାଆନ୍ତି।

ଅନ୍ୟପକ୍ଷରେ ପୀଡିତାଙ୍କ ବୟାନକୁ ଏକ ଉପକରଣ ଭାବରେ ବ୍ୟବହାର କରି ସ୍ୱତନ୍ତ୍ର ସରକାରୀ ଓକିଲ ବିଭାସ ଚାଟାର୍ଜୀ କୋର୍ଟରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ। ପୀଡିତାଙ୍କ କିଛି ବୟାନକୁ ଉଦ୍ଧୃତ କରି ସେ ଯୁକ୍ତି ଦେଇଥିଲେ ଯେ କୌଣସି 'ଗଣଦୁଷ୍କର୍ମ' ହୋଇନାହିଁ। କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଏହା ପରେ, କୋର୍ଟ ସହପାଠୀ ସମେତ ତିନି ଅଭିଯୁକ୍ତଙ୍କୁ ୨୭ ଅକ୍ଟୋବର ପର୍ଯ୍ୟନ୍ତ ଜେଲ ହେପାଜତରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ, ମଙ୍ଗଳବାର ଦିନ ଅନ୍ୟ ଦୁଇ ଅଭିଯୁକ୍ତ ଶେଖ୍ ରିଆଜୁଦ୍ଦିନ୍ ଏବଂ ଶଫିକ୍ ଶେଖଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସେମାନଙ୍କୁ ୨୭ ଅକ୍ଟୋବରରେ ପୁଣି ଦୁର୍ଗାପୁର ମହକୁମା କୋର୍ଟରେ ହାଜର କରାଯିବ।

ବୁଧବାରର ଶୁଣାଣିରେ, ପୀଡିତାଙ୍କ ସହପାଠୀ ୱାସିଫ ଅଲିଙ୍କ ପକ୍ଷରୁ କୋଲକାତା ହାଇକୋର୍ଟର ଓକିଲ ପ୍ରଜ୍ଞାନାଦୀପ ରାୟ କୋର୍ଟରେ ଉପସ୍ଥିତ ଥିଲେ। ସେ ଏହି ଆଧାରରେ ଜାମିନ ଆବେଦନ କରିଥିଲେ ଯେ ସହପାଠୀ ପୀଡିତାଙ୍କ ସହିତ ପରିଚିତ ଥିଲେ। ଅତିରିକ୍ତ ମୁଖ୍ୟ ସେସନ୍ସ ଜଜ୍ ରାଜୀବ ସରକାର ଏହାକୁ ଖାରଜ କରି ଦେଇଥିଲେ। ଅନ୍ୟ ତିନି ଅଭିଯୁକ୍ତଙ୍କ ପକ୍ଷରୁ ଆଇନଗତ ସହାୟତା ସେବାର ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ପୂଜା କୁର୍ମି ମଧ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ବୋଲି କହି ଜାମିନ ଆବେଦନ କରିଥିଲେ, କିନ୍ତୁ କୋର୍ଟ ଏହାକୁ ମଧ ଖାରଜ କରିଦେଇଥିଲେ। ଓକିଲ ସହପାଠୀଙ୍କୁ ଛାଡ଼ି ବାକି ପାଞ୍ଚ ଅଭିଯୁକ୍ତଙ୍କ ଟିଆଇ ପରେଡ୍ ପାଇଁ ଅନୁରୋଧ କରିଥିଲେ। କୋର୍ଟ ଟିଆଇ ପରେଡ୍ ପାଇଁ ୨୪ ଅକ୍ଟୋବର ଧାର୍ଯ୍ୟ କରିଛନ୍ତି।

## ଜଳିଗଲା ଡ୍ରେସ ଦୋକାନ



ଗୁଣୁପୁର,୨୨।୧୦ (ସଂଚାର ବ୍ୟୁରୋ): ହୁତ ହୁତ ହୋଇ ଜଳିଗଲା ଡ୍ରେସ ଦୋକାନ। ଗୁଣୁପୁର ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ଡ୍ରେସ ଦୋକାନରେ ଲାଗିଛି ଭୟାବହ ଅଗ୍ନିକାଣ୍ଡ। ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଡ୍ରେସ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିବା ପରେ ତିନି ମହଲା କୋଠା ଉପରେ ଫସି ରହିଥିଲେ ୪ ଜଣ। ଗୁଣୁପୁର ଓ ଗୁମଡ଼ା ଦୁଇଟି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୪ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପରେ ନିଆଁକୁ ଲିଭାଇଥିଲେ। ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

## ଯୁବତୀଙ୍କୁ ଅପହରଣ ଉଦ୍ୟମ ପଣ୍ଡ, ଯୁବକ ଅଟକ

**ଯାଜପୁର,୨୨।୧୦(ସଂଚାର ବ୍ୟୁରୋ):** ଯୁବତୀଙ୍କୁ ଅପହରଣ ଉଦ୍ୟମ ପଣ୍ଡ ହୋଇଛି। ଜଣେ ଯୁବକ ଏହି ଘଟଣାରେ ଅଟକ ଅଛି। ଏଭଳି ଘଟଣା ଘଟିଛି ଯାଜପୁର ଧର୍ମଶାଳା ଥାନା କଣ୍ଟାମାଳିଆ-ଥାନୁଆଳ ନିକଟରେ। ଗତକାଲି ରାତିରେ ଜଣେ ଯୁବତୀ ଓ ଜଣେ ମହିଳା ସ୍କୁଟିରେ ଘରକୁ ଫେରୁଥିଲେ। ରାସ୍ତାରେ ଯାଉଥିବା ସମୟରେ ହଠାତ ଏକ ବାଇକରେ ଜଣେ ଯୁବକ ଆସି ତାଙ୍କୁ ରାସ୍ତାରେ ଅଟକାଇଥିଲେ। ଏହି ସମୟରେ ପଛରେ ଏକ ଧଳା ରଙ୍ଗର କାର ଆସି ଯୁବତୀଙ୍କୁ ଭିତରକୁ ଜୋରଜବରଦସ୍ତ ଟେକି ନେଇଥିଲେ। ଯୁବତୀ ଜଣକ ପାଟି କରିବା ଫଳରେ ରାସ୍ତାରେ ଯାଉଥିବା ଜଣେ ଯୁବକ ତାଙ୍କୁ କାର ଭିତରୁ ଉଦ୍ଧାର କରିଥିଲେ। ପରେ କାରଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ତେବେ ଯୁବତୀ ଜଣକ ଉପସ୍ଥିତ ବୁଦ୍ଧି ଖଟାଇ ବାଇକରେ ଥିବା ଯୁବକଙ୍କ ଚାବି ରଖିଦେବାରୁ ସେ ଆଉ ଯାଇପାରି ନଥିଲେ। ଧର୍ମଶାଳା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସଂପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ ଅପହରଣକାରୀମାନେ କିଏ, ଯୁବତୀଙ୍କୁ ଅପହରଣ କରିବା ପଛରେ ଉଦ୍ଦେଶ୍ୟ କ'ଣ, ତାହା ସ୍ପଷ୍ଟ ଜଣାପଡ଼ିନି।

● ସାମାଜିକ କର୍ମୀଙ୍କ ଅସାମାଜିକ କାର୍ଯ୍ୟ

## ଜବରଦଖଲ ଉଚ୍ଛେଦକୁ ବିରୋଧ

**ଭଦ୍ରକ,୨୨।୧୦ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ତହସିଲ ଅଧୀନସ୍ଥ ମୌସୁଧା ଗ୍ରା.ପ.ର ଫାର୍ଶୀବନ୍ଧ ଗ୍ରାମର ଜନୈକ ସାମାଜିକ କର୍ମୀଙ୍କ ଅସାମାଜିକ କାର୍ଯ୍ୟକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ପ୍ରଶାସନ ପକ୍ଷରୁ ସରକାରୀ ଅନାବାଦୀ ଜମିକୁ ଅବରୋଧମୁକ୍ତ କରୁଥିବା ବେଳେ ନିଜକୁ ବିଭିନ୍ନ ସମୟରେ ସାମାଜିକ ଓ ସୂଚନାଅଧିକାର କର୍ମୀ ଭାବରେ ପରିଚୟ ଦେଉଥିବା ସୁରେଶ ଚନ୍ଦ୍ର ନାୟକ ନିଜ ଗ୍ରାମ ଗୋଚର ଜମିରେ (ଖାତା ନଂ-୧୬୨, ପ୍ଲଟ୍ ୫୧୭) ଘେରା କରି ପକ୍କାଗୃହ ନିର୍ମାଣ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାରଙ୍କୁ ଫଟୋଚିତ୍ର ସହିତ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସେ ବେଆଇନ କାର୍ଯ୍ୟରୁ ନିବୃତ ନହେବାରୁ ତାଙ୍କ ନାମରେ ଅବରୋଧ ମକଦମା ରୁଜ୍ଜୁ ହୋଇଥିଲା। ସମ୍ପୃକ୍ତ ଜମିରୁ ଅବରୋଧ ହଟାଇବାକୁ ନୋଟିସ୍ କରାଯାଇଥିଲା। ତାହା ସେ ଅମାନ୍ୟ କରିବାରୁ ପ୍ରଶାସନ ପକ୍ଷରୁ ପୋଲିସ୍ ସହାୟତାରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଅବରୋଧକାରୀଙ୍କ ପ୍ରରୋଚନାରେ ତାଙ୍କର ସମର୍ଥକମାନେ ଉଚ୍ଛେଦକୁ ବିରୋଧକରି ବାଧା ସୃଷ୍ଟି କରିଥିଲେ। ଫଳରେ ପ୍ରଶାସନ ଆଂଶିକ ଭାବରେ ପୋତାଯାଇଥିବା ଖୁଣ୍ଟକୁ ଓପାଡିଥିଲେ କିନ୍ତୁ ଜମିରେ ଥିବା ଅର୍ଦ୍ଧନିର୍ମିତ ଘରକୁ ଭାଙ୍ଗି ନପାରି ଫେରି ଆସିଥିଲେ।

# ବିଜେପିରେ ମିଶିଲେ ୫ ବିଜେଡି ସରପଞ୍ଚ



ଭଞ୍ଜନଗର,୨୨।୧୦(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ବୁଧବାର ବିରୋଧୀ ଦଳର ବହୁ କର୍ମୀଙ୍କ ସମେତ ବିଜେଡି ସମର୍ଥିତ ୫ ଜଣ ସରପଞ୍ଚ ଓ ସମିତିସଭ୍ୟ ଦଳ ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି। ଏଥିସହ ଭଞ୍ଜନଗର ଏନ୍ଏସିର ପୂର୍ବତନ ଅଧ୍ୟକ୍ଷ ସୁଧୀର ରଞ୍ଜନ ବେହେରା ଏବଂ ତାଙ୍କ ସମର୍ଥକ ମଧ୍ୟ ବିଜେପିରେ ଯୋଗ ଦେଇଛନ୍ତି। ହରିଗଡ଼, ଗାଲେରୀ, ବାରୁଡ଼ା, ବ୍ରାହ୍ମଣପଦରର ସରପଞ୍ଚ ଓ ସାନକୋଦଣ୍ଡ ସମିତିସଭ୍ୟ ବିଜେପିରେ ଯୋଗ ଦେଇଛନ୍ତି। ମିଶ୍ରଣ ପର୍ବ ପୂର୍ବରୁ ସେମାନେ ନିଜ ସମର୍ଥକମାନଙ୍କୁ ନେଇ ଶୋଭାଯାତ୍ରାରେ ସଭାସ୍ଥଳକୁ ଆସିଥିଲେ। ଏନେଇ କଲେଜ ରୋଡ୍ ବିଡେକା ପଡ଼ିଆରେ ମିଶ୍ରଣ ପର୍ବ ହୋଇଥିଲା। ଏଥିରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଏବଂ ବିଧାୟକ ପ୍ରଦ୍ୟୁମ୍ନ ନାୟକ ଯୋଗଦେଇ ନୂତନ ନେତା ଓ କର୍ମୀଙ୍କୁ ସ୍ୱାଗତ କରିଥିଲେ। ଏଥିସହ ନବାଗତ, ପୁରୁଣା ନେତା ଓ କର୍ମୀଙ୍କୁ ନେଇ ମିଳିମିଶି ଆଗକୁ ବଢ଼ିବା ବୋଲି ଉଭୟ ନେତା କହିଥିଲେ। ମଞ୍ଚରେ ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ସାଂଗଠନିକ ଜିଲା ବିଜେପି ସଭାପତି ନୀଳମାଧବ ପାତ୍ର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପ୍ରସାଦ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଜଗନ୍ନାଥପ୍ରସାଦ ବ୍ଲକ ଉପାଧ୍ୟକ୍ଷ ନୀଳାଚଳ ଖିଲାର, ଏମ୍‌ପି ପ୍ରତିନିଧି ମହେନ୍ଦ୍ର ପଣ୍ଡା, ରବୀନ୍ଦ୍ର ଗୌଡ଼, ସନ୍ତୋଷ ତିଆଡ଼ି, ଧୋବା ଗୌଡ, ଶିବ ଶଙ୍କର ପ୍ରଧାନ, ସମସ୍ତ ମଣ୍ଡଳ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

● ଜରିପାଲ ତଳେ ଚାଲିଛି ଶୈଶବ ଶିକ୍ଷା

## ୪ ବର୍ଷ ହେଲା ସରୁନି ଅଙ୍ଗନବାଡି କେନ୍ଦ୍ର ନିର୍ମାଣ

ଭଦ୍ରକ,୨୨।୧୦(ସଂଚାର ବ୍ୟୁରୋ): ଧାମରା ଅଞ୍ଚଳରେ ଏକ ଅଙ୍ଗନବାଡି କେନ୍ଦ୍ର ଦୀର୍ଘ ୪ବର୍ଷ ହେବ ନିର୍ମାଣାଧୀନ ଥିବା ବେଳେ ଏହା କେବେ ଶେଷ ହେବ ଏବଂ ଏହି କେନ୍ଦ୍ରରେ ଛୋଟ ଛୋଟ ପିଲାମାନେ ବସି ଖେଳିବା ସହ ପାଠ ପଢ଼ିବେ ସେ ନେଇ ଅଞ୍ଚଳବାସୀ ଅଭିଯୋଗ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ କିଛି ଶୁଣୁନାହିଁ। ଲିଖିତ ଅଭିଯୋଗ ଅନୁଯାଇ କଇଥଖୋଲା ପଞ୍ଚାୟତ ପୂର୍ଣ୍ଣ ପ୍ରସାଦ ଗ୍ରାମରେ ଥିବା ମଣ୍ଡଳ ସାହି ଠାରେ ଥିବା ଅଙ୍ଗନବାଡି କେନ୍ଦ୍ରର ସ୍ଥାୟୀ ଗୃହ ନିର୍ମାଣାଧୀନ ଥିବା ବେଳେ ଦୀର୍ଘ ୪ବର୍ଷ ହେବ ଏକ ଅପନ୍ତରା ସ୍ଥାନରେ ଜରିପାଲ ତଳେ ପିଲାମାନେ ବସି ଖେଳିବା ସହ ପାଠ ପଢ଼ୁଛନ୍ତି। ମାତ୍ର ଏହି ଅପନ୍ତରା ସ୍ଥାନରେ ବର୍ଷା ଦିନରେ ବସିବା ସ୍ଥାନରେ ପାଣି ଜମା ହୋଇ ରହୁଥିବା ବେଳେ ବର୍ଷା ପାଣିରେ ବିଛା, ସାପ ମଧ୍ୟ ଏହି ଅସ୍ଥାୟୀ କେନ୍ଦ୍ର ମଧ୍ୟରେ ଆସର ଜମାଇ ଆସୁଛନ୍ତି। ଏ ନେଇ ଅଞ୍ଚଳବାସୀ ସମ୍ପୃକ୍ତ ସିଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରତି ଅଙ୍ଗନବାଡି କେନ୍ଦ୍ରକୁ ଗ୍ରାମ କଲ୍ୟାଣ ସମିତିର ଅନୁଦାନ ବାର୍ଷିକ ୧୦ହଜାର ଟଙ୍କା ଅନୁଦାନ ଆସୁଥିବା ବେଳେ ସମ୍ପୃକ୍ତ ଅର୍ଥରାଶି ହଡପ ହୋଇଥିବା ଅଞ୍ଚଳବାସୀ ମଧ୍ୟ ଅଭିଯୋଗ କରିଛନ୍ତି।

## ହାଇୱା ଧକ୍କାରେ ପ୍ରଧାନ ଶିକ୍ଷୟିତ୍ରୀ ମୃତ

**ବାରିପଦା,୨୨।୧୦(ସଂଚାର ବ୍ୟୁରୋ):** ବାରିପଦା ଷ୍ଟେସନ ବଜାର ରୋଡରେ ହାଇୱା ଧକ୍କାରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତ ପ୍ରଧାନ ଶିକ୍ଷୟିତ୍ରୀ ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ଷ୍ଟେସନ ବଜାରର ସିଦ୍ଧେଶ୍ୱର ମିଶ୍ରଙ୍କ ପତ୍ନୀ ରତ୍ନପ୍ରଭା ଷଡ଼ଙ୍ଗୀ। ସେ ପୋଲିସ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଥିଲେ। ବୁଧବାର ସ୍କୁଲ ଛୁଟି ହେବା ପରେ ସ୍ୱାମୀଙ୍କ ସହ ବାଇକ ଯୋଗେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ। କୃଷ୍ଣଚନ୍ଦ୍ର ଗୋଲେଇରୁ ଷ୍ଟେସନ ବଜାର ରାସ୍ତାରେ ଯାଉଥିବା ବେଳେ ସନ୍ଧ୍ୟା ପ୍ରାୟ ୫ ସମୟରେ ଏକ ଦ୍ରୁତଗାମୀ ହାଇୱା ଆସି ପଛରୁ ଧକ୍କା ଦେଇଥିଲା। ଫଳରେ ବାଇକ ପଛରେ ବସିଥିବା ରତ୍ନପ୍ରଭା ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏହାସହିତ ତାଙ୍କ ସ୍ୱାମୀଙ୍କ ଗୋଡ଼ରେ ହାଇୱା ମାଡି ଯାଇଥିଲା।

## ବରଡ଼େଶ୍ୱର ମଣ୍ଡଳର ବୁଥ୍ ପ୍ରମୁଖ କର୍ମଶାଳା

**ଭଦ୍ରକ, ୨୨ ।୧୦(ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ବରଡେଶ୍ୱର ମଣ୍ଡଳର ବିଜେପି ବୁଥ୍ ପ୍ରମୁଖ ମାନଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ କର୍ମଶାଳାକୁ ଦଳର ଭଣ୍ଡାରିପୋଖରୀ ବିଧାନସଭା ନେତା ଡ.ସୁଧାଂଶୁ ଶେଖର ନାୟକ ଉଦ୍‌ଘାଟନ କରି କହିଲେ ବୁଥ୍ ସଭାପତି ଦଳର ମୂଳ ଭିତିଭୂମି, ପଦବୀ ଓ ଦାୟିତ୍ୱକୁ ବୁଥ୍ ସଭାପତି ମାନେ ନିର୍ବାହ କରିବା ମହତ୍ୱ ପୂର୍ଣ୍ଣ ଅଟେ। ଦଳକୁ ଯଶସ୍ୱୀ କରାଇବାରେ ସଭାପତି ମାନେ କର୍ତ୍ତବ୍ୟ ପାଳନ ପୂର୍ବକ କାର୍ଯ୍ୟ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ।

## କାଳୀପୂଜା ମେଳାରେ ପ୍ରେସ୍ ଗ୍ୟାଲେରୀ ଉଦ୍‌ଘାଟିତ

**ଭଦ୍ରକ,୨୨।୧୦(ସଂଚାର ବ୍ୟୁରୋ):** ଭଦ୍ରକ କାଳୀପୂଜା ଅବସରରେ ଆଜି ସନ୍ଧ୍ୟାରେ ଚରମ୍ପା ଟ୍ରାଫିକ ଛକରେ ଭଦ୍ରକ ସାମ୍ବାଦିକଙ୍କ ତରଫରୁ ଆୟୋଜିତ ପ୍ରେସ ଗ୍ୟାଲେରୀକୁ ସ୍ଥାନୀୟ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଉଦଘାଟନ କରିଛନ୍ତି। ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ନିହାର ଦାସ, ପ୍ରମୋଦ ରାୟ, ଦୁର୍ଗା ଶଙ୍କର ବିଶ୍ୱାଳ, ଜ୍ଞାନ ପାଣି, ଅଶ୍ୱିନୀ ପାଢ଼ୀ, ରଶ୍ମି ସାହୁ, ରାଜେଶ ଦାସ, ପ୍ରଦୀପ ଦାସ, ଲାଲା ପ୍ରମୋଦ ରାୟ, ଜାହୀଦ ଖାନ, ଶୁଭବ୍ରତ ଯେନା, ରାମଚନ୍ଦ୍ର ଦାସ, ବରିଷ୍ଠ ଅଧିବକ୍ତା ଗଦାଧର ବଳ ପ୍ରମୁଖ ଯୋଗ ଦେଇଥିଲେ।

# ଛାତ୍ର ସଂସଦ ନିର୍ବାଚନ, ଆଉ ସମ୍ଭବ ନୁହେଁ

**ଭୁବନେଶ୍ୱର,୨୨।୧୦:** ଚଳିତ ଶିକ୍ଷାବର୍ଷରେ ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ଅନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହେବାର ସମ୍ଭାବନା ଅତି କ୍ଷୀଣ। ଆସନ୍ତାବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ ସେକଥା ଏବେଠାରୁ ମଧ୍ୟ ପୂର୍ବାନୁମାନ କରିବା ସମ୍ଭବପର ନୁହେଁ।

ପ୍ରାୟ ଆଠ ବର୍ଷ ଧରି ବିଭିନ୍ନ ଆଳରେ ଓଡିଶାରେ ଛାତ୍ରସଂସଦ ନିର୍ବାଚନ ହେଉନାହିଁ। ବିଶେଷକରି କରୋନା ସମୟରୁ ଆଉ ଏ ଦିଗରେ ସରକାର ମନ ଦେଉନାହାନ୍ତି। ବିରୋଧୀ ଦଳରେ ଥିବାବେଳେ ବିଜେପି ଛାତ୍ରସଂସଦ ନିର୍ବାଚନ ପାଇଁ ଦାବିକରି ଆସୁଥିଲା। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ମଧ୍ୟ ବାରମ୍ବାର ଏହି ଦାବି ଦୋହରାଉଥିଲା। ଡିଏସଓ ସମେତ ବିଭିନ୍ନ ବାମପନ୍ଥୀ ଛାତ୍ର ସଂଗଠନ ଓ ଛାତ୍ର କଂଗ୍ରେସ ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ ଲାଗି ଲଗାତାର ଦାବିହୋଇ ଆସୁଥିବାବେଳେ ଆଇନ୍‌ଶୃଙ୍ଖଳା ସହିତ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ପାଠପଢ଼ା ବାତାବରଣ ଆଦିର ଦ୍ୱାହିଦେଇ ସେତେବେଳେ ବିଜେଡି ତରଫରୁ ଏହି ପ୍ରସଙ୍ଗକୁ ଏଡାଯାଉଥିଲା।

ଗତବର୍ଷ ଜୁନ୍ ମାସରେ ଓଡିଶାରେ ବିଜେପି ସରକାର ଗଠନ କରିବାପରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ଘୋଷଣା କରିଥିଲେ। ତେବେ ଛାତ୍ରସଂସଦ ନିର୍ବାଚନ ପାଇଁ ଭିତ୍ତିଭୂମି ପ୍ରସ୍ତୁତି ଆଳ ଦେଖାଇ ଗତ ଶିକ୍ଷାବର୍ଷରେ ଏହାକୁ ଏଡାଇ ଦିଆଯାଇ ଚଳିତ ଶିକ୍ଷାବର୍ଷରେ ନିଶ୍ଚିତ ଭାବେ ଛାତ୍ରସଂସଦ ନିର୍ବାଚନ ହେବ ବୋଲି କୁହାଯାଇଥିଲା।

ସାଧାରଣତଃ ଦୁର୍ଗାପୂଜା ଛୁଟି ପୂର୍ବରୁ ଛାତ୍ରସଂସଦ ନିର୍ବାଚନ କାର୍ଯ୍ୟ ଶେଷ ହୋଇଥାଏ। ଏହାକୁ ଆଖିଆଗରେ ରଖି ବିଭିନ୍ନ ସେମିଷ୍ଟର ପରୀକ୍ଷାର କାର୍ଯ୍ୟନିର୍ଘଣ୍ଟ ମଧ୍ୟ ନିର୍ଦ୍ଧାରିତ ହୋଇଥାଏ।

ତେବେ ଚଳିତ ଶିକ୍ଷାବର୍ଷରେ ନିର୍ବାଚନ ହେବ ହେବ ବୋଲି ପ୍ରତିଶ୍ରୁତି ଦେଇ ଏହାକୁ ପୂଜାଛୁଟି ପରକୁ ଗଡାଇ ଦିଆଯାଇଥିଲା। ଇତି ମଧ୍ୟରେ ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ରାଜ୍ୟର ପ୍ରମୁଖ ରାଜନୈତିକଦଳ ଏବଂ ସେମାନଙ୍କର ଯୁବ ଛାତ୍ର ସଂଗଠନଆଦି ବ୍ୟସ୍ତ ଥିବାରୁ ଅନ୍ତତଃ ପକ୍ଷେ ନଭେମ୍ବର ୧୫ ପୂର୍ବରୁ ଆଉ ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା କରାଯାଇ ପାରିବନାହିଁ।

ଇତି ମଧ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀ ମଧ୍ୟରେ ପାଠପଢ଼ା ଜୋରଦାର ଚାଲିଥିବାବେଳେ ବିଭିନ୍ନ ବିଷୟର ପରୀକ୍ଷା ବି ମୁଣ୍ଡ ଉପରେ। ଯୁକ୍ତ ଦୁଇ ଲାଗି ଇତି ମଧ୍ୟରେ ପରୀକ୍ଷା କାର୍ଯ୍ୟକ୍ରମ ଆପାତତଃ ଘୋଷଣା ସରିଛି।

ଏହି ଭିତ୍ତିଭୂମିରେ ଆଉ ଏବର୍ଷ ନିର୍ବାଚନ ହୋଇନପାରେ।

ଗୋଟିଏ ପଟେ ସଂଖ୍ୟାଧିକ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନଥିବାବେଳେ ଡିଗ୍ରୀ ଓ ଯୁକ୍ତଦୁଇ ଶିକ୍ଷାନୁଷ୍ଠାନଗୁଡ଼ିକରୁ ଅଧିକାଂଶରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ମାଳ ମାଳ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ମଧ୍ୟ ଖାଲି ପଡିଛି। ଏ ପରିପ୍ରେକ୍ଷୀରେ ଅତିଥି ଅଧ୍ୟାପକ ପାଠପଢ଼ା ପାଇଁ ଏକମାତ୍ର ଭରସା ଥିବା ପରିପେକ୍ଷୀରେ ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କ ମଧ୍ୟରୁ ଅଧିକାଂଶ ଛାତ୍ରସଂସଦ ସପକ୍ଷରେ ନାହାନ୍ତି। ଆଇନ୍‌ଶୃଙ୍ଖଳା ଓ ଶୈକ୍ଷିକ ବାତାବରଣକୁ ସେମାନେ ମୁଖ୍ୟ ପ୍ରସଙ୍ଗ କରୁଥିବାବେଳେ ଅନେକ ଅଭିଭାବକ ବି ନିର୍ବାଚନ ସପକ୍ଷରେ ନାହାନ୍ତି। ଦିଲ୍ଲୀ ସମେତ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହେଉଥିବାବେଳେ ଓଡିଶାରେ କିନ୍ତୁ ଏହା ହୋଇପାରୁ ନାହିଁ। ଏଥିଲାଗି ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ଉଚ୍ଚମାନର ନାକ୍ ଗ୍ରେଡିଂ ପାଇବାରୁ ମଧ୍ୟ ବଞ୍ଚିତ ହେଉଥିବା କୁହାଯାଉଛି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୬୩ ଯାତ୍ରୀଙ୍କ...

ସହିତ ଧକ୍କା ଖାଇଥିଲା। ଦୁର୍ଘଟଣା ପରେ ଯୁଦ୍ଧକାଳିନଭିତ୍ତି ଘଟଣାସ୍ଥଳରେ ଉଦ୍ଧାର ଏବଂ ରିଲିଫ୍ ଦଳ ନିୟୋଜିତ କରାଯାଇଛି। ଆହତ ଏବଂ ଫସି ରହିଥିବା ପୀଡିତମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର ଦଳ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ମୃତକଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଜାରି ରହିଛି, ଏବଂ ଆହତମାନଙ୍କୁ ପଶ୍ଚିମ ଉଗାଣ୍ଡାର କିରଆଣ୍ଡୋଙ୍ଗେ ସହରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି।

## ପ୍ରଥମ...

୨୦୨୨ ମାର୍ଚ୍ଚ ୧୭ ତାରିଖରେ ସେ ଓ ଅପର୍ଣ୍ଣା କାର ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିବା ସମୟରେ ଖୁଣ୍ଟୁଣି ଥାନା ଅଧୀନସ୍ଥ ରାଧାକିଶୋରପୁରଠାରେ ଏକ ସଡ଼କ ଦୁର୍ଘଟଣାରେ ପତ୍ନୀଙ୍କର ମୃତ୍ୟୁ ହୋଇଥିବା ଦୀପକ ପୁଲିସ ଆଗରେ କହିଥିଲା। ତଦନ୍ତକାରୀ ଅଧିକାରୀ ଡିଏସପି ଅଜୟ ଦାସ ଏହି ମାମଲାର ସମସ୍ତ ନଥିପତ୍ରକୁ ଜବତ କରିବା ସହ ଅପର୍ଣ୍ଣାଙ୍କ ପରିବାରର ୮ ଜଣ ସଦସ୍ୟ, ଦୁର୍ଘଟଣା ମାମଲାର ତଦନ୍ତକାରୀ ଅଧିକାରୀ, ସାକ୍ଷୀ ଓ ତତ୍କାଳୀନ ଖୁଣ୍ଟୁଣି ଥାନାଧିକାରୀଙ୍କୁ ପଚରାଉଚରା କରିଥିଲେ। ଅପର୍ଣ୍ଣାଙ୍କୁ ମୃତ ଘୋଷଣା କରିଥିବା ଡାକ୍ତର ଓ ମୃତଦେହର ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କୁ ମଧ୍ୟ ସେ ପଚରାଉଚରା କରିଥିଲେ। ଏଥିସହ ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିବା ଦୀପକର ଭାଇ ଓ ଭାଉଜଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା। ଦୀପକର ଧରମ ଭଉଣୀ ତଥା କମିଶନରେଟ ପୁଲିସରେ କାର୍ଯ୍ୟରତ ଜଣେ ମହିଳା କନେଷ୍ଟବଳଙ୍କୁ ବି ଜେରା କରିଥିଲା ପୁଲିସ। କିନ୍ତୁ ଏହା ସତ୍ତ୍ୱେ ବି ପୁଲିସ୍ ଅପର୍ଣ୍ଣାଙ୍କ ମୃତ୍ୟୁ ହତ୍ୟାକାଣ୍ଡଜନିତ ବୋଲି ଜାଣିପାରିନଥିଲା। କିନ୍ତୁ ନିକଟରେ ସେ ଶୁଭ୍ରମିତାଙ୍କୁ ହତ୍ୟା କରିବା ପରେ ତା'ର ଅପରାଧିକ ତଥ୍ୟ ଗୋଟିଏ ପରେ ଗୋଟିଏ ପଦାକୁ ଆସିଥିଲା। ଅନ୍ୟପକ୍ଷରେ ଜେଲ୍‌ରେ ତା'ର ଲାଏ ଡିଟେକ୍ସନ୍ ଟେଷ୍ଟ ହେବ ବୋଲି ମଧ୍ୟ କୁହାଯାଇଛି। ଏହାଦ୍ୱାରା ଦୀପକର ଅପରାଧ ତାଲିକା ଆହୁରି ଲମ୍ବିବା ଆଶା କରାଯାଉଛି।

## ୮ ବର୍ଷ ...

ଉପରେ ସିଏଜିଙ୍କ ଏପରି ଅଭିଯୋଗକୁ ଅର୍ଥନୀତି ସମୀକ୍ଷକମାନେ ଗୁରୁତର ଭାବେ ନେବା ସହ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

ସରକାରଙ୍କ ଅର୍ଥ ବିଭାଗ ଗତ ୨୦୧୬ ଫେବୃଆରୀରେ ଜାରି କରିଥିବା ନିର୍ଦ୍ଦେଶନାମା ଅନୁସାରେ ନିଗମଗୁଡିକ ସେମାନଙ୍କ ବାର୍ଷିକ ଲାଭ କିମ୍ବା ସରକାରଙ୍କ ଅଂଶଧନ ଉପରେ ୩୦ ପ୍ରତିଶତ ହିସାବରେ ଉଭୟର ଲାଭାଂଶ ପରିମାଣ ନିର୍ଣ୍ଣୟ କରି ଯାହା ଅଧିକ ହେବ, ତାହାକୁ ଲାଭାଂଶ ଆକାରରେ ସରକାରଙ୍କୁ ପଇଠ କରିବେ। କିନ୍ତୁ ନିଗମଗୁଡିକ ପାଇଁ ଗଠିତ ପରିଚାଳନା ମଣ୍ଡଳୀ ଉପରେ ସରକାରଙ୍କ ନିୟନ୍ତ୍ରଣ ରହୁ ନଥିବାରୁ ନିଗମଗୁଡିକ ମନମାନୀ କରୁଛନ୍ତି। ସିଏଜି ଅଭିଯୋଗ ଉଠାଇ କହିଛନ୍ତି ଯେ ନିଗମଗୁଡିକ ସ୍ୱେଚ୍ଛାକୃତ ଭାବେ ସରକାରଙ୍କୁ ଲାଭାଂଶ ପଇଠ କରୁନାହାନ୍ତି, ଅଥଚ ଅର୍ଥ ବିଭାଗ ନିର୍ଦ୍ଦିଷ୍ଟ ସମୟ ଭିତରେ ଲାଭାଂଶ ପାଇବା ପାଇଁ ନିଗମଗୁଡିକୁ ଆବଶ୍ୟକୀୟ ଚିଠିପତ୍ର ବି ଦେଇନାହିଁ। ରାଜ୍ୟ ସରକାରଙ୍କ ପ୍ରଣୀତ ନୀତିନିୟମକୁ ନିଗମଗୁଡିକ ସ୍ପଷ୍ଟ ଉଲ୍ଲଂଘନ କରି ମନଇଚ୍ଛା କାର୍ଯ୍ୟ କରୁଥିବା ନେଇ ମଧ୍ୟ ଖବର ପ୍ରକାଶ ପାଇଛି। ଯନ୍ତ୍ରୀମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ସରକାର ପ୍ରଣୟନ କରିଥିବା ନିୟମକୁ ନିଗମଗୁଡିକ ଖୋଲାଖୋଲି ଉଲ୍ଲଂଘନ କରୁଥିବାରୁ ଯନ୍ତ୍ରୀମାନେ ବି ଅଳସୁଆ ହୋଇଯାଇଛନ୍ତି।

ଏ ସଂକ୍ରାନ୍ତରେ ବରିଷ୍ଠ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ସିଏଜିଙ୍କ ଅଭିଯୋଗ ରାଜ୍ୟ ବିକାଶ ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରେ। କାରଣ ରାଜ୍ୟର ୪୦ଟି ନିଗମ ବିଭିନ୍ନ କ୍ଷେତ୍ରରେ ଓଡ଼ିଆ ମାନବ ସମ୍ବଳକୁ ଦକ୍ଷ ଓ ଯୋଗ୍ୟସମ୍ପନ୍ନ କରିବା ଉଦ୍ଦେଶ୍ୟରେ ଗଠିତ ହୋଇଥିଲେ ବି ସେମାନେ ଏବେ ଲକ୍ଷଚ୍ୟୁତ ହୋଇଛନ୍ତି। ଜନସ୍ୱାର୍ଥକୁ ଅଣଦେଖା କରି ସ୍ୱଜନପୋଷଣ ନୀତିରେ ନିଗମଗୁଡ଼ିକୁ ପରିଚାଳନା କରାଯାଉଛି। ନିଗମଗୁଡିକର ସୁପରିଚାଳନା ଓ ନିୟନ୍ତ୍ରଣ ପାଇଁ ସାଧାରଣ ଉଦ୍ୟୋଗ ବିଭାଗ, ସମ୍ପୃକ୍ତ ସାଶନ ବିଭାଗ ଓ ଅର୍ଥ ବିଭାଗକୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ସେମାନେ ନିଜ କାମ ବି ଠିକ୍ ଭାବେ କରୁନାହାନ୍ତି।

ତେବେ ସିଏଜିଙ୍କ ସହ ଶ୍ରୀ ମହାପାତ୍ର ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ସହମତ ହୋଇନାହାନ୍ତି। ରାଜ୍ୟର ସମସ୍ତ ନିଗମ ସରକାରଙ୍କୁ ଲାଭାଂଶ ପଇଠ ଦେବାକୁ ବାଧ୍ୟ ହୋଇଥିଲେ ମଧ୍ୟ ଓସିପିଏଲ ଏଥିପାଇଁ ବାଧ୍ୟ ନୁହେଁ। କାରଣ ଓସିପିଏଲ ପରିଚାଳନା କରୁଥିବା ମନୋହରପୁର କୋଇଲାଖାଣିକୁ ଓପିଜିସିର ବିଦ୍ୟୁତ ଉତ୍ପାଦନ ପାଇଁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ 'କୋଇଲାଖଣି ବିଶେଷ ବ୍ୟବସ୍ଥା ଆଇନ-୨୦୧୫' ଧାରା ୨୦ ଅନୁସାରେ ଆବଣ୍ଟନ କରିଛନ୍ତି। ଧାରା ୨୦ ଓ ଏଥିପାଇଁ ପ୍ରଣିତ ହୋଇଥିବା ନୀତିନିୟମ ଅନୁସାରେ କୋଇଲା ଖଣି ପରିଚାଳନାରୁ ମିଳୁଥିବା ବାର୍ଷିକ ଲାଭକୁ ଓସିପିଏଲ ଜନସ୍ୱାର୍ଥ ପରିପୂରଣ କରିବା ପାଇଁ ବିନିଯୋଗ କରିବ। ଅର୍ଥାତ ଓପିଜିସିରୁ ଉତ୍ପାଦିତ ବିଦ୍ୟୁତ ମୂଲ୍ୟ ହ୍ରାସ କରିବା ପାଇଁ ଓସିପିଏଲ ଲାଭକୁ ବିନିଯୋଗ କରାଯିବ। କିନ୍ତୁ ଏସବୁ ବିଷୟ ଯଥା- ଓସିପିଏଲର ଗଠନ, କୋଇଲାଖଣି ଆବଣ୍ଟନ, ସିଏଜିଙ୍କ ୧,୮୬,୦୦୦ କୋଟିଟଙ୍କା କୋଲଗେଟ ସ୍କାମ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ୨୦୪ କୋଇଲା ଖଣି ବାତିଲ, ସିବିଆଇ ମାମଲା ଏବଂ କୋଇଲା ଖଣି ପରିଚାଳନା ଉପରେ ଓଡ଼ିଶା ଏଜି ଆବଶ୍ୟକୀୟ ତଥ୍ୟ ଯାଞ୍ଚ ନ କରି ଓସିପିଏଲକୁ ଉକ୍ତ ଲିଷ୍ଟରେ ଅନ୍ତର୍ଭୁକ୍ତ କରିଦେଇଛନ୍ତି। ଓଡିଶା ଏଜି ଓ ରାଜ୍ୟ ସରକାର ଯଦି ଏଥିପ୍ରତି ଦୃଷ୍ଟି ନଦେଇ ଓସିପିଏଲର ଲାଭାଂଶକୁ ଗ୍ରହଣ କରନ୍ତି, ତା'ହେଲେ ଏହା ଅନ୍ୟ ଏକ କୋଲଗେଟ ସ୍କାମକୁ ଜନ୍ମ ଦେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଏ ସଂକ୍ରାନ୍ତ ଅଭିଯୋଗକୁ ଶ୍ରୀ ମହାପାତ୍ର ଏଜି, ସିଏଜି ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି।

## ତଦନ୍ତ...

ପତ୍ନୀ ଦୀପ୍ତିମୟୀ ସାହୁ ହାଇକୋର୍ଟରେ ଆଗୁଆ ଜାମିନ୍ ଆବେଦନ କରିଥିଲେ ହେଁ ଆଜି ଏହା ନାମଞ୍ଜୁର ହୋଇଯାଇଛି। ଏହି ମାମଲାର ଶୁଣାଣି ବେଳେ କୋର୍ଟ ଦୀପ୍ତିମୟୀଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହୋଇ ସ୍ୱତନ୍ତ୍ର ଆବେଦନ ଦାଖଲ କରିବାକୁ କହିଛନ୍ତି। ଏହି କେଲେଙ୍କାରୀ ସାମ୍ନାକୁ ଆସିବା ପରେ ଉଭୟ ଶଙ୍କର ଓ ଦୀପ୍ତିମୟୀ ଫେରାର୍ ଅଛନ୍ତି ଓ ସେମାନଙ୍କୁ ଠାବ କରିବା ସକାଶେ କ୍ରାଇମ୍ ବ୍ରାଞ୍ଚ୍ ତନାଘନା ଚଳାଇଛି। ଶଙ୍କର ପୁଲିସ୍ ଏସ୍ଆଇ ପରୀକ୍ଷା ପରିଚାଳନା ଦାୟିତ୍ୱ ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ପକ୍ଷରୁ ପାଇଥିବା ପଞ୍ଚସଫ୍ଟ କମ୍ପାନୀର ମୁଖ୍ୟ ହୋଇଥିବା ବେଳେ ସେ ଏହି ର୍‍ୟାକେଟ୍‌ର ମାଷ୍ଟରମାଇଣ୍ଡ୍ ରହିଛି। ତେବେ ଶଙ୍କର ଇତିମଧ୍ୟରେ ଦୁବାଇ ଫେରାର୍ ହୋଇଯାଇଥିବା କୁହାଯାଉଛି।

## ଷଡ଼ଯନ୍ତ୍ର...

ଶୂନ୍ୟଚନ୍ଦ୍ର ଦାସଙ୍କ ଘରେ ଭଡ଼ାରେ ରଖାଯାଇଥିଲା। ସେମାନେ ମେଡିକାଲ କାମରେ ଆସିଛନ୍ତି ବୋଲି ମଳୟ ବିଷୋୟୀ କହିଥିଲେ। ମାତ୍ର ଶୂନ୍ୟଚନ୍ଦ୍ର ଦାସଙ୍କର ବିହାରରୁ ଆସିଥିବା ଲୋକଙ୍କୁ ସନ୍ଦେହ ହୋଇଥିଲା। କିନ୍ତୁ ମଳୟ କହିଥିବାରୁ ସେ କିଛି ବି କହିପାରି ନ ଥିଲେ। ଅନ୍ୟପଟେ ବିହାରରୁ ଆସିଥିବା ଶାର୍ପ ଶୁଟର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ମାରିବାରେ ସଫଳ ହୋଇ ପାରିନଥିଲେ। ମାତ୍ର ୨ ଶହ ମିଟର ଦୂରରେ ରହି ଫେରିଯାଇଥିଲେ। ଏହାପରେ ସେମାନଙ୍କ ମଧ୍ୟରୁ ଜଣଙ୍କର ପତ୍ନୀର ଗର୍ଭପାତ ହେବାରୁ ସେ ବିହାର ଫେରିଯାଇଥିଲା। ଫଳତଃ ପୀତବାସ ହତ୍ୟାକାଣ୍ଡ ପାଇଁ ପ୍ରସ୍ତୁତ ହୋଇଥିବା ପ୍ଲାନ୍-ଏ' ଫେଲ୍ ମାରିଥିଲା। ତେଣୁ ଏଥିସକାଶେ ସ୍ଥାନୀୟ ଶାର୍ପ ସୁଟରଙ୍କୁ ନେଇ ପ୍ଲାନ୍-ବି' ପ୍ରସ୍ତୁତ କରାଯାଇଥିଲା, ଯାହାକି ଗତ ୬ ତାରିଖରେ ଫଳବତୀ ହୋଇଥିଲା।

ଅକ୍ଟୋବର ୬ ତାରିଖରେ ମର୍ଡର ପ୍ଲାନ୍ କାର୍ଯ୍ୟକାରୀ ହୋଇଥିଲା। ଏଥିପାଇଁ ଚିଣ୍ଟୁ ପ୍ରଧାନ ବେଙ୍ଗାଲୁରୁରୁ ଆସିଥିଲେ। ଆଉ ତାଙ୍କ ସହ ଯୋଡ଼ି ହୋଇଥିଲେ କୁରୁପତି ଭୂୟାଁ। ଘଟଣା ଦିନ ନୂଆ ଡ୍ରେସ, ନୂଆ ଜୋତା ପିନ୍ଧି ବାଇକ୍‌ରେ ଆସିଥିଲେ ଏବଂ ପୀତବାସଙ୍କୁ ଅଟକାଇ ନମସ୍କାର କରିଥିଲେ। ଏହାପରେ ପଏଣ୍ଟ ବ୍ଲାଙ୍କ୍ ଦୂରରୁ କୁରୁପତି ଭୂୟାଁ ଗୁଳି ଚଳାଇଥିଲେ ଏବଂ ଚିଣ୍ଟୁ ପ୍ରଧାନ ଗାଡ଼ି ଡ୍ରାଇଭ୍ କରିଥିଲେ। ସେଠାରୁ ଫେରାର୍ ମାରିବା ପରେ ଶୀତଳାପଲ୍ଲୀରେ ଡ୍ରେସ୍ ବଦଳାଇଥିଲେ ସେଠାରୁ ପୁରୁଷୋତ୍ତମପୁର ଦେଇ ରାମେଶ୍ୱରମରେ ପହଞ୍ଚିଥିଲେ। ସେଠାରୁ ସେମାନେ ପୁରୀ ଚାଲିଯାଇଥିଲେ।

ଘଟଣାରେ ବ୍ୟବସାୟୀ ତଥା ବିକ୍ରମଙ୍କ ବ୍ୟାବସାୟିକ ବନ୍ଧୁ ସୁଦର୍ଶନ ଜେନା, ଶାର୍ପ ଶୁଟର କୁରୁପତି ଭୂୟାଁ ଓ ସବୁ ଅପରାଧୀଙ୍କୁ ଏକାଠି କରିଥିବା ଉମା ବିଷୋୟୀ ଫେରାର ଥିବା ଏସ୍‌ପି ଡା. ବିବେକ ବ୍ରହ୍ମପୁର ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କଠାରୁ ଗୋଟିଏ ମାଉଜର, ହତ୍ୟାରେ ବ୍ୟବହୃତ ଦେଶୀ କାଟା ବନ୍ଧୁକ, ୩ଟି ଗୁଳି, ୬ଟି ମୋବାଇଲ୍ ଫୋନ୍, ହତ୍ୟା ସମୟରେ ଅଭିଯୁକ୍ତମାନେ ପିନ୍ଧିଥିବା ପୋଷାକ ଜବତ ହୋଇଛି। ହତ୍ୟା ପଛରେ ପୁଞ୍ଜିଭୂତ କ୍ରୋଧ ରହିଛି। ବ୍ୟକ୍ତିଗତ, ରାଜନୈତିକ ଓ ଆର୍ଥିକ ଶତ୍ରୁତା ପାଇଁ ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯାଇଛି। ଏକଦା ଭଲ ବନ୍ଧୁ ଥିବା ପୀତବାସ ଓ ବିକ୍ରମ କଂଗ୍ରେସରେ କାର୍ଯ୍ୟ କରୁଥିଲେ। ତେବେ ପରବର୍ତ୍ତୀ ସମୟରେ ପୀତବାସ ବିଜେପିରେ ଯୋଗଦେବା ପରେ ଓ ବାର୍ ଆସୋସିଏସନ୍‌ରେ ଦବ୍‌ଦବା ନେଇ ସେମାନଙ୍କ ମଧ୍ୟରେ ଶତ୍ରୁତା ବୃଦ୍ଧି ପାଇଥିଲା, ଯାହାକି ଶେଷରେ ପୀତବାସଙ୍କ ହତ୍ୟାକାଣ୍ଡର କାରଣ ବନିଥିଲା। ଅଭିଯୁକ୍ତଙ୍କ ବିରୋଧରେ ଅନେକ ତଥ୍ୟ ଓ ପ୍ରମାଣ ମିଳିଛି। ଉକ୍ତ ତଥ୍ୟ ଓ ପ୍ରମାଣ କୋର୍ଟରେ ଦାଖଲ କରାଯିବ ବୋଲି ଏସପି ଡା. ବିବେକ କହିଛନ୍ତି।

## ଦୁଇ ଜେଲ୍...

ଚୋରି ଉଦ୍ୟମ, ହତ୍ୟା ଧମକ ଅଭିଯୋଗରେ ଝାଡ଼ଖଣ୍ଡ ବୋକାରୁ ଅଞ୍ଚଳର ଗିରଫ ହୋଇଥିବା ବିଚାରାଧୀନ ଅଭିଯୁକ୍ତ ଦୀପକ କୁମାର ରାଏ ଫେରାର୍ ହୋଇଯାଇଥିଲା। ଫେରାର ହେବାର ୧୨ ଘଣ୍ଟାରେ ଫେରାର ଅଭିଯୁକ୍ତ ଧରା ପଡି ନାହିଁ। ଦୀପକକୁ ସିମୁଳିଆ ପୁଲିସ ୧୯ ଗତ ତାରିଖରେ ଗିରଫ କରି ସୋରୋ ଜେଲକୁ ପଠାଇଥିଲା। ପୁଲିସ ବିଭିନ୍ନ ସ୍ଥାନ ଖୋଜାଖୋଜି ଜାରି ରଖିଛି।

ଖୁବ୍‌ଶୀଘ୍ର ଫେରାର କଏଦୀକୁ ଧରିବା ପାଇଁ ପୁଲିସ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନ ଉପରେ ନଜର ରଖାଯାଇଥିବା ନେଇ ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିବାକର ସୂଚନା ଦେଇଛନ୍ତି। ଜେଲ ଓ ଷ୍ଟାଫ୍ ସମସ୍ୟା ସହ କିପରି ପରିସ୍ଥିତିରେ କଏଦୀ ଫେରାର ହେଲା, ସେନେଇ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଦିବାକର ପ୍ରକାଶ କରିଥିଲେ। ଜେଲର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଦୁଇ ଜେଲ ୱାର୍ଡର୍‌ଙ୍କୁ ନିଲମ୍ବିତ କଲେ ଜେଲ ଡିଜି। ଜେଲ ଆଇଜି ଘଟଣାସ୍ଥଳ ପରିଦର୍ଶନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜେଲ ଡିଜି ସୁଶାନ୍ତ ନାଥଙ୍କ ସୂଚନା।

ତେବେ ଏହା ପୂର୍ବରୁ ୨୦୨୩ ଫେବ୍ରୁଆରୀରେ ବିଚାରାଧୀନ କଏଦୀ ସତ୍ୟଜିତ ମଳିକ, ୨୦୨୨ ସେପ୍ଟେମ୍ବରରେ ଦୁଷ୍କର୍ମ ଅଭିଯୁକ୍ତ ଘନ ସିଂ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। କିପରି କେଉଁ ପରିସ୍ଥିତିରେ କଏଦୀ ଫେରାର ହୋଇଗଲେ, ତାହା ତଦନ୍ତ ପରେ ଜଣାପଡ଼ିବ। ଗତକାଲି ସନ୍ଧ୍ୟାରେ ଜେଲରେ ଗଣତି ସମୟରେ ଦୀପକ ନ ଥିବାର ଜେଲର୍ ଜାଣିବାକୁ ପାଇଥିଲେ। ପରେ ରେଳ ଷ୍ଟେସନ, ବସଷ୍ଟାଣ୍ଡ ସହ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇନଥିଲେ। ଜେଲରଙ୍କ ଅଭିଯୋଗ ଅନୁସାରେ, ସୋରୋ ପୁଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଜାରି ରଖିଛି। ଏହି ସବ୍ ଜେଲ୍‌ରେ ମହିଳା ଓ ପୁରୁଷ କଏଦୀଙ୍କୁ ନେଇ ବର୍ତ୍ତମାନ ୨୨୬ ଜଣ କଏଦୀ ରହୁଥିବା ବେଳେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବ ଯୋଗୁଁ କଏଦୀମାନେ ଫେରାର ହୋଇଯାଉଥିବାର ଅଭିଯୋଗ ହେଉଛି।

## ତେଲ...

କରିଛନ୍ତି। ଉଦ୍ଦେଶ୍ୟମୂଳକ ଭାବେ ଡିଆଇଜି ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ପରି ଦୁଇ ଜଣ ବରିଷ୍ଠ ଅଧିକାରୀ ହେଡକ୍ୱାର୍ଟର ଛାଡ଼ି ଚାଲିଯାଇଥିବା ସନ୍ଦେହ କରାଯାଉଛି। ଏନେଇ ଏବେ ଜେଲ ଡିଜି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନାନୁଯାୟୀ, ଡିଆଇଜି ଶ୍ରୀମତୀ ଜେନା ଗତ ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଛୁଟିରେ ଯାଇଥିବା ବେଳେ ସୁପରିଣ୍ଟେଣ୍ଡେଣ୍ଟ୍ ମଧ୍ୟ ସେପ୍ଟେମ୍ବର ୨୬ରୁ ୩୦ ପର୍ଯ୍ୟନ୍ତ ଛୁଟିରେ ଯାଇଥିଲେ। ସେ ଅକ୍ଟୋବର ୧ ମଧ୍ୟାହ୍ନ ୧୨ଟା ସୁଦ୍ଧା ଡ୍ୟୁଟିରେ ଯୋଗଦେବା କଥା। କିନ୍ତୁ ସେ ଜେଲକୁ ଫେରିଲେ ସନ୍ଧ୍ୟାରେ। ଅଧିକନ୍ତୁ ମାତ୍ର ୫ ମିନିଟ୍ ପାଇଁ ଜେଲକୁ ଆସି ସେ ପୁଣି ପଳେଇଯାଇଥିଲେ। ପରଦିନ ଅର୍ଥାତ ଅକ୍ଟୋବର ୨ ତାରିଖ ସକାଳେ ସେ ଜେଲରୁ ୪ ପ୍ୟାକେଟ ସୋରିଷ ତେଲ ଓ ୧୦ଟି ଗାମୁଛା ନେଇ ଜେଲ ଡିଜିଙ୍କୁ ଭେଟିବାକୁ କହି ପଳେଇଯାଇଥିଲେ। ଜେଲ ସିସିଟିଭିରେ ସୁପରିଣ୍ଟେଣ୍ଡେଣ୍ଟଙ୍କ ସବୁ କାର୍ଯ୍ୟକଳାପ କଏଦ ହୋଇଛି। ସିସିଟିଭି ଦେଖିବା ପରେ ଡିଜି ଖୋଳତାଡ଼ ଆରମ୍ଭ କରିଥିବା ଜଣାପଡ଼ିଛି। ଯେଉଁ ଦୁଇ କଏଦୀ ଫେରାର ହୋଇଛନ୍ତି, ସେମାନେ ପୂର୍ବରୁ ବିହାର ଜେଲରୁ ମଧ୍ୟ ଗ୍ରୀଲ କାଟି ଫେରାର ହୋଇଥିବାର ରେକର୍ଡ ରହିଛି।

ତେବେ ସବୁଠାରୁ ବଡ଼ କଥା ହେଲା, ଗତ ୨ ତାରିଖ ରାତିରେ ଉକ୍ତ ଦୁଇ କଏଦୀ ଗ୍ରୀଲ କାଟି ଫେରାର ହେଲେ। ସକାଳ ୬ଟା ୩୦ରୁ ଖୋଳତାଡ଼ ଆରମ୍ଭ ହୋଇଥିଲା। ତା'ପରେ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସେ ମିଳିନଥିଲେ। ପୁଲିସ ଜେଲ୍‌ରେ ପହଞ୍ଚି ତଦନ୍ତ କରିବା ପରେ ପାଖାପାଖି ୯ଟା ସମୟରେ ସୁପରିଣ୍ଟେଣ୍ଡେଣ୍ଟ୍ ଜେଲରେ ପହଞ୍ଚିଥିଲେ। ଅର୍ଥାତ ଗତ ସେପ୍ଟେମ୍ବର ୩୦ ତାରିଖରେ ସେ ନାମକୁ ମାତ୍ର ଡ୍ୟୁଟିରେ ଯୋଗଦେଇ ପୁଣି ଦୁଇ ଦିନ ବିନାନୁମତିରେ ଛୁଟି ମାରିନେଲେ। ଉଭୟ ଡିଆଇଜି ଓ ସୁପରିଣ୍ଟେଣ୍ଡେଣ୍ଟ୍ ଏକାବେଳେ ଛୁଟିରେ ଯିବା ଓ ତା' ଭିତରେ ଦୁଇ ଜଣ କଏଦୀ ଫେରାର ହେବା ଏକ ସଂଯୋଗ ନା ଉଦ୍ଦେଶ୍ୟମୂଳକ, ତା'ର ତଦନ୍ତ ହେବା ଆବଶ୍ୟକ।

## ୫ ନାକଚ...

ଓ କଂଗ୍ରେସରୁ ଘାସିରାମ ମାଝୀଙ୍କ ପ୍ରାର୍ଥିପତ୍ର ବଳବତ୍ତର ରହିଛି। ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିରୁ ହେମନ୍ତ ତାଣ୍ଡି, ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନାଙ୍କ ସହ ୮ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ମଧ୍ୟ ଠିକ୍ ରହିଛି। ପ୍ରାର୍ଥିପତ୍ର ଯାଞ୍ଚ ସମୟରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ ଓ ରିଟର୍ଣ୍ଣିଂ ଅଫିସର ସୁର୍ମି ସୋରେନ ଉପସ୍ଥିତ ଥିଲେ।

## ଉଜୁଡ଼ିଗଲା...

ଯାହାକି ଥିଲା ବେଶ୍ ହୃଦୟ ବିଦାରକ। ତେବେ ଏହି ଅଗ୍ନିକାଣ୍ଡର ଠୋସ୍ କାରଣ ନେଇ କିଛି ବି ଜଣାପଡ଼ିନାହିଁ।

ଅପରପକ୍ଷରେ ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ ଭୁବନେଶ୍ୱର ତହସିଲଦାର। ସେ ବିଏମସି ଅଧିକାରୀଙ୍କ ସହ ମିଶି ସର୍ଭେ କରିଥିଲେ। କ୍ଷୟକ୍ଷତି ଆକଳନ ପରେ ସମ୍ପୃକ୍ତ ବେପାରୀମାନଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହାଛଡ଼ା ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମଧ୍ୟ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ।

# ୫ ଶହ ଟଙ୍କାରେ ବ୍ୟାଗ ଭର୍ତ୍ତି ହେଉନି ପରିବା



ହିଞ୍ଜିଳିକାଟୁ/ଗଂଜାମ, ୨୨।୧୦(ସଂଚାର ବ୍ୟୁରୋ): କାର୍ତ୍ତିକ ମାସରେ ପ୍ରାୟ ଘରେ ଆମିଷ ପଶୁନଥିବାରୁ ପରିବା ଦର ଆକାଶ ଛୁଆଁ ହୋଇଯାଇଛି କ୍ଷଯେଉଁ ପରିବା ଗୁଡ଼ିକର ମୂଲ୍ୟ ଶୁଣିଲେ କେଜିଏ ବଦଳେ ଅଧାରେ କାମ ତୁଲ କରିବାକୁ ପଡୁଛି। କେଉଁ ପରିବାକୁ କିଣିବା ଆଉ କେଉଁ ପରିବା ଖାଇବା ତାହା ଏବେ କଷ୍ଟକର ହୋଇପଡ଼ିଛି। ହିଞ୍ଜିଳିକାଟୁରେ ଦୁଇ ସପ୍ତାହ ତଳେ ପରିବା ଦର ଯାହା ଥିଲା ତାହା ଏବେ ଢେର ଅଧିକ ବଢ଼ିଛି। ଯାହାକୁ ନେଇ ଗ୍ରାହକଙ୍କ ଭିତରେ ଅଶାନ୍ତି ଦେଖିବାକୁ ମିଳୁଛି। ୫୦୦ଟଙ୍କାରେ ବି ବ୍ୟାଗ ଅଧା ହେଉନି। ଆବଶ୍ୟକ ଅନୁସାରେ ପରିବା ମିଳୁ ନ ଥିବାବେଳେ ଦର ବଢ଼ିବାରେ ଲାଗିଛି। ଯେପରି ଏହି ଧର୍ମମାସକୁ ପରିବା ବିକାଳି ଚାହିଁ ରହିଥା'ନ୍ତି। ସେପଟେ ବ୍ୟବସାୟୀଙ୍କ କହିବା କଥା, ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ଦର ଅଧକ୍ ରହିଛି।ଅନ୍ୟପଟେ ହିଂଜିଳି ପରିବା ଝୁଡ଼ି ରୂପେ ପରିଚିତ ଥିଲେ ବି ବାହାର ଅଞ୍ଚଳକୁ ରପ୍ତାନୀ ହେଉଥିବାରୁ ଦର ବଢ଼ିବା କଥା ସ୍ଥାନୀୟ ଲୋକେ କହିଛନ୍ତି।

# ଜଳବାୟୁ ପରିବର୍ତ୍ତନ ମନୁ୍ୟଷ ସମାଜ ପାଇଁ ସତର୍କ ଘଣ୍ଟି



ଆନନ୍ଦପୁର, ୨୨।୧୦(ସଂଚାର ବ୍ୟୁରୋ): ଜଳବାୟୁ ପରିବର୍ତ୍ତନ କାରଣରୁ ହୁ ହୁ ହୋଇ ବଢୁଛି ରୋଗ। ସଚେତନ ଅଭାବ ପାଇଁ ହେଉଛି ଜଳବାୟୁ ପରିବର୍ତ୍ତନ। ଲୋପ୍ ପାଇଯିବ କି ପଶୁ ପକ୍ଷୀ ଓ ମଣିଷ ସମାଜ। ନିଜ ଜୀବନ କୁ ନିଜେ ମାରୁଚି ଏହି ମଣିଷ। ରାଜ୍ୟରେ ଜଳବାୟୁ ପରିବର୍ତ୍ତନ ପାଇଁ ଦିନକୁ ଦିନ ନୂଆ ନୂଆ ରୋଗ ଦେଖିବାକୁ ମିଳୁଛି। ଏବଂ ଦିନକୁ ଦିନ ମଧ ରୋଗ ର ସଂଖ୍ୟା ବଢ଼ିବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି ପ୍ଲାଷ୍ଟିକ କୁ ବ୍ୟବହାର କରିବା ପରେ ତାକୁ ପୋଡ଼ିବା ବଦଳି ନଦୀ କୁ ଫିଙ୍ଗି ଦିଆଯାଉଛି। ଫଳରେ ନଦୀ ପାଣି ଦୂଷିତ ହେଉଛି ଏବଂ କିଛି ଅସାମାଜିକ ଲୋକେ ମାଛ କାତି, କୁକୁଡ଼ା ପର ଇତ୍ୟାଦି ପକାଉଥିବାରୁ ପାଣି ର ମାନ କମିଯିବା ସହ ପାଣି କୁ ବ୍ୟବହାର କରି ଅନେକ ଲୋକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅନେକ ସ୍ଥାନରେ ଜଙ୍ଗଲ ଗୁଡ଼ିକୁ ସଫା କରି କଳ କାରଖାନା କରାଯାଉଛି। ଖଳ କାରଖାନା ର ଦୂଷିତ ଧୂଆଁ ପାଇଁ ମଧ ଅନେକ ଲୋକ କିଡନି ରୋଗ, ଶ୍ୱାସ ଜନିତ ରୋଗ, କ୍ୟାନ୍ସର ଭଳି ମାରାତ୍ମକ ରୋଗ ରେ ଆକ୍ରାନ୍ତ ହେଉଥିବା ସହ ଜଳ ବାୟୁ ପରିବର୍ତ୍ତନ ହେଉଛି। ବୋହୂ ମାତ୍ରା ରେ ଗାଡ଼ି ମୋଟର ଚଳା ଚଳ ହେଉଛି। ଗାଡ଼ି ମୋଟର ର ଦୂଷିତ ଧୂଆଁ ପାଇଁ ମଧ ବାୟୁ ମଣ୍ଡଳ ଦୂଷିତ ହେବା ସହ ସେଇ ଧୂଆଁ ନିଃଶ୍ୱାସ ପ୍ରଶ୍ୱସ ରେ ଯାଇ ଅନେକ ରୋଗ ମଧ ହେଉଛି। ଫଳରେ ଏହି ସବୁ କାରଣ ପାଇଁ ବର୍ତ୍ତମାନ ହୁ ହୁ ହୋଇ ବଢୁଛି ରୋଗ। ସଚେତନତା ଅଭାବରୁ ଦିନକୁ ଦିନ ବାୟୁ ମଣ୍ଡଳ ଦୂଷିତ ହେବା ସହ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି ସାଧାରଣ ଲୋକେ। ଯଦି ଏହି ଦିଗରେ ଦୃଷ୍ଟି ଦିଆନଯାଏ ତେବେ ତେବେ ଆଗମୀ ଦିନରେ ଲୋପ୍ ପାଇଜିବ ପଶୁ ପକ୍ଷୀ ଓ ମଣିଷ ସମାଜ। ତେବେ ଖାଲି ଜେ ସବୁ ସରକାରଂକ ଉପରେ ଛାଡ଼ି ଦେବା ତାହା ନୁହେଁ ଆମେ ସଭିଏଁ ମଧ ଏଥି ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ରହିଛି। ଯଦି ଏଥିପ୍ରତି ମଣିଷ ସମାଜ ଦୃଷ୍ଟି ନଦିଏ ତେବେ ନିଜ ଜୀବନ କୁ ନିଜେ ମାରିବ ଏ ମଣିଷ। ଜଳ ବାୟୁ ପରିବର୍ତ୍ତନ ଦ୍ୱାରା ମୌସୁମୀ ଆସିବା ମଧ ବିଳମ୍ବ ହେଉଛି। ଏହାର ପ୍ରଭାବ ମଧ ଚାଷୀକୁଳ ଉପରେ ପଡୁଛି। ଜଳବାୟୁ ପରିବର୍ତ୍ତନ କୁ କିଭଳି ଅଟକାଇ ପରିବା ତାହା ରାଜ୍ୟ ସରକାରଙ୍କ ସହ ସଭିଏଁ ଚିନ୍ତା କରିବା ଆବଶ୍ୟକତା ରହିଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ଆନନ୍ଦପୁର,୨୨।୧୦(ସଂଚାର ବ୍ୟୁରୋ): ଘଷିପୁରା ବ୍ଲକ ଖଲଣା ପଞ୍ଚାୟତ ଆଗର୍ଦା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ଟ୍ରଷ୍ଟି ପୂର୍ଣ୍ଣମାସୀ ମହାରଣା ଙ୍କ ଅଧ୍ୟକ୍ଷତା ରେ ପ୍ରଧାନ ଆଚାର୍ଯ୍ୟା ପ୍ରେମଲତା ସାହୁ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ଗୋପାଳ ଚରଣ ପରିଡ଼ା ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ପ୍ରଦର୍ଶିତ ପ୍ରକଳ୍ପ ଗୁଡ଼ିକ ଅବସର ପ୍ରାପ୍ତ ଶିକ୍ଷକ ଗୋପାଳ ଚରଣ ପରିଡ଼ା ମୂଲ୍ୟାଙ୍କନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିଶୁ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ୪୫ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିଶୁ ମନ୍ଦିର ର ସହକାରୀ ପ୍ରଧାନ ଆଚାର୍ଯ୍ୟା ମିଲାନୀସ୍ମିତା ନାୟକ, ଆଚାର୍ଯ୍ୟା ସସ୍ମିତା ପରିଡ଼ା, ଶ୍ରୁତିଶ୍ରୀ ରାଉତ, ଅନିତା ଓଝା, ପୁଷ୍ପାଞ୍ଜଳୀ ନାୟକ, ଲକ୍ଷ୍ମୀପ୍ରିୟା ବେହେରା, ଆଚାର୍ଯ୍ୟ ଦୁଷ୍ମନ୍ତ ପାଗଡ଼, ସେବିକା ଲୀଳାବତୀ ସାହୁଙ୍କ ସମେତ ଅବିଭାବକ, ଆବିଭାବିକା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ବେଆଇନ ମଦ ୟୁନିଟ୍ ଠାବ

● ବିପୁଳ ଆଇଡି ମଦ ଓ ମହୁଲା ପୋଚୋ ଜବତ



ଖୋର୍ଦ୍ଧା,୨୨।୧୦(ସଂଚାର ବ୍ୟୁରୋ): ବାଣପୁର ପୋଲିସ ଏବଂ ବାଲୁଗାଁ ଅବକାରୀ ଷ୍ଟେସନ ଦ୍ୱାରା ଏକ ମିଳିତ ଅଭିଯାନରେ, ବାଣପୁର ପିଏସ୍ କ୍ଷେତ୍ର ଅଧୀନସ୍ଥ ବ୍ରହ୍ମପଦର କୋଟୁଆଳା ଗ୍ରାମରେ ଅବୈଧ ମଦ କାରବାର ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଚୋରାଧଡ଼ି ସମୟରେ, ପ୍ରବର୍ତ୍ତନ ଦଳଗୁଡ଼ିକ ମହୁଲା ପୋଚୋ ଏବଂ ୧, ୮୨୦ ଲିଟର ର ୧୧, ୦୦+କେଜି ଜବତ ଏବଂ ନଷ୍ଟ କରିଥିଲେ। ଏହି ଅଭିଯାନର ଲକ୍ଷ୍ୟ ଥିଲା ଦେଶୀ ମଦର ଅବୈଧ ଉତ୍ପାଦନ ଏବଂ ବିକ୍ରୟ, ଯାହା ଗୁରୁତର ସ୍ୱାସ୍ଥ୍ୟ ବିପଜ୍ଜନକ ଏବଂ ସାମାଜିକ ସଭାବକୁ ପ୍ରଭାବିତ କରିଥାଏ। ଖୋର୍ଦ୍ଧା ପୋଲିସ ଏକ ମଦମୁକ୍ତ ଏବଂ ଆଇନ ପାଳନକାରୀ ସମାଜ ବଜାୟ ରଖିବା ପାଇଁ ତାର ପ୍ରତିବଦ୍ଧତାକୁ ଦୋହରାଇଛି ଏବଂ ଆଗାମୀ ଦିନରେ ଏପରି ମିଳିତ ଅଭିଯାନ ଜାରି ରହିବ।

## 'ସୁରଭି' ହେଉଛି ପ୍ରତିଭା ବିକାଶର ମଞ୍ଚ



ଅସ୍ତରଙ୍ଗ/କାକଟପୁର, ୨୨।୧୦(ସଂଚାର ବ୍ୟୁରୋ): ଛାତ୍ର ଛାତ୍ରୀ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ କରିବା 'ସୁରଭି' କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ରେ ଅନୁଷ୍ଠିତ ମଣ୍ଡଳ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ରେ ମୁଖ୍ୟବକ୍ତା ଦିବାକର ଛାଟୋଇ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ମଣ୍ଡଳ ଶିକ୍ଷାଧିକାରୀ ଙ୍କ ନିର୍ଦ୍ଦେଶ କ୍ରମେ ଆଞ୍ଚଳିକ ସାଧନ ସଂଯୋଜକ କେନ୍ଦ୍ର ଗୁଡିକରେ ଅନୁରୂପ ଭାବେ 'ସୁରଭି ୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିବା ପରେ ମଣ୍ଡଳ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବୁଧବାର ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ରେ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବିତର୍କ, ବକ୍ତୃତା, ସଙ୍ଗୀତ, ନୃତ୍ୟ,ସୃଜନାତ୍ମକ ଲିଖନ, ହସ୍ତାକ୍ଷର, ଚିତ୍ରାଙ୍କନ ସମେତ ୧୮ଟି ବିଭାଗ ରେ ପ୍ରତିଯୋଗିତା ରେ ବରିଷ୍ଠ ଓ କନିଷ୍ଠ ବିଭାଗରେ କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା।ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଉପାଧକ୍ଷ, ମୁଖ୍ୟବକ୍ତା ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ,ସଂମାନୀତ ଅତିଥି ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ, ଅତିରିକ୍ତ ମଣ୍ଡଳ ଭାରପ୍ରାପ୍ତ ଶିକ୍ଷାଧିକାରୀ,ଅନ୍ୟ ତମ ଅତିଥି ମାନଙ୍କ ମଧ୍ୟରେ ସାଧନ ସଂଯୋଜକ ରବୀନ୍ଦ୍ର ପରିଡା, ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କୃତି ପ୍ରତିଯୋଗୀ ଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।

## ଚାଚତେଇ ସଂଗଠନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ଭଦ୍ରକ,୨୨।୧୦(ସଂଚାର ବ୍ୟୁରୋ): ବନ୍ତ ବ୍ଲକ ଚାରିଗାଁ, ଚକ୍ରାପାଢ଼ୀ, ତେଲନଟୀ, ଇଟୁଆ ଗ୍ରାମକୁ ନେଇ ଗଠିତ ଚାଚତେଇ ସାମାଜିକ ସଂଗଠନ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇଛି। ସ୍ଥାନୀୟ ବାଲିପୋଖରୀ ବଜାରରେ କାଳିପୂଜା ଚାଲିଥିବା ବେଳେ ପରିବେଶକୁ ସଫା ସୁତରା ରଖିବା ନେଇ ସମ୍ପୂର୍ଣ୍ଣ ବଜାର ଅଚଂଳକୁ ସଫେଇ କରାଯାଇଛି। ସଂଗଠନର ଆବାହକ ଯୋଗଗୁରୁ ତଥା ସମିତି ସଭ୍ୟ ଧରଣୀ ଧର କର୍ଜଙ୍କ ତତ୍ତ୍ୱାବଧାନରେ ସଭାପତି ଜୟଦେବ ସାହୁ, ଉପ-ସଭାପତି ପ୍ରଶାନ୍ତ ଦାଶ, ସମ୍ପାଦକ ଅଜୟ ସାହୁ, ସହ-ସମ୍ପାଦକ ଗଜେନ୍ଦ୍ର ସୀତାକାନ୍ତ ଜେନା, ତାପସ୍ ସାହୁ ପ୍ରମୁଖ ସଫେଇ କାର୍ଯ୍ୟରେ ସାମିଲ୍ ଥିବା ବେଳେ ପରିବେଶକୁ ସଫାସୁତରା ରଖିବା ନେଇ ଏଠାକୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କୁ ସଚେତନ କରାଇଥିଲେ।

## ଆରମ୍ଭ ହେଲା ଶ୍ୟାମାକାଳୀ ପୂଜା



ଯାଜପୁର,୨୨।୧୦(ସଂଚାର ବ୍ୟୁରୋ): ଦୀପାବଳି ସହିତ ଯାଜପୁରରେ ଆରମ୍ଭ ହୋଇଛି ପାରମ୍ପରିକ ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣ ପୂଜା। ସହରର ବିଭିନ୍ନ ମଣ୍ଡପ ସାଜିଉଠିଛି ଆଲୋକ ସଜସଜ୍ଜା ଓ ଅଭିଜାତ ତୋରଣରେ। ସମଗ୍ର ଓଡ଼ିଶାରେ ଯାଜପୁର କାଳୀପୂଜା ଏକ ସ୍ୱତନ୍ତ୍ର ପରିଚୟ ରଖିଛି ଓ ଏହି ଉତ୍ସବ ଦେଖିବା ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯାଜପୁର ସହରକୁ ଆସୁଛନ୍ତି। ଚଳିତ ବର୍ଷ ୪୪ଟି ମଣ୍ଡପରେ ମା' ଶ୍ୟାମାକାଳୀ ଓ ପ୍ରଭୁ ଲକ୍ଷ୍ମୀନାରାୟଣଙ୍କ ପୂଜା ହେଉଛି। ବଡ଼ ମୀନାବଜାର ନଥିଲେ ମଧ୍ୟ ବିଭିନ୍ନ ମଣ୍ଡପ ନିକଟରେ ଛୋଟ ମେଳା ଓ ମିନି ଫେୟାର ଆୟୋଜନ କରାଯାଇଛି। ୧୧ଟି ପୂଜା ମଣ୍ଡପରେ ଚାନ୍ଦି ମେଢ଼ ଆକର୍ଷଣ ସୃଷ୍ଟି କରିଛି। ନାରାୟଣ ଛକ ପୂଜା ମଣ୍ଡପ ଏବେ ସହରର ଗୋଲ୍ଡେନ୍ ଜୁବିଲି ପାଳନ କରୁଥିବାରୁ ମୁଖ୍ୟ ଆକର୍ଷଣ ସାଜିଛି। ଆସନ୍ତା ୨୬ ଓ ୨୭ ଅକ୍ଟୋବରରେ ସାଂସ୍କୃତିକ ସନ୍ଧ୍ୟାରେ ବଲିଉଡ୍ କଣ୍ଠଶିଳ୍ପୀ ପାମିଲା ଜୈନ, ସତ୍ୟଜିତ ଜେନା, ଅନୁରାଧା ପାଣିଗ୍ରାହୀ ଓ ଇରା ମହାନ୍ତିଙ୍କ ଅଭିନୟ ମଞ୍ଚକୁ ରଙ୍ଗେଇବ। ଏହି ସହିତ ବିଭିନ୍ନ ସ୍ଥାନୀୟ କଳାକାର ମଧ୍ୟ ପ୍ରଦର୍ଶନ କରିବେ ନୃତ୍ୟ, ଗୀତ ଓ ନାଟକ। ହେଲେ ଲଘୁଚାପ ଜନିତ ବର୍ଷା ଆଶଙ୍କା ପୂଜା କମିଟିମାନଙ୍କ ଚିନ୍ତା ବଢ଼ାଇଛି।

# ଚଞ୍ଚକତା କରି ଏମ୍‌ଡିଏମ୍ ଅର୍ଥ ହଡ଼ପ

● ଛାତ୍ର, ଛାତ୍ରୀଙ୍କ ଉପସ୍ଥାନ ଅଧିକ ଦର୍ଶାଯାଉଛି

● ଦାୟିତ୍ୱରେ ଅଧିକାରୀ ଯାଞ୍ଚ କରୁନାହାନ୍ତି

● ବାହାନା କରି ଅପରାହ୍ନରେ ଦିଆଯାଉଛି ଏସଏମଏସ



କାକଟପୁର/ଅସ୍ତରଙ୍ଗ,୨୨।୧୦(ସଂଚାର ବ୍ୟୁରୋ): ସରକାରୀ ବିଦ୍ୟାଳୟ ଗୁଡିକରେ ଛାତ୍ର, ଛାତ୍ରୀଙ୍କ ନିମନ୍ତେ ମଧାହ୍ନ ଭୋଜନ (ଏମଡିଏମ) ବ୍ୟବସ୍ଥା କରିଛନ୍ତି ସରକାର। ବାର ଅନୁଯାୟୀ ସରକାର ଙ୍କ ଦ୍ୱାରା ନିର୍ଦ୍ଧାରିତ ଖାଦ୍ୟ ଛାତ୍ର, ଛାତ୍ରୀ ଙ୍କୁ ଦିଆଯାଉଛି। ତେବେ କେତେକ ବିଦ୍ୟାଳୟରେ ଛାତ୍ର, ଛାତ୍ରୀ ଙ୍କ ଉପସ୍ଥାନକୁ ବୃଦ୍ଧି କରି ଚଞ୍ଚକତା ପୂର୍ବକ ମଧାହ୍ନ ଭୋଜନ ଅର୍ଥ ହଡପ କରାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ଅଭିଭାବକ ମାନେ ଜାଣୁଥିବା ବେଳେ ଖୋଲା ଖୋଲି ଭାବେ ମୁହଁ ଖୋଲି ଅଭିଯୋଗ କରି ପାରୁନାହାନ୍ତି। ଅନ୍ୟ ପଟେ ଛାତ୍ର, ଛାତ୍ରୀ ଙ୍କ ନାଁରେ ଶିକ୍ଷକ ମାନେ ସରକାରୀ ଅର୍ଥ ବାଟ ମାରଣା କରିବାରେ ଲାଗିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳଶିକ୍ଷାଧିକାରୀ ଅଧୀନରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ମୋଟ ୧୩୧ଟି ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ରହିଛି। ଅଧିକାଂଶ ବିଦ୍ୟାଳୟ କୁ ଅର୍ଦ୍ଧାଧିକ ଛାତ୍ର, ଛାତ୍ରୀ ଆସୁ ନାହାନ୍ତି। ଅନେକ ନାଁ କେବଳ କାଗଜ କଲମରେ ଗଢ଼ୁଛି। ବର୍ଷସାରା ବିଦ୍ୟାଳୟ ରେ ଦେଖା ମିଳିନଥାଏ। ବିଦ୍ୟାଳୟରେ କମ୍ ଛାତ୍ର, ଛାତ୍ରୀ ରହିଲେ ତାହାକୁ ଶିକ୍ଷା ବିଭାଗ ପକ୍ଷରୁ ବନ୍ଦ କରି ଦିଆଯାଉଥିବାରୁ ଅନେକ ବିଦ୍ୟାଳୟରେ ପିଲା ସଂଖ୍ୟା ବଢ଼ାଇ ଦିଆଯାଉଛି। ପିଲାଙ୍କ ଉପସ୍ଥାନ ସଂଖ୍ୟା ଅନୁଯାୟୀ ପ୍ରତି ବିଦ୍ୟାଳୟରେ ମଧାହ୍ନ ଭୋଜନ ବ୍ୟବସ୍ଥା କରାଯାଇଥାଏ। ସେହି ଅନୁଯାୟୀ ଚାଉଳ ଓ ଆର୍ଥିକ ଅନୁଦାନ ମଧ ଦିଆଯାଇଥାଏ। ପ୍ରତିଦିନ କେତେ ପିଲା ବିଦ୍ୟାଳୟରେ ଉପସ୍ଥିତ ରହିଛନ୍ତି ତାହା ଶିକ୍ଷା ବିଭାଗ ପକ୍ଷରୁ ରହିଥିବା ହ୍ୱାଟ୍ସଆପ୍ ଗ୍ରୁପରେ ମେସେଜ କରିବା ବ୍ୟବସ୍ଥା ରହିଛି। କିନ୍ତୁ କିଛି ବିଦ୍ୟାଳୟ ଏ ନିୟମ ମାନୁଥିବା ବେଳେ କିଛି ବିଦ୍ୟାଳୟ ସମ୍ପୂର୍ଣ୍ଣ ନିୟମ କୁ ଉଲ୍ଲଘଂନ କରି ଟଙ୍କା ହଡପ କରୁଛନ୍ତି।

## ସାଇବର ଅପରାଧ ନିରାକରଣ ସଚେତନତା



ବାଲିଅନ୍ତା,୨୨।୧୦(ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅଧୀନ ମଞ୍ଜରୀ ଦେବୀ ନର୍ସିଂ କଲେଜ ସମ୍ମିଳନୀ କକ୍ଷରେ ଆଜି କମିସନରେଟ ପୁଲିସ ଏବଂ ସାଇବର ପୁଲିସ ମିଳିତ ସହଯୋଗରେ ସାଇବର ଅପରାଧ ନିରାକରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ବାଲିଅନ୍ତା ଥାନା ଅଧିକାରୀ ଅନୀଲ ପରିଡା ଅଧ୍ୟକ୍ଷତା କରିଥିଲେ। ଭୁବନେଶ୍ୱର ସାଇବର ଥାନା ଏସ ଆଇ (ଏକ୍ସପର୍ଟ) ଏସ ଆଇ ପ୍ରତାପ ଦାଶ ବିଭିନ୍ନ ସାଇବର ଅପରାଧ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଏଥିରୁ ଦୂରେଇ ରହିବା ପାଇଁ ସଚେତନ କରାଇଥିଲେ। ଏସ ଆଇ ମାନସ ମଲ୍ଲିକ ଏବଂ ବାଳକାଟି ଫାଣ୍ଡି ଅଧିକାରୀ ରାମାନନ୍ଦ ସାହୁ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ମଞ୍ଜରୀ ଦେବୀ କଲେଜ ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ ଓ ଉପ ସଭାପତି ଜ୍ୟୋତ୍ସ୍ନା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନର୍ତ୍ତମାନ ସମୟରେ ବୃଦ୍ଧି ପାଉଥିବା ସାଇବର ଅପରାଧ ମଧ୍ୟରେ କୌଣସି ଅଜଣା ଭିଡିଓ କଲ ନଉଠାଇବା, ଅଜଣା ଫୋନ କଲ ହଠାତ ନୁଠାଇବା, ଓଟିପି ନଦେବା, ପ୍ରଲୋଭିତ ହୋଇ କୌଣସି ଅନଲାଇନ ଆପ କ୍ଲିକ କରି ଅର୍ଥ ଲଗାଣ ନକରିବା, ଅନଲାଇନ ଗେମ ଠାରୁ ଦୂରରେ ରହିବା ଏବଂ ଯଦି ଫୋନ ଚୋରିଗଲା କି ହଜିଗଲା ତାହେଲେ ତୁରନ୍ତ ସିମ ବ୍ଲକ କରିବା ସହ ଥାନାରେ ଜଣାଇବା, ଫୋନରେ ବିଭିନ୍ନ ବାହାନା ଦେଖାଇ ଟଙ୍କା ମାଗିବା, ଅଡିଓ ଓ ଭିଡିଓ ଅଛି କହି ଟଙ୍କା ଦାବି କରୁଥିବା ଠକ କିମ୍ବା ଠକ ସଂସ୍ଥା ଧମକରେ ଭୟଭୀତ ନହୋଇ ଅନୁସନ୍ଧାନ କରିବା ସହ ଭୟଭୀତ ନହେବା, ଦରକାର ପଡ଼ିଲେ ସାଇବର ଥାନାରେ ଅଭିଯୋଗ କରିବା ଆଦି ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା।

## ଟ୍ରାକ ସାଇକ୍ଲିଙ୍ଗରେ ଜିଲ୍ଲାର ସଫଳତା

ଭଦ୍ରକ,୨୨।୧୦(ସଂଚାର ବ୍ୟୁରୋ): ୧୬ତମ ରାଜ୍ୟ ସ୍ତରୀୟ ଟ୍ରାକ ସାଇକ୍ଲିଙ୍ଗ ଚମ୍ପିଆନସିପ୍ ଟି କିଟ୍ ର ମିନତୀ ମହାପାତ୍ର ଭେଲଡ୍ରମ ରେ ଅକ୍ଟୋବର ୧୮ ଏବଂ ୧୯ ତାରିଖ ରେ ଅନୁଷ୍ଠିତ ହୋଇଥିଲା।ଏହି ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲା ତାର ଖେଳାଳୀ ମାନଙ୍କୁ ସଂଗ୍ରାମୀ ଦେବୀଦତ ନାୟକ ଓ ସୁବାଷ ଗୋଛାୟତ ନେତୃତ୍ୱରେ ପଠାଇଥିଲା। ୧୪ ବର୍ଷରୁ କମ୍ ରେ ହର୍ଷିତ ନାୟକ (ବାଳକ) ୫୦୦ ମି. ଏବଂ ୧୦୦୦ମି ଗୋଲ୍ଡ ଓ ବ୍ରୋଞ୍ଜେ, ସସ୍ମିତା ପଣ୍ଡା (ବାଳିକା) ଦୁଇଟି ଇଭେଂଟ ରେ ଗୋଲ୍ଡ, ୧୬ ବର୍ଷରୁ କମ ରେ ସତ୍ୟଜିତ୍ ଗୋଛାୟତ ( ବାଳକ)୨ଟି ଇଭେଂଟ ସିଲଭର୍, ଅନୁସୟା ନନ୍ଦୀ (ବାଳିକା)୧ଟି ବ୍ରୋଞ୍ଜ ଓ ସଚିନ୍ ଜେନା (ବାଳକ)୧ଟି ଇଭେଂଟ ରେ ଗୋଲ୍ଡ ପଦକ ହାସଲ କରିଛନ୍ତି।

## ୩ କୁଖ୍ୟାତ ପେଶାଦାର ଅପରାଧୀ ଗିରଫ

ପୁରୀ,୨୨।୧୦(ସଂଚାର ବ୍ୟୁରୋ): ଅପରେସନ ଚକ୍ର ଅଭିଯାନରେ ୩ ଜଣ କୁଖ୍ୟାତ ପେଷାଦାର ଅପରାଧିଙ୍କୁ ଟାଉନଥାନା ପୋଲିସ ଗିରଫ କରିଛି। ନିୟମିତ ଭାବରେ ମାଦକ ଦ୍ରବ୍ୟ ସେବନ କରି କଟୁରୀ ଏବଂ ଛୁରୀ ଦେଖାଇ ଉଠା ଦୋକାନୀ ଓ ଠେଲା ଦୋକାନୀଙ୍କୁ ଭୟଭୀତ କରାଇ ସୋମାନଙ୍କଠାରୁ ଦାଦାବଟି ଆଦାୟ କରିବା ଏବଂ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପରି ସଙ୍ଗିନ୍ ଅଭିଯୋଗ ରହିଛି ସୋମାନଙ୍କ ନାମରେ। ଭୟରେ କେହି କିଛି ପ୍ରତିବାଦ କରନ୍ତି ନାହିଁ କି ଅଭିଯୋଗ ଦିଅନ୍ତି ନାହିଁ। ମଙ୍ଗଳବାର ବିଳମ୍ବିତ ରାତିରେ ଏବଂ ବୁଧବାର ଦିନ ସମୟରେ ଏହିପରି ଦୁଇଟି ପୃଥକ ଘଟଣାରେ ଟାଉନଥାନା ପୋଲିସ ନିଜ ତରଫରୁ ଦୁଇଟି ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ଧାରୁଆ କଟୁରୀ, ଛୁରୀ, ମୋବାଇଲ ଫୋନ୍ ଏବଂ ବେଆଇନ ଟଙ୍କା ଜବତ କରାଯାଇଛି। ସେମାନଙ୍କୁ ମାନ୍ୟବର ଏସଡ଼ିଜେଏମ୍, ପୁରୀ କୋର୍ଟରେ ହାଜର କରାଯାଇଥିଲା। ସମସ୍ତ ଅପରାଧୀଙ୍କ ନାମରେ ପୂର୍ବରୁ ଆକ୍ରମଣ, ହତ୍ୟା ଉଦ୍ୟମ, ଦାଦାବଟି ଆଦାୟ ପରି ସଙ୍ଗିନ୍ ମାମଲା ବିଭିନ୍ନ ଥାନାରେ ରହିଛି। ଭାରତୀୟ ନ୍ୟାୟ ସଂହିତା ଅପରାଧୀ ମାନେ ହେଲେ ପୁରୀ ମାର୍କେଟ ଛକର ବଳିଆ ଓରଫ ବଳରାମ ସେନାପତି (୨୪), ପୁରୀ ବାସେଳି ସାହି ମୁଦୁଲି ଜାଗାର ସନ୍ତୁ ଓରଫ ସନ୍ତୁଷ୍ ପଣ୍ଡା (୨୦), ପୁରୀ ମାର୍କଣ୍ଡେଶ୍ୱର ସାହି ନୂଆପାଟଣା ଲେନର ସଞ୍ଜୟ ରାଉତ (୨୧), ସେମାନଙ୍କ ଠାରୁ ଜବତ ସାମଗ୍ରୀ ହୋଇଥିବା ଲୁହା କଟୁରୀ - ୧ ଟା, ଷ୍ଟିଲ ଛୁରୀ - ୧ ଟା, ମୋବାଇଲ୍ ଫୋନ୍ ୧ ଟା ଓ ୪୯୦ ନଗଦ ଟଙ୍କା ଜବତ କରାଯାଇଛି।

## ୩ ୱାରେଣ୍ଟି ଗିରଫ

ସାଲେପୁର,୨୨।୧୦(ସଂଚାର ବ୍ୟୁରୋ): ସାଲେପୁର ପୁଲିସ ଆଜି ୩ଜଣ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ୧୯୯୯ମସିହା, ୨୦୦୦ ଓ ୨୦୦୩ ମସିହାର ବହୁ ପୁରୁଣା କେଶରେ ସମ୍ପୃକ୍ତ ଥିବା ୩ଜଣଙ୍କୁ ପୁରୁଣା ୱାରେଣ୍ଟି ବଳରେ ସାଲେପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ସାଲେପୁର ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମର କମଳାକାନ୍ତ କୁଅଁର, ତେନ୍ତୋଳ ଗ୍ରାମର ସୂର୍ଯ୍ୟନାରାୟଣ ମହାନ୍ତି ଓ କଟିକଟା ଗ୍ରାମର ଶାନ୍ତନୁ କୁମାର ଦାସ ଓରଫ୍ ସେନ୍ତେରାଙ୍କୁ ପୁରୁଣା ୱାରେଣ୍ଟି ବଳରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସାଲେପୁର ଆଇ.ଆଇ.ସି. ଅନିତା ସାହୁ ପ୍ରକାଶ କରିଛନ୍ତି।

## ଭକ୍ତଙ୍କ ଭ୍ୟାନିଟି ଫେରାଇଲା ପୁରୀ ପୁଲିସ

ପୁରୀ,୨୨।୧୦(ସଂଚାର ବ୍ୟୁରୋ): ବୁଧବାର ସକାଳେ ଶ୍ରୀମନ୍ଦିର ଦର୍ଶନ ନିମନ୍ତେ ଗଞ୍ଜାମ ଜିଲ୍ଲାର ଭକ୍ତ ସିଲି ସ୍ୱାଇଁ ଓ ତାଙ୍କ ପରିବାର ଆସିଥିଲେ। ଦର୍ଶନ ସମୟରେ ତାଙ୍କ ଭ୍ୟାନିଟି ବ୍ୟାଗ ଅସାବଧାନତାବଶତଃ ମନ୍ଦିର ପରିସରରେ ଛାଡ଼ିଯାଇଥିଲେ। ବ୍ୟାଗ ହଜାଇ ଦେଇଥିବା ବିଷୟରେ ସେ ପୋଲିସ କଂଟ୍ରୋଲ ରୁମକୁ ଜଣାଇଥିଲେ। ତତକ୍ଷଣାତ୍ କଂଟ୍ରୋଲ ରୁମରୁ ସମସ୍ତ ଡ୍ୟୁଟିରେ ଥିବା ପୋଲିସଙ୍କୁ ସୂଚନା କରାଯାଇଥିଲା। ପୋଲିସଙ୍କ ସଚେତନ ଓ ତ୍ୱରିତ ପଦକ୍ଷେପରେ ସେହି ବ୍ୟାଗ ମନ୍ଦିର ପରିସରରୁ ଉଦ୍ଧାର ହୋଇଥିଲା। ସେହି ବ୍ୟାଗରେ ୨୨, ୦୦୦ ଟଙ୍କା ସହିତ ଅନ୍ୟାନ୍ୟ ଜରୁରୀ ଦଳିଲ ଓ ବ୍ୟକ୍ତିଗତ ସାମଗ୍ରୀ। ସମସ୍ତ ସାମଗ୍ରୀ ଭକ୍ତଙ୍କୁ ସୁରକ୍ଷିତ ଭାବେ ଫେରାଇ ଦିଆଯାଇଛି।

## ଇସ୍ କଫ ଜିଲ୍ଲା କମିଟି ଉପସଭାପତି ମଣ୍ଡଳୀକୁ ଡାକ୍ତର ହୃଷୀକେଶ ମହାନ୍ତି ନିର୍ବାଚିତ

ଗଞ୍ଜାମ,୨୨।୧୦(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି(ଇସକଫ) ଉପସଭାପତି ମଣ୍ଡଳିରେ ଓଡ଼ିଶାର ବରିଷ୍ଠ ସାମ୍ବାଦିକ ତଥା ଡାକ୍ତର ହୃଷୀକେଶ ମହାନ୍ତି ସ୍ଥାନ ପାଇଥିବା ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସେ ଇସକଫର ବହୁ ବର୍ଷ ଧରିଆଜୀବନସଦସ୍ୟଓ ରାଜ୍ୟ ପରିଷଦ ସଭ୍ୟ ମଧ ରହିଆସିଛନ୍ତି।

## ଅଷ୍ଟମ ବାଟାଲିଅନ୍ ପରିସରରେ ସହିଦ ଦିବସ ପାଳିତ

● ପ୍ୟାରେଡ ଓ ଶ୍ରଦ୍ଧାଞ୍ଜଳି ମାଧ୍ୟମରେ ଶହୀଦମାନଙ୍କୁ ସମ୍ମାନ



ଛତ୍ରପୁର,୨୨।୧୦(ସଂଚାର ବ୍ୟୁରୋ): ସମଗ୍ର ଦେଶ ସହିତ ସମାନ ଭାବରେ ଆଜି ଛତ୍ରପୁର ଅଷ୍ଟମ ବାଟାଲିଅନ୍ ପରିସରରେ ମଧ୍ୟ ଗମ୍ଭୀର ଓ ଗୌରବମୟ ଭାବରେ ସହିଦ ଦିବସ ପାଳନ କରାଯାଇଛି। ୧୯୫୯ ମସିହାରେ ଭାରତ-ଚୀନ ସୀମାରେ ଦେଶର ସୁରକ୍ଷା ନିମନ୍ତେ ଜୀବନ ବଳିଦାନ କରିଥିବା ଦଶଜଣ ପୋଲିସ ଯବାନଙ୍କ ସ୍ମୃତିରେ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖରେ ଏହି ଦିନଟି ପାଳନ କରାଯାଏ।ଏହି ଅବସରରେ ବାଟାଲିଅନ୍ ପରିସର ଦେଶଭକ୍ତି ଗୀତରେ କମ୍ପି ଉଠିଥିଲା। ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ ମାଧ୍ୟମରେ ଶହୀଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ କମାଣ୍ଡେଣ୍ଟ ସାରଦା ପ୍ରସାଦ ଦାସ।ସେହି ସହିଦମାନଙ୍କ ନିଷ୍ଠା, ସାହସ ଓ ଦେଶପ୍ରେମକୁ ସ୍ମରଣ କରି ସେ କହିଥିଲେ — 'ଆଜିର ଦିନଟି ଆମ ସମସ୍ତଙ୍କ ପାଇଁ ଗର୍ବର ଓ ସ୍ମୃତିର ଦିନ। ଆମ ପୋଲିସ ଯବାନମାନେ ଜୀବନ ଦାନ କରି ଯେପରି ସେବା ଓ ତ୍ୟାଗର ଉଦାହରଣ ସୃଷ୍ଟି କରିଛନ୍ତି, ସେହି ପ୍ରେରଣା ସଦା ଆମ ସହିତ ରହିବ।' ତା'ପରେ ଗମ୍ଭୀର ଓ ଶୌର୍ଯ୍ୟପୂର୍ଣ୍ଣ ପ୍ୟାରେଡ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଟାଲିଅନ୍‌ର ଜବାନମାନେ ଶୃଙ୍ଖଳାବଦ୍ଧ ଭାବେ ସହିଦମାନଙ୍କ ସ୍ମୃତିରେ ପ୍ୟାରେଡ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ସମୟରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ କମାଣ୍ଡେଣ୍ଟ ଶ୍ରୀ ଦାସ।

### ବିକଶିତ ଗାଁରେ ଜନନୀ ଯନ୍ତ୍ରଣା

# ରାସ୍ତା ଓ ପ୍ରଶାସନର ଅବ୍ୟବସ୍ଥା ଉଘାଡ଼ିଲା ସତ୍ୟ



ମୁନିଗୁଡା,୨୨।୧୦(ସଂଚାର ବ୍ୟୁରୋ): ବିଜେଡିର ୨୪ ବର୍ଷର ଶାସନ ଓ ବର୍ତ୍ତମାନ ବି.ଜେ.ପି ସରକାର ଯେପରି ବିକଶିତ ଗାଁ ଓ ଲୋକଙ୍କ ସରକାର ର ନାରା ଦେଉଛନ୍ତି, ସେହି ନାରାର ଅସଳିଆ ଚିତ୍ର ଆଉଥରେ ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ବ୍ଲକ ଆଗୁଳ ପଞ୍ଚାୟତର ପଞ୍ଚୁବାଇ ଗ୍ରାମରେ। ୧୯ ତାରିଖ ଦିନ ଏହି ଗ୍ରାମର ଅଭି ସାରକାଙ୍କ ପୁତ୍ର ଉପେନ୍ଦ୍ର ସାରକାଙ୍କ ସ୍ତ୍ରୀ ଭବାନୀ ନୁଣ୍ଡରୁକା ନିଜ ଘରେ ଏକ କନ୍ୟା ସନ୍ତାନ ପ୍ରସବ କରିଥିଲେ। କିନ୍ତୁ ଜନ୍ମ ପରେ ଶିଶୁର ନାଡି ସହ ଲାଗି ରହିଥିବା ଗର୍ଭଫୁଲ ପଡ଼ିନଥିବାରୁ ମାଁ ଓ ଶିଶୁ ଦୁହେଁଙ୍କ ଜୀବନ ଜୋଖିରେ ପଡ଼ିଥିଲା। ଏହା ସମୟରେ ଅତ୍ୟଧିକ ରକ୍ତସ୍ରାବ ଓ ଯନ୍ତ୍ରଣା ଦେଖି ଗାଁର ଆଶା କର୍ମୀ ପୁଷ୍ପାଞ୍ଜଳି ଦଳେଇ ନିଜ ସମ୍ପର୍କୀୟଙ୍କ ସହ ମିଶି, ଏକ ଖଟିଆରେ ଭବାନୀଙ୍କୁ ବୁହାଇ ଅନେକ କଦର୍ଯ୍ୟ ରାସ୍ତା ଓ ନାଳ ଅତିକ୍ରମ କରି, ଆମ୍ବୁଲାଆନ୍ସ ଆସିପାରିବା ଜାଗା ପର୍ଯ୍ୟନ୍ତ ଆଣିଥିଲେ। ସେଠାଠାରୁ ଆମ୍ବୁଲାଆନ୍ସ ଯୋଗେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ଯେଉଁଠାରେ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ଓ ଡାକ୍ତରମାନଙ୍କ ଉତ୍ତମ ସେବା ଯୋଗୁଁ ମାଁ ଓ ଶିଶୁ ଦୁହେଁ ବିପଦ ମୁଖରୁ ବଞ୍ଚିଯାଇଥିଲେ। ଏହି ଘଟଣା ଫେରେ ଏକ ପ୍ରଶ୍ନ ଉଠାଇଛି କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବିକାଶ ଯୋଜନା ଓ ମୌଳିକ ସୁବିଧା ଏଠି କେଉଁଠି ଯଦି ରାସ୍ତା ସଠିକ୍ ହୋଇଥାନ୍ତା, ଆମ୍ବୁଲାଆନ୍ସ ଘର ଦୁଆରେ ପହଞ୍ଚିପାରୁଥାନ୍ତା। ତେବେ ଜନନୀ ଯନ୍ତ୍ରଣାର ଏହି ଦୁର୍ଦ୍ଦଶା ଦେଖିବାକୁ ପଡୁନଥାନ୍ତା। ପ୍ରଶ୍ନ ରହିଗଲା ଦୋଷ କାହାର ସ୍ୱାସ୍ଥ୍ୟ ବିଭାଗର, ନା ସ୍ଥାନୀୟ ପ୍ରଶାସନର ଜନସେବାର ନାରା ଦେଉଥିବା ସରକାର କେବେ ଏହି ମୌଳିକ ସମସ୍ୟା ଉପରେ ଲକ୍ଷ୍ୟ ଦେବେ ଓ କେବେ ଏହି ଅବ୍ୟବସ୍ଥା ସୁଧରିବ ଏହା ଆଜି ମୁନିଗୁଡା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇପଡ଼ିଛି।

## ଦିବ୍ୟାଙ୍ଗ ଚିହ୍ନଟ ନେଇ ତାଲିମ

ଜୟପୁର,୨୨।୧୦(ସଂଚାର ବ୍ୟୁରୋ): ଶୁନ ୬ ବର୍ଷ ମଧରେ ଯେଉଁ ଦିବ୍ୟାଙ୍ଗ ଶିଶୁ ଚିହ୍ନଟ ପାଇଁ ତାଲିମ ଶିବିର ଆଜି ଅନୁଷ୍ଠିତ ହୋଇଛି। ଜୟପୁର ବ୍ଲକ କାଯ୍ୟାଳୟରେ ଆୟୋଜିତ ତାଲିମ ଶିବିରରେ ବିଡିଓ ଶକ୍ତି ମହାପାତ୍ର, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କାର୍ତ୍ତିକ ଚନ୍ଦ୍ର ପାଢ଼ୀ, ପୁନମ ସାହୁ, ସସ୍ମିତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧିନରେ ଥିବା ୨୩୧ ଅଙ୍ଗନବାଡୀଙ୍କୁ କର୍ମି ତାଲିମ ଦିଆଯାଇଥିଲା। ଚିହ୍ନଟ ହେବା ପରେ ଦିବ୍ୟାଙ୍ଗ ମାନଙ୍କୁ ସରକାରଙ୍କ ରହିଥିବା ବିଭିନ୍ନ ସରକାରି ଯୋଜନା ପ୍ରଣୟନ କରାଯିବ ବୋଲି ବିଡିଓ ଶକ୍ତି ମହାପାତ୍ର ସୁଚନା ଦେଇଥିଲେ।

**AFFIDAVIT**

By virtue of an affidavit sworn before Executive Magistate, Basudevpur, dated 04.10.2025.
I, Narayan Ghadai (71) S/O-Late Jogendra Ghadai Risiding at Apartipur, Po. Matipaka, P/s. Naikanidihi, Dist-Bhadrak, Odisha, declare that my name is wrongly mentioned Narayan Chandra Ghadai in the passport of my son Krushna Chandra Ghadai. I declare that Narayan Ghadai and Narayan Chandra Ghadai is same and one person.

### ୨୮ ବର୍ଷ ତଳର ସ୍ନେହଶ୍ରଦ୍ଧାକୁ ଭୁଲିନାହାନ୍ତି ମୁଖ୍ୟମନ୍ତ୍ରୀ

# ସାଙ୍ଗର ମା'ଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ



**କେନ୍ଦୁଝର ସଦର, ୨୨।୧୦(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରାଇକଳା ପଞ୍ଚାୟତ ଅଲେଖାପଡ଼ା ଗ୍ରାମର ୨୮ ବର୍ଷର ପୁରୁଣା ସାଙ୍ଗ ଗଣେଶ୍ୱର ମହାନ୍ତଙ୍କ ମା' ଉମାମଣି ମହାନ୍ତ (୭୫) ଅସୁସ୍ଥ ଅଛନ୍ତି। ଏହି ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣେଶ୍ୱର ମହାନ୍ତଙ୍କ ବାସଭବନରେ ପହଞ୍ଚି ଉମାମଣିଙ୍କୁ ଭେଟି ତାଙ୍କ ଆଶୀର୍ବାଦ ନେବା ସହ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିବା ଜଣାପଡ଼ିଛି। ଉମାମଣି ବାର୍ଦ୍ଧକ୍ୟଜନିତ ଅସୁସ୍ଥତାରେ ପୀଡ଼ିତ ଅଛନ୍ତି। ଉମାମଣି ମୁଖ୍ୟମନ୍ତ୍ରୀଙ୍କୁ ପିଲାଟି ବେଳରୁ ପୁଅ ଭଳି ସ୍ନେହଆଦର କରିଆସିଥିଲେ।

ତେବେ ବାର୍ଦ୍ଧକ୍ୟାବସ୍ଥାରେ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ପାଇ ସେ ବହୁତ ଖୁସି ଅନୁଭବ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଗୁମୁରା ମଣ୍ଡଳ ପୂର୍ବତନ ସଭାପତି ସୁନୀଲ ମହାନ୍ତ, ଧନୁର୍ଜୟ ମହାନ୍ତ, ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ବିରଜା ମିଶ୍ର, ବେଣୁଧର ମହାନ୍ତ, ମଦର୍ ହୁସେନ, ମୁଜାହିଦ ହୁସେନ, ଗୀତାଞ୍ଜଳି ମହାନ୍ତ, ବଳଭଦ୍ର ମହାନ୍ତ, ଲମ୍ବୋଦର ମହାନ୍ତ, ଅନିନ୍ଦ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



● ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣା

## ଘୁଞ୍ଚିଲା ଅଭିଯୁକ୍ତଙ୍କ ଜାମିନ ଆବେଦନ ଶୁଣାଣି

**କଟକ,୨୨।୧୦(ସଂଚାର ବ୍ୟୁରୋ):** ଘୁଞ୍ଚିଲା ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ଅଭିଯୁକ୍ତଙ୍କ ଜାମିନ ଆବେଦନ ଶୁଣାଣି। ହାଇକୋର୍ଟରେ ନଭେମ୍ବର ୪ରେ ହେବ ମାମଲାର ପରବର୍ତ୍ତୀ ଶୁଣାଣି। ମାମଲାରେ ବୋର୍ଡର ପୂର୍ବତନ ଉପସଭାପତି ନିହାର ମହାନ୍ତି ଏବଂ ଅନ୍ୟ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଘୁଞ୍ଚିଛି। ଶୁଣାଣି ପାଇଁ ମହଲତ ନେଇଛନ୍ତି ରାଜ୍ୟ ସରକାର। କ୍ରାଇମବ୍ରାଞ୍ଚ ପକ୍ଷରୁ ସରିଛି କେସ୍ ଡାଏରୀ ଦାଖଲ ।

### ୧୨ ଘଣ୍ଟାରେ ଅବପାତର ରୂପ ନେବ ଘୂର୍ଣ୍ଣିବଳୟ

## ୨୪ରେ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ବଢ଼ିବ ବର୍ଷା



**ଭୁବନେଶ୍ୱର ୨୨।୧୦(ସଂଚାର ବ୍ୟୁରୋ):** ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆଗାମୀ ୧୨ ଘଣ୍ଟା ଭିତରେ ନେବ ଅବପାତର ରୂପ। ଅବପାତର ୧୨ ଘଣ୍ଟା ମଧ୍ୟରେ ଏହା ଉତ୍ତର ତାମିଲନାଡୁର ପୁଡୁଚେରୀ ଓ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳ ଦେଇ ଗତି କରିବା ସମ୍ଭାବନା ରହିଛି। ଏହା ପ୍ରଭାବରେ ୨୪ ତାରିଖରେ ରାଜ୍ୟର ଉପକୂଳ, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଜିଲ୍ଲାରେ ବର୍ଷା ବୃଦ୍ଧି ପାଇବା ସମ୍ଭାବନା ରହିଛି। ୨୫ ଓ ୨୬ରେ ଉପକୂଳ ସମେତ ଉପକୂଳକୁ ଲାଗିଥିବା ଅନେକ ଜିଲ୍ଲାରେ ବର୍ଷା ହେବ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୨୭ ଓ ୨୮ ରେ ବି କିଛି ଜିଲାରେ ବର୍ଷା ସମ୍ଭାବନା ରହିଛି। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୩୦ ରୁ ୪୦ କିମି ଯାଏ ରହିବା ସମ୍ଭାବନା ଅଛି।

ସେପଟେ ଏସଆରସି ଏବଂ ପାଣିପାଗ ବିଭାଗ ଅଧିକାରୀଙ୍କ ସହ ଆଲୋଚନା ପରେ ରାଜସ୍ୱ ମନ୍ତ୍ରୀ ରାଜ୍ୟବାସୀଙ୍କୁ ବ୍ୟସ୍ତ ନହେବା ପାଇଁ ପରାମର୍ଶ ଦେଇଛନ୍ତି। ବର୍ଷାର ପ୍ରଭାବ କମ ରହିଲେ ବି ରାଜସ୍ୱ ବିଭାଗ ପୂରା ପ୍ରସ୍ତୁତ ଅଛି। ବର୍ଷା, ଭୂସ୍ଖଳନ ପାଇଁ ଜିଲ୍ଲା ପ୍ରଶାସନମାନେ ପ୍ରସ୍ତୁତ ଥିବା କହିଛନ୍ତି ମନ୍ତ୍ରୀ। ଏପଟେ ବର୍ଷାକୁ ନେଇ ଚିନ୍ତାରେ ଅଛନ୍ତି ଗଜପତି ଜିଲ୍ଲାର ଚାଷୀକୂଳ। ଧାନ ଚାଷ ଗର୍ଭଧାରଣ ସମୟରେ ଲଘୁଚାପ ଜନିତ ବର୍ଷା ହେବା ଖବର ଚାଷୀଙ୍କ ମନରେ ଡର ପଶି ଯାଇଛି। ବର୍ତ୍ତମାନ ବିଲରେ ଧାନ ଗର୍ଭ ଧାରଣ ଅବସ୍ଥାରେ ଧାନ କେଣ୍ଡା ଠିଆ ହୋଇ ରହିଛି। ଏଭଳି ପରିସ୍ଥିତିରେ ଲଘୁଚାପ ଜନିତ ଲଗାଣ ବର୍ଷା ହୁଏ ତେବେ ଚାଷ ଜମି ସମ୍ପୂର୍ଣ୍ଣ ରୂପେ ଉଜୁଡ଼ିଯିବାର ସମ୍ଭାବନା ରହିଛି। ଧାରକରଜ କରି ଧାନ ଚାଷ କରିଥିବା ଚାଷୀ ପାଣିପାଗ ବିଭାଗର ବର୍ଷା ଖବର ପାଇବା ମାତ୍ରେ ନିଜ ଭବିଷ୍ୟତକୁ ନେଇ ମୁଣ୍ଡରେ ହାତ ଦେଇ ବସିଛି।

## ବନ୍ଧୁକ କାରଖାନା ଠାବ, ୨ ଗିରଫ



**ମୋହନା,୨୨।୧୦(ସଂଚାର ବ୍ୟୁରୋ) :** ବନ୍ଧୁକ କାରଖାନା ଉପରେ ଚଢ଼ାଉ ହୋଇଛି। ୧୨ଟି ଦେଶୀ ବନ୍ଧୁକ ଜବତ ହୋଇଛି। ଗଜପତି ଜିଲ୍ଲା ମୋହନା ପୋଲିସକୁ ମିଳିଛି ବଡ଼ ସଫଳତା। ମୋହନା ଥାନା ଗୋଲାପାଜୁ ଗାଁ ଜଙ୍ଗଲରେ ଚଢ଼ାଉ କରି ୧୨ ଟି ଦେଶୀ ବନ୍ଧୁକ ସହ ବନ୍ଧୁକ ତିଆରି ସାମଗ୍ରୀ ଜବତ କରିଛି ପୋଲିସ। ତିନି ବର୍ଷ ଧରି ଚାଲିଥିଲା ଏହି ଦେଶୀ ବନ୍ଧୁକ ତିଆରି କାରଖାନା। ବନ୍ଧୁକ ତିଆରି କରୁଥିବା ଘନଶ୍ୟାମ ପ୍ରଧାନ ସହ ବନ୍ଧୁକ କିଣୁଥିବା ବ୍ୟକ୍ତ ହରିଶ୍ଚନ୍ଦ୍ର ମଳିକଙ୍କୁ ମଧ୍ୟ ଗିରଫ କରିଛି ପୋଲିସ। ବନ୍ଧୁକ ତିଆରି କରି ଗଜପତି ଜିଲ୍ଲା ସମେତ ଗଞ୍ଜାମ, କନ୍ଧମାଳ ଏବଂ ରାୟଗଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିଲା ଘନଶ୍ୟାମ। ଏହି ବନ୍ଧୁକ ଗୁଡ଼ିକ ମୁଖ୍ୟତଃ ଶିକାର ପାଇଁ ବ୍ୟବହୃତ ହେଉଥିବା ସୂଚନା ଦେଇଛି ପୋଲିସ। ଏନେଇ ତଦନ୍ତ ପ୍ରକ୍ରିୟା ଚାଲିଛି ଓ ଖୁବ ଶୀଘ୍ର ସବୁ ସତ ଧରାପଡ଼ିବ ବୋଲି ପୁଲିସ କହିଛି।

● ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ମାମଲା

## ହାଇକୋର୍ଟରୁ ଦୁଇ ଅଭିଯୁକ୍ତଙ୍କୁ ମିଳିଲା ଜାମିନ

**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ମାମଲାରେ ହାଇକୋର୍ଟରୁ ଦୁଇ ଅଭିଯୁକ୍ତଙ୍କୁ ମିଳିଲା ଜାମିନ। ଅଭିଯୁକ୍ତ ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ ମିଳିଲା ଜାମିନ। ଅଭିଯୁକ୍ତ ଶୁଭ୍ର ସମ୍ବିତ ନାୟକଙ୍କୁ ମଧ୍ୟ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଛି। ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ସମୀର ସାହୁଙ୍କ ଜାମିନ ଖାରଜ ହୋଇଥିବା ବେଳେ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ ଜାମିନ ମଧ୍ୟ ଖାରଜ ହୋଇଛି। ଚାର୍ଜସିଟ ଦାଖଲ ପରେ କରିପାରିବେ ସାନି ଜାମିନ ଆବେଦନ। ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

● କାଳୀପୂଜା ପାଇଁ ଚଳଚଞ୍ଚଳ ଭଦ୍ରକ ସହର

## ମୁତୟନ ଅଛନ୍ତି ୨୪ପ୍ଲାଟୁନ ଫୋର୍ସ

**ଭଦ୍ରକ,୨୨।୧୦(ସଂଚାର ବ୍ୟୁରୋ):** କାଳୀପୂଜା ପାଇଁ ଚଳଚଞ୍ଚଳ ଭଦ୍ରକ ସହର। ୧୩ ମଣ୍ଡପରେ କରାଯାଉଛି ପୂଜା ଆରାଧନା। ପ୍ରତି ପୂଜା ମଣ୍ଡପରେ ପାର୍ଶ୍ୱଦେବଦେବୀ ସାମାଜିକ ଓ ପୌରାଣିକ ବିଷୟ ବସ୍ତୁ ଆଧାରିତ। ସୁନ୍ଦର ସାଜସଜ୍ଜା, ଦୋଳି ଦର୍ଶକଙ୍କୁ ଆକୃଷ୍ଟ କରୁଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨୪ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ସେହିଭଳି କାଳୀପୂଜା ପାଇଁ ଚଳଚଞ୍ଚଳ ବାରିପଦା ସହର। ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମାଆ କାଳୀ। ୧୫୧ବର୍ଷରେ ପଦାର୍ପଣ କରିଛି ବାରିପଦା ମୁଖ୍ୟ ବଜାରରରେ ଥିବା କାଳୀ ମଣ୍ଡପ। ଦଶ ଦିନ ଧରି ଚାଲିବ ହୋମଯଜ୍ଞ। ପ୍ରତିଦିନ ସ୍ୱତନ୍ତ୍ର ଭାବେ ଦକ୍ଷୀଣ କାଳୀ ରୂପେ ପୂଜା ପାଉଛନ୍ତି ମା'। ସାଗୁ ଭୋଗ ଏହି ମଣ୍ଡପର ମହତ୍ତ୍ୱ ବଢ଼ାଇ ଥାଏ। ମା'ଙ୍କ ନାମରେ ନାମିତ କାଳୀ ମାର୍କେଟରେ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି।

## ନଦୀରେ ବୁଡ଼ି ୨ ଯୁବକ ମୃତ

**ଜଗତସିଂହପୁର ୨୨।୧୦(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା କ୍ରିଷ୍ଣାନନ୍ଦପୁର ନିକଟସ୍ଥ ପାଇକା ନଦୀରେ ଗାଧୋଉଥିବା ବେଳେ ଭାସିଗଲେ ୩ ଜଣ ଯୁବକ। ମୃତ ଅବସ୍ଥାରେ ଦୁଇଜଣଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣେ ନିଖୋଜ ରହିଛନ୍ତି। ତିନି ଜଣଙ୍କର ଘର କ୍ରିଷ୍ଣାନନ୍ଦପୁର ଗାଁରେ। ସେମାନେ ହେଉଛନ୍ତି ଶିଶିର ବେହେରା, ଅମନଜିତ ମଲ୍ଲିକ ଓ ଅନ୍ୟ ଜଣେ ହେଉଛନ୍ତି ସୌରଭ ମଲ୍ଲିକ। ପ୍ରଥମେ ଶିଶିର ବେହେରାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ରଘୁନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଅଗ୍ନିଶମ ବାହିନୀ ସୌରଭ ମଲିକଙ୍କର ମୃତଦେହ ଉଦ୍ଧାର କରିଛନ୍ତି। ରଘୁନାଥପୁର ଓ ତିର୍ତ୍ତୋଲ ଅଗ୍ନିଶମ ବାହିନୀଙ୍କ ସହ ସ୍ଥାନୀୟ ଲୋକଙ୍କ ଦ୍ୱାରା ଅନ୍ୟ ଜଣେ ନିଖୋଜ ଥିବା ଅମନଜିତଙ୍କୁ ଖୋଜାଖୋଜି ଜାରି ରହିଥିବା ବେଳେ ଏପର୍ଯ୍ୟନ୍ତ ତାଙ୍କର ପତ୍ତା ମିଳିପାରିନାହିଁ। ବେଆଇନ ବାଲି ଖୋଳା ଯୋଗୁ ଏପରି ଅଘଟଣ ଘଟିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ହଜାର ହଜାର ଲୋକ ନଦୀ କୂଳରେ ରୁଣ୍ଡ ହୋଇ ଅପେକ୍ଷା କରି ରହିଛନ୍ତି।

# ବର୍ଷା ମୁକାବିଲା ଲାଗି କୃଷି ବିଭାଗର ପ୍ରସ୍ତୁତି ବୈଠକ




**ଭୁବନେଶ୍ୱର, ୨୨।୧୦(ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବର୍ଷା ଓ ଏହାର ମୁକାବିଲା ନିମନ୍ତେ କୃଷି ବିଭାଗର ଏକ ପ୍ରସ୍ତୁତି ବୈଠକ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଭାରତୀୟ ପାଣିପାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି, ଓୟୁଏଟି ଡିନ୍ ଡଃ. ପ୍ରସନ୍ନଜିତ୍ ମିଶ୍ର ମଧ୍ୟ ଯୋଗଦେଇଥିଲେ।

● ଭାରତୀୟ ପାଣିପାଗ ବିଭାଗର ନିର୍ଦ୍ଦେଶକୁ ଅନୁପାଳନ କରନ୍ତୁ: କୃଷି ସଚିବ

● ସମ୍ଭାବ୍ୟ ବାତ୍ୟା ନେଇ ଏଯାବତ୍ କୌଣସି ସୂଚନା ନାହିଁ: ଆଇଏମ୍‌ଡି

ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଏଯାବତ୍ ରାଜ୍ୟରେ ସମ୍ଭାବ୍ୟ ବାତ୍ୟାର କୌଣସି ସୂଚନା ନାହିଁ କିନ୍ତୁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରତ୍ୟାବର୍ତ୍ତନ କାରଣରୁ ସାମୟିକ ଭାବେ ରାଜ୍ୟର କିଛି ସ୍ଥାନରେ ବିକ୍ଷିପ୍ତ ବର୍ଷା ହେବାର ସମ୍ଭାବନା ରହିଛି ଏବଂ ବିଶେଷ କରି ଉପକୂଳ ଓଡ଼ିଶାରେ କିଛିସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଛି। ତଦନୁଯାୟୀ ଚାଷୀମାନଙ୍କୁ ପାଣିପାଗ ବିଭାଗର ପରାମର୍ଶକୁ ଅନୁପାଳନ କରିବା ପାଇଁ କୃଷି ସଚିବ ଡ. ପାଢ଼ୀ ଅନୁରୋଧ କରିଛନ୍ତି। ଚଳିତ ଖରିଫ୍ ଋତୁରେ ରାଜ୍ୟରେ ୧୦୦ ପ୍ରତିଶତ ବର୍ଷା ସାଧାରଣ ଭାବେ ହୋଇଛି ଏବଂ ଏହି କାରଣରୁ ଭଲ ଫସଲ ଅମଳ ଆଶା କରାଯାଉଛି । ଚାଷୀ ଭାଇ ଭଉଣୀମାନେ କୌଣସି ପ୍ରକାର ବିଭ୍ରାନ୍ତିକର ତଥ୍ୟ ଶୁଣି ଭୟଭୀତ ନ ହେବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଆବଶ୍ୟକସ୍ଥଳେ ଚାଷୀମାନେ ୧୫୫୩୩୩ ନମ୍ବରରେ ଯୋଗାଯୋଗ କରିପାରିବେ କିମ୍ବା ନିକଟସ୍ଥ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର/ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ। ବୈଠକରେ ବହୁ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

● ଲେଡି କନଷ୍ଟେବଳ ହତ୍ୟା ମାମଲା

## ଦୀପକର ହେବ ଲାଏ ଡିଟେକ୍ସନ ଟେଷ୍ଟ



ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କୁ ହତ୍ୟା କରିଥିଲା

**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ସତ ଉଗାରିବ ଲେଡି କନଷ୍ଟେବଳ। ଖୁବଶୀଘ୍ର ଦୀପକ ରାଉତର ହେବ ଲାଏ ଡିଟେକ୍ସନ ଟେଷ୍ଟ। ଗତକାଲି ଝାରପଡା ଜେଲରେ ଦୀପକକୁ ପଚରାଉଚରା ବେଳେ ଅନେକ ସାଙ୍ଘାତିକ ତଥ୍ୟ ଜଣାପଡ଼ିଛି। ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ଦୀପକ ହତ୍ୟା କରିଥିବା ତଦନ୍ତ ବେଳେ ପ୍ରମାଣ ମିଳିଛି। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଆଉଥରେ ଯାଞ୍ଚ କରି ଏକ ରିପୋର୍ଟ ପ୍ରଦାନ କରିଛନ୍ତି। ଡାକ୍ତରଙ୍କ ଚୂଡ଼ାନ୍ତ ରିପୋର୍ଟରୁ ପୋଲିସକୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ପୁନଃ ଯାଞ୍ଚ ପରେ ମଧ୍ୟ ତାହା ଦୁର୍ଘଟଣା ଜନିତ କ୍ଷତ ନୁହେଁ ବୋଲି ବରଂ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଛି।

୨୦୨୨ ମାର୍ଚ୍ଚ ମାସ ୧୭ ତାରିଖରେ ଅପର୍ଣ୍ଣାଙ୍କ ସହ କାର ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିବା ବେଳେ ଖୁର୍ଣ୍ଟୁଣି ଥାନା ରାଧାକିଶୋର ପୁରଠାରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ପୋଲିସ ଆଗରେ କହିଥିଲା ଦୀପକ। ତଦନ୍ତକାରୀ ଅଧିକାରୀ ଡିଏସପି ଅଜୟ ଦାସ ଦୁର୍ଘଟଣା ମାମଲାର ସମସ୍ତ ନଥିପତ୍ରକୁ ଜବତ କରିବା ସହ ଅପର୍ଣ୍ଣାଙ୍କ ପରିବାରର ୮ ଜଣ ସଦସ୍ୟ, ଦୁର୍ଘଟଣା ମାମଲାର ତଦନ୍ତକାରୀ ଅଧିକାରୀ, ସାକ୍ଷୀ ଓ ତତ୍କାଳୀନ ଖୁର୍ଣ୍ଟୁଣି ଥାନା ଅଧିକାରୀଙ୍କୁ ପଚରାଉଚରା କରିଥିଲେ। ଅପର୍ଣ୍ଣାଙ୍କୁ ମୃତ ଘୋଷଣା କରିଥିବା ଡାକ୍ତର ଓ ମୃତଦେହକୁ ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ଏଥିସହିତ ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିବା ଦୀପକର ଭାଇ, ଭାଉଜଙ୍କ ସମେତ ଅନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ଦୀପକର ଧରମ ଭଉଣୀ ତଥା କମିସନରେଟ ପୋଲିସରେ କାର୍ଯ୍ୟରତ ଜଣେ ମହିଳା କନେଷ୍ଟବଳଙ୍କୁ ମଧ୍ୟ ଜେରା କରିଥିଲା ପୋଲିସ।

● ପାରିବାରିକ କଳହର କରୁଣ ପରିଣତି

## ସ୍ତ୍ରୀ'କୁ ପିଟିପିଟି ମାରିଦେଲା



**ସୋର,୨୨।୧୦(ସଂଚାର ବ୍ୟୁରୋ):** ପତ୍ନୀହନ୍ତା ପାଲଟିଲା ସ୍ୱାମୀ। ଟାଙ୍କେ ମଦ ପିଇଦେଇ ସ୍ତ୍ରୀକୁ ଏମିତି ବାଡ଼େଇଲା ଯେ, ଜୀବନ ଚାଲିଗଲା। ପାରିବାରିକ କଳହର କରୁଣ ପରିଣତି। ଏବେ ଘଟଣାର ଛାନବିନ କରୁଛି ପୋଲିସ। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ଗଡ଼ପୋଖରୀ ପଞ୍ଚାୟତ ଶରତ ଅଞ୍ଚଳରେ। ଏହି ଛୋଟ କୁଡ଼ିଆରେ ଦୀର୍ଘ ୮ ବର୍ଷ ଧରି ବାବୁଲା ତା ସ୍ତ୍ରୀ ମାଣିକ ଓ ପିଲାଙ୍କ ସହ ରହିଆସୁଥିଲା। ବାବୁଲା ଯେତିକି ରୋଜଗାର କରୁଥିଲା ସବୁ ମଦରେ ଉଡାଇ ଦେଉଥିଲା। ଆଉ ମଦ ନିଶାରେ ସବୁବେଳେ ବାବୁଲା ତା' ସ୍ତ୍ରୀ ମାଣିକକୁ ମାରପିଟ କରୁଥିଲା। ସେହିଭଳି ଗତ ୪ ଦିନ ତଳେ ବାବୁଲା ମଦ ପିଇ ଘରକୁ ଆସିଥିଲା। ସ୍ତ୍ରୀ ମାଣିକ ସହ କୌଣସି କାରଣରୁ ଯୁକ୍ତିତର୍କ ହେବାରୁ ବାବୁଲା ରକ୍ତମୁଖୀ ହୋଇ ସ୍ତ୍ରୀକୁ ଏକ ବାଡ଼ିରେ ବାଡ଼େଇ ମାରିଦେଲା। ଆଉ ତା'ପରେ ସ୍ତ୍ରୀ ମରିଯାଇଥିବା ଜାଣି ଏକ ଜଙ୍ଗଲରେ ସ୍ତ୍ରୀ'କୁ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲା। ତେବେ ଘଟଣା ସମ୍ପର୍କରେ ସ୍ଥାନୀୟ ବାସିନ୍ଦାଙ୍କୁ ପଚରାଯିବାରୁ ସେ କହିଥିଲେ ସ୍ୱାମୀ ସ୍ତ୍ରୀ ଦୁହେଁ ଶ୍ରମିକ ଭାବେ କାମ କରନ୍ତି ଆଉ ଯାହା ରୋଜଗାର କରନ୍ତି ରାତିରେ ମଦ ପିଇ ଦେଇ ଘରେ ଗଣ୍ଡଗୋଳ କରନ୍ତି। ତିନି ଚାରି ଦିନ ତଳେ କୌଣସି କାରଣରୁ ସ୍ୱାମୀ ସ୍ତ୍ରୀ'ଙ୍କ ମଧ୍ୟରେ ବଚସା ହୋଇଥିଲା ଆଉ ସେହି ବଚସା ଏତେ ଉଗ୍ରରୂପ ନେବା ବୋଲି କେହି ଜାଣି ନଥିଲେ। ପାଖ ଜଙ୍ଗଲରେ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକ ଦେଖି ଖଇରା ପୋଲିସକୁ ଖବର ଦେଇଥିଲେ। ଖଇରା ଆଇଆଇସି ଶୁଚନ୍ଦ୍ର ମହାଲିକ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ ଚଳାଇଛନ୍ତି।

## ମହିଳା ଏସ୍‌ଆଇଙ୍କୁ ଦୁଷ୍କର୍ମ ଅଭିଯୋଗରେ ଆଇଆଇସି ଗିରଫ

**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ସମାଜରେ ଶାନ୍ତିଶୃଙ୍ଖଳା ସ୍ଥାପନ ପାଇଁ ଦାୟିତ୍ୱ ନେଇଥିବା ପୁଲିସ କର୍ମଚାରୀମାନେ ମଧ୍ୟ ବିଶୃଙ୍ଖଳିତ ଆଚରଣ କରୁଥିବା ଦେଖାଯାଉଛି। ସରକାର ପୁଲିସ କର୍ମଚାରୀଙ୍କୁ ବିଶୃଙ୍ଖଳିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟିତ୍ୱ ଦେଇଥିବା ବେଳେ ପୁଲିସ ନିଜେ ଏହିଭଳି ଗତିବିଧିରେ ସଂପୃକ୍ତ ରହୁଥିବା ଅଭିଯୋଗ ହେଉଛି। ଶାରୀରିକ ଏବଂ ମାନସିକ ନର୍ଯ୍ୟାତନା ନେଇ ମହିଳା ଏସ୍‌ଆଇଙ୍କ ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନା ପୁଲିସ ଆଇଆଇସିଙ୍କୁ ଗିରଫ କରିଛି। ଅଭିଯୁକ୍ତ ଆଇଆଇସି ହେଲେ ଯଶୋବନ୍ତ ଆଚାର୍ଯ୍ୟ।

ସବ୍ ଇନ୍ସପେକ୍ଟରଙ୍କ ଅଭିଯୋଗ ଅନୁସାରେ ବିବାହର ପ୍ରତିଶ୍ରୁତି ଦେଇ ଥାନା ଅଧିକାରୀ ଦୀର୍ଘଦିନ ଧରି ଶାରୀରିକ ସଂପର୍କ ରଖିଥିଲେ। ଏପରିକି ଗର୍ଭବତୀ କରାଇଥିଲେ ଏବଂ ପରେ ଗର୍ଭ ନଷ୍ଟ କରିଥିଲେ। ୨୦୧୭ ବ୍ୟାଚର ଏହି ଅଧିକାରୀ ପଦୋନ୍ନତି ପାଇ ଏବେ କଳାହାଣ୍ଡିକୁ ଯାଇଥିଲେ। ମହିଳା ଏସ୍‌ଆଇ କହିଛନ୍ତି, ଦୀର୍ଘ ୮ ବର୍ଷ ହେବ ସେ ଆଇଆଇସି ଯଶୋବନ୍ତ ଆଚାର୍ଯ୍ୟଙ୍କ ସମ୍ପର୍କରେ ଥିଲେ। ମହିଳାଙ୍କ ଘରକୁ ଆସି ବିବାହ ପାଇଁ ପ୍ରସ୍ତାବ ମଧ୍ୟ ଦେଇଥିଲେ। ଯେଉଁଯେଉଁ ସ୍ଥାନରେ ତାଙ୍କର ପୋଷ୍ଟିଂ ପାଉଥିଲେ, ସେହିସେହି ଜିଲ୍ଲାକୁ ଯାଇ ଆଇଆଇସି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ୨୦୧୮ରେ କେନ୍ଦ୍ରାପଡା ଟାଉନ ଥାନାରେ ପୋଷ୍ଟିଂ ବେଳେ ପ୍ରଥମେ ଶାରୀରିକ ସମ୍ପର୍କ ରଖିଥିଲେ । ୨୦୧୯ରେ ଗଞ୍ଜାମ ଜିଲ୍ଲାରେ ପୋଷ୍ଟିଂ ହୋଇଥିଲା। ପ୍ରାୟ ୭ ବର୍ଷ ଧରି ଚାକିରି ଭିତରେ ଏକାଠି ସ୍ୱାମୀ-ସ୍ତ୍ରୀ ଭଳି ରହୁଥିଲୁ। ପାରଳାଖେମୁଣ୍ଡିରେ ୩ ଏସ୍‌ଏସ୍ ବାଟାଲିଅନ ଆର୍ମସରେ ଏସ୍‌ଆଇ ଭାବରେ କାର୍ଯ୍ୟ କରୁଥିଲେ। ଏପରିକି ଭୁବନେଶ୍ୱରରେ ପୋଷ୍ଟିଂ ପାଇବା ପରେ ବି ସମ୍ପର୍କରେ ଥିଲେ। ମହିଳା ଏସ୍‌ଆଇ କହିଛନ୍ତି, ଅଭିଯୁକ୍ତ ଆଇଆଇସି ପୂର୍ବରୁ ବିବାହିତ ଏବଂ ତାଙ୍କର ୭ ମାସର ସନ୍ତାନ ଥିବା ଜାଣିବାକୁ ପାଇଲି। ଏନେଇ ତାଙ୍କୁ କହିବା ପରେ ସେ ଧୀରେଧୀରେ ଦୂରେଇ ରହିଲେ। ମିଛ ପ୍ରତିଶ୍ରୁତି ଏବଂ ଶାରୀରିକ ନିର୍ଯାତନାର ଶିକାର ହେଲା ପରେ ମହିଳା ଥାନାରେ ଅଭିଯୋଗ କରିଛି।

# ନୂଆପଡ଼ାରେ ବିଜେପିର ବଡ଼ ମିଶ୍ରଣ ପର୍ବ




**ନୂଆପଡ଼ା,୨୨।୧୦(ସଂଚାର ବ୍ୟୁରୋ):** ନୂଆପଡାରେ ବଢୁଛି ବିଜେପି ବଳ। ପ୍ରତିଦିନ ମିଶ୍ରଣ ପର୍ବରେ ଅନ୍ୟ ଦଳର ଶହ ଶହ କର୍ମୀ ବିଜେପିରେ ସାମିଲ ହେଉଛନ୍ତି। ଯାହା କି ବିଜେପିକୁ ନୂଆପଡ଼ାରେ ଅଧିକ ଶକ୍ତିଶାଳୀ କରୁଛି। ଏହି କ୍ରମରେ ୨୪ ନିର୍ବାଚନର ସ୍ୱାଧୀନ ପ୍ରାର୍ଥୀ ଭୁଜବଳ ଅଡ଼ବାଙ୍ଗ ଆଜି ବିଜେପିରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ୧୦୦ରୁ ଅଧିକ ସମର୍ଥକଙ୍କ ସହ ବିଜେପିରେ ମିଶିଛନ୍ତି ଭୁଜବଳ ଆଡ଼ବାଙ୍ଗ। ଭୁଜବଳ ଗତ ନିର୍ବାଚନରେ ୬୦୦ ଭୋଟ ପାଇଥିଲେ। ଚଳିତ ଉପନିର୍ବାଚନରେ ସେ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ, ହେଲେ ଆଜି ତାହା ନାକଚ ହେବା ପରେ ବିଜେପିରେ ସାମିଲ ହୋଇଛନ୍ତି। ଏହାସହ ଆଡଭୋକେଟ୍ ଘାସିରାମ ବାଗ, ଅଶୋକ ଦେଓଗନ, ପୂର୍ଣ୍ଣ ଚନ୍ଦ୍ର ସାହୁ, ଗୋପାଳ ସାମନ୍ତ ବିଜେପିରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ରାଜନୈତିକ ଦଳରୁ ୧୦୦ ଜଣ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସହ ପ୍ରଭାରୀ ଲତା ଉସେଣ୍ଡି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନୂଆପଡ଼ା ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଚରମରେ ରହିଛି। ବିଜେପି ପକ୍ଷରୁ ଦିବଙ୍ଗତ ନେତା ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡି ପକ୍ଷରୁ ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସ ପକ୍ଷରୁ ଘାସିରାମ ମାଝୀ ମଇଦାନରେ ଅଛନ୍ତି। ନୂଆପଡ଼ାରେ ନଭେମ୍ବର ୧୧ ତାରିଖ ଭୋଟିଂ ଥିବା ବେଳେ ନଭେମ୍ବର ୧୪ରେ ରହିଛି ଭୋଟ୍ ଗଣତି।

## ସମ୍ପତ୍ତି ପାଇଁ ବୃଦ୍ଧ ବାପା। ମା'ଙ୍କୁ ହାଣିଲା ପୁଅ

**ଚାନ୍ଦବାଲି,୨୨।୧୦(ସଂଚାର ବ୍ୟୁରୋ) :** ସମ୍ପତ୍ତି ପାଇଁ ପୁଅ ଭୁଲିଗଲା ରକ୍ତ ସମ୍ପର୍କ। ବୃଦ୍ଧ ବାପା ମାଆଙ୍କୁ ହାଣିଲା ସମ୍ପତ୍ତି ଲୋଭୀ ପୁଅ। ଭଦ୍ରକ ଚାନ୍ଦବାଲି ଖେରଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତଳବନ୍ଧ ଗାଁର ଏ ଅଭାବନୀୟ ଘଟଣା। ଗାଁର ମନୋଜ ନାୟକ ବିଳମ୍ବିତ ରାତିରେ ବାପା ମଧୁସୂଦନ ନାୟକ ଓ ମାଆ ମାଧୁରୀ ନାୟକଙ୍କୁ ଅତର୍କିତ ଆକ୍ରମଣ କରି ଫେରାର ମାରିଛି। ଖେରଙ୍ଗ ସରପଞ୍ଚ ଓ ଅନ୍ୟ ଗ୍ରାମବାସୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ମତୋ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

● ଜ୍ୱାଇଁଙ୍କ ଶବଦାହ କରି ଫେରୁଥିଲେ

## ଅଟୋ ଓଲଟି ଜଣେ ମୃତ

**ବାଂଶପାଳ,୨୨।୧୦(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଯାତ୍ରା ନିକଟରେ ଆଜି ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଆଜି ଧାନଗଦି ଗ୍ରାମରେ ହାତୀ ଆକ୍ରମଣରେ ମୃତ ଯୁବକଙ୍କ ଶବଦାହ କରି ଶ୍ୱଶୁର ଘର ଲୋକେ ଓ ସମ୍ପର୍କୀୟ ନିଜ ଘରକୁ ଏକ ଅଟୋ ଯୋଗେ ଫେରୁଥିବା ବେଳେ ଅଟୋ ଓଲଟି ପଡ଼ିବାରୁ ଜଣଙ୍କ ମୃତ୍ୟୁ ଘଟିଛି ଓ ୯ ଜଣ ଆହତ ହୋଇଥିବା ଜଣାପଡିଛି। ମୃତକ ନୟାକୋଟ ଥାନା ସୁଣ୍ଡୁରା ଗ୍ରାମର ଅନିଲ ମୁଣ୍ଡା। ଆହତମାନେ ହାଣ୍ଡିଭଙ୍ଗା ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ଆଜି ଧାନଗଦି ଗ୍ରାମରେ ହାତୀ ଆକ୍ରମଣରେ ମୃତ ଶିବ ମୁଣ୍ଡାଙ୍କ ଘରକୁ ତାଙ୍କ ଶ୍ୱଶୁର ଘର ଲୋକେ ଓ ସମ୍ପର୍କୀୟମାନେ ଆସିଥିଲେ। ମେଡିକାଲରୁ ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ ସମସ୍ତେ ଶବଦାହରେ ସାମିଲ ହୋଇଥିଲେ। ସନ୍ଧ୍ୟା ସମୟରେ ନିଜ ଘରକୁ ଫେରୁଥିଲେ। ଏକ ଅଟୋରେ ଫେରୁଥିବା ବେଳେ ଯାତ୍ରା ପଞ୍ଚାୟତ ଅଫିସ ସମ୍ମୁଖରେ ଅଟୋଟି ଭାରସ୍ୟମ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଫଳରେ ଘଟଣା ସ୍ଥଳରେ ଜଣେ ଗୁରୁତର ହେବା ସହ ଅଟୋରେ ବସି ଥିବା ଅନ୍ୟ ୯ ଜଣ ଯାତ୍ରୀ ଆହତ ହେଇଥିଲେ।

# ଦେଶବ୍ୟାପୀ ଏସ୍‌ଆଇଆର ପ୍ରସ୍ତୁତି ପାଇଁ ସିଇଓ ସମ୍ମିଳନୀ




**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ଭାରତ ନିର୍ବାଚନ ଆୟୋଗର ଦୁଇଦିନିଆ ମୁଖ୍ୟ ନିର୍ବାଚନ ଅଧିକାରୀ ସମ୍ମିଳନୀ ଆଜି ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସି ଆଣ୍ଡ ଇଲେକ୍ଟୋରାଲ୍ ମ୍ୟାନେଜମେଣ୍ଟରେ ଆରମ୍ଭ ହୋଇଛି। ଏହି ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ଆର ଏସ ଗୋପାଳନ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଛନ୍ତି।

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଏହି ସମ୍ମିଳନୀରେ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀ ମଧ୍ୟ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ନିର୍ବାଚନ ଆୟୋଗ ଦେଶବ୍ୟାପୀ ବିଶେଷ ସଘନ ସଂଶୋଧନ ଅଭ୍ୟାସ ପାଇଁ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ପ୍ରସ୍ତୁତି ମୂଲ୍ୟାଙ୍କନ କରିଥିଲେ।

ସେପ୍ଟେମ୍ବର ୧୦, ୨୦୨୫ ରେ ଅନୁଷ୍ଠିତ ବିଶେଷ ସଘନ ସଂଶୋଧନ ପ୍ରସ୍ତୁତି ସମ୍ମିଳନୀ ଅନୁରୂପ ଏହି ସମ୍ମିଳନୀ ଆୟୋଜିତ ହୋଇଛି, ସମ୍ମିଳନୀରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ପୂର୍ବବର୍ତ୍ତୀ ଏସଆଇଆର ଅନୁଯାୟୀ ଭୋଟରଙ୍କ ସଂଖ୍ୟା, ଶେଷ ଏସଆଇଆରର ଯୋଗ୍ୟତା ତାରିଖ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଭୋଟର ତାଲିକା ଉପରେ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଥିଲା।ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଶେଷ ଏସଆଇଆର ଅନୁଯାୟୀ ବର୍ତ୍ତମାନର ଭୋଟରମାନଙ୍କୁ ପୂର୍ବ ଭୋଟରମାନଙ୍କ ଅନୁଯାୟୀ ମାନଚିତ୍ରଣ କରିବା ପାଇଁ ପୂର୍ବରୁ ମୁଖ୍ୟ ନିର୍ବାଚନ ଅଧିକାରୀ ମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ଉପରେ ହୋଇଥିବା ଅଗ୍ରଗତିକୁ ଆୟୋଗ ମୂଲ୍ୟାଙ୍କନ କରିଥିଲେ। ଆୟୋଗ ଜିଲ୍ଲା ନିର୍ବାଚନ ଅଧିକାରୀ, ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ବୁଥ-ସ୍ତରୀୟ ଅଧିକାରୀ ଏବଂ ବୁଥ-ସ୍ତରୀୟ ପ୍ରତିନିଧିମାନଙ୍କର ନିଯୁକ୍ତି ଏବଂ ତାଲିମର ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଅଶୋଧିତ ତୈଳ ୬୦ ଡଲାରକୁ ହ୍ରାସ




ନୂଆଦିଲ୍ଲୀ, ୨୨।୧୦: ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦର ୬୦ ଡଲାରକୁ ହ୍ରାସ ପାଇଛି। ବଜାରରେ ଚାହିଦା ତୁଳନାରେ ଅଧିକ ତେଲ ରହିଥିବାରୁ ଦାମ୍ କମ୍ ହୋଇଛି। ମଙ୍ଗଳବାର ବ୍ରେଣ୍ଟ୍ କ୍ରୁଡ୍‌ର ବ୍ୟାରେଲ ପିଛା ଦାମ୍ ୬୦.୮୭ ଡଲାରକୁ ଖସିଆସିଛି। ସେହି ସମୟରେ ୟୁଏସ୍ ୱେଷ୍ଟ୍ ଟେକ୍ସାସ୍ ଇଣ୍ଟରମେଡିଏଟ୍ କ୍ରୁଡ୍ ଦାମ୍ ୫୭.୪୫ ଡଲାରକୁ ହ୍ରାସ ପାଇଛି। ମଲ୍‌ଟି କମୋଡିଟି ଏକ୍ସଚେଞ୍ଜରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦାମ୍ ୨୭ ଟଙ୍କା ହ୍ରାସ ପାଇ ୫୦୨୬ ଟଙ୍କା ହୋଇଛି।

ତେବେ, ତୈଳ ଦରରେ ହ୍ରାସର ଏହି ଧାରା ଅଧିକ ଦିନ ବଜାୟ ରହିବ ନାହିଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। କାରଣ ଅନ୍ତର୍ଜାତୀୟ ସ୍ତରରେ ଏଭଳି ଅନେକ ଘଟଣା ଘଟୁଛି ଯାହା ଭୂରାଜନୈତିକ ଅସ୍ଥିରତା ସୃଷ୍ଟି କରିବାକୁ ଯଥେଷ୍ଟ। କୌଣସି ପ୍ରକାର ଅନିଶ୍ଚିତତା ଦେଖାଦେଲେ ତେଲ ଦରକୁ ତାହା ପ୍ରଭାବିତ କରିବ। ଭାରତ ଏହାର ୮୫ ପ୍ରତିଶତ ତେଲ ଆମଦାନୀ କରୁଛି। ତେଣୁ ଦରରେ ଯେକୌଣସି ପ୍ରକାର ହ୍ରାସ ନିଶ୍ଚିତ ରୂପେ ଆମ ଦେଶ ପାଇଁ ଲାଭଦାୟକ। ଏହି ଲାଭ କିନ୍ତୁ କମ୍ପାନିଗୁଡ଼ିକ ଭିତରେ ସୀମିତ ରହିଯାଉଛି। ଦିନ ଥିଲା ଅଶୋଧିତ ତୈଳ ଦରରେ ହେଉଥିବା ପରିବର୍ତ୍ତନ ଦେଶରେ ବିକ୍ରି ହେଉଥିବା ପେଟ୍ରୋଲ୍, ଡିଜେଲ ଦାମ୍‌କୁ ପ୍ରଭାବିତ କରୁଥିଲା। କିନ୍ତୁ ବହୁଦିନ ଧରି ଏହି ଦୁଇ ପ୍ରକାର ତେଲ ଦରକୁ ଅପରିବର୍ତ୍ତିତ ରଖାଯାଇଛି। ତୈଳ ଦରରେ ହେଉଥିବା ହ୍ରାସର କୌଣସି ପ୍ରଭାବ ପେଟ୍ରୋଲ ଓ ଡିଜେଲ ଦର ଉପରେ ପଡୁନାହିଁ। କେବଳ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ସମୟରେ ଦରରେ ଯାହା କିଛିଟା ହ୍ରାସ କରାଯାଉଛି। ତେଣୁ ଏଥର ମଧ ତେଲ ଦରରେ ହୋଇଥିବା ହ୍ରାସର ଲାଭ ଗ୍ରାହକଙ୍କ ନିକଟରେ ପହଞ୍ଚିବାର ସମ୍ଭାବନା କମ୍ ରହିଛି।

## ରୁପା ୨୫ ହଜାର କମିଲା



ଭୁବନେଶ୍ୱର, ୨୨।୧୦: ବେଲଗାମ ହୋଇପଡ଼ିଥିବା ରୁପା ମୂଲ୍ୟ ଦ୍ରୁତ ଗତିରେ କମ୍ ହେବାରେ ଲାଗିଛି। ଗତ ୬ ଦିନରେ ରୁପା ମୂଲ୍ୟ ୨୫ ହଜାର ଟଙ୍କା କମ୍ ହୋଇଛି। ସେଥିରୁ ଦୁଇଦିନ ଥିଲା ଛୁଟି। ଅର୍ଥାତ ମାତ୍ର ଚାରିଟି କାରବାର ଦିନରେ ରୁପାରେ ଏଭଳି ହ୍ରାସ ଘଟିଛି। ଭୁବନେଶ୍ୱରରେ ରୁପା କେଜି ମଙ୍ଗଳବାର ୮୦୦୦ ଟଙ୍କା ହ୍ରାସ ପାଇ ୧,୮୨,୦୦୦ ଟଙ୍କା ହୋଇଛି। ଗତ ରବିବାର ଓ ସୋମବାର ଛୁଟିଥିବା କାରଣରୁ ଏହାର ଦାମ୍‌ରେ କୌଣସି ପରିବର୍ତ୍ତନ ଘଟିନଥିଲା। ବଜାର ତଥ୍ୟ ଅନୁସାରେ ଚଳିତ ମାସ ୧୫ରେ ରୁପା କେଜି ଏହାର ସର୍ବୋଚ୍ଚ ସ୍ତର ୨,୦୭,୦୦୦ ଟଙ୍କାକୁ ବୃଦ୍ଧି ପାଇଥିଲା। ତା'ପରଠାରୁ ସେଥିରେ ଲଗାତାର ଭାବେ ହ୍ରାସ ଘଟୁଛି। କେବଳ ଧନତେରସ୍ ଦିନ ରୁପା କେଜି ୧୩ ହଜାର ଟଙ୍କା ଶସ୍ତା ହୋଇଥିଲା। ରୁପାର ଚାହିଦା ବଢ଼ିବାରୁ ତାହାର ଦାମ୍ ବଢୁଥିଲା। ଦରରେ ଏହି ହ୍ରାସ ଆଗାମୀ ଦିନରେ ଜାରି ରହିବା ଆଶା କରାଯାଉଛି। କେବଳ ରୁପା ନୁହେଁ, ସୁନା ଦର ବି ହ୍ରାସ ପାଇବାରେ ଲାଗିଛି। ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୧୦୦ ଟଙ୍କା କମ୍ ହୋଇ ୧,୧୯,୭୦୦ ଟଙ୍କାକୁ ହ୍ରାସ ପାଇଛି। ସେହିପରି ୨୪ କ୍ୟାରେଟ୍ ସୁନା ଦାମ୍ ୧୧୦ ଟଙ୍କା କମ୍ ହୋଇ ୧,୩୦,୫୮୦ ଟଙ୍କା ହୋଇଛି। ଧନତେରସ୍ ଦିନ ୨୨ କ୍ୟାରେଟ୍ ସୁନା ଦାମ୍ ୧୭୫୦ ଟଙ୍କା ଓ ୨୪ କ୍ୟାରେଟ୍ ସୁନା ୧୯୧୦ ଟଙ୍କା କମ୍ ହୋଇଥିଲା।

## ଆଜିର ସୁନା ଦର



ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୭,୨୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୬,୬୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୭,୨୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୬,୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୭,୨୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୬,୬୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୭,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୬,୭୫୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୭,୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୭,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୭,୨୦୦ଓ ୧,୧୬,୬୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୬୨,୦୦୦ ଟଙ୍କା ହୋଇଛି।

### ଟ୍ରମ୍ପ କିଛି କ୍ଷତି କରିପାରିବେନି

## ଅର୍ଥନୀତି ବଢ଼ାଇବାକୁ ଦେଶବାସୀ ଯଥେଷ୍ଟ

ନୂଆଦିଲ୍ଲୀ, ୨୨।୧୦: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେଉଁ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି ତାହା ଭାରତୀୟ ଅର୍ଥନୀତିର କୌଣସି କ୍ଷତି କରିପାରିବନି। ଏହାର ପ୍ରଭାବ ଯାହା ବି କିଛି ରହିଛି, ତାହାକୁ ଦେଶବାସୀ ଭରଣା କରିଦେବେ। ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଅକ୍ଟୋବର ମାସ ବୁଲେଟିନ୍‌ରେ ଏଭଳି କହିଛି। ଟ୍ରମ୍ପ ଲଗାଇଥିବା ଶୁଳ୍କ ଦେଶର ରପ୍ତାନିକୁ ପ୍ରଭାବିତ କରିବ। କିନ୍ତୁ ନିକଟରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ କରାଯାଇଥିବା ସଂସ୍କାର ତାହାର ମୁକାବିଲା କରିବାକୁ ଯଥେଷ୍ଟ। ବୁଲେଟିନ୍‌ରେ କୁହାଯାଇଛି ଯେ ଆମେରିକା ଲଗାଇଥିବା ଚଢ଼ା ଶୁଳ୍କକୁ କମ୍ କରିବା ଲାଗି ହେଉଥିବା ଉଦ୍ୟମ ସଫଳ ନ ହେଲେ ତାହାର ପ୍ରଭାବରେ ଦେଶର ରପ୍ତାନି ହ୍ରାସ ପାଇବ। ଶୁଳ୍କ ପାଇଁ ବାହ୍ୟ ଚାହିଦା କମ୍ ହେବ। କିନ୍ତୁ ଜିଏସ୍‌ଟିରେ ହୋଇଥିବା ସଂସ୍କାର ପ୍ରଭାବରେ ଦେଶ ଭିତରେ ଚାହିଦା ବଢ଼ିବ। ତାହା ଶୁଳ୍କ ପ୍ରଭାବକୁ ପ୍ରତିହତ କରିବ। ଟ୍ରମ୍ପ ଭାରତ ଓ ବ୍ରାଜିଲ ଉପରେ ସର୍ବାଧିକ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ତେବେ ଗତ ସେପ୍ଟେମ୍ବର ତଥ୍ୟରୁ ଜଣାପଡ଼ିଛି ଯେ କେବଳ ଆମେରିକାକୁ ରପ୍ତାନି କମିଥିବା ବେଳେ ଅନ୍ୟ ୨୪ଟି ଦେଶକୁ ବଢ଼ିଛି।




ଆମେରିକା ବାହାରେ ଥିବା ବଜାରରେ ଭାରତୀୟ ସାମଗ୍ରୀର ଭଲ ଚାହିଦା ରହିଛି। ସେପ୍ଟେମ୍ବରରେ ୩୬୩୮ କୋଟି ଡଲାରର ରପ୍ତାନି ହୋଇଛି। ଆମେରିକା ବାହାରେ ଥିବା ବଜାରକୁ କିନ୍ତୁ ରପ୍ତାନି ୧୦.୯ ପ୍ରତିଶତ ବୃଦ୍ଧି ପାଇଛି।

ଦେଶ ବାହାରେ ଘଟୁଥିବା ଘଟଣାର ପ୍ରଭାବକୁ ଭାରତୀୟ ଅର୍ଥନୀତି ବେଶ୍ ପ୍ରଭାବଶାଳୀ ଢଙ୍ଗରେ ସାମ୍ନା କରୁଛି। ରିଜର୍ଭ ବ୍ୟାଙ୍କ ବୁଲେଟିନ କହୁଛି ଯେ ଆମେରିକାର ବାଣିଜ୍ୟ ଓ ଅର୍ଥନୈତିକ ନୀତିରେ ଅନିଶ୍ଚିତତା, ଆମେରିକା ସରକାର ସଟ୍‌ଡାଉନ୍ ହେବା, ଆମେରିକା ଓ ଚୀନ୍ ମଧ୍ୟରେ ଉତ୍ତେଜନା ଭଳି ଘଟଣାର ପ୍ରଭାବକୁ ଭାରତୀୟ ଅର୍ଥନୀତି ଦୃଢ଼ ଭାବେ ସାମ୍ନା କରିଛି। ଦେଶର ମୁଦ୍ରାସ୍ଫୀତି ହାର ସେପ୍ଟେମ୍ବରରେ ୧.୫୪ ପ୍ରତିଶତକୁ ହ୍ରାସ ପାଇଛି ଯାହା ୨୦୧୭ ପରେ ସର୍ବନିମ୍ନ। ଆମେରିକାର ଶୁଳ୍କ ସଂକ୍ରାନ୍ତରେ ବୁଲେଟିନ୍‌ରେ କୁହାଯାଇଛି ଯେ ତାହା ଏକ ଯୋଗାଣ ସମ୍ପର୍କିତ ସମସ୍ୟା ସୃଷ୍ଟି କରିବ। ତେଣୁ ଶୁଳ୍କ ଦ୍ୱାରା ଆମେରିକା ବଜାର ପ୍ରଭାବିତ ହେବ। ଏହାର ବ୍ୟବସାୟ ସହଯୋଗୀମାନେ କୌଣସି ପ୍ରକାରରେ ପ୍ରଭାବିତ ହେବେ ନାହିଁ। ଆମେରିକାରେ ଲୋକମାନଙ୍କୁ ବିଭିନ୍ନ ଜିନିଷ ଅଧିକ ଦାମ୍ ଦେଇ କିଣିବାକୁ ପଡ଼ିବ।

### ମିସ୍ତ୍ରି ପରିବାର ପାଇଁ ବଡ଼ ଆହ୍ୱାନ

## ଟାଟା ଟ୍ରଷ୍ଟସରେ ଶ୍ରୀନିବାସନଙ୍କୁ ଆଜୀବନ ନିଯୁକ୍ତି

ନୂଆଦିଲ୍ଲୀ, ୨୨।୧୦: ଟାଟା ଟ୍ରଷ୍ଟସ ପକ୍ଷରୁ ବେଣୁ ଶ୍ରୀନିବାସନଙ୍କୁ ଟ୍ରଷ୍ଟି ଭାବେ ଆଜୀବନ ନିଯୁକ୍ତି ପ୍ରଦାନ କରାଯାଇଛି। ଟ୍ରଷ୍ଟରେ ବିବାଦର ଅନ୍ୟତମ କାରଣ ସାଜିଥିବା ସଦସ୍ୟ ମେହଲି ମିସ୍ତ୍ରୀଙ୍କ କାର୍ଯ୍ୟକାଳ ଆଉ କିଛିଦିନ ପରେ ଶେଷ ହେବାକୁ ଯାଉଥିବା ବେଳେ ଶ୍ରୀନିବାସନଙ୍କୁ ଏଭଳି ଚକିତ କରିବା ଭଳି ନିଯୁକ୍ତି ଦିଆଯାଇଛି। ଟାଟା ଗ୍ରୁପ୍‌କୁ ପରିଚାଳନା କରୁଥିବା ସଂସ୍ଥା 'ଟାଟା ସନ୍ସ'ରେ ଦୁଇଟି ଟ୍ରଷ୍ଟର ସିଂହ ଭାଗ ଅଂଶଧନ ରହିଛି। ସେଥିରୁ ଗୋଟିଏ ହେଉଛି 'ସାର ଦୋରାବଜୀ ଟାଟା ଟ୍ରଷ୍ଟ'। ସେହି ଟ୍ରଷ୍ଟରେ ଶ୍ରୀନିବାସନଙ୍କୁ ଆଜୀବନ ନିଯୁକ୍ତି ଦିଆଯାଇଛି। ସେ 'ସାର ରତନ ଟାଟା ଟ୍ରଷ୍ଟ'ର ମଧ ଟ୍ରଷ୍ଟି ରହିଛନ୍ତି। ବେଣୁ ଶ୍ରୀନିବାସନ ହେଉଛନ୍ତି ଟିଭିଏସ୍ ଗ୍ରୁପ୍‌ର ସେବାନିବୃତ୍ତ ଅଧକ୍ଷ। କିଛି ଦିନ ପୂର୍ବେ ଟାଟା ଟ୍ରଷ୍ଟରେ ଝଗଡ଼ା ଦେଖାଦେଇଥିଲା। ରତନ ଟାଟାଙ୍କ ସାବତ ଭାଇ ନୋଏଲ ଟାଟା




ଓ ସାପୁରଜୀ ପାଲୋଞ୍ଜୀ ଗ୍ରୁପ୍‌ର ମିସ୍ତ୍ରୀ ପରିବାର ସଦସ୍ୟ ମେହଲି ମିସ୍ତ୍ରୀଙ୍କ ମଧରେ ମତଭେଦ ସୃଷ୍ଟି ହୋଇଥିଲା। ନୋଏଲଙ୍କ ନିଷ୍ପତ୍ତିକୁ ମିସ୍ତ୍ରି ପକ୍ଷ ବିରୋଧ କରୁଛନ୍ତି। ଟାଟା ଟ୍ରଷ୍ଟସର ନିୟମ ଅନୁସାରେ କୌଣସି ସଦସ୍ୟଙ୍କ ପୁନଃ ନିଯୁକ୍ତି ବା ନିଯୁକ୍ତିର ନବୀକରଣ ସବୁ ଟ୍ରଷ୍ଟିଙ୍କ ସହମତି ଉପରେ ନିର୍ଭର କରୁଛି। ନୋଏଲ ଟାଟାଙ୍କ ପଟେ ଥିବା ଶ୍ରୀନିବାସନଙ୍କୁ ଆଜୀବନ ନିଯୁକ୍ତି ଦିଆଯାଇଥିବାରୁ ମିସ୍ତ୍ରିଙ୍କ ପୁନଃନିଯୁକ୍ତି ଅଟକାଇବା ଲାଗି ତାହା ଏକ ଯୋଜନା ହୋଇଥାଇପାରେ ବୋଲି କୁହାଯାଉଛି। ଟାଟା ସନ୍ସରେ ସାପୁରଜୀ ପାଲୋଞ୍ଜି ଗ୍ରୁପର ୧୮ ପ୍ରତିଶତ ଅଂଶଧନ ରହିଛି। ତାଙ୍କ ପରିବାରର ସଦସ୍ୟ ସାଇରସ ମିସ୍ତ୍ରୀଙ୍କୁ କିଛି ବର୍ଷ ପୂର୍ବେ ଅଧକ୍ଷ ପଦରୁ ତଡ଼ିଦିଆଯାଇଥିଲା। ଆଇନଗତ ଲଢ଼େଇ ଲଢୁଥିବା ଥିବା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସେ ପ୍ରାଣ ହରାଇଥିଲେ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



### ଧନତେରସରୁ ଦୀପାବଳି ମଧରେ ୟୁପିଆଇ ପେମେଣ୍ଟ ସଂଖ୍ୟା ରେକର୍ଡ

## ଦୈନିକ ଟ୍ରାଞ୍ଜେକ୍ସନ ହାରାହାରି ୭୩ କୋଟି ଟପିଲା

ନୂଆଦିଲ୍ଲୀ, ୨୨।୧୦: ଦିନ ଥିଲା ସରକାର ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ବା ୟୁପିଆଇ ନେଣଦେଣକୁ ଲୋକପ୍ରିୟ କରାଇବା ପାଇଁ ଅଭିଯାନ ଚଲାଉଥିଲେ। କିନ୍ତୁ ଏବେ ସ୍ଥିତି ବଦଳି ଯାଇଛି। ୟୁପିଆଇ ଟ୍ରାଞ୍ଜେକ୍ସନ ଏବେ ଲୋକଙ୍କୁ ଜୀବନର ଅଂଶ ହୋଇଯାଇଛି। ପାର୍ବଣ ଋତୁରେ ୟୁପିଆଇ ଟ୍ରାଞ୍ଜେକ୍ସନରେ ରେକର୍ଡ ବୃଦ୍ଧି ଦେଖିବାକୁ ମିଳିଛି। ଧନତେରସରୁ ଦୀପାବଳି ମଧରେ ମାତ୍ର ତିନି ଦିନରେ ହିଁ ୟୁପିଆଇ ଟ୍ରାଞ୍ଜେକ୍ସନ ସଂଖ୍ୟାରେ ୩୦ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି। ଏହି ପରିସଂଖ୍ୟାନ ନ୍ୟାସନାଲ୍ ପେମେଣ୍ଟ୍ସ କର୍ପୋରେସନ ଅଫ୍ ଇଣ୍ଡିଆ ପକ୍ଷରୁ ଜାରି କରାଯାଇଛି। ଏନପିସିଆଇରୁ ମିଳିଥିବା ତଥ୍ୟ ଅନୁସାରେ ଧନତେରସରୁ ଦୀପାବଳି ମଧରେ ୟୁପିଆଇରୁ ଦୈନିକ ହାରାହାରି ୭୩.୬୯ କୋଟି ଟ୍ରାଞ୍ଜେକ୍ସନ ହୋଇଛି। ଏହାର ଗୋଟିଏ ବର୍ଷ ପୂର୍ବେ ଧନତେରସରୁ ଦୀପାବଳି ମଧରେ ପ୍ରତ୍ୟେକ ଦିନ ହାରାହାରି ୫୬.୮୪ କୋଟି ଟ୍ରାଞ୍ଜେକ୍ସନ ହୋଇଥିଲା। ଯଦି ଚାରି ବର୍ଷ ପୂର୍ବର ସମାନ ଅବଧି ସହ ତୁଳନା କରିବା ତେବେ ଏହି ସଂଖ୍ୟା ତିନି ଗୁଣ ହୋଇସାରିଛି। ୨୦୨୨ରେ ଏହି ତିନି ଦିନରେ ପ୍ରତିଦିନ ୨୪.୫୪ କୋଟି ଟ୍ରାଞ୍ଜେକ୍ସନ ହୋଇଥିଲା। ୨୦୨୩ରେ ବଢ଼ି ୪୨.୦୫ କୋଟି ହୋଇଥିଲା। ଦେଶରେ ସମସ୍ତ ପ୍ରକାରର ଡିଜିଟାଲ ପେମେଣ୍ଟରେ ୟୁପିଆର ଅଂଶ ମଧ ବଢ଼ିଛି। ଏବେ ଏହା ୮୫ ପ୍ରତିଶତ ହୋଇଛି। ଦୀପାବଳି ପୂର୍ବ ସଂଧାରେ, ୟୁପିଆଇ ମାଧମରେ ଗୋଟିଏ ଦିନରେ ୭୪ କୋଟି ନେଣଦେଣ ହୋଇଥିଲା। ଯାହା ୟୁପିଆଇରେ ଗୋଟିଏ ଦିନରେ ଟ୍ରାଞ୍ଜେକ୍ସନର ଆଜି ଯାଏ ସବୁଠୁ ବଡ଼ ସଂଖ୍ୟା ଅଟେ। ଯଦି ଦଶହରାରୁ ଦୀପାବଳି ଯାଏ ଦେଖିବା ତେବେ ଚଳିତ ମାସରେ ପ୍ରତିଦିନ ହାରାହାରି ଟ୍ରାଞ୍ଜେକ୍ସନ ସଂଖ୍ୟା ୬୯.୫ କୋଟି ରହିଛି, ଯାହା ସେପ୍ଟେମ୍ବରର ରେକର୍ଡ ୬୫.୪ କୋଟି ଠାରୁ ୬ ପ୍ରତିଶତ ଅଧିକ। ପାର୍ବଣ ଋତୁ ସବୁବେଳେ ୟୁପିଆଇ ବ୍ୟବହାର ବୃଦ୍ଧିର ଏକ ପ୍ରମୁଖ ପ୍ରେରକ ରହିଛି। ଗତ ବର୍ଷ ମଧ ଦଶହରା ଓ ଦୀପାବଳି ସମୟରେ ଡିଜିଟାଲ ପେମେଣ୍ଟ ବୃଦ୍ଧି ପାଇଥିଲା।

ଚଳିତ ବର୍ଷ ଅକ୍ଟୋବର ୨୦ ସୁଦ୍ଧା, ୟୁପିଆଇ ଟ୍ରାଞ୍ଜେକ୍ସନର ଭ୍ୟାଲ୍ୟୁ ଛଅଟି ଦିନରେ ଏକ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଏହା ସେପ୍ଟେମ୍ବର ତୁଳନା ଦ୍ୱିଗୁଣ ଅଧିକ ଅଟେ। ସାଧାରଣତଃ ୟୁପିଆଇରୁ ଅଧିକ ଟ୍ରାଞ୍ଜେକ୍ସନ ମାସ ଆରମ୍ଭରେ ଦରମା ଓ ଇଏମଆଇ ପୈଠ କାରଣରୁ ସବୁଠୁ ସକ୍ରିୟ ହୋଇଥାଏ। କିନ୍ତୁ ଦୀପାବଳି କାରଣରୁ ଚଳିତ ମାସରେ ଏହି ଗତି ମଜଭୁତ ରହିଥିଲା।

## ୨୦୨୬ରୁ ବଦଳିବ ବ୍ୟାଙ୍କିଙ୍ଗ୍ ନିୟମ

## ଲକର୍‌ରୁ ଚୋରି ହେଲେ ୧୦୦ ଗୁଣ ଯାଏ ମିଳିବ କ୍ଷତିପୂରଣ

ନୂଆଦିଲ୍ଲୀ, ୨୨।୧୦: ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଶର ବ୍ୟାଙ୍କିଂ ବ୍ୟାବସ୍ଥରେ ବଡ଼ ସଂସ୍କାର ଆଣିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଆରବିଆଇ ୨୩୮ ନୂଆ ବ୍ୟାଙ୍କିଂ ନିୟମର ଡ୍ରାଫ୍ଟ ଜନତାଙ୍କ ପାଇଁ ଜାରି କରିଛି। ନଭେମ୍ବର ୧୦ ସୁଦ୍ଧା ପରାମର୍ଶ ଓ ସୁପାରିଶ ଲୋଡ଼ିଛି। ଏହି ନିୟମ ଉପରେ ଲୋକଙ୍କ ମତ ଓ ବ୍ୟାଙ୍କିଂ ସଂସ୍ଥାନର ପ୍ରତିକ୍ରିୟା ପରେ ୨୦୨୬ ଆରମ୍ଭରୁ ଏହାକୁ ଲାଗୁ କରାଯାଇପାରେ। ଏହି ପ୍ରସ୍ତାବିତ ପରିବର୍ତ୍ତନର ଉଦ୍ଦେଶ୍ୟ ଗ୍ରାହକଙ୍କ ସୁରକ୍ଷା ବଢାଇବା, ବ୍ୟାଙ୍କିଂ ସେବାକୁ ସରଳ କରିବା ଓ ବ୍ୟାଙ୍କଗୁଡ଼ିକର ଉତ୍ତରଦାୟିତ୍ୱ ସ୍ଥିର କରିବା।

ଆରବିଆଇର କହିବା କଥା, ଯଦି କୌଣସି ଗ୍ରାହକଙ୍କ ଖାତାରୁ ସାଇବର୍ ଠକେଇ ହୁଏ ଓ ତିନି ଦିନ ଭିତରେ ବ୍ୟାଙ୍କକୁ ସେ ଏହି ସୂଚନା ଦିଅନ୍ତି, ତେବେ ତାଙ୍କର ଦାୟିତ୍ୱ ଶୂନ ହେବ। ଅର୍ଥାତ୍ ଗ୍ରାହକଙ୍କୁ କୌଣସି କ୍ଷତି ସହିବାକୁ ପଡ଼ିବ ନାହିଁ। ଏହା ସହ, ଯଦି ବ୍ୟାଙ୍କ ଏପରି ମାମଲାରେ ସଠିକ୍ ସମୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ, ତେବେ ତା' ଉପରେ ୨୫ ହଜାର ଟଙ୍କା ଜରିମାନା ଲଗାଯିବ। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ସାଇବର ସୁରକ୍ଷାକୁ ନେଇ ଅଧିକ ସତର୍କ ରହିବେ। ଲକର୍ ସହ ଜଡ଼ିତ ବିବାଦରେ ବି ଗ୍ରାହକଙ୍କ ହିତରେ ବଡ଼ ପରିବର୍ତ୍ତନ କରାଯାଇଛି। ଯଦି କୌଣସି ଗ୍ରାହକଙ୍କ ଲକର୍, ବ୍ୟାଙ୍କର ଅବହେଳା କିମ୍ବା ସୁରକ୍ଷା ତ୍ରୁଟି ଯୋଗୁ ଚୋରି କିମ୍ବା କ୍ଷତିର ଶିକାର ହୁଏ, ତେବେ ବ୍ୟାଙ୍କକୁ ଲକର୍ ଭଡ଼ାର ୧୦୦ ଗୁଣ ଯାଏ କ୍ଷତିପୂରଣ ଦେବାକୁ ପଡ଼ିବ।

ନୂଆ ନିୟମରେ କେୱାଇସି ପ୍ରକ୍ରିୟାକୁ ଆହୁରି ଅଧିକ ସରଳ କରାଯାଇଛି। ସାଧାରଣ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ପାଇଁ କେୱାଇସି ପ୍ରତି ୧୦ ବର୍ଷରେ ଥରେ କରିବାକୁ ହେବ। ମଧମ ବିପଦ ଥିବା ଆକାଉଣ୍ଟ ପାଇଁ ପ୍ରତି ୮ ବର୍ଷ ଓ ଉଚ୍ଚ ବିପଦ ଥିବା ଆକାଉଣ୍ଟ ପାଇଁ ପ୍ରତି ୨ ବର୍ଷରେ ଏହି ପ୍ରକ୍ରିୟା ପୂରା କରିବାକୁ ପଡ଼ିବ। ଏହାଦ୍ୱାରା ଗ୍ରାହକଙ୍କୁ ବାରମ୍ବାର ଦସ୍ତାବିଜ ଜମା କରିବାକୁ ପଡ଼ିବ ନାହିଁ। ଲୋନ୍ ସହ ଜଡ଼ିତ ମାମଲାରେ ବି ଗ୍ରାହକଙ୍କୁ ବଡ଼ ଆଶ୍ୱସ୍ତି ଦିଆଯାଇଛି। ଏବେ ସବୁ ବ୍ୟାଙ୍କଗୁଡ଼ିକୁ ସୁଧ ହାର ସ୍ଥିର କରିବା ପାଇଁ ଏକ ସମାନ ଫର୍ମୁଲା ଆପଣାଇବାକୁ ହେବ, ଫଳରେ ପାରଦର୍ଶିତା ରହିପାରିବ। ଏହାସହ ସମସ୍ତ ଲୋନ୍ ଉପରେ ପ୍ରିପେମେଣ୍ଟ ପେନାଲ୍ଟି (ଆଗୁଆ ଲୋନ ପରିଶୋଧ ଉପରେ ଜରିମାନା)କୁ ସମ୍ପୂର୍ଣ୍ଣ ରୂପେ ଶେଷ କରାଯିବ। ଏହା ଦ୍ୱାରା ଗ୍ରାହକ ବିନା କୌଣସି ଅତିରିକ୍ତ ଶୁଳ୍କରେ ସମୟ ପୂର୍ବରୁ ନିଜ ଲୋନ୍ ପରିଶୋଧ କରିପାରିବେ।

୭୦ ବର୍ଷ କିମ୍ବା ଏହାଠାରୁ ଅଧିକ ବୟସର ଗ୍ରାହକଙ୍କୁ ଘରେ ବ୍ୟାଙ୍କିଂ ସୁବିଧା ପହଞ୍ଚାଇବା ପାଇଁ ପ୍ରସ୍ତାବ ରଖାଯାଇଛି। ଅର୍ଥାତ୍ ସେମାନଙ୍କୁ ବ୍ୟାଙ୍କ ଶାଖା ଯିବାକୁ ପଡ଼ିବ ନାହିଁ ଏବଂ ବ୍ୟାଙ୍କ ଅଧିକାରୀ ଗ୍ରାହକଙ୍କ ଘରକୁ ଯାଇ ଜରୁରି ସେବା ପ୍ରଦାନ କରିବେ। ଆରବିଆଇ ଅନୁସାରେ, ଜନତା ଓ ବ୍ୟାଙ୍କର ପରାମର୍ଶ ଉପରେ ବିଚାର କରିବା ପରେ ୨୦୨୬ ଜାନୁଆରୀ ୧ରୁ ଏପ୍ରିଲ୍ ୧ ମଧରେ ସବୁ ନୂଆ ନିୟମ ପର୍ଯ୍ୟାୟକ୍ରମେ ଲାଗୁ କରାଯିବ। ଏପରି ପରିବର୍ତ୍ତନ ଲାଗୁ ହେବା ପରେ ବ୍ୟାଙ୍କିଂ ସେକ୍ଟରରେ ପରାଦର୍ଶିତା ବଢ଼ିବ।




## କ୍ୱିକ୍ କମର୍ସ ବଢ଼ାଇବାକୁ ୬୦୦ 'ଡାର୍କ ଷ୍ଟୋର୍' ଖୋଲିଲା ରିଲାଏନ୍ସ

ନୂଆଦିଲ୍ଲୀ,୨୨।୧୦: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ରିଟେଲ୍ ଉଦ୍ୟୋଗ ରିଲାଏନ୍ସ ରିଟେଲ୍ ଦେଶରେ 'କ୍ୱିକ୍ କମର୍ସ' ବ୍ୟବସାୟକୁ ବଢ଼ାଇବା ପାଇଁ ବ୍ଲିଙ୍କିଟ୍, ସ୍ୱିଗି ଓ ବିଗ୍ ବାସ୍କେଟ୍ ଭଳି କମ୍ପାନୀକୁ କଡ଼ା ଟକ୍କର ଦେବାକୁ ପ୍ରସ୍ତୁତ ହେଉଛି। କମ୍ପାନୀ ଦେଶବ୍ୟାପୀ ୬୦୦ରୁ ଅଧିକ 'ଡାର୍କ ଷ୍ଟୋର୍' କାର୍ଯ୍ୟକ୍ଷମ କରିଛି। ରିଲାଏନ୍ସ ରିଟେଲ୍ ତାର ନେଟୱର୍କରେ ୩୦ ମିନିଟ୍‌ରୁ କମ୍ ସମୟ ମଧରେ ଡେଲିଭରି ଉପରେ ଗୁରୁତ୍ୱ ଦେଉଛି ଏବଂ ଏହି ସେବାକୁ ଅଧିକ ବ୍ୟାପକ କରିବାକୁ ଆହୁରି ଅନେକ 'ଡାର୍କ ଷ୍ଟୋର୍' ଖୋଲିବାକୁ ଯୋଜନା କରିଛି। ରିଲାଏନ୍ସର ଡିଜିଟାଲ କମର୍ସ ପ୍ଲାଟଫର୍ମ ଜିଓ ମାର୍ଟର ହାଇପର-ଲୋକାଲ୍ ଡେଲିଭରିରେ ଦୈନିକ ଅର୍ଡର ପରିମାଣରେ ବର୍ଷକୁ ୨୦୦ ପ୍ରତିଶତରୁ ଅଧିକ ବୃଦ୍ଧି ହୋଇଛି। ରିଲାଏନ୍ସ ରିଟେଲ୍‌ର ସିଏଫ୍‌ଓ ଦିନେଶ ତାଲୁଜା କହିଛନ୍ତି ଯେ, କମ୍ପାନୀ ପାଖରେ ଥିବା ବ୍ୟାପକ ଷ୍ଟୋର୍ ନେଟୱର୍କ ଯୋଗୁଁ କ୍ୱିକ୍ କମର୍ସ କ୍ଷେତ୍ରରେ ଏହା ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଠାରୁ ବହୁ ଆଗରେ ଅଛି। କାରଣ ଅନ୍ୟ କମ୍ପାନୀମାନେ ମୁଖ୍ୟତଃ କିଛି ପ୍ରମୁଖ ସହରରେ ସୀମିତ ଥିବାବେଳେ ରିଲାଏନ୍ସ ହଜାରେରୁ ଅଧିକ ସହରରେ ଉପସ୍ଥିତ।

# ଅଶ୍ୱିନୀ ଯୌନ କେଲେଙ୍କାରି ଅଭିଯୋଗରେ ଗିରଫ



ତିର୍ତ୍ତୋଲ,୨୨।୧୦(ସଂଚାର ବ୍ୟୁରୋ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କଟରା ପଞ୍ଚାୟତ କୋରକର ଗ୍ରାମର ରଶ୍ମିତା ପରିଡା ଜଗତସିଂହପୁର ଜିଲ୍ଲାର ପୁରୋହିତ ପୁର ଅଞ୍ଚଳ ର ଜଣେ ନାଲୁଆ ସୁଧ ବ୍ୟବସାୟୀ ଅଶ୍ୱିନୀ କୁମାର ଦାଶ ଙ୍କ ନାମରେ ତିର୍ତ୍ତୋଲ ଥାନାରେ ୨୧ଅଗଷ୍ଟ ୨୦୨୫ରେ ଯୌନ ନିର୍ଯ୍ୟାତନା ଅଭିଯୋଗ କରିଥିଲେ। ଅଶ୍ୱିନୀଙ୍କ ବଡ଼ଭାଇ ଙ୍କର ନିଜସ୍ୱ କାର୍ଯ୍ୟାଳୟ ଯାହାକି ଅଶ୍ୱିନୀଙ୍କର ପୁତ୍ର ନାମରେ 'ଆଶୁତୋଷ ଆସୋସିଏଟ୍ସ' ରେ ପ୍ରାୟ ୧ ବର୍ଷ ହେଲା କାର୍ଯ୍ୟରତ ଥିବା ଜଣେ ଯୁବତୀକୁ ଯୌନ ନିର୍ଯ୍ୟାତନା ଦେଇଥିବା ନେଇ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ତିର୍ତ୍ତୋଲ ପୋଲିସ ୨୧ଅଗଷ୍ଟ ୨୦୨୫ରେ ଅଭିଯୋଗ ପାଇ କେସ ନମ୍ବର ୪୩୧/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ଅଶ୍ୱିନୀ ଦାଶ ସୁଧ ବେପାରୀ ଭାବେ ବେଶ ପରିଚିତ ହୋଇଥିବା ବେଳେ ବିଜେଡି ର ଜଣେ ସକ୍ରିୟ କର୍ମୀଭାବେ ମଧ୍ୟ ଜଣାଶୁଣା। ଅଶ୍ୱିନୀଙ୍କୁ ନଧରିବା ପାଇଁ ପୋଲିସକୁ ଚାପ ପକାଯାଇଥିବା ଶୁଣିବାକୁ ମିଳିଥିଲା। ଅଭିଯୋଗର ଦୁଇମାସ ପରେ ଗତ ସୋମବାର ୨୦/୧୦/୨୦୨୫ ରିଖ ଅପରାହ୍ନ ୩ ଘଟିକା ସମୟରେ ପୁରୋହିତସ୍ଥିତ ବାସଭବନରୁ ଅଶ୍ୱିନୀ ଦାଶ(ଚିଣ୍ଟୁ)ଙ୍କୁ ତିର୍ତ୍ତୋଲ ପୋଲିସ ଗିରଫ କରିଥିଲା। ଯୁବତୀ ଜଣକ ମହିଳା କମିଶନରଙ୍କୁ ଭେଟିବା ର କିଛି ଦିନ ପରେ ତିର୍ତ୍ତୋଲ ଅଞ୍ଚଳର ବିଜୁ ଜନତା ଦଳର କିଛି ଆଗ ଧାଡ଼ିର କର୍ମୀ ଓ ଠିକାଦାର ଙ୍କ ଦ୍ୱାରା ଯୁବତୀଙ୍କ ସମେତ ତାଙ୍କ ପରିବାର ଓ ସମ୍ପର୍କୀୟ ମାନଙ୍କୁ ଖୁଲମ୍ ଖୋଲା ଭାବେ ଧମକ ଦିଆଯାଉଥିଲା। ଅଶ୍ୱିନୀ କୁମାର ଦାଶଙ୍କ ନାମରେ ଦେଇଥିବା ଅଭିଯୋଗ କୁ ତୁରନ୍ତ ରଫାଦଫା କର ନହେଲେ ପରିସ୍ଥିତି ଭାୟାଭୟ ହେବ। ଅଶ୍ୱିନୀ ଭିତରେ ରହିଲେ ପୁଣି ବାହାରକୁ ଜାମିନ ରେ ଆସିବ ତା ପରେ ଆସିଲା ପରେ ପରିସ୍ଥିତି କଣ ହେବ ଜାଣି ପରୁଛ ତ? ସାରା ପରିବାର ସହ ଯୁବତୀ ଙ୍କୁ ସାହାଯ୍ୟ କରୁଥିବା ପ୍ରତ୍ୟେକ ସଦସ୍ୟଙ୍କ ମୁଣ୍ଡ ଗଡ଼ିବ ବୋଲି ଧମକ ମିଳିଥିଲା। ତିର୍ତ୍ତୋଲ ପୋଲିସ ସବୁ ଘଟଣାର ଅନ୍ତ ଘଟାଇ ଅଶ୍ୱିନୀ ଙ୍କୁ ପୁରୋହିତପୁର ବାସଭବନରୁ ଗିରଫ କରି ମେଡିକାଲ ଯାଞ୍ଚ ପରେ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

# ନିଶା ମିଶ୍ରିତ ଜଳଜିରା ପାନୀୟ ଦେଇ ଯାତ୍ରୀଙ୍କଠୁ ଲୁଟି ନେଉଛନ୍ତି ସର୍ବସ୍ୱ





କଳାହାଣ୍ଡି,୨୨।୧୦(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ରେଳ ଷ୍ଟେସନ ଅଞ୍ଚଳ ରେ ତିନି ଜଣ ଯୁବକ ଙ୍କୁ ଜଳଜିରା ରେ ନିଶା ଦେଇ ଟଙ୍କା ଓ ମୋବାଇଲ ଲୁଟି ନେଇଛି ଦୁର୍ବୃତ୍ତ।ଏହି ଘଟଣା କୁ ନେଇ ଏବେ ଅଞ୍ଚଳ ସାରା ଚାଞ୍ଚଲ୍ୟ ଦେଖାଦେଇଥିବା ବେଳେ ଆତଙ୍କ ଦେଖାଇଛି ଜଳଜିରା।

ଏହି ଘଟଣା ରେ କେହି ଜଣେ ସମ୍ପୃକ୍ତ ଅଛି ନା କେଉଁ ଗ୍ୟାଙ୍ଗ ର କାମ ତାହାର ଟେର ପାଉନି ପୋଲିସ। ବାରମ୍ବାର କେସିଙ୍ଗା ଷ୍ଟେସନ ରେ ଏଭଳି ହେଉଥିବା ବେଳେ ରେଳ ବାଇ ପୋଲିସ ମଧ୍ୟ ଏହାର ଟେର ପାଉ ନଥିବାରୁ, ଯାତ୍ରୀ ମାନଙ୍କ ମନରେ ଏକ ପ୍ରକାର ର ଭୟ ର ବାତାବରଣ ଦେଖାଦେଇଛି। ଏହି ଘଟଣା ର ଶିକାର ହୋଇଥିବା ତିନି ଜଣଙ୍କ ମଧ୍ୟ ରୁ ଜଣଙ୍କୁ କେସିଙ୍ଗା ଆଦର୍ଶ ଥାନା ପୋଲିସ ଡାକ୍ତର ଖାନା କୁ ନେଇ ଚିକିତ୍ସା କରାଇଥିବା ସୂଚନା ରହିଛି।

କେସିଙ୍ଗା ଷ୍ଟେସନ ରେ ଏଭଳି ଘଟଣା ଘଟିଥିବାରୁ, ଏହି ଘଟଣା କୁ ଗୁରୁତର ସହ ନେଇ ଉଭୟ ରେଳ ବାଇ ପୋଲିସ ଓ କେସିଙ୍ଗା ପୋଲିସ ଘଟଣା ର ତଦନ୍ତ କରିବା ସହ ଜଳଜିରା ଦେଇ ଲୁଟ କରିଥିବା ଲୁଟେରା ଙ୍କ ପର୍ଦ୍ଦାଫାଶ କରିବା ପାଇଁ ସାଧାରଣ ରେ ଦାବି ହେଉଛି।

ଅନ୍ୟ ପକ୍ଷରେ ଜଳଜିରା ରେ କେଉଁ ନିଶା ଦ୍ରବ୍ୟ କୁ ମିଶ୍ରିତ କରାଯାଉଛି ଓ ତାହା ମିଳୁଛି କେଉଁଠି ତାହା ମଧ୍ୟ ତଦନ୍ତ ସାପେକ୍ଷ।

କେବେ ପୋଲିସ ଏହି ଜଳଜିରା ଲୁଟେରା ଙ୍କୁ ଗିରଫ କରିବାରେ ସଫଳ ହେବ ତାହା ଦେଖିବାକୁ ବାକି ରହିଲା।

# କିଲୋ ପିଛା ୩ ଶହରେ ବିକୁଥିଲେ ବାରହା ମାଂସ



ପାଟଣା,୨୨।୧୦(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ତଣ୍ଡ ବିଟ୍ ରହଣି ଦୁମା ଗ୍ରାମର ସମ୍ଭୁ ମହାନ୍ତଙ୍କ ପୁଅ ହରିଶ୍ଚନ୍ଦ୍ର ମହାନ୍ତ(୨୧) ଙ୍କୁ ବୁଧବାର ରାତିରେ ବାରହା ମାଂସ ବିକ୍ରୀ ଅଭିଯୋଗରେ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ହରିଶ୍ଚନ୍ଦ୍ର ବଣ ମହୁଲ ଡିହା ଗ୍ରାମର ପାତୁଲୁ ମୁଣ୍ଡାଙ୍କୁ ବାରହା ମାଂସ ବିକ୍ରୀ କରୁଥିବାର ଖବରପାଇ ବନ ବିଭାଗ ତରଫରୁ ବନପାଳ ନିରଞ୍ଜନ ସେଠୀ, ଗାର୍ଡ ଦେବଯାନୀ ମହାନ୍ତ, ପାରା ଷ୍ଟାଫ ଅଟଳ ସେଠୀ, ଏମ୍ ଡି ଓ୍ୱାସିମ ଚଢାଉ କରି ପାତଲୁ ଓ ହରିଶ୍ଚନ୍ଦ୍ରଙ୍କ ଘରୁ ମୋଟ ୧ କିଗ୍ରା ୫୯୦ ଗ୍ରାମ ବାର୍ହା ମାଂସ ସହ ଏକ ପ୍ଲାଷ୍ଟିକ ବ୍ୟାଗ, ମୋବାଇଲ ଫୋନକୁ ଜବତ କରିଛନ୍ତି। ପାତୁଲୁଙ୍କୁ ସାକ୍ଷୀ ରଖି ବନ ବିଭାଗ ଛାଡ଼ି ଦେଇଛି। ତେବେ ହରିଶ୍ଚନ୍ଦ୍ର ମୟୂରଭଞ୍ଜ ଜିଲା ଏକ ହାଟରୁ ବାରହା ମାଂସ କିଣି ୩ ଶହ ଟଙ୍କା କିଲୋରେ ପାଟଣା ରେଞ୍ଜରେ ବିକୁଥିବାର ସ୍ୱୀକାର କରିଥିବା ରେଞ୍ଜର ଶ୍ରୀ ସର୍ଦ୍ଦାର କହିଛନ୍ତି।

# ଫେରିଘାଟ ବିପର୍ଯ୍ୟସ୍ତ ଅବସ୍ଥା ଦେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ



ସୁବର୍ଣ୍ଣପୁର,୨୨।୧୦(ସଂଚାର ବ୍ୟୁରୋ): ସୋନପୁର ସହରର ସର୍ବ ପୁରାତନ ମହାନଦୀ ତେନ୍ତୁଳିଘାଟ ତଥା ଫେରିଘାଟର ବିପର୍ଯ୍ୟସ୍ତ ସମସ୍ୟା ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜିବୀ ଙ୍କ ଠାରୁ ଅବଗତ ହୋଇ ଆଜି ସକାଳ ୮ ଟା ରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ହଠାତ୍ ପରିଦର୍ଶନରେ ପହଞ୍ଚିଥିଲେ। ପ୍ରତିଦିନ ରାଜ୍ୟ ତଥା ଦେଶ ବିଦେଶ ର ଶହ ଶହ ପର୍ଯ୍ୟଟକ ଏ ଘାଟ ଦେଇ ମେସିନ ବୋଟରେ ମହାନଦୀ ମଧ୍ୟ ଭାଗରେ ଥିବା ପ୍ରତ୍ୟକ୍ଷ ଦେବୀ ମା ଲଙ୍କେଶ୍ୱରୀ ଙ୍କୁ ଦର୍ଶନ ଓ ପିକନିକ ପାଇଁ ଆସୁଥିବା ବେଳେ ଘାଟ ର ଅଳିଆ ଆବର୍ଜନା ଓ ଦୂରବସ୍ଥା ଲାଗି ପର୍ଯ୍ୟଟକ ନାକ ଟେକୁଥିବା ବିଷୟ ଶୁଣି ଓ ନିଜେ ଅନୁଭବ କରି ପୌର ପ୍ରଶାସନ ଉପରେ ଖୁବ୍ ବିରକ୍ତି ପ୍ରକାଶ କରିଥିଲେ। ବିଭିନ୍ନ ବିଭାଗ ର ଇଚ୍ଛା ଶକ୍ତି ଅଭାବ ରୁ ସାମାନ୍ୟ ଛୋଟ ଟିକେ ଟିକେ କାର୍ଯ୍ୟ ସବୁ ଅବହେଳିତ ହୋଇ ପଡ଼ିଥିବା ଯୋଗୁଁ ସାଧାରଣ ଲୋକେ ମୌଳିକ ସୁବିଧା ରୁ ବଞ୍ଚିତ ହେଉଥିବା ରୁ ଜିଲ୍ଲାପାଳ ଙ୍କୁ ଲଜ୍ଜିତ ହେବାକୁ ପଡୁଛି ବୋଲି କହିଥିଲେ। ଜିଲ୍ଲାପାଳ କାହାକୁ କିଛି ନ କହି ସ୍ଥିତି ଅନୁଧ୍ୟାନ କରିବା ପରେ ଚାଲିଯାଇଥିଲେ। କିନ୍ତୁ ତୁରନ୍ତ ଦୁଇ ଘଣ୍ଟା ଭିତରେ ଜିଲ୍ଲାପାଳ ଜେସିବି ପଠାଇ ପୌର ଅଧିକାରୀ ଋଷି ମାଝୀ ଙ୍କ ସହ ଏହି ଘାଟରେ ଦେଢ଼ ଘଣ୍ଟା ବସି କାର୍ଯ୍ୟ ଆରମ୍ଭ କରି ନିଜେ ତଦାରଖ ମଧ୍ୟ କରିଥିଲେ।

# କାଳୀ ପୂଜା ମହୋତ୍ସବ ଅବସରରେ ମେଗା ରକ୍ତଦାନ ଶିବିର

ସୁବର୍ଣ୍ଣପୁର,୨୨।୧୦(ସଂଚାର ବ୍ୟୁରୋ): ୫୭ତମ କାଳୀ ପୂଜା ଅବସରରେ ସହୀଦ ପ୍ରତାପ ନାଏକ ଓ ଯବାନ ସଚିନ କୁମାର ସାହୁ ଙ୍କ ସ୍ମୃତି ଅବସରରେ ଆଜି ସୋନପୁର ମଝିପଡା ନାମ ମଣ୍ଡପ ଠାରେ ରାମଧୁନ୍ କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର ଓ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ଯୋଗ ଦେଇ ଏହାକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସୋନପୁର ଏସ ଡି ପି ଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ, ଏ ଡି ଏମ ଓ ଡା. ଦୁର୍ଗା ଦତ୍ତ ଦାଶ, ସମାଜସେବୀ ଶ୍ରବସ୍ତ ମଲ୍ଲିକ, ପୁର୍ବତନ କାଉନସିଲର କଇରୁ ସ୍ୱାଇଁ, ବରିଷ୍ଠ ନାଗରିକ ସଂଘ ଉପଦେଷ୍ଟା ଆର୍ତ୍ତ ତ୍ରାଣ ବାବୁ, ସଂପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଏ ଡି ପି ଏଚ୍ ଓ ରମେଶ ସ୍ୱାଇଁ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରି ଆୟୋଜକ ଙ୍କ ଏ କାର୍ଯ୍ୟ କୁ ପ୍ରଶଂସା କରି ଥିଲେ। ସମୁଦାୟ ୨୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ଆଜି ୪୪ ରୁ ଉର୍ଦ୍ଧ୍ୱ ଲୋକ ଙ୍କ ଚକ୍ଷୁ ପରୀକ୍ଷା କରା ଯାଇଛି।

# ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକସଭା



ସୁବର୍ଣ୍ଣପୁର,୨୨।୧୦(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସ୍ଥିତ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନ ର ବରିଷ୍ଠ ନାଗରିକ ଅକ୍ଷୟ ମିଶ୍ରଙ୍କ ଗତ ୨୦ ତାରିଖ ସୋମବାର ଦିନ ନିଜ ଗାଁ ବାଗବର ଠାରେ ବିୟୋଗ ଘଟିବାରୁ ବୁଧବାର ସକାଳ ୧୧-୦୦ ଘଣ୍ଟା ସମୟରେ ଅନୁଷ୍ଠାନର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଶୋକସଭା କରାଯାଇ ତାଙ୍କର ସ୍ମୃତି ଚାରଣ କରାଯିବା ସହିତ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ଠାରେ ୧ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାପତିଙ୍କ ସମେତ ସଦସ୍ୟ କୃଷ୍ଣ ଚନ୍ଦ୍ର ପାଢ଼ୀ, ଭୂଷଣ କୁମାର ପାତ୍ର, ଦୟାନିଧି ହୋତା ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କୁ ସ୍ମୃତି ଚାରଣ କରିଥିଲେ।ଏହି ସଭାରେ ସଂପାଦକ ସନ୍ତୋଷ କୁମାର ଷଡଙ୍ଗୀ, ଦ୍ୱିତୀକୃଷ୍ଣ ପଣ୍ଡା, ଗୋପୀନାଥ ମହାକୁର, ଚମରା ମହାକୁର, ନାରାୟଣ ପ୍ରସାଦ ନାୟକ, ଜୀତେନ୍ଦ୍ର ପ୍ରଧାନ, ଅକ୍ଷୟ ମିଶ୍ର, ଶ୍ୟାମ ସୁନ୍ଦର ସେଠୀ, ସୁରେଶ ପଣ୍ଡା, ବାସୁଦେବ ପଣ୍ଡା, ଅକ୍ରୁର ଦନ୍ତା, ବାସୁଦଦବ ରଥ, ସୁରୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜଡ଼ିଦା ଆଞ୍ଚଳିକ ସାଧନା କେନ୍ଦ୍ର ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



ବେତନଟୀତା,୨୨।୧୦ (ସଂଚାର ବ୍ୟୁରୋ): ବଡସାହି ବ୍ଲକ ଅନ୍ତର୍ଗତ ଜଡ଼ିଦା ଆଞ୍ଚଳିକ ସାଧନା କେନ୍ଦ୍ରର ସୁରଭି କାର୍ଯ୍ୟକ୍ରମ ବୁଢ଼ାବଳଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି। ସି.ଆର.ସି.ସି କାହ୍ନୁଚରଣ ବାରିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।ବନିତା ଗିରି ପ୍ରଧାନଶିକ୍ଷୟତ୍ରୀ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଲକ୍ଷ୍ମଣ ରାଉତ, ଉମାକାନ୍ତ ସାସମଲ, ଶିବଚରଣ ମଣ୍ଡଳ ଅତିଥି ବୃନ୍ଦ ଯୋଗଦେଇ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଜଗନ୍ନାଥ ମିଶ୍ର ଓ ବିଷ୍ଣୁ ଦାସ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଶା ସରକାରଙ୍କର ଶିକ୍ଷା ବିଭାଗ ସୁରଭି କାର୍ଯ୍ୟକ୍ରମର ପ୍ରମୁଖ ବିଷୟ 'ମୋ ସ୍ୱପ୍ନର ଓଡ଼ିଶା ୨୦୩୬'ର ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା ପ୍ରତିଯୋଗିତା, ସଙ୍ଗୀତ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠଦଳ ଗଠନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି - ମଧୁସ୍ମିତା ଗିରି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ, ମୁଖ୍ୟବକ୍ତା ରମାକାନ୍ତ ମିଶ୍ର ଅଧ୍ୟାପକ ବାବା କାଖାରୁଆ ବୈଦ୍ୟନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୋଗଦେଇଥିଲେ।

# ଗ୍ରାମରେ ଧୁମଧାମରେ ଦୀପାବଳି ପାଳିତ

କୋଲନରା,୨୨।୧୦(ସଂଚାର ବ୍ୟୁରୋ): କୋଲନରା ବ୍ଲକ ଅନ୍ତର୍ଗତ ଦେଓପୁର ଡଙ୍ଗରପଡ଼ା ଗ୍ରାମରେ ଆଲୋକର ପର୍ବ ଦୀପାବଳି ଧୁମଧାମରେ ପାଳିତ ହୋଇ ଯାଇଛି। ଦୀପାବଳି ପାଇଁ ସାହି ବାସିନ୍ଦା ଦୀପାବଳିର ଦୁଇ ଦିନ ପୂର୍ବରୁ ନିଜ ଘରକୁ ରଙ୍ଗ ଦେବା ସହିତ ରଙ୍ଗିନ୍ ଆଲୋକମାଳାରେ ସୁସଜ୍ଜିତ କରି ସମସ୍ତଙ୍କ ପାଇଁ ନୂତନ ବସ୍ତ୍ର କିଣିଥାନ୍ତି। ରୀତିନୀତି ଅନୁସାରେ ଦୀପାବଳି ଦିନ ଠାରୁ ଦୁଇ ଦିନ ପର୍ଯ୍ୟନ୍ତ ଉପବାସ ରହି ନିଜ ପିତୃପୁରୁଷଙ୍କୁ ଆରାଧନା କରି ପିଣ୍ଡ ଦାନ କରିଥାନ୍ତି। ତୃତୀୟ ଦିନ ନୂତନ ବସ୍ତ୍ର ପରିଧାନ କରିବା ସହିତ ଆମିଷ ଭୋଜନ କରିଥାନ୍ତି। ସାହି ବାସିନ୍ଦା ପୂର୍ବରୁ ଗାଁ ବୈଠକରେ ଚୟନ କରିଥିବା ଗ୍ରାମର ମୁଖ୍ୟ ନାଇକ୍ ସାଧବ ମହନନ୍ଦିଆ, ଦାଙ୍ଗାଡ଼ାମାଞ୍ଜି ଗୋକୁଳ ନାଗ୍ ଓ ହିଣ୍ଡିଆମାଞ୍ଜି ପ୍ରସାଦ ବିଡ଼ିକା ଙ୍କୁ ସକାଳୁ ଗାଁ ମୁଣ୍ଡରେ ହଳଦୀ ପାଣିରେ ଗାଧୋଇବା ବ୍ୟବସ୍ଥା କରିବା ସହ ପୂର୍ବରୁ କିଣାଯାଇଥିବା ନୂତନ ଲୁଗା ପିନ୍ଧାଇ ସାହି ସାରା ବୁଲେଇବା ପରେ ସମସ୍ତେ ନୂତନ ବସ୍ତ୍ର ପରିଧାନ କରିଥିଲେ। ନିଜ ସାହିର ପ୍ରତ୍ୟେକ ଭଲମନ୍ଦ ଓ ସୁଖ ଦୁଃଖରେ ସହଯୋଗ କରିବା ସହ ସାହିର ଉନ୍ନତି ଦିଗରେ ସର୍ବଦା ଉଦ୍ୟମ କରିବା ନେଇ ନାଇକ୍ ସମେତ ଅନ୍ୟମାନେ ଶପଥ ପାଠ କରିଥିଲେ।

# କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରୁଛି ସୁରଭି ଯୋଜନା- ବିଇଓ



ଦଶରଥପୁର,୨୨।୧୦ (ସଂଚାର ବ୍ୟୁରୋ): ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ଅଧିନ ଜୟଚଣ୍ଡୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ କାର୍ଯ୍ୟକ୍ରମ ଆଜି କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ କ୍ଲଷ୍ଟରର ସିଆରସିସି ତଥା କାର୍ଯ୍ୟକ୍ରମର ସଂଯୋଜକ ପ୍ରିୟରଞ୍ଜନ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ସଭାଟିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ କୟାଁଗୋଲା ହାଇସ୍କୁଲର ନବମ ଶ୍ରେଣୀର ଛାତ୍ର ସତୀଶ ପରିଡା ଗୁରୁବନ୍ଦନା ଗିତ ଗାନ କରିଥିଲେ। ସେହିପରି ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ଯଯାତି କେଶରି ପରିଡା ଓ ତାଙ୍କ ସହଯୋଗୀ ଛାତ୍ର ଛାତ୍ରୀ ମାନେ ଶିଶୁ ହସିଲେ ଦୁନିଆ ହସିବ ସଙ୍ଗୀତ ଗାନ କରିଥିବା ବେଳେ ସିଆରସିସି ପ୍ରିୟରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଦଶରଥପୁର ବ୍ଲକର ମଣ୍ଡଳ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ମଲ୍ଲିକ, ସମ୍ମାନିତ ଅତିଥିଭାବେ ଏବିଓ ନୃସିଂହ ଚରଣ ମହାନ୍ତି, ପୂର୍ବତନ ସିଆରସିସି ଖଗେଶ୍ୱର ସାହୁ, ଜୟଚଣ୍ଡୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅଭିମନ୍ୟୁ ଦାସ, କଳାକାର କାର୍ତ୍ତିକ ଯେନା, ଦରବା ୟୁଜିଏମିଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗିରଥି ପୃଷ୍ଟି ପ୍ରମୁଖ ଅତିଥିଭାବେ ଯୋଗଦେଇ ସରକାରଙ୍କ ପକ୍ଷରୁ ଆୟୋଜନ କରାଯାଉଥିବା ଏହି ସୁରଭି କାର୍ଯ୍ୟକ୍ରମର ଉଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

# କାଳୀପୂଜା ଉତ୍ସବ ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ବାଲିଆପାଳ,୨୨।୧୦ (ସଂଚାର ବ୍ୟୁରୋ): ବାଲିଆପାଳ ଜାମକୁଣ୍ଡା ଛକ ବଣିକ ସଂଘ ପକ୍ଷରୁ ଅନୁଷ୍ଠିତ ସାର୍ବଜନୀନ ମାଦ' କାଳୀପୂଜା ଉତ୍ସବ ବୁଧବାର ଉଦଯାପିତ ହୋଇଯାଇଛି।ଏହି ଅବସରରେ ମଙ୍ଗଳବାର ପ୍ରତିଭା ଅନ୍ୱେଷଣ କାର୍‌ଯ୍ୟକ୍ରମରେ କୁନି ପ୍ରତିଭା ମାନଙ୍କୁ ନେଇ ନୃତ୍ୟ ସଂଗୀତ ପ୍ରତିଯୋଗୀତା କରାଯାଇ କୁନି ପ୍ରତିଭା ମାନଙ୍କୁ ମାନପତ୍ର, ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେବଣିକ ସଂଘ ସଭାପତି ଦାମୋଦର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେଇ ମାଦ' ଙ୍କ ଆଶୀର୍ବାଦ ଭିକ୍ଷା କରି ସମସ୍ତଙ୍କ ମଙ୍ଗଳ କାମନା କରିଥଲେ ଏବଂ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାର କୃତି ପ୍ରତିଭା ମାନଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତା ଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ଅଜୟ କୁମାର ସାହୁ, ବିଜୁ କୃଷକ ଜନତା ଦଳ ଜିଲ୍ଲା ସଭାପତି ଅଜୟ ସାମଲ, ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବଣିକ ସଂଘର ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ଶିବ ସାହୁ, କାହ୍ନୁ ଚରଣ ନାୟକ, ମିଟୁ ଜେନା, ବଂଶୀଧର ସାହୁ ଙ୍କ ସହିତ ଅନ୍ୟ ସମସ୍ତ ସଦସ୍ୟମାନେ କାର୍‌ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦାବି ପୁରଣ ନ ହେବାରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତ ପ୍ରତିନିଧିଙ୍କ ଗଣଧାରଣା

ନାଉଗାଁ,୨୨।୧୦ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବ୍ଲକର ବିଭିନ୍ନ ପଞ୍ଚାୟତର ପ୍ରତିନିଧିମାନେ ୧୦ଦଫା ଦାବିକୁ ନେଇ ଗଣଧାରଣା ଦେଇଛନ୍ତି। ଏସଂକ୍ରାନ୍ତରେ ପଞ୍ଚାୟତ ପ୍ରତିନିଧିମାନଙ୍କର ମିଳିତ ସ୍ୱାକ୍ଷରରେ ଏକ ଦାବିପତ୍ର ଅକ୍ଟୋବର ୧୩ ରେ ବିଡିଓ ନିରଞ୍ଜନ ପରିଡ଼ାଙ୍କୁ ପ୍ରଦାନ କରାଯାଇଥିଲା। ୭ ଦିନ ମଧ୍ୟରେ ଦାବି ଗୁଡିକ ସମାଧାନ କରା ନଗଲେ ପ୍ରଥମେ ଗଣଧାରଣା ଓ ପରେ ଆମରଣ ଅନଶନ କରିବାକୁ ଚେତାବନୀ ପ୍ରଦାନ କରାଯାଇଥିଲା। ଯେଉଁ ପର୍ଯ୍ୟନ୍ତ ଦାବି ଗୁଡିକ ପୁରଣ ନ ହୋଇଛି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ପଞ୍ଚାୟତ ପ୍ରତିନିଧିମାନେ ସୂଚନା ପ୍ରଦାନ କରିଛନ୍ତି। ଉକ୍ତ ଗଣଧାରଣାରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଜିତ ପୁହାଣ, ରୋହିଆ ସରପଞ୍ଚ ହେମାମାଳିନୀ ମହାନ୍ତି, କୋରୁଅ ସରପଞ୍ଚ ସଂଧ୍ୟାରାଣୀ ବେହେରା, ଶିଖର ସରପଞ୍ଚ କବିତା ନାୟକ, ଜାମୁଗାଁ ସରପଞ୍ଚ ସୁଭ୍ରସ୍ମୃତୀ ପରିଡ଼ା, ଅଲଣା ସରପଞ୍ଚ ଚନ୍ଦ୍ରମଣୀ ବେହେରା, ଗଳଧାରୀ ସରପଞ୍ଚ ଦିଲ୍ଲିପ ନାୟକ, ନୂଆଗାଁ ସରପଞ୍ଚ ଦୋଳଗୋବିନ୍ଦ ରାଉଳ, ଡାବର ସଭ୍ୟ ସୁବଳ ବେହେରା, ଘୋଡାଂଶ ସଭ୍ୟ ତରୁଣକାନ୍ତ ବାରିକ, ବଛାଳୋ ପଞ୍ଚାୟତ ସଭ୍ୟ ଚନ୍ଦନ ଲେଙ୍କା, ନାଉଗାଁ ସଭ୍ୟା ମାନସୀ ଲେଙ୍କା ଆଦି ବସି ରହିଥିଲେ।

# ଯାଆଁଳ ଛାଡିବାକୁ କେନ୍ଦ୍ରକରି ତୁମୁଳକାଣ୍ଡ, ଉଭୟ ପକ୍ଷରୁ ଏତଲା



ନୀଳଗିରି,୨୨।୧୦ (ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ କାଣ୍ଡ ଗରଡ଼ି ପଞ୍ଚାୟତ ଅଧୀନ କାନପୁର ଗ୍ରାମରେ ପୋଖରୀରେ ମାଛ ଯାଆଁଳ ଛାଡିବାକୁ କେନ୍ଦ୍ର କରି ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ କିଛି ଗ୍ରାମବାସୀ ଙ୍କ ମଧ୍ୟରେ ତୁମୁଳ କାଣ୍ଡ ଘଟି ଯାଇଥିବା ଦେଖିବାକୁ ମିଳିଛି। ଆଶ୍ରାବ୍ୟ ଭାଷାରେ ଗାଳି ସହିତ ବିଧା, ଚାପୁଡ଼ା ଗୋଇଠା ରେ ଉଭୟ ପକ୍ଷ ଙ୍କ ବଳ ପ୍ରୟୋଗ। ସୂଚନା ଅନୁସାରେ ବାବା କପିଳେଶ୍ୱରର ସ୍ୱୟଂ ସହାୟିକା ଗୋଷ୍ଠୀକୁ ଗତ ଜୁଲାଇ ମାସ ଠାରୁ ପଞ୍ଚାୟତ ତରଫରୁ ୫ ବର୍ଷ ପାଇଁ ଲିଜ ସୂତ୍ରରେ କପିଳେଶ୍ୱର ମହାଦେବ ପୋଖରୀ ମିଳିଥିବା ବେଳେ ଗତ ସୋମବାର ପ୍ରାୟ ୧୨. ୩୦ ମିନିଟରେ ମାଛ ଜାଆଁଳ ଆଣି ଛାଡୁଥିବା ଅବସ୍ଥାରେ ଅପର ପକ୍ଷର କିଛି ଗ୍ରାମବାସୀ ପୋଖରୀ ଖୋଳା ଏନଆରଜିଏସ ଟଙ୍କା ନମିଳିବା ପର୍ଯ୍ୟନ୍ତ ପୋଖରୀରେ ମାଛ ଛାଡିବାକୁ ଦେବୁ ନାହିଁ ବୋଲି ବାରଣ କରିଥିବା ବେଳେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ୨୧ ହଜାର ଟଙ୍କାର ଜାଆଁଳ ନଷ୍ଟ ହୋଇଯିବ ଏବଂ ଆପଣ ମାନେ ଟଙ୍କା ପାଇବେ କେମିତି ସେ ବିଷୟରେ ପଞ୍ଚାୟତ ଏବଂ ବ୍ଲକରେ ବୁଝନ୍ତୁ ବୋଲି କହିବା ପରେ ପୋଖରୀରେ ଜାଆଁଳ ଛାଡ଼ିବା ଆରମ୍ଭ କରିବା କ୍ଷଣି ଗ୍ରାମବାସୀ ଏବଂ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ବଳ କସା କଷି ହେବା ସହିତ କିଛି ଜାଆଁଳ ପ୍ୟାକେଟକୁ ବିଲକୁ ଗ୍ରାମବାସୀ ମାନେ ଫିଙ୍ଗି ଦେଇଥିଲେ। ଏନେଇ ଉଭୟଙ୍କପକ୍ଷରୁ ନୀଳଗିରି ଥାନାରେ ଏତଲା କରିଥିବା ସୂଚନା ମିଳିଛି। ବୁଧବାର ଇଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ କୁମାର ଭୋଇ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ।

# ନିୟୁଜୋନ କାରଖାନାରୁ ବହାରୁଛି ବିଷାକ୍ତ ଜଳ




କଳିଙ୍ଗନଗର,୨୨।୧୦ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ଥିବା ନିୟୁଜୋନ କାରଖାନା ଚୋରା ବାଟ ଦେଇ ବିଷାକ୍ତ ଜଳ ନିଷ୍କାସନ ହେଉଥିବା ଦେଖିବାକୁ ମିଳିଛି। ଯାହା କୁ ନେଇ ସ୍ଥାନୀୟ ଗ୍ରାମଗୁଡ଼ିକରେ ଚିନ୍ତା ଓ ଅସନ୍ତୋଷ ସୃଷ୍ଟି ହୋଇଛି। କାରଖାନା କିଛି ଦୂରରେ ଥିବା କଚେରି ଗାଁ ନାଳ, ଅନ୍ୟ ଜଳସ୍ରୋତ, ଖାଲ ଓ ଚାଷ ଜମିରେ ଏହି ବିଷାକ୍ତ ଜଳ ପ୍ରବେଶ କରୁଥିବାରୁ ଜଳଚର ଜୀବଙ୍କ ମୃତ୍ୟୁ ଓ ଫସଲ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି।ସ୍ଥାନୀୟ ଗ୍ରାମବାସୀ ମାନେ କହିଛନ୍ତି, "ପାଣିର ରଙ୍ଗ ପରିବର୍ତ୍ତନ ହେଉନାହିଁ ସତ ମାତ୍ର ଜଳ ର ଗନ୍ଧ ଭୟଙ୍କର। ଆମେ ଏହି ପାଣି ରେ ଚାଷ କଲେ ଫସଲ ଗଛ ଶୁଖିଯାଉଛି।"ଏହି ଅଭିଯୋଗ ଉପରେ ଜିଲ୍ଲା ତଥା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ପରିବେଶ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ କି ଜଟିଆ ଷ୍ଟିଲ, ନିୟୁଜୋନ କାରଖାନା କୁ ବହୁ ଶୀଘ୍ର ଯାଞ୍ଚ ଆରମ୍ଭ କରିବେ। ଜିଲ୍ଲା ପରିବେଶ ଅଧିକାରୀ ମଦନ ମୋହନ ସାହୁ ଜଣେ ଦକ୍ଷ ଅଧିକାରୀ ଏଥିରେ କୈଣସି ସନ୍ଦେହ ନାହିଁ। ମାତ୍ର କଳିଙ୍ଗନଗର ରେ ଥିବା କାରଖାନା ମାନେ ଏପରି କିଛି ଜା ଗାରେ ପାଣି ଛାଡୁଛନ୍ତି କି ସାଧାରଣ ଲୋକଙ୍କ ଜାଣିବା ବା କଷ୍ଟ ସାଧ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ଦକ୍ଷ ଅଧିକାରୀ ଙ୍କ କାର୍ଯ୍ୟଦକ୍ଷତା କୁ ଦେଖିଲେ ଲାଗୁଛି ଆଗକୁ କିଛି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିନ୍ତୁ ସାଧାରଣ ରେ ଆଲୋଚନା ହେଉଛି କି ଏହି ସବୁ କାରଖାନା ରୁ ନିର୍ଗତ ବିଷାକ୍ତ ଧୂଆଁ ଓ ଜଳ ପାଇଁ ପ୍ରଦୂଷଣ ବୋର୍ଡର ଅଧିକାରୀମାନେ ଠିକ୍ ଭାବରେ ଯାଞ୍ଚ କରି ନିଜର କାର୍ଯ୍ୟ ସମ୍ପାଦନା କରୁନାହାନ୍ତି।ଏପରିକି କାରଖାନା ପକ୍ଷରୁ ନିର୍ମାଣ ହୋଇଥିବା (ଇଟିପି) ଏଫଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ ଠିକ୍ ଭାବରେ କାର୍ଯ୍ୟ କରୁନାହିଁ। ମାତ୍ର କାଗଜ ପତ୍ର ଯାଞ୍ଚ ରେ ସବୁ ଠିକ ଠାକ୍ ଅଛି। ଯାହା କି ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛି। ଗ୍ରାମବାସୀ ଓ ସାମାଜିକ ସଂଗଠନ ଗୁଡ଼ିକ ଦାବି କରୁଛନ୍ତି ଯେ, ସତ୍ୟାନୁସନ୍ଧାନ ଦଳ ଗଠନ କରି ନିୟୁଜୋନ ପରି କାରଖାନା ମାନଙ୍କୁ ନିୟନ୍ତ୍ରଣ ଓ ନିର୍ମଳ ପରିସ୍ଥିତି ରକ୍ଷା ପାଇଁ କଠୋର ପଦକ୍ଷେପ ନେବାକୁ ସାଧାରଣ ରେ ଦାବୀ ହେଉଛି।

# ବିପଦସଂକୁଳ ନଡ଼ପୁର ଖୁଣ୍ଟା ପ୍ରାଥମିକ ବିଦ୍ୟାଳୟ ଗୃହ

● ପ୍ରଶାସନ ପକ୍ଷରୁ ଗୃହର ଅଚଳ ରିପୋର୍ଟ କରାନଯାଇ ମରାମତିହେଉଥିବାରୁ ଗ୍ରାମବାସୀଙ୍କ ବିରୋଧ

ବୈଶିଙ୍ଗା,୨୨।୧୦ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅଧୀନ ନଡ଼ପୁର ପଞ୍ଚାୟତର ଖୁଣ୍ଟା ଗ୍ରାମର ଥିବା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହ ବିପଦ ସଂକୁଳନ ଅବସ୍ଥା ରେ ରହିଛି। ଏହି ବିଦ୍ୟାଳୟ ରେ ୫୭ଜଣ କୁନି କୁନି ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ବୁଧବାର ଦିନ ବେତନଟୀ ବ୍ଲକର ଡିପି ସି ଜେଇ ପ୍ରଶାନ୍ତ କୁମାର ବେହେରା ବିଦ୍ୟାଳୟ ଗୃହ ମରାମତି କରିବା ପାଇଁ ଦେଖିବାକୁ ଯାଇଥିବା ବେଳେ ଖୁଣ୍ଟା ଗ୍ରାମବାସୀଙ୍କ ଦ୍ୱାରା ବିରୋଧ ର ସମ୍ମୁଖୀନ ହୋଇଛନ୍ତି। ଏଭଳିକି ଗ୍ରାମବାସୀଙ୍କର ଅସନ୍ତୋଷ କୁ ବୁଝାଇବାକୁ ଯାଇ ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୁତାର ଙ୍କୁ ମୋବାଇଲ ଫୋନ ଯୋଗେ କଥା କରାଇଥିଲେ ମଧ୍ୟ ବିଡ଼ିଓ ଙ୍କ କଥା ଶୁଣି ଗ୍ରାମବାସୀ ମାନେ ଅଧିକ ଉତ୍ତେଜିତ ହୋଇଥିବା ଜଣାଯାଇଛି। ସୂଚନା ଅନୁସାରେ ୨୦୦୨ ମସିହାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ଥିବା ପାଞ୍ଚୋଟି ଶ୍ରେଣୀ ପାଇଁ ଦୁଇଟି ଶ୍ରେଣୀ ଗୃହ ଓ ଏକ ରୋଷେଇ ଗୃହ ନିର୍ମାଣ ହୋଇଛି, ସେହି ବିଦ୍ୟାଳୟ ରେ ମଧ୍ୟ ଛାତ୍ରୀ ଛାତ୍ରମାନେ ଅଧ୍ୟୟନ କରୁଛନ୍ତି। ପ୍ରାୟ ୮ବର୍ଷପୂର୍ବରୁ ବିଦ୍ୟାଳୟ ନିକଟରେ ଥିବା ରୋଷେଇ ଗୃହ କୁ ଅଚଳ ଘୋଷଣା କରାଯାଇ ଅନ୍ୟ ଏକ ରୋଷେଇ ଘର ନିର୍ମାଣ କରାଯାଇଛି ବୋଲି ବିଦ୍ୟାଳୟ ର ସହକାରୀ ଶିକ୍ଷୟତ୍ରୀ ଜୋସ୍ନା ସାହୁ ପ୍ରକାଶ କରିଛନ୍ତି।




# ହଳଦୀ-କ୍ଷୀରର ହଜାରେ ଫାଇଦା



ଆପଣ କେବେ କେବେ ଏମିତି ପରିସ୍ଥିତିର ସାମ୍ନା କରିଥିବେ କି ଆପଣ ରାତିରେ ଖାଇ ସାରି ବିଛଣାକୁ ଶୋଇବାକୁ ଯାଉଥିବେ ଆଉ ଆପଣଙ୍କ ମାଆ ହୁଅନ୍ତୁ କି ଆପଣଙ୍କ ପତ୍ନୀ ଗୋଟେ ଗ୍ଲାସରେ କ୍ଷୀର ବଦଳରେ ହଳଦିଆ କ୍ଷୀର ଆଣି ଦେବେ। ଧଳା କ୍ଷୀରରେ ହଳଦୀ ମିଶାଇବାକୁ ଯଦିଓ କେହି କେହି ହଠାତ୍ ଗ୍ରହଣ କରିପାରନ୍ତିନି କି ହଳଦିଆ କ୍ଷୀରକୁ ପିଇବାକୁ ପସନ୍ଦ କରନ୍ତିନି, ନାକ ଟେକି ମନା କରନ୍ତି ମାତ୍ର ଏହି ହଳଦିଆ କ୍ଷୀର ଯେ ଆମ ଶରୀର ପାଇଁ ଭଲ ବୋଲି ଆମେ ଜାଣି ନଥାଉ। ବାବାରେ ପିଇଦେ ପିଇଦେ... ଦେହ ପାଇଁ ଭଲ ବୋଲି ଯେତେ କହିଲେ ବି ଆମେ ମନା କରୁ। କିନ୍ତୁ ଆପଣ ଜାଣନ୍ତିନି ଏହି ହଳଦିଆ କ୍ଷୀର ଦେହ ପାଇଁ କେତେ ଲାଭ ଦାୟକ।

ପ୍ରତ୍ୟେକ ରାତିରେ ଶୋଇବା ପୂର୍ବରୁ ହଳଦୀ କ୍ଷୀର ପିଇବା ଶରୀର ପାଇଁ ବହୁତ ଲାଭଦାୟକ। ଏହା ଆୟୁର୍ବେଦର ଏକ ଏପରି ଉପହାର ଯାହା ମଣିଷ ଶରୀର ଏବଂ ମନ ଉଭୟକୁ ସୁସ୍ଥ ରଖିଥାଏ। ହଳଦୀ କ୍ଷୀର ରୋଗ ପ୍ରତିରୋଧକ ଶକ୍ତି ପାଇଁ ଏକ ବରଦାନଠାରୁ କମ୍ ନୁହେଁ ! ଚରକ ସଂହିତାରେ ହଳଦୀକୁ ଏକ ଉତ୍କୃଷ୍ଟମାନର ଔଷଧ ଭାବରେ ବିବେଚନା କରାଯାଏ। ଆୟୁର୍ବେଦରେ ଏହାକୁ 'ହରିଦ୍ରା' କୁହାଯାଏ। ଏଥିରେ କରକ୍ୟୁମିନ୍ ନାମକ ଏକ ଉପାଦାନ ରହିଛି ଯାହା ଶରୀରରେ ପ୍ରଦାହକୁ ହ୍ରାସ କରେ , ରୋଗ ସହିତ ଲଢ଼ିବାରେ ସାହାଯ୍ୟ କରେ ଏବଂ ଏକ ଆଣ୍ଟିଅକ୍ସିଡାଣ୍ଟ ଭାବରେ କାର୍ଯ୍ୟ କରେ। ଅନ୍ୟପକ୍ଷରେ ଆୟୁର୍ବେଦରେ କୁହାଯାଇଛି ଯେ କ୍ଷୀର ଶରୀରର ମୌଳିକ ଶକ୍ତିକୁ ବୃଦ୍ଧି କରେ। ଆଉ ଯେତେବେଳେ ଉଭୟ କ୍ଷୀର ଏବଂ ହଳଦୀ ମିଶିଯାଆନ୍ତି, ସେମାନେ ତ୍ରିଦୋଷ ଅର୍ଥାତ୍ ବାତ , ପିତ୍ତ , କଫକୁ ସନ୍ତୁଳନରେ ଆଣନ୍ତି। ଏହା ଛଡ଼ା ଅନେକ ଫାଇଦା ମିଳେ।

- ଯଦି କେହି ନିଦ୍ରାହୀନତା ସମସ୍ୟାରେ ପୀଡିତ , ତେବେ ହଳଦୀ କ୍ଷୀର ଆପଣଙ୍କ ପାଇଁ ଏକ ଔଷଧ। ଏଥିରେ ଥିବା ଆମିନୋ ଏସିଡ୍ ଟ୍ରିପ୍ଟୋଫାନ୍ ମସ୍ତିଷ୍କକୁ ଶାନ୍ତ କରିଥାଏ ଏବଂ ଗଭୀର ନିଦ୍ରା ଯୋଗାଇବାରେ ସାହାଯ୍ୟ କରିଥାଏ।
- ଏହା ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ। କେବଳ ଏତିକି ନୁହେଁ, ହଳଦୀ କ୍ଷୀର ଥଣ୍ଡା, କାଶ, ଗଳା ଯନ୍ତ୍ରଣା ଭଳି ସମସ୍ୟାରୁ ଆରାମ ଦେଇଥାଏ।
- ହଳଦୀ-କ୍ଷୀରରୁ ମିଳୁଥିବା କ୍ୟାଲସିୟମ ଗଣ୍ଠି ଯନ୍ତ୍ରଣା ଏବଂ ଶାରୀରିକ ପୀଡ଼ାରୁ ମୁକ୍ତି ଦିଏ।
- ଏହା ବ୍ୟତୀତ ଚର୍ମ ରୋଗ , ବ୍ରଣ ସମସ୍ୟା କିମ୍ବା କୁଣ୍ଡାଇ ହେବା ସମସ୍ୟା ଥିଲେ ହଳଦୀ-କ୍ଷୀର ବ୍ୟବହାର କରନ୍ତୁ। କାରଣ ହଳଦୀ ରକ୍ତକୁ ପରିଷ୍କାର କରିଥାଏ।
- ଯଦି ଆମେ ପାଚନ ପ୍ରକ୍ରିୟା କଥା କହିବେ ତେବେ ହଳଦୀ ଲିଭରକୁ ସଫା କରେ ଏବଂ ହଜମ ଶକ୍ତି ବଢ଼ାଏ। ଯାହା ଗ୍ୟାସ୍, କୋଷ୍ଠକାଠିନ୍ୟ କିମ୍ବା ଏସିଡିଟିରୁ ମୁକ୍ତି ଦିଏ। ଏହା ମାନସିକ ଚାପ , ଚିନ୍ତା କିମ୍ବା ଡିପ୍ରେସନ ସହିତ ଲଢ଼ିବାରେ ମଧ ସହାୟକ ହୁଏ। କାରଣ ଏହା ସେରୋଟୋନିନ୍ ଏବଂ ଡୋପାମିନ୍ ଭଳି ହରମୋନକୁ ସନ୍ତୁଳିତ କରେ।
- ମହିଳାମାନଙ୍କ ପାଇଁ ମଧ ହଳଦୀ କ୍ଷୀର ବହୁତ ଲାଭଦାୟକ। ମାସିକ ଋତୁସ୍ରାବ ସମୟରେ ହେଉଥିବା ଯନ୍ତ୍ରଣା , ମୁଡ୍ ସ୍ୱିଙ୍ଗ୍ ଏବଂ ହରମୋନ୍ ଅସନ୍ତୁଳନକୁ ଠିକ୍ କରେ।
- ଯଦି କେହି ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ହଳଦୀ କ୍ଷୀର ଆପଣଙ୍କ ମେଟାବୋଲିଜିମ୍‌କୁ ତ୍ୱରାନ୍ୱିତ କରେ ଏବଂ ଚର୍ବି କମ୍ କରିବାରେ ସାହାଯ୍ୟ କରେ।
- ଚରକ ସଂହିତା ଅନୁସାରେ, ଏହାକୁ ପିଇବାର ସଠିକ୍ ସମୟ ହେଉଛି ରାତିରେ ଶୋଇବାର ପ୍ରାୟ ୩୦ ମିନିଟ୍ ପୂର୍ବରୁ।
- ଖାଲି ପେଟରେ ହଳଦୀ କ୍ଷୀର ପିଅନ୍ତୁ ନାହିଁ। ଖାଦ୍ୟ ଖାଇବା ପରେ ଏହାକୁ ସେବନ କରନ୍ତୁ।
- ଯୋଗ କିମ୍ବା ପ୍ରାଣାୟମ ପରେ ହଳଦୀ କ୍ଷୀର ପିଇବା ବହୁତ ଲାଭଦାୟକ।

# ହାଡ଼କୁ ଦୁର୍ବଳ କରେ ଅଧିକ ଲୁଣ

**ଦିନକୁ ଦିନ ବଦଳୁଥିବା ଖାଦ୍ୟ ପାନୀୟର ଭୁଲ୍ ଅଭ୍ୟାସ ଯୋଗୁଁ ଆଜି ପ୍ରତି ୫ ଜଣରେ ଜଣେ ବ୍ୟକ୍ତି କୌଣସି ନା କୌଣସି ସ୍ୱାସ୍ଥ୍ୟ ସମସ୍ୟାରେ ଶିକାର ହେଉଛନ୍ତି। ଯେପରି କି ଆଣ୍ଠୁ ଗଣ୍ଠି ଦରଜ। ପ୍ରଥମେ ଏଭଳି ସମସ୍ୟା କେବଳ ବୟସ୍କ ଲୋକଙ୍କ ନିକଟରେ ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ଅଳ୍ପ ବୟସ ପିଲାଙ୍କଠାରେ ମଧ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। ଏଭଳି ଖାଦ୍ୟ ଖାଇବା ଆବଶ୍ୟକ ଯାହା ହାଡ ମଜଭୂତ କରି ରଖିବ। ହାଡକୁ ମଜଭୁତ କରିବା ପାଇଁ ହେଲେ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି। ଯଦି ଏହି ଦୁଇ ତତ୍ୱ ମଧ୍ୟରୁ ଯେ କୌଣସି ଗୋଟିଏର ମାତ୍ରା କମ୍ ହୁଏ ତେବେ ଆଣ୍ଠୁ ଗଣ୍ଠି ଦରଜ ଭଳି ସମସ୍ୟା ଦେଖାଦେଇଥାଏ। ଆମେ ଦୈନନ୍ଦିନ ଜୀବନରେ ଏଭଳି କିଛି ଖାଦ୍ୟ ଖାଇଥାଉ ଯାହା ଦିନକୁ ଦିନ ଆମ ହାଡକୁ ଦୁର୍ବଳ କରିଥାଏ। ତେବେ ଆସନ୍ତୁ ସେହି ସବୁ ଜିନିଷ ସମ୍ପର୍କରେ ଜାଣିବା ଯାହା ହାଡ଼କୁ ଦୁର୍ବଳ କରିଦେଇଥାଏ। ଯାହାଠାରୁ ଆମେ ଦୂରେଇ ରହିବା ଉଚିତ୍।**

**ଅଧିକ ଲୁଣ:** ଖାଦ୍ୟର ସ୍ୱାଦ ବଢାଇଥାଏ ଲୁଣ। କିନ୍ତୁ ଅଧିକ ଲୁଣ ଖାଇଲେ ହାଡ ଦୁର୍ବଳ ହୋଇଯାଇଥାଏ। ଲୁଣରେ ସୋଡିୟମର ମାତ୍ରା ଅଧିକ ଥାଏ। ଯାହା ଶରୀରକୁ ଯିବା ପରେ କ୍ୟାଲସିୟମକୁ ୟୁରିନ୍ ମାଧମରେ ବାହାରକୁ ବାହାର କରିଦେଇଥାଏ। ଯାହା ଫଳରେ ଶରୀରରେ କ୍ୟାଲସିୟମ ମାତ୍ରା କମିଯିବା ସହ ହାଡ ଦୁର୍ବଳ ହୋଇଯାଇଥାଏ।

**ଚକଲେଟ୍:** ଛୋଟ ହେଉ ବା ବଡ , ଚକଲେଟ୍ ସମସ୍ତଙ୍କ ପସନ୍ଦ। ଏହା ନା କେବଳ ମୁଡକୁ ଫ୍ରେସ୍ କରିଥାଏ ବରଂ ମୁହଁର ସ୍ୱାଦ ମଧ ବଡାଇଥାଏ। କିନ୍ତୁ ଆବଶ୍ୟକତାଠାରୁ ଅଧିକ ଚକଲେଟ୍ ଖାଇଲେ ଏହାର ସିଧା ପ୍ରଭାବ ହାଡ ଉପରେ ପଡିଥାଏ। ଅଧିକ ଚକଲେଟ୍ ଖାଇଲେ ଶରୀରରେ ସୁଗାର ଏବଂ ଓକ୍ସୋଲେଟର ମାତ୍ରା ବଢିଯାଇଥାଏ। ଯାହା ଫଳରେ ଶରୀରରେ କ୍ୟାଲସିୟମ ପ୍ରବେଶ କରି ପାରିନଥାଏ ଏବଂ ହାଡ ଧୀରେ ଧୀରେ ଦୁର୍ବଳ ହୋଇଯାଇଥାଏ।

**କୋଲ୍ଡ ଡ୍ରିଙ୍କ୍ସ:** ଖରାଦିନେ କୋଲ୍ଡ ଡ୍ରିଙ୍କ୍ସ ପ୍ରାୟ ସମସ୍ତଙ୍କର ଡାଏଟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଯାଏ। କିନ୍ତୁ ମନେ ରଖନ୍ତୁ କୋଲ୍ଡ ଡ୍ରିଙ୍କ୍ସରେ କାର୍ବ ଡାଇଅକ୍ସାଇଡ୍ ଏବଂ ଫସଫରସ୍ ଥାଏ। ଯାହା ଶରୀର ମଧକୁ ପ୍ରବେଶ କରି ହାଡକୁ ଦୁର୍ବଳ କରିଦେଇଥାଏ।

**ଚା ଏବଂ କଫି:** ଚା ହେଉ ବା କଫି, ଅଧିକାଂଶ ଲୋକ ନିଜ ଦିନର ଆରମ୍ଭ ଏଥିରୁ ହିଁ କରିଥାନ୍ତି। କିନ୍ତୁ ଏସବୁ ପିଇବା ପୂର୍ବରୁ ଏହାର କ୍ଷତି ବିଷୟରେ ଜାଣିବା ଆବଶ୍ୟକ। ଚା ଏବଂ କଫିରେ କଫିନ୍ ଭରପୁର ମାତ୍ରାରେ ଥାଏ। ଯଦି ଏହା ଅଧିକ ମାତ୍ରାରେ ଶରୀର ମଧକୁ ପ୍ରବେଶ କରେ ତେବେ ହାଡ ଧୀରେ ଧୀରେ ଦୁର୍ବଳ ହୋଇଯାଇଥାଏ। ଯଦି ଏହି ସବୁ ଜିନିଷ ଆବଶ୍ୟକତାଠାରୁ ଅଧିକ ଖାଉଛନ୍ତି ତେବେ ସଚେତନ ରୁହନ୍ତୁ। ନଚେତ୍ ଆପଣଙ୍କ ହାଡ଼କୁ ଦୁର୍ବଳ କରିଦେବ।



# ପ୍ରଦୂଷିତ ବାୟୁ ମଧ୍ୟରେ ଫୁସ୍‌ଫୁସ୍‌ର ଯତ୍ନ ନେବା କିପରି ?



ଦୀପାବଳିରେ ଫୁଟାଯାଉଥିବା ବାଣ ଆମ ପ୍ରକୃତି ପାଇଁ ତ ବିପଦ ଆଣେ, ହେଲେ ଆପଣ ଜାଣନ୍ତି କି ସବୁଠାରୁ ଅଧିକ ପ୍ରଭାବିତ ହୁଏ ଆମ ନିଜର ଫୁସ୍‌ଫୁସ୍। ବାଣରୁ ବାହାରୁଥିବା ବିଷାକ୍ତ ଧୂଆଁ ଆମ ଫୁସ୍‌ଫୁସ୍‌କୁ ଦୁର୍ବଳ କରିଥାଏ। ତେବେ ଆମେ ଆଜି ଜାଣିବା ଫୁସ୍‌ଫୁସ୍‌ର ଉଚିତ୍ ଯତ୍ନ କିପରି ନେବା। ଫୁସ୍‌ଫୁସ୍‌କୁ ଭଲ ରଖିବାକୁ ହେଲେ ପ୍ରଥମେ ଆମକୁ ଧୂମପାନଠାରୁ ଦୂରେଇ ରହିବାକୁ ପଡ଼ିବ। ଏହାକୁ ଛାଡ଼ିଦେଲେ ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ ଗ୍ରହଣ, ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା, ପ୍ରଚୁର ପାଣି ପିଇବା ଦ୍ୱାରା ମଧ ଆମେ ଫୁସ୍‌ଫୁସ୍‌କୁ ସୁସ୍ଥ ରଖିପାରିବା।

**ଧୂମପାନ କରନ୍ତୁ ନାହିଁ:** ଧୂମପାନ କରିବା ଦ୍ୱାରା ଫୁସ୍‌ଫୁସ୍ ସବୁଠାରୁ ଅଧିକ ଅସୁସ୍ଥ ହୋଇପଡ଼େ। ତେବେ ଧ୍ୟାନ୍ ରଖନ୍ତୁ ପାର୍ସିଆଲ୍ ସ୍ମୋକିଂ ବି କ୍ଷତିକାରକ। ପାର୍ସିଆଲ୍ ସ୍ମୋକିଂ କହିଲେ; ଆମେ ନିଜେ ଧୂମପାନ ନକଲେ ବି ଯଦି କେହି ଧୂମପାନ କରୁଥିବା ବ୍ୟକ୍ତି ଛାଡୁଥିବା ଧୂଆଁର ସଂସ୍ପର୍ଶରେ ଆସିବା।

**ଉତ୍ତମ ଖାଦ୍ୟ ଗ୍ରହଣ କରନ୍ତୁ:** ସୁସ୍ଥକର ଖାଦ୍ୟର କୌଣସି ବିକଳ୍ପ ନାହିଁ। ଫଳ, ପନିପରିବା ଏବଂ ସମ୍ପୂର୍ଣ୍ଣ ଶସ୍ୟରେ ଭରପୂର ଖାଦ୍ୟ ଆଣ୍ଟିଅକ୍ସିଡାଣ୍ଟ ଏବଂ ପୋଷକ ତତ୍ତ୍ୱ ପ୍ରଦାନ କରେ। ସେଭଳି ଖାଦ୍ୟ ଗ୍ରହଣ କରିବା ଶରୀର ପାଇଁ ଖୁବ୍ ଭଲ।

**ନିୟମିତ ବ୍ୟାୟାମ କରନ୍ତୁ:** ପ୍ରତିଦିନ କିଛି ନା କିଛି ଶାରିରୀକ କାର୍ଯ୍ୟ କରିବା ଜରୁରୀ। ଦ୍ରୁତ ଗତିରେ ଚାଲିବା, ପହଂରିବା କିମ୍ବା ନୃତ୍ୟାଭ୍ୟାସ କରିବା ଫୁସ୍‌ଫୁସ୍ ପାଇଁ ଭାରି ଭଲ।

**ପ୍ରଚୁର ପାଣି ପିଅନ୍ତୁ**

ଆବଶ୍ୟକୀୟ ପରିମାଣର ପାଣି ପିଇବା ଦ୍ୱାରା ଅନେକ ସମସ୍ୟାକୁ ଏଡ଼େଇ ଦେଇହୁଏ। ପ୍ରଚୁର ପାଣି ପିଇବା ଆପଣଙ୍କ ଫୁସଫୁସରେ ଥିବା କଫକୁ ପତଳା ଏବଂ ସଫା କରିବା ସହଜରେ ସାହାଯ୍ୟ କରେ।

**ପ୍ରଦୂଷଣଠାରୁ ଦୂରେଇ ରୁହନ୍ତୁ**

ବାୟୁ ପ୍ରଦୂଷଣରୁ ନିଜକୁ ଦୂରେଇ ରଖିଲେ ଫୁସ୍‌ଫୁସ୍ ପାଇଁ ଖୁବ୍ ଭଲ। ମାସ୍କ ପିନ୍ଧିବା ହେବ ସବୁଠାରୁ ଭଲ ପଦକ୍ଷେପ।

# ରକ୍ତଚାପ କମାଇବ ଯୋଗ

ରକ୍ତଚାପ ବା ବ୍ଲଡ ପ୍ରେସର ଏବେ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ହେଲେ ଏହାକୁ ହାଲୁକା ଭାବରେ ନେବା ଆଦୌ ଠିକ୍ ନୁହେଁ। କାରଣ ଯଦି ରକ୍ତଚାପ ଦୀର୍ଘଦିନ ଧରି ଅସନ୍ତୁଳିତ ରହିଲା ତେବେ ତାହା ପରୋକ୍ଷରେ ଆଉ କେତେକ ରୋଗ ସୃଷ୍ଟି କରିଥାଏ। ଏଭଳି ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିୟମିତ ଔଷଧ ଖାଇବାକୁ ପଡିଥାଏ। କେବଳ ସେତିକି ନୁହେଁ, ରକ୍ତଚାପ କେତେ ରହୁଛି ତାହାକୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ମାପିନେବା ଦରକାର। ତେବେ ଏହା କିପରି ସନ୍ତୁଳିତ ରହିବ ସେ ନେଇ ଏକ ସହଜ ତଥା ସରଳ ଉପାୟ ରହିଛି। ତାହା କ'ଣ ଜାଣନ୍ତି ? ଯଦି ଜଣେ ବ୍ୟକ୍ତି



ନିୟମିତ ଯୋଗ କରନ୍ତି ତେବେ ତାଙ୍କର ରକ୍ତଚାପ ଅନେକାଂଶରେ ସନ୍ତୁଳିତ ରହିଥାଏ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ନିୟମିତ ଯୋଗ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରକ୍ତଚାପ ମାପିବାରୁ ଏହା କେତେକାଂଶରେ ସନ୍ତୁଳିତ ରହୁଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# କରମଙ୍ଗାର ଚମତ୍କାରୀ ଗୁଣ



ଅନେକ ଗଛ ରହିଛି ଯାହା ଔଷଧିୟ ଗୁଣରେ ଭରପୁର। ସେଥିମଧ୍ୟରୁ ଗୋଟିଏ ଗଛ ହେଉଛି କରମଙ୍ଗା।କରମଙ୍ଗା ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟପାଇଁ ସେତିକି ଲାଭଦାୟକ। ଯାହା ସ୍ୱାସ୍ଥ୍ୟ ଉପକାରୀ ବୋଲି ବିବେଚନା ମଧ କରାଯାଉଛି। ଏଥିରେ ଭିଟାମିନ୍ ସି, ଫାଇବର, ପୋଟାସିୟମ୍, ଆଣ୍ଟିଅକ୍ସିଡାଣ୍ଟ, ଆଇରନ୍, ମ୍ୟାଗ୍ନେସିୟମ୍ ଏବଂ ଭିଟାମିନ୍ ବି ଭଳି ଅନେକ ଗୁଣ ରହିଛି। ଯାହା ଶରୀରକୁ ଅନେକ ଲାଭ ଯୋଗାଇବାରେ ସାହାଯ୍ୟ କରିଥାଏ। ଖାସ୍ କଥା ହେଉଛି ଯେ, ଏଥିରେ କ୍ୟାଲୋରି ବହୁତ କମ୍, ଯାହା ଓଜନ ହ୍ରାସ କରିବାରେ ସହାୟକ। ଏହି ଫଳ ଅନେକ ଲୋକଙ୍କ ଉପରେ ଭଲ ପ୍ରଭାବ ପକାଉଥିବାବେଳେ ଆଉ କିଛି ଲୋକଙ୍କ ପାଇଁ କ୍ଷତିକାରକ ହୋଇଥାଏ। ତେବେ ଏହାର ଉପକାର ଏବଂ ଅପକାର ସମ୍ପର୍କରେ ଜାଣିବା। ଡାଇବେଟିସ ରୋଗ ବର୍ତ୍ତମାନ ସମୟରେ ବଡ଼ ସମସ୍ୟା ପାଲଟିଛି। ଯାହାର ଖାଦ୍ୟପେୟକୁ ନିୟନ୍ତ୍ରଣ କରି ରୋକାଯାଇପାରିବ। ଯଦି ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ କରମଙ୍ଗାକୁ ନିଜ ଖାଇବାରେ ସାମିଲ କରନ୍ତୁ। ଯାହା ଆପଣଙ୍କୁ ଏକ ଚମତ୍କାରୀ ଫାଇଦା ଦେବ। ବର୍ତ୍ତମାନ ସମୟର ଖରାପ ଜୀବନଶୈଳୀ ଏବଂ ଖାଦ୍ୟପେୟ ପାଇଁ ପାଚନକ୍ରିୟାରେ ସମସ୍ୟା ଦେଖାଦେଇଥାଏ। ଏହି ସମସ୍ୟା ପାଇଁ କରମଙ୍ଗା ବେଷ୍ଟ ହୋଇଥାଏ। କରମଙ୍ଗାରେ ଫାଇବର ଭରପୁର ମାତ୍ରାରେ ରହିଛି। ଯାହା ହଜମ ପ୍ରକ୍ରିୟାକୁ ଉନ୍ନତ କରିବାରେ ସାହାଯ୍ୟ କରିଥାଏ।

ଯଦି ଓଜନକୁ ନେଇ ଚିନ୍ତାରେ ରହିଛନ୍ତି ତେବେ କରମଙ୍ଗା ଖାଇବା ଉଚିତ୍। ଯାହା ଓଜନ ହ୍ରାସର ଯାତ୍ରାକୁ ସହଜ କରିଥାଏ। ଏହା ବ୍ୟତୀତ ଏହି ଖଟା ମିଠା ଫଳଟି ଦୁର୍ବଳତା ଭଳି ସମସ୍ୟାକୁ ମଧ ଚୁଟକିରେ ଗାଏବ କରିଦେଇଥାଏ। ଆସ୍ଥମା ରୋଗୀଙ୍କ ପାଇଁ ଉପଯୋଗୀ କରମଙ୍ଗା। ଯାହା ଖାଇବା ଦ୍ୱାରା ଶ୍ୱାସ ଜନିତ ସମସ୍ୟାରୁ ମୁକ୍ତି ଦେଇଥାଏ। ପାଇଲ୍ସ ପାଇଁ ମଧ ଲାଭକାରୀ ହୋଇଥାଏ ଏହି ଫଳ। ଏଥିରେ ଲୁଣ ଏବଂ ଗୋଲମରିଚ ମିଶାଇ ଖାଇବା ଦ୍ୱାରା ଅଧିକ ଲାଭ ମିଳିଥାଏ। ହାଡ଼କୁ ମଧ ମଜବୁତ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। ଏତିକି ନୁହେଁ ବରଂ ଚର୍ମ ଜନିତ ସମସ୍ୟା ପାଇଁ ମଧ ଫଳପ୍ରଦ ହୋଇଥାଏ। ଯେମିତିକି ଏକଜିମା, ଦାଗ ପଡିବା, ଣ୍ଡାଇ ହେବା ଭଳି ଆଦି ସମସ୍ୟାରୁ ଆରାମ ପ୍ରଦାନ କରିଥାଏ।

ଅଧିକାଂଶ ଲୋକଙ୍କ ପାଖରେ କୋଷ୍ଠକାଠିନ୍ୟ ଭଳି ସମସ୍ୟା ମଧ ଦେଖିବାକୁ ମିଳିଥାଏ। ଏହି ଫଳ ଖାଇବା ଦ୍ୱାରା ସମସ୍ୟାକୁ ଆହୁରି ବଢାଇ ଦେଇଥାଏ। ଏହି ସମସ୍ୟା ଥିଲେ ଏହି ଫଳଠାରୁ ଦୂରରେ ରୁହନ୍ତୁ। ଆବଶ୍ୟକରୁ ଅଧିକ କରମଙ୍ଗା ଖାଇବା ଦ୍ୱାରା ପେଟ ଏବଂ ଛାତିରେ ଜଳାପୋଡ଼ା ହେବାରେ ଲାଗେ। ସେଥିପାଇଁ ଏହି ଫଳ ଖାଇବା ଅନୁଚିତ୍। ଏହା ସହିତ ଔଷଧ ଖାଉଥିବା ଲୋକମାନେ ଏହି ଫଳ ଖାଇବା ଦ୍ୱାରା ସେମାନଙ୍କ ଉପରେ ନକରାତ୍ମକ ପ୍ରଭାବ ପଡିଥାଏ। ତେଣୁ କରମଙ୍ଗା ଖାଇବା ପୂର୍ବରୁ ସବୁ ପ୍ରତି ସଚେତନ ରୁହନ୍ତୁ।

## ସାଇବର ସୁରକ୍ଷା ସଚେତନତା କର୍ମଶାଳା



**ଫିରିଙ୍ଗିଆ:୨୨।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ-ଗୋଛାପଡା ଥାନା ପକ୍ଷରୁ ସୋମବାର ଦିନ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାଇବର ଥାନା ଅଧିକାରୀ ଗେଲ୍ଲି କୁମାରୀ ସାହୁ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧ ରୁ କିପରି ନିଜକୁ ସୁରକ୍ଷା କରିବେ, ସେହି ବିଷୟରେ ସଚେତନ କରାଇ ଥିଲେ। ପ୍ରଥମେ ଗୋଛାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁ ଥିବା ଛାତ୍ର ଛାତ୍ରୀ ଙ୍କୁ ପ୍ରଶିକ୍ଷଣ ଦେଇ ଥିଲେ ଏବଂ ପରେ ଗୋଛାପଡ଼ା ବଜାର ଛକ ଠାରେ ଆଜିକାଲି ଡିଜିଟାଲ ବ୍ୟବସ୍ଥା ଉପରେ ନିର୍ଭରଶୀଳ ହେଉଥିବାରୁ ସାଇବର ଅପରାଧ ଓ ଅନ୍ ଲାଇନ୍ ଠକେଇର ଶିକାର ହେବାକୁ ପଡୁଛି ସେହି ବିଷୟରେ ସଚେତନ କରାଇ ଥିଲେ। ଗୋଛାପଡ଼ା ଥାନା ଅଧିକାରୀ ଚିରଞ୍ଜିବି ବେହେରା, ଏସ୍ ଆଇ ଅନନ୍ତ ଚରଣ ପ୍ରଧାନ, ଏସ ଆଇ ଅଶୋକ କୁମାର ପରିଡ଼ା, ଏ ଏସ ଆଇ ହେମ ସାଗର ଭୋଇ, ତ୍ରିଲୋଚନ ମଲ୍ଲିକ, ରମା କାନ୍ତ ପ୍ରଧାନ ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ଜନ ସାଧାରଣ ଓ ବୁଦ୍ଧି ଜିବୀ ଉପସ୍ଥିତ ରହି ସୁରକ୍ଷିତ ଡିଜିଟାଲ ପରିବେଶ ଗଠନ ଦିଗରେ ସରକାର ପଦକ୍ଷେପ ନେଉ ଥିବା ମତ ପ୍ରକାଶ କରିଛନ୍ତି।

# ଚାଷୀଙ୍କୁ ଡରାଉଛି ଲଘୁଚାପ ବର୍ଷା

**ନବରଙ୍ଗପୁର:୨୨।୧୦(ସଂଚାର ବ୍ୟୁରୋ):** ଋତୁଛଡ଼ା ବର୍ଷା ବିଭିନ୍ନ ମଡେଲ ବଙ୍ଗୋପ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେଉଥିବା ସୂଚନା ଦେଉଛନ୍ତି, ଯଦି ଆଗକୁ ଏହା ଅବପାତ ର ରୂପ ନେବ ଓ ସ୍ଥଳ ଭାଗ ଛୁଇଁବ ତେବେ ଚାଷୀଙ୍କ ପ୍ରତି ବିପଦ ସୃଷ୍ଟି ହେବ ତେଣୁ ଡରକରେ ମକା ଭାଙ୍ଗି ସୁରକ୍ଷିତ ସ୍ଥାନକୁ ନେବା ଦେଖା ଯାଉଛି। ଚଳିତ ବର୍ଷ, ଖରିଫ ଋତୁ ଆରମ୍ଭରୁ ଭଲ ବର୍ଷା ହୋଇଛି ଏଣୁ ଚାଷୀକୂଳ ଧାନ ମକା ଇତ୍ୟାଦି ଚାଷ ଭଲରେ କରିଛନ୍ତି। ବର୍ତ୍ତମାନ ଗଛରେ ପାକିଲା ଫଳ ଆଉ କିଛି ଦିନ ଗଲେ ଶସ୍ୟ ଆମଦାନୀ ଆରମ୍ଭ କରିବେ ଚାଷୀକୂଳ କିନ୍ତୁ



ବିଭିନ୍ନ ମଡ଼େଲ ବଙ୍ଗୋପସାଗର ରେ ବର୍ତ୍ତମାନ ଏକ ଲଘୁଚାପ କ୍ଷେତ୍ର ଘନୀଭୂତ ହେଉଥିବା ଚିତ୍ର ଦେଖାଉଛନ୍ତି ଯଦି ଏହା ଅବପାତର ରୂପ ନିଏ ତାହେଲେ ଚାଷୀ କୂଳଙ୍କ ସକାଶେ ଏକ ବିପଦ ସାବ୍ୟସ୍ତ ହେବ। ସାଧାରଣତଃ ଓଡ଼ିଶାରେ ଅକ୍ଟୋବର ମାସକୁ ବାତ୍ୟାର ମାସ ମଧ୍ୟ କୁହାଯାଏ ଏହି ଅକ୍ଟୋବର ମାସରେ ୧୯୯୯ ମହାବାତ୍ୟାଠାରୁ ଆରମ୍ଭ କରି ବିଭିନ୍ନ ବାତ୍ୟାର ବିଭୀଷିକା ଏହି ଅକ୍ଟୋବର ମାସରେ ଓଡ଼ିଶାବାସୀ ଦେଖିଛନ୍ତି। ଅକ୍ଟୋବର ନଭେମ୍ବର ମାସରେ ଚାଷୀ ଅମଳ କରୁଥିବା ସମୟ ହେଉଥିବା ଯୋଗୁଁ ବର୍ତ୍ତମାନ ଚାଷୀଙ୍କ ମନରେ ଛନକା ପଶିଯାଇଛି ଆକାଶରେ ମେଘ ଦେଖିଲେ ଚାଷୀ ନିଜର ଚାଷ କ୍ଷତି ହେବାର ସମ୍ଭାବନା ନେଇ ଚିନ୍ତାରେ ପଡ଼ିଯାଉଛନ୍ତି। ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସହ ଧୀରେ ଧୀରେ ଘନୀଭୂତ ହେଉଛି ଏହା ଯଦି ଅବପାତର ରୂପ ନୁହେଁ ତାହେଲେ ନିଶ୍ଚିତ ଭାବରେ ଯେଉଁ ଚାଷୀମାନଙ୍କର ଧାନ ଏବଂ ମକା ଅମଳ ସମୟ ଆସିଛି ସେମାନେ ହଇରାଣ ହେବେ। କିଛି ଚାଷୀ ଏହି ସମୟରେ ନିଜର ମକା ଭାଙ୍ଗି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରି ଯାହାର ସମ୍ଭବ ହେଉଛି ସେମାନେ ମକାକୁ ମିଲିଂ କରି ବସ୍ତାରେ ମଧ୍ୟ ପ୍ୟାକିଂ କରିବା ଦୃଶ୍ୟ ଦେଖିବାକୁ ମିଳିଛି। ନବରଙ୍ଗପୁର ଜିଲ୍ଲାରେ ବିଶେଷ କରି ଯଦିଓ ଧାନ ବର୍ତ୍ତମାନ କାଟିବା ସମୟ ହୋଇନାହିଁ କିନ୍ତୁ ମକା ବର୍ତ୍ତମାନ ଗଛରେ ପାଚି ପାକିଲା ହେଉଛି ଏବଂ ଏହି ସମୟରେ ମକା ଭାଙ୍ଗି ତାକୁ ମିଲିଂ କରି ବଜାରରେ ବିକ୍ରି କରିବାର ସମୟ ଆସିଯାଇଛି, କିଛି ଚାଷୀ ଭୟଭୀତ ହୋଇ ପାକିଲା ମକାକୁ ଭାଙ୍ଗି ସୁରକ୍ଷିତ ସ୍ଥାନର ନେବାକୁ ପ୍ରୟାସ ଆରମ୍ଭ କରିଦେଇଛନ୍ତି ଚାଷୀମାନେ ଯିଏ ଯେମିତି ଯେଉଁଠି ସୁବିଧା ପାଇଲା ମକା ଶୁଖେଇବାରେ ବ୍ୟସ୍ତ ଅଛନ୍ତି।

## ମାଁ ଶ୍ୟାମାକାଳୀ ପୂଜା ଅବସରରେ ନାଟକ ମଞ୍ଚସ୍ଥ



**ଫିରିଙ୍ଗିଆ:୨୨।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ ନୂଆପଦର ଠାରେ ୪୭ ତମ ମାଁ ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ମଙ୍ଗଳବାର ଦିନ ୧୦ ଘଣ୍ଟିଆ ସମୟରେ ଗଞ୍ଜାମ ରୁ ଆସିଥିବା ପୌରାଣିକ ନାଟକ ଭାରତ ଲୀଳା'ଶୁଭଦ୍ରା ମାଗୁଛି ଶଙ୍ଖା ସିନ୍ଦୂର, ମଞ୍ଚସ୍ଥ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଲାଗୁଡ଼ା ପଞ୍ଚାୟତ ସରପଞ୍ଚ ରୋହିତ କହଁର, ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଛାପଡ଼ା ସରପଞ୍ଚ, ନୂଆପଦର ପଞ୍ଚାୟତ ସରପଞ୍ଚ ଭବାନୀ ଶଙ୍କର କହଁର, ଯୁବ ଯାତ୍ରା ପରିଚାଳନା କମିଟି ସଭାପତି କାମାକ୍ଷା ପ୍ରସାଦ ନାୟକ, ଉପଦେଷ୍ଟା ଜୟ ଚନ୍ଦ୍ର ମଲିକ, ସମ୍ପାଦକ ଭାସ୍କର କହଁର, ଉପ ସଭାପତି ପ୍ରଦିପ କହଁର, କୋଷାଧ୍ୟକ୍ଷ ବାବୁଲା ସାହୁ ସହ କମିଟିର ସମସ୍ତ ସଦସ୍ୟ ଯୋଗଦେଇ ମଞ୍ଚ ଉଦ୍ ଘାଟନ କରିଥିଲେ। ପ୍ରଥମ ଦିନରେ ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର ଦିନ ଭାରତ ନୀଳା, ମଙ୍ଗଳବାର ରାତ୍ରି ୧୦ ଟା ସମୟରେ ମହାନ ପୌରାଣୀକ ରାମାୟଣ, ଥିବା ବେଳେ ବୁଧବାର ରାତ୍ରି ହସ ଲୁହ ଭରା ସାମାଜିକ ନାଟକ ଆଖିକୁ ଏ ଲୁହ କରିଛି ପର କାର୍ଯ୍ୟକ୍ରମ ରହିଛି।

## ଘୋଡାହାଡ ଡ୍ୟାମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନଦୀ ତଟବର୍ତ୍ତୀ ଗ୍ରାମରେ ସତର୍କ ସୂଚନା ଜାରି



**ଦିଗପହଣ୍ଡି,୨୨।୧୦(ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇଛି। ଏହାର ପ୍ରଭାବରେ ଶୁକ୍ରବାରଠାରୁ ଆସନ୍ତା ୩୦ ତାରିଖ ଯାଏ ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଲଘୁଚାପ ଜନିତ ବର୍ଷାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ଅଧିନ ଦିଗପହଣ୍ଡିସ୍ଥିତ ଘୋଡାହାଡ ଜଳସେଚନ ଉପ ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଯେକୌଣସି ମୁହୂର୍ତ୍ତରେ ଘୋଡାହାଡ ଡ୍ୟାମରୁ ସ୍ପିଲ ୱେ ମୁଖ୍ୟ ଫାଟକ ଦେଇ ଘୋଡ଼ାହାଡ଼ ନଦୀ ମଧ୍ୟକୁ ପାଣି ଛଡ଼ା ଯାଇପାରେ ବୋଲି ନଦୀ ତଟବର୍ତ୍ତୀ ଗ୍ରାମବାସୀଙ୍କୁ ବୁଧବାର ସତର୍କସୂଚନା ଜାରି କରାଯାଇଛି। ଡ୍ୟାମର ଜଳଧାରଣ କ୍ଷମତା ୧୧୭.୮୦ ମିଟର ରହିଥିବା ବେଳେ ବର୍ତ୍ତମାନ ଜଳଭଣ୍ଡାରରେ ୮୯ ଭାଗ ଅର୍ଥାତ ୧୧୬.୭୧ ମିଟର ପାଣି ଗଚ୍ଛିତ ରହିଥିବା ଜଳସମ୍ପଦ ବିଭାଗ ଉପ ନିର୍ବାହୀ ଯନ୍ତ୍ରୀ ଇଂ. ନିରଞ୍ଜନ ସାହୁ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ବର୍ଷା ପ୍ରଭାବରୁ ଆଗାମୀ ଶୁକ୍ରବାର ଠାରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଅଛି ।

## ନବମ ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ

● ଜିଲ୍ଲାପରିଷଦ ଅଧିନସ୍ଥ ବିଭିନ୍ନ ବିଭାଗୀୟ ଜନ କଲ୍ୟାଣ ଯୋଜନା ସମ୍ପର୍କ ରେ ବିଶଦ ଆଲୋଚନା



**ବାରିପଦା,୨୨।୧୦ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ପରିଷଦ ର ୯ମ ଜିଲ୍ଲା ପରିଷଦ ବୈଠକ ଆଜି ପୂର୍ବାହ୍ନ ରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗ, ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର, ଲୋକ ସଭା ସାଂସଦ ନବ ଚରଣ ମାଝୀ, ବିଧାୟକ ଉଦଳା ଭାସ୍କର ମଢେଇ, ବିଧାୟକ ବାରିପଦା ପ୍ରକାଶ ସୋରେନ, ବିଧାୟକ ସାରସକଣା ଭାଦବ ହାଁସଦା, ବିଧାୟକ ବଡ଼ସାହି ସନାତନ ବିଜୁଳି, ବିଧାୟକ ରାଇରଙ୍ଗପୁର ଜଲେନ ନାଏକ, ଜିଲ୍ଲା ପରିଷଦ ଉପସଭାପତି ବିପିନ ସିଂ ବାଦରା, ଜିଲ୍ଲପାଳ ହେମକାନ୍ତ ସୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ପ୍ରମୁଖଙ୍କ ସମେତ ଜିଲ୍ଲା ପରିଷଦର ସଦସ୍ୟ/ ସଦସ୍ୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ବିଭିନ୍ନ ସରକାରୀ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ଜିଲ୍ଲାରେ ଜନସାଧାରଣଙ୍କ ସାମାଜିକ, ଅର୍ଥନୈତିକ ତଥା ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ରେ କାଯ୍ୟକାରି କରାଯାଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣ କାର୍ଯ୍ୟକ୍ରମ ର ଅଗ୍ରଗତି ଓ ସ୍ଥିତି ସମ୍ପର୍କ ରେ ଆଲୋଚନା ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

## ତମାଖୁ ମୁକ୍ତ ଅଭିଯାନ ୩.୦ର ଶୁଭାରମ୍ଭ



**ଭବାନୀପାଟଣା,୨୨।୧୦ (ସଂଚାର ବ୍ୟୁରୋ):** ତମାଖୁ ସେବନ ଯୋଗୁଁ କର୍କଟ ରୋଗ ମୁଖ୍ୟ କାରଣ ସାଜିଛି। ତମାଖୁ ବର୍ଜନ ଆଜିର ଯୁବପିଢି ପାଇଁ ଆହ୍ୱାନ୍। ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ କଳାହାଣ୍ଡି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ ଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ତମାଖୁ ମୁକ୍ତ ସମାଜ ଓ ଜିଲ୍ଲା ଗଠନ ସମ୍ପର୍କରେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ବିଶେଷ କରି ଛାତ୍ରଛାତ୍ରୀ, ଯୁବପିଢି କିପରି ସଚେତନ ହୋଇ ତମାଖୁ ସେବନରୁ ନିଜକୁ ଦୂରେଇ ରଖିବେ ସେ ସମ୍ପର୍କରେ ବିଶେଷକରି ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଅବକାରୀ, ପୋଲିସ ବିଭାଗ ଓ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଅଧିକ ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା ତମାଖୁ ଓ ଏହାର କୁପ୍ରଭାବ ସମ୍ପର୍କରେ ସୂଚନା ଦେଇଥିଲେ। ତମାଖୁ ମୁକ୍ତ ବିଦ୍ୟାଳୟ, ଗ୍ରାମ ଗଠନ ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ସଚେତନ କାର୍ଯ୍ୟକ୍ରମ ପଥପ୍ରାନ୍ତ ନାଟକ, ୱାଲ ପେଣ୍ଟିଙ୍ଗ, ସଚେତନତା ଶୋଭାଯାତ୍ରା, ଡାକବାଜି ଜନ୍ତ୍ର ଦ୍ୱାରା ପ୍ରଚାର, ସ୍କୁଲ କଲେଜ ରେ ସଭାସମିତି ଇତ୍ୟାଦି କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଛି। ସ୍ୱାସ୍ଥ୍ୟ ଉପରେ ତମାଖୁ ର କୁପ୍ରଭାବ ବିଶ୍ୱରେ ଚିନ୍ତାର କାରଣ ପାଲଟିଛି।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା



**ବାଲିଆପାଳ,୨୨।୧୦ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତ ଅଧିନରେ ଥିବା ନୟାବାଲି ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ସହକାରୀ ଶିକ୍ଷୟିତ୍ରୀ ପ୍ରଣତି ପରିଡାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସନ୍ଦିପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ର ସଭାପତି ସରୋଜ ଦାସ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କର ତିରିଶି ବର୍ଷର ଶିକ୍ଷକତା ବିଷୟରେ ଆଲେଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ସାମଲ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଜିଲା ସଂଗଠନର ସଂପାଦକ, ଜିଲ୍ଲା ବିଏଡ୍ ସଂଗଠନର ସଂପାଦକ, ବ୍ଲକ ସଭାପତି ପ୍ରଦୀପ୍ତ କୁମାର ପାତ୍ର, ସିଆରସିସି ନିରଞ୍ଜନ ଘଡାଇ, ପୂର୍ବତନ ସିଆରସିସି ଅତୁଲ କୁମାର ସାହୁ, ଶିକ୍ଷୟିତ୍ରୀ ସଂନ୍ଧ୍ୟାରାଣୀ ପଟ୍ଟାୟତ, ତୃପ୍ତିରଣୀ ବିଶ୍ୱାଳ, ଶିକ୍ଷକ ନିଳକଣ୍ଠ ସାହୁ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ପ୍ରମାଣିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ୧୯ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣର ଭିତିପ୍ରସ୍ତର ସ୍ଥାପନ



**ଯାଜପୁର ରୋଡ଼, ୨୨।୧୦(ସଂଚାର ବ୍ୟୁରୋ):** କୋରେଇ ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଆକାଶ ଦାସନାୟକ'ଙ୍କ କରକମଳରେ ଆଜି ବ୍ୟାସନଗର ପୌରପରିଷଦରେ ୧୦ ଗୋଟି ବିଦ୍ୟାଳୟରେ ୧୯ ଗୋଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟ ଗୁଡିକରେ କୋଉଠି ଶ୍ରେଣୀ ଗୃହ ନଥିଲା'ତ ଆଉ କୋଉଠି ଶ୍ରେଣୀ ଗୃହ ଅବସ୍ଥା ଅତି ଶୋଚନୀୟ ପରିସ୍ଥିତି ଭିତରେ ଗତି କରୁଥିଲା। ତେବେ ଏହି ପରିପ୍ରେକ୍ଷୀରେ ବିଧାୟକ ଶ୍ରୀ ଦାସନାୟକ ପୌରାଅଞ୍ଚଳର ସ୍ଥାନୀୟ ସନ୍ତରା ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରୁ ଏକ ବିଶାଳ ଜନସମାଗମ ପଟୁଆରରେ ୧୦ ଗୋଟି ବିଦ୍ୟାଳୟରେ ପହଂଚି ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଭିତିପ୍ରସ୍ତର କାର୍ଯ୍ୟକ୍ରମରେ କୋରେଇ ବିଜେପି ନେତା ଶ୍ରୀ ପ୍ରକାଶ ଧଳ, ପୂର୍ବତନ ସରପଞ୍ଚ ଶ୍ରୀମତୀ ରୁନୁ ଭୂୟାଁ, ଦିପ୍ତୀମୟୀ କୁଅଁର, ବ୍ୟାସଦେବ ମଣ୍ଡଳ ସଭାପତି ଶ୍ରୀ ଅଚ୍ୟୁତାନନ୍ଦ ଦାସ, ସୁନିଲ କୁମାର ବଳ, ଦିଲ୍ଲୀପ ମହାନ୍ତି, ମଇଉଦିନ୍ ଅନସାରୀ, ବାବଜୀ ମଲ୍ଲିକ, ଅଶୋକ ବାରିକ, ବିଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଅଧ୍ୟାପକଙ୍କ ପରଲୋକରେ ମହାବିଦ୍ୟାଳୟରେ ଶୋକସଭା



**କଣାସ,୨୨।୧୦(ସଂଚାର ବ୍ୟୁରୋ):** ଗତ ୨୧ତାରିଖ ସକାଳ ୭.୪୦ମିନିଟ୍ ସମୟରେ କଣାସ ମହାବିଦ୍ୟାଳୟର ତର୍କଶାସ୍ତ୍ର ଅଧ୍ୟାପକ ଆଦିତ୍ୟ କୁମାର ବସନ୍ତିଆଙ୍କର ଅସମୟ ବୟୋଗରେ ଶୋକସଭା ଆଜି କଣାସ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଣାସ +୨ ଏବଂ +୩ ମହାବିଦ୍ୟାଳୟର ପ୍ରାୟ ୭ଶହ ଛାତ୍ରଛାତ୍ରୀମାନଙ୍କ ଉପସ୍ଥିତିରେ ସମସ୍ତ ଅଧ୍ୟାପକ ଓ ଅନ୍ୟାନ୍ୟ ଅଣଶିକ୍ଷକ କର୍ମଚାରୀଙ୍କ ନେତୃତ୍ୱରେ ଏକ ନିରବପ୍ରାର୍ଥନା କରାଯାଇ ଅମରଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଉଭୟ +୨ ଓ +୩ ମହାବିଦ୍ୟାଳୟର ଶିକ୍ଷାଦାନକୁ ଉଭୟ +୨ ଅଧ୍ୟକ୍ଷା ମଞ୍ଜୁ ପଟ୍ଟନାୟକ, +୩ ଅଧ୍ୟକ୍ଷ ସନ୍ୟାସୀ ସୁବୁଦ୍ଧି ବାତିଲ କରିଥିଲେ। ଉଲ୍ଲେଖ ଥାଉକି ୫୭ବର୍ଷିଆ ଶ୍ରୀବସନ୍ତିଆ ନିର୍ଭିକ ଓ ଉତ୍ତମ ଅଧ୍ୟାପକ ରୂପେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୁପରିଚିତ। ୧୯୯୨ ମସିହାରୁ ୨୦୧୦ମସିହା ପର୍ଯ୍ୟନ୍ତ ନିବଚ୍ଛିନ୍ନ ଭାବେ ଅଧ୍ୟାପନା କରି ସୁନାଅର୍ଜନ କରିଥିଲେ।

## ରାଷ୍ଟ୍ରୀୟ ପୋଷଣ ମାସ ପାଳନ ସମାରୋହ

**ବଲାଙ୍ଗୀର,୨୨।୧୦(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ବୈଠକ ଗୃହ ଠାରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ -୨୦୨୫ ପାଳନ ସମାରୋହ ଆୟୋଜିତ ହୋଇ ଯାଇଅଛି। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଡ଼.ବିଜୟାନନ୍ଦ ସେଠୀ ଉପସ୍ଥିତ ଥିଲେ। ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ଶ୍ରୀମତୀ ସୁଷମା ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଅନୁପମା ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୧୪ଟି ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ତଥା ସମସ୍ତ ପୋଷଣ ବ୍ଲକ ସଂଯୋଜକ ଯୋଗ ଦେଇଥିଲେ। ମହା ବିଦ୍ୟାଳୟ ସ୍ତରରେ ହୋଇଥିବା ପୋଷଣ ସମ୍ବନ୍ଧୀୟ ବକ୍ତୃତା ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ମାନଙ୍କୁ ଏହି ଅବସରରେ ପୁରସ୍କୃତ କରଯାଇଥିଲା। ପୋଷଣ କାର୍ଯ୍ୟକ୍ରମ କୁ ବ୍ଲକ ସ୍ତରରେ ଅତ୍ୟନ୍ତ ସୂଚାରୁ ରୂପରେ ତୁଲାଇଥିବାରୁ ୧୪ ଟି ବ୍ଲକ ମଧ୍ୟରେ ଆଗଲପୁର ବ୍ଲକର ପଙ୍କଜ ମାଝୀଙ୍କୁ ପୁରସ୍କୃତ କଯାଇଥିଲା। ସିଡ଼ିପିଓ, ଶ୍ରୀମତୀ ଶୁଭଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ବିଜୟାନନ୍ଦ ସେଠୀ ତୃଣମୂଳ ସ୍ତରରେ ପୋଷଣର ପ୍ରକୃତ ବାର୍ତ୍ତା ପହଞ୍ଚାଇବା ପାଇଁ କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ସାହୁ ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଶିଶୁ ବିକାଶ ବିଭାଗ ର ସମନ୍ୱୟରେ ପୋଷଣ କାର୍ଯ୍ୟକ୍ରମ ଅଧିକ ସୂଚାରୁ ରୂପରେ ଆଗେଇବ ବୋଲି ମତ ଦେଇଥିଲେ।

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି



**ସାଲେପୁର,୨୨।୧୦(ସଂଚାର ବ୍ୟୁରୋ):** ଆଜି ସାଲେପୁର ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ କାର୍ଯ୍ୟକ୍ରମ ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଅଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ସାଲେପୁର ବିଡ଼ିଓ ଲୋପାମୁଦ୍ରା ନାୟକ, ସି.ଡି.ପି.ଓ. ସୌଦାମିନୀ ପଣ୍ଡା, ବିବେକାନନ୍ଦ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ତଥା ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀ କୁନ୍ତଳା କୁମାରୀ ଖଟୁଆ, ବିଶିଷ୍ଟ ଅତିଥି ଭାବେ ସାମ୍ବାଦିକ ଅକ୍ଷୟ କୁମାର ଦାଶ ପ୍ରମୁଖ ଯୋଗଦେଇ ମଣ୍ଡଳ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ୧୯ଗୋଟି କ୍ଲଷ୍ଟର୍‌ରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ବ୍ଲକ ସ୍ତରୀୟ ବିତର୍କ, ବକ୍ତୃତା, କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟିର ବୈଠକ ଅନୁଷ୍ଠିତ

**ବାରିପଦା,୨୨।୧୦(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ଉନ୍ନୟନ ସମନ୍ୱୟ ଓ ତଦାରଖ (ଦିଶା)କମିଟିର ନବମ ବୈଠକ ଆଜି ଅପରାହ୍ନ ରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସାଂସଦ, ଲୋକସଭା, ମୟୂରଭଞ୍ଜ ତଥା ଜିଲ୍ଲା ଦିଶା କମିଟିର ଅଧ୍ୟକ୍ଷ ନବ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି. ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ବଜାର କାଳୀପୂଜା ୬୫ ବର୍ଷରେ ପଦାର୍ପଣ

**ବୈଶିଙ୍ଗା,୨୨।୧୦(ସଂଚାର ବ୍ୟୁରୋ):** ବୈଶିଙ୍ଗା ବଜାର କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ମା କାଳୀଙ୍କ ପୂଜା ୬୫ ବର୍ଷରେ ପଦାର୍ପଣ କରିଥିବା ଜଣାଯାଇଛି।ସେତେବେଳର ଉଦ୍ୟକ୍ତା ଭାବେ ସ୍ୱର୍ଗତ ଆଜିକନ୍ଦ ମହାପାତ୍ର, ସ୍ୱର୍ଗତ ହରିହର ପାତ୍ର, ସ୍ୱର୍ଗତ ହେମଚନ୍ଦ୍ର ଦାସ, ସ୍ୱର୍ଗତ ଦାମୋଦର ପାତ୍ର, ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ପଣ୍ଡା, ସ୍ୱର୍ଗତ ଶିରିଶ ଚନ୍ଦ୍ର ପତି ଓ ସ୍ୱର୍ଗତ ସନ୍ତୋଷ ମଣ୍ଡଳ ଙ୍କ ସମେତ କେତେଜଣ ହାତଗଣତି ବିଶିଷ୍ଟ ବ୍ୟକ୍ତି ବିଶେଷ ଏହି କାଳୀ ପୂଜା ୧୯୬୦ ମସିହାରେ ଆରମ୍ଭ କରିଥିଲେ। ଆଜି ଏହି ପୂଜାରେ ୫୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଙ୍କ ସହଯୋଗ ପୂଜାର କଳେବର କୁ ବହୁ ମାତ୍ରାରେ ବର୍ଦ୍ଧିତ କରିପାରିଛି। ଚଳିତ ବର୍ଷ ପୂଜାରେ ସଭାପତି କମଳାକାନ୍ତ ପଣ୍ଡା, ଉପ ସଭାପତି ଗଦାଧର ମଣ୍ଡଳ, ସମ୍ପାଦକ



ସତ୍ୟନାରାୟଣ ପଣ୍ଡା, ସହ ସମ୍ପାଦକ ଜ୍ୟୋତି ରଞ୍ଜନ ସାହୁ ଏବଂ କୋଷାଧ୍ୟକ୍ଷ ହରିହର ଦାସଙ୍କ ନେତୃତ୍ୱରେ ବଜାର କମିଟି ର ସମସ୍ତ କର୍ମକର୍ତ୍ତା ସହ ଯୋଗ କରିଥିବାର ଦେଖାଯାଇଥିଲା।

## ହର୍ଷବର୍ଦ୍ଧନଙ୍କୁ ଚିକିତ୍ସା ପାଇଁ ପଠାଗଲା କଟକ



**ସୁବର୍ଣ୍ଣପୁର,୨୨।୧୦(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଙ୍କ ଉପସ୍ଥିତିରେ ହୃଦରୋଗ ଓ ସ୍ନାୟୁ ସମ୍ବନ୍ଧୀୟ ରୋଗରେ ଗୁରୁତର ଭାବେ ପୀଡ଼ିତ ଥିବା ହର୍ଷବର୍ଦ୍ଧନ (୧୫) କୁ ସୁବର୍ଣ୍ଣପୁର ରୁ କଟକ ଏସସିବି ମେଡିକାଲରେ କୁ ଉଚ୍ଚ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି । ଆଜି ସକାଳୁ ୮ ଟା ବେଳେ ମେଡିକାଲ ଟିମ୍ ଓ ଆମ୍ବୁଲାନ୍ସ କର୍ମଚାରୀ କଟକ ବଡ଼ ଡ଼ାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ୪.୩୦ ରେ ପହଞ୍ଚିବା ପରେ ହର୍ଷ ବର୍ଦ୍ଧନ କୁ ତୁରନ୍ତ ଭର୍ତ୍ତି କରାଯିବା ସହ ପ୍ରାଥମିକ ଚିକିତ୍ସା ଆରମ୍ଭ ହୋଇଛି । କଟକ ଏସ ସି ବି ମେଡିକାଲ୍ ର ପ୍ରାକ୍ତନ ଅଧିକ୍ଷୀକ ବରିଷ୍ଠ ଡ. ଦଣ୍ଡେଶ୍ୱର ହୋତା ଓ କାଡିଓଲୋଜୀ ବିଭାଗ ର ମୁଖ୍ୟ ଡ଼. ମନୋଜ ପଟ୍ଟନାୟକ ଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଡ଼ାକ୍ତର ମାନେ ସ୍ୱାସ୍ଥ୍ୟ ଅନୁଧ୍ୟାନ କରୁଛନ୍ତି । କଟକ ସ୍ଥାନାନ୍ତରିତ ବେଳେ ଆଜି ଜିଲ୍ଲାପାଳ ଙ୍କ ସହ ଡାକ୍ତରୀ ଦଳ, ଓଡିଶା ସାମ୍ବାଦିକ ସଂଘ ର ଉପଦେଷ୍ଟା ପର୍ଶୁରାମ ମିଶ୍ର ଙ୍କ ସମେତ ସମସ୍ତ କର୍ମକର୍ତ୍ତା, ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ସାହୁ, କାଉନ ସିଲର ଗଙ୍ଗା ତରିଆ, ଅନେକ ସ୍ୱେଚ୍ଛାସେବୀ ତଥା ବୁଦ୍ଧିଜିବୀ ପ୍ରଦୀପ ପୁରୋହିତ, ଜ୍ୟୋତି ରଞ୍ଜନ ପଟ୍ଟନାୟକ ତଥା ଶତାଧିକ ସ୍ଥାନୀୟ ବାସିନ୍ଦା ସାଇ ପଡିଶା ଉପସ୍ଥିତ ରହି ହର୍ଷ ବର୍ଦ୍ଧନ ଙ୍କ ଆଶୁ ଅରୋଗ୍ୟ ପାଇଁ ଶୁଭ ଆଶିର୍ବାଦ କରିଥିଲେ । ସୂଚନା ଯୋଗ୍ୟ ଯେ ହର୍ଷବର୍ଦ୍ଧନ ଙ୍କ ବାପା ଯୁଧିଷ୍ଠିର ସାହୁ ଦୀର୍ଘ ୩୦ ବର୍ଷ ହେବ ପେପର ହକର ତଥା ଏକ ଗଣମାଧ୍ୟମ ପ୍ରତିନିଧି ଭାବରେ ବର୍ତ୍ତମାନ କାର୍ଯ୍ୟରତ ଥିବାବେଳେ ଆର୍ଥିକ ସ୍ୱଚ୍ଛଳ ନ ଥିବା ଯୋଗୁଁ ପରିବାର ଭାଙ୍ଗି ପଡିଥିଲେ । ପରେ ଖବର ପାଇ ସୁବର୍ଣ୍ଣପୁର ଜିଲ୍ଲାପାଳ, ଏସପି , କଟକ ବଡ଼ ଡ଼ାକ୍ତରଖାନା ର ଡାକ୍ତର ଦଣ୍ଡେଶ୍ୱର ହୋତା ଓ ଓଡ଼ିଶା ସାମ୍ବାଦିକ ସଂଘ ସଦସ୍ୟ ହର୍ଷବର୍ଦ୍ଧନ ଙ୍କ ଘରକୁ ଯାଇ ଦୀର୍ଘ ପନ୍ଦର ଦିନ ଧରି ଯୋଗାଯୋଗ ରଖି ଏ ପରିବାର କୁ ସାହାସ ଯୋଗାଇ ଥିଲେ ।

## ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ



**କଣାସ,୨୨।୧୦(ସଂଚାର ବ୍ୟୁରୋ):** କଣାସ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସିରେଇ ଗ୍ରାମପଞ୍ଚାୟତର ସିରେଇ ଠାରେ ପ୍ରତିଷ୍ଠିତ ସିରେଇ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଓମ୍ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜଗତର ବଡଠାକୁର ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କଣାସ ବ୍ଲକର ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ, ସମ୍ମାନିତ ଅତିଥି ରୂପେ କଣାସ ତହସିଲଦାର ହିମାଂଶୁଶେଖର ଗିରି, ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାକୁ ଉନ୍ମୋଚନ କରିବବାରେ ସୁରଭି କାର୍ଯ୍ୟକ୍ରମ ଶ୍ରେଷ୍ଠ ମାଧ୍ୟମ ହୋଇ ପରିବବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ କଣାସ ବ୍ଲକର ୧୭ଟି କ୍ଲଷ୍ଟରୁ ୪୪୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ୨୭ଟି ବିଭିନ୍ନ ପ୍ରତିଯୋଗିତରେ ଭାଗନେଇଥିଲେ।

# ବିପଦସଂକୁଳ ବିଦ୍ୟାଳୟ ଗୃହ

▶ ମରାମତି କରିବା ପାଇଁ ଦେଖିବାକୁ ଯାଇଥିବା ଜେଇଙ୍କୁ ବିରୋଧ



**ବେତନଟୀ,୨୨।୧୦(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅଧୀନ ନଡ଼ପୁର ପଞ୍ଚାୟତର ଖୁଣ୍ଟାଗ୍ରାମର ଥିବା ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହ ବିପଦ ସଂକୁଳନ ଅବସ୍ଥା ରେ ରହିଛି। ଏହି ବିଦ୍ୟାଳୟ ରେ ୫୭ଜଣ କୁନି କୁନି ଛାତ୍ରୀ ଛାତ୍ର ମାନେ ଅଧ୍ୟୟନ କରୁଥିବା ବେଳେ ବୁଧବାର ଦିନ ବେତନଟୀ ବ୍ଲକର ଡି ପି ସି ଜେ ଇ ପ୍ରଶାନ୍ତ କୁମାର ବେହେରା ବିଦ୍ୟାଳୟ ଗୃହ ମରାମତି କରିବା ପାଇଁ ଦେଖିବାକୁ ଯାଇଥିବା ବେଳେ ଖୁଣ୍ଟା ଗ୍ରାମବାସୀଙ୍କ ଦ୍ୱାରା ବିରୋଧ ର ସମୁଖୀନ ହୋଇଛନ୍ତି। ଏଭଳିକି ଗ୍ରାମବାସୀଙ୍କର ଅସନ୍ତୋଷ କୁ ବୁଝାଇବାକୁ ଯାଇ ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୁତାର ଙ୍କୁ ମୋବାଇଲ ଫୋନ ଯୋଗେ କଥା କରାଇଥିଲେ ମଧ୍ୟ ବିଡ଼ିଓ ଙ୍କ କଥା ଶୁଣି ଗ୍ରାମବାସୀ ମାନେ ଅଧିକ ଉତ୍ତେଜିତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ୨୦୦୨ ମସିହାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ଥିବା ପାଞ୍ଚୋଟି ଶ୍ରେଣୀ ପାଇଁ ଦୁଇଟି ଶ୍ରେଣୀ ଗୃହ ଓ ଏକ ରୋଷେଇ ଗୃହ ନିର୍ମାଣ ହୋଇଛି, ସେହି ବିଦ୍ୟାଳୟ ରେ ମଧ୍ୟ ଛାତ୍ରୀ ଛାତ୍ରମାନେ ଅଧ୍ୟୟନ କରୁଛନ୍ତି। ପ୍ରାୟ ୮ବର୍ଷପୂର୍ବରୁ ବିଦ୍ୟାଳୟ ନିକଟରେ ଥିବା ରୋଷେଇ ଗୃହ କୁ ଅଚଳ ଘୋଷଣା କରାଯାଇ ଅନ୍ୟ ଏକ ରୋଷେଇ ଘର ନିର୍ମାଣ କରାଯାଇଛି ବୋଲି ବିଦ୍ୟାଳୟ ର ସହକାରୀ ଶିକ୍ଷୟତ୍ରୀ ଜୋସ୍ନା ସାହୁ ପ୍ରକାଶ କରିଛନ୍ତି। ମାତ୍ର ଗ୍ରାମବାସୀ ଙ୍କ କହିବା ଅନୁସାରେ ରୋଷେଇ ଗୃହ ଅଚଳ ଘୋଷଣା କରାଯାଇଥିବା ବେଳେ ବିଦ୍ୟାଳୟ ଗୃହ ମଧ୍ୟ ଏକ ସମୟରେ ନିର୍ମାଣ ହୋଇଥିବାରୁ ତାହା ଆଜି ପର୍ଯ୍ୟନ୍ତ ମରାମତି ମଧ୍ୟ ହୋଇପାରିନାହିଁ। ଏହି ବିଦ୍ୟାଳୟ ର ଦୁଇଟି ଶ୍ରେଣୀ ଗୃହ ଓ ବାରଣ୍ଡା ର ଭିତର ଓ ବାହାର ପାର୍ଶ୍ୱ ସବୁ ସ୍ଥାନରେ ଫାଟ ପଡ଼ିଛି, ଅଧିକାଂଶ ଉପର ଛାତରୁ କଂକ୍ରିଟ ସିମେଣ୍ଟ ମାନ ଖସି ପଡ଼ିଥିବାର ଦେଖିବାକୁ ମିଳିଛି। ଶ୍ରେଣୀ ଗୃହ ଓ ବାରଣ୍ଡା ଛାତରୁ ଖଣ୍ଡ ଖଣ୍ଡ କଂକ୍ରିଟ ଖସୁଥିବା ବେଳେ ଅଳ୍ପକେ ବିପଦରୁ ବର୍ତ୍ତୀ ଯାଉଛନ୍ତି ଆମ ବିଦ୍ୟାଳୟର ପିଲାମାନେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନଥିବାର ଅଭିଯୋଗ କରିଛନ୍ତି।